Split by PDF Splitter



ହୋଇ ନ ଥିଲ । ସୋମବାରଦିନ ରଥ ଝଣାହେବାର ଶୁଣ ମାତ୍ର ସେଦିନ ନ ହୋଇ ମଙ୍ଗଳବାରଦିନ ରଥ ଝଣା ଯାଇଥିଲ । ଦୂରରୁ ମଧ୍ୟ ତୋଳାନଥିବ ବେଶି ଅସି ନ ଥିଲ ।

ଜଣଥରୁ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି । ଓ । ଦେଓଗାଁ ବଲାସିଙ୍ଗ ଗ୍ରାମର ଏକ ସ୍ତ୍ରୀ ଓଲଉଠା ରୋଗରେ ଅତ୍ୟନ୍ତ ପୀଡ଼ିତ ହୋଇ ଗତମାସ ତା ୧୭ ଋଖ ରାତ୍ରରେ ଜ୍ଞାନଶୂନ୍ୟ ହୋଇଗଲା । ସେ ମରଯିବାର ମନେ କର ପଡ଼ୋଶିମାନେ ଅଚେତନ ସ୍ଥାରେ ତାହାକୁ ଶ୍ମଶାନରେ ଅଳ୍ପମାଟିରେ ପୋତିପକାଇ ଅସିଲେ । ଦୁଇ ଘଣ୍ଟା ଉତ୍ତାରୁ ତାହାର ଜ୍ଞାନ ହେବାରୁ ସେ ଗାତରୁ ବାହାର ସ୍ଵୟଂ ଗୃହାଭିମୁଖେ ଅସିବାର ଦେଖି ଲୋକେ ତାହାକୁ ଘରକୁ ଅଣିଲେ ଏବଂ ସେ ବର୍ତ୍ତମାନ ଜୀବିତ ଅଛି । ଯାହାର ଆୟୁ ଶେଷ ହୋଇ ନାହିଁ ସେ କେମନ୍ତେ ହେଲେ ରକ୍ଷା ପାଇବ । ଲୋକାନଙ୍କର ଏଟା ବୁଝିବା ନିତାନ୍ତ ସାଧ୍ୟ ନୁହଇ ।

ଓଡ଼ିଶାରୁ ଜଣେ ଲେଖିଅଛନ୍ତି କି ଓଡ଼ିଶାରେ ଯେତେ ମିଲନ ହୁଅଇ ବର୍ଷଅର ମିଲନ ପ୍ରାୟ ସବୁଠାରୁ ବୃହତ ଅଟଇ । ଗତ ମିଲନରେ ପ୍ରାୟ ୪୦୦ ଦମାଣ ଏକତ୍ରିତ ହୋଇଥିଲ ଏବଂ ଦର୍ଶକଙ୍କ ସଂଖ୍ୟା ପଞ୍ଚାଶ ହଜାରରୁ ଊଣା ହେବ ନାହିଁ । କାଲିପଟଣାନିବାସୀ ବୈଷ୍ଣବାନ୍ତ ଏବଂ ଜେଲେର ସାନ୍ତ୍ଵନାର ଠାକୁରମାନେ ଦଶ ସାତଯମ୍ବରେ ଅସିଥିଲେ ଏବଂ ବଙ୍ଗଳା ସଂକୀର୍ତ୍ତନ ସମସ୍ତଙ୍କ ଚିତ୍ତକୁ ଆକର୍ଷଣ କରଥିଲ । ଏ ସଂକୀର୍ତ୍ତନ ପ୍ରଥମେ ଚଇତୁଲସ୍ୱାମୀମାନେ ପ୍ରଚଳ କରଥିଲେ । ଏଣିକି ଉତ୍ସାହ ପ୍ରବୃତ୍ତିରେ ୩୪ ସମ୍ପ୍ରଦାୟ ହୋଇଅଛି ବଡ଼ ଖୁସିର ବିଷୟ ଅଟଇ ।

## କଲିକତା-ଗେଜେଟ୍ ।

ବାବୁ ଗୋପାଳକୃଷ୍ଣ ମିତ୍ର ୪ର୍ଥ ଗ୍ରେଡର ସବ୍‌ଡେପୁଟୀ-ପଦରେ ନିଯୁକ୍ତ ହୋଇ ଗଭର୍ଣ୍ଣମେଣ୍ଟର ପୂର୍ତ୍ତବିଭାଗର ଅଧୀନରେ ଅବସ୍ଥାପିତ ହୋଇଅଛନ୍ତି । ସବ ଡେପୁଟୀ ବାବୁ ବଇକୁଣ୍ଠ ଦାସ ୫ମ ଗ୍ରେଡରୁ ଉନ୍ନତ ପ୍ରାପ୍ତହେଲେ ସବ-ଡେପୁଟୀ ବାବୁ ପୂର୍ଣ୍ଣଚନ୍ଦ୍ର ନାଗ ୪ର୍ଥ ଶ୍ରେଣୀରେ ବାହାଲ ହେଲେ ।

ମହାନଦୀବିଭାଗର ଏକ୍ଜିକ୍ୟୁଟିଭ ଇଞ୍ଜିନିୟର ମିଃ ହି, କଟ୍‌ଲର ଅପ୍ରେଲ ତା ୧୪ ଋଖରୁ ଛଅମାସର ଛୁଟୀ ପାଇଲେ ଓ ତାଙ୍କ ସ୍ଥାନରେ ମିଃ ଏଚ୍ ବାର୍ଲୋ ନିଯୁକ୍ତ ହେଲେ ।

ଡେପୁଟୀ କଲେକ୍ଟର ବାବୁ ଜଗବନ୍ଧୁ ସାହା ଓଡ଼ିଶା-ଡିଭିଜନର ରେଭେନ୍ୟୁ କମିସନରଙ୍କର ପର୍ସନାଲ ଆସିଷ୍ଟାଣ୍ଟ ନିଯୁକ୍ତ ହେଲେ ମାତ୍ର ସେ ଏଠାକୁ ଅସିବା ପର୍ଯ୍ୟନ୍ତ ମିଃ ଏଚ୍, ଡି, ଭାଣ୍ଡାର୍ସ ଓଡ଼ିଶା ଡିଭିଜନସମୂହର ରେଭେନ୍ୟୁକମିସନରଙ୍କ କାର୍ଯ୍ୟ କରୁଥିବେ ।

ମିଃ ଏମ୍, ଏଚ୍ ଅର୍ଣ୍ଣଷ୍ଟ ଅତ୍ୟାପଦା ଓ ଯାଜପୁର ଡିଭିଜନର ଏକ୍ଜିକ୍ୟୁଟିଭ ଇଞ୍ଜିନିୟରପଦରେ ନିଯୁକ୍ତ ହୋଇଅଛନ୍ତି ।

ଡେପୁଟୀ କଲେକ୍ଟର ବାବୁ ଲକ୍ଷ୍ମୀନାରାୟଣ ସିଂହ ବାଲେଶ୍ଵରଇଞ୍ଜିନିୟାରିଂ ଭାର ପ୍ରାପ୍ତ ହେଲେ ।

ମିଃ, ସର୍ଜ୍ଜନ ମୋହନଙ୍କ ମୂର୍ଚ୍ଛା ସ୍ଥାନାନ୍ତରିତ ହେବାରୁ ତାହାର ବଦଳିରେ ମିଃ ଲଷ୍ଟନ ବାଲେଶ୍ଵର ଡିଷ୍ଟ୍ରିକ୍ଟବୋର୍ଡର ଚେୟାରମାନପଦରେ ସଦସ୍ୟସ୍ଥାନୀୟ ବୋର୍ଡଦ୍ଵାରା ନିର୍ବାଚିତ ହେଲେ ।

ବାବୁ ପ୍ରଫୁଲ୍ଲକୁମାର ପାଲ ଉତ୍ତରୀ ହେବାରୁ ବାବୁ କାଶୀନାଥ ଯାଜପୁରଲୋକାଲବୋର୍ଡର ସଭାପତିରେ ନିଯୁକ୍ତ ହେଲେ ।

---

କଲିକତା ସନ୍ନିକଟରେ ଶୀଘ୍ର ଉଷ୍ଣସମ୍ପଦର କାରଖାନା ସ୍ଥାପିତ ହେବାର ପ୍ରସ୍ତାବ ହୋଇଅଛି ।

ଆଗାମୀ ବୈଶାଖମାସର ପ୍ରଥମଦିବସ ଭବାନୀପୁରଠାରେ ହିନ୍ଦୁମେଳା ହେବ ।

ନଗରରୁ ସମ୍ବାଦ ଅସିଅଛି ଯେ ଆଗାମୀ ଜୁନ ବା ଜୁଲାଇ ମାସରେ ପାର୍ଲିୟାମେଣ୍ଟ ମହାସଭା ଭାଙ୍ଗିଯିବ ।

ଅଜକାଲି ମୋଫସଲର ନାନାସ୍ଥାନରେ ଗ୍ଲେଗ ଉତ୍ପାତ ଓ ଘରପୋଡ଼ି ହେଉଥିବାର ସମ୍ବାଦମାନ ଆସୁଅଛି । ଘରେ ଅଗ୍ନି ଲଗାଇ ଦେଇ ନିର୍ବାଣ କରିବା ଛଳରେ ଦୁଷ୍ଟଲୋକମାନେ ଘରେ ପଶି ଗୃହସ୍ଥମାନଙ୍କର ଯାବତ୍ ସମ୍ପତ୍ତି ଲୁଟ କର ନେଉଅଛନ୍ତି । ଏଣି ଶୋଭ ଥାନ ମଧ୍ୟ ଲୋକଙ୍କ ନେଉଅଛନ୍ତି ଏ ସକଳ ହେବା ଅନୁଚିତ; କର୍ତ୍ତୃପକ୍ଷମାନଙ୍କର ଏଥିପ୍ରତି କେବେ ଦୃଷ୍ଟି ପଡ଼ିବ ?

କଣ୍ଠକଣ ହେଲ ସ୍ୱଭାବରେ ଜଣେ ଯୁବା ହେଡ୍ କନେଷ୍ଟବଲ ଗଣ୍ଡାର ଖାଇ ପ୍ରାଣ ହରାଇ ଅଛି । ସଣ୍ଡାଇଶିଅମାନେ ଅଉ କେବେ ସାବଧାନ ହେବେ ?

ଗତବର୍ଷର ରିପୋର୍ଟରୁ ପ୍ରକାଶ ଯେ ମାନ୍ଦ୍ରାଜରେ ୪୪୦୦୦ ପଞ୍ଜାବରେ ୩୪୦୦୦ ବ୍ରହ୍ମଦେଶରେ ୨୬୦୦୦ ବଙ୍ଗଳାରେ ୧୦୦୦୦ ଏବଂ ବୋମ୍ବେଇରେ ୨୦୦୦ ଲୋକ ଗବର୍ଣ୍ଣମେଣ୍ଟଙ୍କର ପୂର୍ତ୍ତକାର୍ଯ୍ୟ କରି ଜୀବିକା ନିର୍ବାହ କରୁଅଛନ୍ତି । ଏହିଠା ଲଳିତପୁରରେ ୮୦୦୦ ଲୋକ କୌଣସି କାର୍ଯ୍ୟ ନ କରି ଖାଇବାକୁ ପାଉଅଛନ୍ତି କିନ୍ତୁ ତଥାପି ବୃଷ୍ଟିର ଚିହ୍ନ ଦେଖା ନାହିଁ ।

ହେଙ୍କଙ୍ଗଠାରୁ ସମ୍ବାଦ ଅସିଅଛି ଯେ ଛଅଜଣ ଚୀନଦେଶୀୟ ଲବଣବ୍ୟବସାୟୀଙ୍କ ମଧ୍ୟରୁ ଜଣେ ଅତ୍ୟାଚାରରେ ଘରେ ଶୋଇଥିବା ସମୟରେ ମାରି ପଡ଼ିଅଛି । ମୃତବ୍ୟକ୍ତିର ଗଳା, ଗଣ୍ଡ ଓ ପେଟରେ ଗୁରୁତର ଚିହ୍ନ ଅଛି, ଅନ୍ୟ ବୁଇଜଣ ବ୍ୟବସାୟୀଙ୍କ ମଧ୍ୟରୁ ଜଣେ ଏହାକୁ ହତ୍ୟା କରିଥିବାର ଜଣାଯାଏ । କି ଭୟଙ୍କର କାର୍ଯ୍ୟ ! !

ଦକ୍ଷିଣଆଫ୍ରିକାର ଜନୈକ ପ୍ରଧାନ ଫେନ୍ସଲ୍ ସାହେବ କାଉନ୍‌ସିଲରେ ପାର୍ଲିୟାମେଣ୍ଟସଭାର ମେମ୍ବରମାନଙ୍କୁ ବେତନ ଦେବା ନିମନ୍ତେ ଏକ ପ୍ରସ୍ତାବ କରିଥିଲେ ମାତ୍ର ୨୪ ଜଣ ଏହା ବିରୁଦ୍ଧରେ ମତ ଦେବାରୁ ଫେନ୍‌ସଲ୍ ସାହେବଙ୍କର ପ୍ରସ୍ତାବଟା ଅଗ୍ରାହ୍ୟ ହେଲା ।

## ମଫସଲ-ସମ୍ବାଦ ।

ବୃଷ୍ଟି ନ ହେବାରୁ ଚଷାମାନେ ଇନ୍ଦ୍ରଦେବ ଏକପାଦରେ ଠିଆ କରିବେ ବୋଲି ବଡ଼ ଯନ୍ତ୍ରତ ଅଛନ୍ତି ।

ଉଖୋଲ ଗ୍ରାମର ପୋଲଟି ଭାଙ୍ଗି ଯିବାରୁ, ସଡ଼କରେ ଗାଡ଼ି ଗମନାଗମନ ହେଉ ନାହିଁ । ବୋର୍ଡ ବା ତହସୀଲ ଜମିଦାରଙ୍କର ଏଥିପ୍ରତି ଦୃଷ୍ଟି କରିବା ଉଚିତ ।

ସହାଙ୍ଗ ପ୍ରଗଣାରେ ଚଷାମାନେ ଯାହା ଜାଲୁଅ କାଟିଥିଲେ ତାହା ଅସି ଶେଷ ହେଲଣି । ଅଧିକାନ୍ତ ଗରିବମାନେ ବୁଭୁକ୍ଷିତ ଉପବାସ ଆରମ୍ଭ କଲେଣି । ହାକିମମାନେ ଏମାନଙ୍କର ଉଦ୍ଧାରନ୍ତ ଉପାୟର ପନ୍ଥା ଦେଖନ୍ତୁ ।

ଗଙ୍ଗାହାରପୁରପୁର ମୌଜାରେ ବସନ୍ତରୋଗରେ ଲୋକମାନେ ପୀଡ଼ିତ ଅଛନ୍ତି । ଟଙ୍କାଟୀକା ଏଠାରେ ଦେଖା ଦେଇ ନାହିଁ କିମ୍ବା ତାହାର ଫଳ ଦେଖାଯାଇ ନାହିଁ । କାଲସାସ (ସନ୍ନିପାତ) ରେ ଅନେକ ମୃତ୍ୟୁ ଆରମ୍ଭ ହୋଇଅଛି ।

ବାବୁ ମଧୁସୂଦନ ଦାସ ଏଠା ମିଉନିସିପାଲିଟିର ଚେୟାରମ୍ୟାନ ପଦରେ ନିଯୁକ୍ତ ହୋଇଅଛନ୍ତି । ଅନେକ ଜାଣନ୍ତି କି ଏ କାର୍ଯ୍ୟ ସକାଶ ପ୍ରାର୍ଥୀ ଥିଲେହେଁ ଜଣେ

ଓଡ଼ିଆ ଏପ; ଏ; ଙ୍କୁ ଏହି କାର୍ଯ୍ୟ ଦେଇ ଡିଷ୍ଟ୍ରିକ୍ଟବୋର୍ଡ ଲୋକଲବୋର୍ଡ ଏଠା ମିଉନିସିପାଲିଟୀ ପ୍ରଭୃତିରେ ଅନୁସରଣ କର ଓଡ଼ିଆ ଶିକ୍ଷିତ ଯୁବକମାନଙ୍କର ଧନ୍ୟବାଦ ପାତ୍ର ହୋଇଅଛନ୍ତି ।

ଦିବାକର ମିଶ୍ର ଏ ସହରର ଏକ ପ୍ରଧାନ ଜମିଦାର ଓ ମହାଜନ । ତାହାଙ୍କର ଜମିଦାରରେ ଲୁଣିଜଳ ମାଡ଼ି ଯିବାରୁ ଓ ପ୍ରଜାମାନେ ଖାଇବାକୁ ନ ପାଇବାରୁ ସେ ପ୍ରତ୍ୟେକ ଲୋକଙ୍କୁ ଖାଇବାକୁ ଦେଉଅଛନ୍ତି । ଏହା ପ୍ରଶଂସନୀୟ କାର୍ଯ୍ୟ ଅଟେ ।

ଏ ସମୟରେ ମଠ—ଛତ୍ରମାନଙ୍କରେ ଭାତ୍ରୁଅଛି ଭଣ୍ଡ ମଠଠାରେ ବେଶି ଲୋକଙ୍କୁ ମିଳିଲେ ଭଲ ହୁଅନ୍ତା । ଅଶା କରୁ ଅଲେନ ସାହେବ ଏଥିପ୍ରତି ଦୃଷ୍ଟି ନିକ୍ଷେପ କରିବେ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ସବିନୟ ନିବେଦନ ମିଦଂ

ମହାଶୟ ! ଏହି ନିମ୍ନଲିଖିତ କଥା ଆପଣଙ୍କ ଅବଳୀମଣ୍ଡନୀ ପତ୍ରିକାରେ ସ୍ଥାନଦାନ ଦେଇ ବାଧିତ କରିବେ ।

ଯେଉଁ ହିନ୍ଦୁସନ୍ତାନମାନେ ଖ୍ରୀଷ୍ଟମତସମ୍ବନ୍ଧ ପୁସ୍ତକ ବିନା ମୂଲ୍ୟରେ ଏଠା କସ୍ତ କର ଆପଣା ଘରେ ରଖିବେ ସେମାନେ ଅଧଃପାତକୁ ବହିଷ୍କୃତ ଓ ପ୍ରାୟଶ୍ଚିତ୍ତ କର ସମାଜଭୁକ୍ତ ହେବେ ଏପର ବିଷୟ ସ୍ଥିର କରିବାକୁ "ହିନ୍ଦୁଧର୍ମସମ୍ବର୍ଦ୍ଧିନୀ" ନାମରେ ଗୋଟିଏ ସମାଜ ସ୍ଥାୟୀ ହେବାର ଗଣ୍ଡମଜଳିଶ ଧଇଁଲୋଟ ଗଡ଼ଠାରେ ସ୍ଥିର ହୋଇଅଛି । ଧଇଁଲୋଟର ରାଜା ସିଂହଦେବ ଶ୍ରୀ ଶ୍ରୀ କୃଷ୍ଣସିଂହ ରାଜାଙ୍କ ମହାଶୟଙ୍କ ଅନୁବାଦ ହିନ୍ଦୁମାନଙ୍କ ପକ୍ଷରେ କେତେ ଉନ୍ନତ ହୋଇଅଛି । ଶ୍ରୀ ଶ୍ରୀ ମାଉଳର ଗୁଡ଼ା ବିବେଚନା କରନ୍ତୁ । ଅଜି ଏ ସଭା ଯେପର ଚିରସ୍ଥାୟୀ ହେବ ମାଉଳର ରାଜା-ବାହାଦୁର ସୁଦୃଷ୍ଟିପାତ କରନ୍ତୁ ।

ଏ ସମାଜର ଅଧିବେଶନ ମାସରେ ଗୋଟିଏ ଥର ହେଉଥିବ ସଭା ଶ୍ରୀ ଚନ୍ଦ୍ରକଳେଶ୍ୱରଙ୍କ ଦେଉଳଠାରେ ହେଲେ ସୁବିଧା ହେବ । ଇତି

୩ । ୪ । ୯୬ ମୁଣ୍ଡମରେଇ } ଶ୍ରୀ ହରହର ତ୍ରିପାଠୀ ଶର୍ମା
ସମ୍ପାଦକ ।

—o—

ମହାଶୟ !

ଆପଣଙ୍କର ଗତମାସ ତା ୧୯ ରଖର

Digitized by srujanika@gmail.com

Split by PDF Splitter



ପତ୍ରିକାରେ ଏ ନଗରର ଷ୍ଟାଣ୍ଡର ଓଭରସିଅରଙ୍କ ସସପେଣ୍ଡ ସମ୍ବନ୍ଧୀୟ ପ୍ରବନ୍ଧ ପାଠ କରି ମନରେ ଗୋଟିଏ ସନ୍ଦେହ ଜାତ ହୋଇଅଛି । ଅତଏବ ତାହା ନିମ୍ନେ ପ୍ରକାଶ କରି ପ୍ରାର୍ଥନା କରୁଅଛୁଁ କି ଆପଣଙ୍କର କୌଣସିପାଠକ ଉକ୍ତ ସନ୍ଦେହ ଛେଦନ କଲେ ବାଧିତ ହେବୁଁ ।

ଓଭରସିୟରଙ୍କ ଯେ ଦୁଇ ଦୋଷରେ ସସପେଣ୍ଡ ହୋଇଅଛନ୍ତି ତନ୍ମଧ୍ୟରେ ଗୋଟିଏ ଅପରାଧ ଏହି କି "ସେ ପ୍ରସ୍ତାବିତ ସିବିଲକୋର୍ଟ ବାଟର ଲାଇନ ଉପରେ ଥିବା କାଙ୍ଗଳଜାରରେ ଏକ ଘର ହେବାମେଣ୍ଟ ପ୍ରସ୍ତୁତ ନିମନ୍ତେ ଦିଆ ଯାଇଥିବା ନୋଟିସ ଉପରେ ଅନୁମତି ଦିଆ ଯିବାପାଇଁ ସୁପାରସ କରିଥିଲେ" । ପଚାରୁଁ ଏଥିରେ ଅପରାଧ କଅଣ ହେଲା ? ବିଶ୍ୱାସସୂତ୍ରେ ଶୁଣିଲୁଁ ଯେ ଉକ୍ତ ହେବାଘର ପ୍ରସ୍ତୁତ ହେବାରୁ ଉପରୋକ୍ତ ସିବିଲକୋର୍ଟ-ବାଟ ନିମନ୍ତେ ମିଉନିସିପାଲିଟୀ ଯେଉଁ ଭୂମି କ୍ରୟ କରିବେ ( ଏପର୍ଯ୍ୟନ୍ତ କିଛି କିଣି ନାହାନ୍ତି ) ତହିଁର ମୂଲ୍ୟ ଓଭରସିୟରଙ୍କ ଉପରୋକ୍ତ କାର୍ଯ୍ୟ ଯୋଗୁଁ ଅଧିକ ପରିମାଣରେ ଦେବାକୁ ପଡ଼ିବ । ପଡ଼ିଲାତ ହେଲା କଣ ? ତେବେ କି ମିଉନିସିପାଲିଟୀ ସସ୍ତାରେ ଯେଉଁ କାଳେ ଭୂମି କିଣିବେ ବୋଲି ଲୋକେ ଆପଣା ଭୂମିର ଉନ୍ନତି ନ କରି ତାକୁ ପଡ଼ିଆ ରଖିଥିବେ ? ଏହା ଯେବେ ସ୍ଥିର ହୁଏ ତେବେ ଏଥିରେ ଯେ କ୍ଷତି ହେବ ତହିଁର ଦାୟୀ କିଏ ? ମନେ କରନ୍ତୁ ଆମ୍ଭର ଖଣ୍ଡେ ଭୂମି ଅଛି ତହିଁରେ ଯେବେ ଆମ୍ଭେ ଘରଦ୍ୱାର ପ୍ରସ୍ତୁତ କରୁଁ ତାହା ହେଲେ ମାସିକ ଟ୧୦ଙ୍କା ଭଡ଼ା ପାଇ ପାରିବୁଁ । ମିଉନିସିପାଲିଟୀ ସେ ଭୂମି କ୍ରୟ କରିବେ ବୋଲି ଯେବେ ତାକୁ ଦଶବର୍ଷ ଯାଏ ପଡ଼ିଆ ରଖିବାକୁ ହୁଏ ତେବେ ୧୦ × ୧୨ × ୧୦ = ୧୨୦୦ ଟଙ୍କା ଆମ୍ଭର କ୍ଷତି ହେବ । ମିଉନିସିପାଲିଟୀଙ୍କ ସସ୍ତାଦରରେ ଭୂମି କିଣିବା ପାଇଁତ ହିନା ଆମ୍ଭଙ୍କୁ ଏତେଦୂର କ୍ଷତିଗ୍ରସ୍ତ ହେବାକୁ ହେବ ? ଏପରି ସ୍ୱାର୍ଥପରତା ଦେଖାଇବା ନିମନ୍ତେ ଆମ୍ଭ ଉନ୍ନତିରୁ ହେ ଆମ୍ଭଙ୍କୁ ବାଧ କରିବା ମିଉନିସିପାଲିଟୀର ଉଚିତ କି ? ମିଉନିସିପାଲିଟୀ ଯେ ଭୂମି କିଣିବାକୁ ଇଚ୍ଛା କରନ୍ତି ତହିଁର ବାଜାରଦର ନ୍ୟାଯ୍ୟ ମୂଲ୍ୟ ଦେବାକୁ ଧର୍ମତଃ ଓ ନ୍ୟାୟତଃ ବାଧ୍ୟ ନୁହନ୍ତି କି ? ଅନ୍ୟ ଗୋଟିଏ କଥା । ମିଉନିସିପଲ ଆଇନର ଧା ୧୩୭ ଓ ମତେ ଘର ତିଆରି ନିମନ୍ତେ ନୋଟିସ ଦିଆଗଲେ ମିଉନିସିପାଲିଟୀ ସସ୍ତାଦରରେ ଯେଉଁ ଯୁଗେ ଉକ୍ତ ଘରତଳ ଭୂମି କିଣିବେ ବୋଲି ଉକ୍ତ ଘର ତିଆରି କରିବାକୁ ନିଷେଧ କରିବା କ୍ଷମତା ମିଉନିସିପାଲିଟୀର ଅଛି କି ? ଏପରି ଅନଳରେ ଘରାଇ ସର୍ବଦା କରିବା କ୍ଷମତା ଆମ୍ଭର ଅଳ୍ପବୁଦ୍ଧିରେ ଆଇନ ମିଉନିସିପାଲିଟୀକି ଦେଇ ନାହିଁ । ଯେବେ ଦେଇଥାଏ ତେବେ ତାହା ଉପରୋକ୍ତ କାରଣରୁ ଶୀଘ୍ର ରହିତ ହେବାର ଉଚିତ । ଯେପରି ସ୍ଥଳେ ମିଉନିସିପାଲିଟୀ ଉକ୍ତରୂପ ଘରତିଆରି କରିବାକୁ ନିଷେଧ କରି ପାରିବେ ତାହା ଆଇନର ଧା ୧୩୮ ରେ ଉଲ୍ଲେଖ ଅଛି । ଉକ୍ତ ଧାରାର ମର୍ମ ଯେ ଆଇନସମ୍ବନ୍ଧେ ସିଲେକ୍ଟ କମିଟୀ ଯେ ରିପୋର୍ଟ କରିଅଛନ୍ତି ତହିଁର ନିମ୍ନଲିଖିତ ଅଂଶରୁ ସ୍ପଷ୍ଟ ପ୍ରକାଶ ପାଉଅଛି "

"We have introduced in part VI two new sections giving special power to the commissioners to refuse sanction of new houses which are *not certified to be properly drained.*"

ତାହିଁ ସସ୍ତାରେ ଭୂମି କିଣିବେ ବୋଲି ଘର ପ୍ରସ୍ତୁତ କରିବାକୁ ନିଷେଧ କରିବାର କ୍ଷମତାର ମିଉନିସିପାଲିଟୀର ନାହିଁ ? ଯେବେ ଉକ୍ତ ଆଇନର ଅନ୍ୟ କୌଣସିଠାରେ ଏପରି କ୍ଷମତା ଦିଆଯାଇ ଥାଏ ତେବେ କେହି ଜାଣିବାବ୍ୟକ୍ତି ଆପଣଙ୍କର ପତ୍ରିକାରେ ଲେଖି ବାଧିତ କରିବେ । ଆଉ ସେପରି କ୍ଷମତାର ଯେବେ ଅପବ୍ୟବହାର ହୁଏ ତେବେ ତହିଁର କି ପ୍ରତୀକାର ହୋଇପାରେ ତାହା ଲେଖିଲେ ସାଧାରଣଙ୍କର ଅନେକ ଉପକାର ହେବ । ମହାଶୟ ଉପରୋକ୍ତ ବିଷୟରେ ସାଧାରଣଙ୍କର ସ୍ୱାର୍ଥ ଜଡ଼ିତ ଥିବାରୁ ବିନୟପୂର୍ବକ ଆପଣଙ୍କ ଓ ଆପଣଙ୍କ ପାଠକମାନଙ୍କର ମନୋଯୋଗ ଆକର୍ଷଣ କରି ପ୍ରାର୍ଥନା କରୁଅଛୁଁ କି ମିଉନିସିପାଲିଟୀର ଉପରୋକ୍ତ ରୂପ କ୍ଷମତା ଅଛି କି ନା ? ଥିଲେ ତହିଁର ଅପବ୍ୟବହାରଦ୍ୱାରା ସାଧାରଣଙ୍କର ବା ବ୍ୟକ୍ତିବିଶେଷର କ୍ଷତି ହୋଇ ପାରେ କି ନା ? ହେଲେ ତହିଁର ପ୍ରତୀକାର କିଛି ଅଛି କି ନା ? ଓ ଏପରି କ୍ଷମତା ଥିଲେ ତାହା ରହିତ ହେବାର ଉଚିତ କି ନା ? ତାହା ବିଚାର କରିବେ ।

ଆପଣଙ୍କର ବଶମ୍ବଦ
ଶ୍ରୀ—ଅମୁକ

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଦାମୋଦର ପଟ୍ଟନାୟକ | ଟ ୦ ୪ |
| " ମଥୁରମୋହନ ପାତ୍ରି ଉତ୍ତମ | ଟ ୩୯ |
| " ଗୋପାଳଚନ୍ଦ୍ର ଦାସ କଟକ | ଟ ୩୯ |
| " ଉପେନ୍ଦ୍ର ପଟ୍ଟନାୟକ " | ଟ ୧୯ |
| ମୁନସି ମହମ୍ମଦ ଅଲି " | ଟ ୩୯ |
| ବାବୁ ମାଣିକଚନ୍ଦ୍ର ଦାସ " | ଟ ୧୯ |
| " ଦ୍ୱାରିକାନାଥ ଦାସ ନରସିଂହପୁର | ଟ ୧୯ |
| " ସୂର୍ଯ୍ୟମଣି ମହାନ୍ତି କଟକ | ଟ ୧୯ |
| Revd. Arthur Long Russelkonda | Rs 3 |
| ବାବୁ ପୂର୍ଣ୍ଣଚନ୍ଦ୍ର ମହାନ୍ତି ମାଣପୁର ବଙ୍ଗଳା | ଟ ୧୯ |

# ବିଜ୍ଞାପନ ।

## M Notice.

The public are hereby informed that Act II of 1886, an Act for imposing a tax on income derived from sources other than agriculture, will remain force during 1892-93, and that all incomes derived from sources other than agriculture will be liable to taxative during the year. Every person chargeable under Part IV of the Act is invited to deliver, or cause to be delivered, on or before the 15th current a return in form II B, giving details of his income according to the instructions on the return.

The form of return can be obtained free of cost at the Collector's Office.

Cuttack
1-4-92

Rash Behari Nayk,
for
*Collector.*

## M ଫାରମ ।

ଆଇନର ୧୮ ଧାରର ୧ ପ୍ରକରଣର ( ଖ )
ଦଫାନୁସାରେ ସାଧାରଣ ନୋଟିସ ।
( ଦେଖ ୧୯ ଧାରା । )

ସାଧାରଣଙ୍କୁ ଏତଦ୍ୱାରା ଏହି ସମାଚାର ଦିଆ ଯାଉଅଛି ଯେ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ଆୟ ହୁଏ ତହିଁ ଉପରେ କରର ନିର୍ଦ୍ଧାରଣାର୍ଥ ୧୮୮୬ ସାଲର ୨ ଆଇନ ୧୮୯୨—୯୩ ସାଲ ମଧ୍ୟରେ ପ୍ରଚଳିତ ରହିବ ଏବଂ କୃଷି ଛଡ଼ା ଅନ୍ୟ ଉପାୟରେ ଯେଉଁ ସବୁ ଆୟ ହେବ ତାହା କରଯୋଗ୍ୟ ହେବ । ଆଇନର ୪ ର୍ଥ-

Digitized by srujanika@gmail.com

Split by PDF Splitter



121

ଭାଗ ଅନୁସାରେ କରଯୋଗ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରତି ଅନୁରୋଧ ଏହି ଯେ ସେ ଚଳିତ ଏପ୍ରେଲମାସ ୧୫ ତାରିଖରେ ବା ତହିଁ ପୂର୍ବେ ନିମ୍ନଲିଖିତ ୬ B ଚିହ୍ନିତ ଫାରମରେ ଖଣ୍ଡେ ରିଟର୍ଣ୍ଣରେ ସେହି ରିଟର୍ଣ୍ଣଲିଖିତ ଆଦେଶାନୁଯାୟୀ ଆପଣା ଆୟର ସବିଶେଷ ବୃତ୍ତାନ୍ତ ଲେଖି ତାହା କଲେକ୍ଟର ସାହେବଙ୍କ ନିକଟରେ ଅର୍ପଣ କରିବେ ବା କରାଇବେ ।

ରିଟର୍ଣ୍ଣର ଫାରମ ବିନା ଖରଚରେ କଲେକ୍ଟରଙ୍କ ଅଫିସରେ ମିଳି ପାରିବ ।

କଟକ — ଗ୍ରହାସବିହାରୀ ନାୟକ
୧।୪।୯୬ — କଲେକ୍ଟରଙ୍କ ସହକାରୀ

ଆମ୍ଭେ ଯେ ବାବୁ ଶ୍ୟାମସୁନ୍ଦର ଦାସ ମୁକ୍ତାର ଓ ଶ୍ରୀକୃଷ୍ଣଚରଣ ମହାନ୍ତି ଓ ବାସୁଦେବ ଦାସ ଓ ଦନବନ୍ଧୁ ଦାସଙ୍କୁ ଆମ-ମୁକ୍ତାରନାମା ଦେଇଥିଲୁଁ ତାହା ରଦ ଓ ସେମାନଙ୍କୁ ଆମ୍ଭଙ୍କର ମୁକ୍ତାରକର୍ମରୁ ସନ ୧୮୯୬ ମସିହା ମାର୍ଚ୍ଚମାସ ତା୨୭ରିଖରେ ରଦ କରୁଅଛୁଁ ଉତ୍ତରକାଳକୁ ସେମାନେ ଆମ୍ଭରଫରୁ ଯେ ସବୁକାର୍ଯ୍ୟ କରିବେ ତହିଁରେ ଆମ୍ଭେ ବାଧ ନ ହେବୁଁ ।

୩।୪।୯୬ } ଦେଉଳ ପରଗଣା ମହନ୍ତ
ରଘୁନାଥ ଦାସ ।

# ରାଏ ଏଣ୍ଡ କୋମ୍ପାନୀଙ୍କ

...ଷ୍ୟାଲ ଓ ସର୍ବଜନପ୍ରଶଂସିତ 'ବସନ୍ତ-...ଳତା' ଓ 'ଲବଣ୍ୟବତୀ' ନାମକ ଚର୍ମରୋଗ ...ଶିରରୋଗ ନାଶକ ମହୋପକାରୀ ସୁବାସିତ ...ତୈଳର ମୂଲ୍ୟ ଟ ୦ ।, ।୵, ୧ ଅଭ୍ୟଙ୍ଗ ...୧, ୩, ଓ ଟ ୧ ବା କେଶବର୍ଦ୍ଧନ ତୈଳ (Hair oil) ଟ ୦ । ନୂତନ ରଙ୍ଗର ...ଲୀ ଓ ଆଶ୍ଚର୍ଯ୍ୟ ଅଦୃଶ୍ୟ କାଳୀ ଟ ୦ ।୵; ...ଦୁଇ ଔଷଧ (ପରୀକ୍ଷିତ) ଟ ୦ ୵ ଏବଂ ନାନା-...କାର ସୁବାସଦ୍ରବ୍ୟ (Exquisite Fragr-...ance) ଟ ୦ । ଠାରୁ ଟ ୨୧ ପର୍ଯ୍ୟନ୍ତ; ଛାପା-...ଖାନାପୁସ୍ତକଦୋକାନରେ; ଚଉଧୁରୀବଜାରସ୍ଥ ...ବି, କର କୁମ୍ପାନୀଙ୍କ ଦୋକାନରେ ଓ ବାଲୁ-...ବଜାରସ୍ଥ ସୁରେନ୍ଦ୍ର ଘୋଷ ଏଣ୍ଡ କୁମ୍ପାନୀଙ୍କ ...ଦୋକାନରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ । ...ଉତ୍କଳୀୟ ମୋଫସଲବାସିଙ୍କ ମଧ୍ୟରୁ ଯାହା-...ର ଯେଉଁ ଦ୍ରବ୍ୟ (ପୋଷାକ, ପରିଚ୍ଛଦ, ...ବସନ ଓ ମନୋହାରୀ ଦ୍ରବ୍ୟାଦି) ପ୍ରୟୋ-...ଜନ ହେବ ଅଂଶିକ ମୂଲ୍ୟ ସହିତ ଆଦେଶ

କଲେ ବିଶେଷ ସୁବିଧାରେ ଭିଃ ପିଃ ଡାକଦ୍ୱାରା ପାଇ ପାରିବେ ।

୧।୪।୯୬
ଚୌଧୁରୀବଜାର } ରସବିହାରୀରାୟ
କଟକ ମେନେଜର

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

# ଘଣ୍ଟିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ଘଣ୍ଟାଗୁଡ଼ିକ ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଣ୍ଟି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିରୂପିତ ସମୟ ମଧ୍ୟରେ ଘଡ଼ି ଭାଙ୍ଗିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦି, ସ୍କଲାରସିପ ସୁବର୍ଣ୍ଣ ପଦକ ଓ ଇନସ୍ପେକ୍ଟରଙ୍କ ବକ୍‌ସ-ଦେବାର ଓଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଲଙ୍କାର ସୁନାରେ) ଗିଲ୍‌ଟି କରି ଦିଆଯିବ ।

କଟକ
୧୫।୧୧।୯୫ } ଶ୍ରୀ ଗୌରିଶଙ୍କର ରାୟ

# ମେହରୋଗ ।

୨୦ ବର୍ଷ ମଧ୍ୟରେ ସମସ୍ତ ଜାଳା ଯନ୍ତ୍ରଣାର ଲଘୁ ହିଁ ହେବ । ଦୁର୍ବଳ ପ୍ରମେହବ୍ୟାଧି ଯେଉଁମାନଙ୍କ ଆକ୍ରମଣ କରିଅଛି ସେମାନଙ୍କର ଉଚିତ୍ ରୋଗ ଶୀଘ୍ର ବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ପରୀକ୍ଷିତରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ପୁରାତନ ରୁଦ୍ର ସପ୍ତାହରେ ସ୍ୱସ୍ତିଲକ୍ଷଣ ଅବଶ୍ୟ ଅରୋଗ୍ୟ ହେବ। ଯେଉଁମାନେ ଅରୋଗ୍ୟ ନ ହେବେ ନିଶ୍ଚୟ ଜଣାଉଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ ।

ଫଷ୍ଟର ବନ୍ଧୁଗଣିରେ ପରୀକ୍ଷିତ ନ ହେଲେ ଅଭିପ୍ରିୟ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଞ୍ଚଳମାନେ ପୁସ୍ତକାକାରେ ପ୍ରକୃତ ହେବ କଲିକତା ଅବୈତନିକ ନମ୍ବର ଭବନରେ ସି, କେ, ରାୟ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ୨୧ ବା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍‌।

# ଡିଗ୍ରୀମସାହେବଙ୍କ ବଟିକା

ଫଳ ବିବେଚନାରେ ଏକ୨ ଫରୁଆର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଉର୍ବି ଇତ୍ୟାଦି ଦସ୍ତାନ୍ତ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୁଣ୍ଡବଥା, ମୁଣ୍ଡବୁଲା, ଗୋଳଙ୍କ ଦ୍ୱାରା ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ହାପୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସାୟୁବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦ ୧ ଟ ୦ ୩ ଓ ଟ ୦ ୩୵ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବାକୁ ହେବ ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅଳ୍ପକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାତକ ଦ୍ରବ୍ୟ ଛଡ଼ା

Digitized by srujanika@gmail.com

Split by PDF Splitter



ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ ଆଣି ଦେଇ ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ୫ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ଷ୍ଟାମ୍ପ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରଙ୍ଗ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାର୍ କାରଣ ପତ୍ରାଦି ପାଉଅଛୁଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ସେଉଁମାନେ ଆମ୍ଭମାନଙ୍କ ଅଭିମତ ଗ୍ରହଣ କରିବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଜୁନ୍ୟ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ । ଟଙ୍କା, କଉଡ଼ି କି ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପରୀକ୍ଷିତ ଓ ପ୍ରତ୍ୟକ୍ଷଫଳପ୍ରଦ ଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତକର ବନ୍ଧ ଓ ଆଖି ରକ୍ତବର୍ଣ୍ଣ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, କୋମଳ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁକୁଠାରଣ—ଜାନ ଦ୍ରୁତ ଦାଦ ସବୁ କରି ପ୍ରଲେପ କଲେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ପ୍ରତିକୁପୀର ମୂଲ୍ୟ ଚାରିଅଣା ମାତ୍ର ।

୩ । କୁଟଜଚାରଣୀ—ଏହା ଯଥାବିଧି ସେବନ କଲେ ପ୍ରାଚୀନ ବା ନୂତନ ସବୁ ପ୍ରକାର ଅତିସାର, ଚିରଶୂଳ, ବାୟୁ ଶୂଳ ( ଅମାଶୟ ) ଓ ଉଦରାମୟ ଆଦି ସମସ୍ତ ଉପସର୍ଗ ଲକ୍ଷଣମାନ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସବୁପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଶୂଳ, ଅର୍ଶ, ଉଦର, ଶୋଥ, ଜ୍ୱର, ଯକୃତ, ପାଣ୍ଡୁ ଓ ତନ୍ନିମିତ୍ତ ଶିରଃପୀଡ଼ା ଓ ଦୃଷ୍ଟିହୀନ ଇତ୍ୟାଦି ଦୂର ହୁଏ ।

ଏହା ଉପଯୋଗ ଦେଖେ । ସର୍ବପ୍ରକାର ପୀଡ଼ାରେ ଏମନ୍ତ ବା ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରମାରକ ଅରିଷ୍ଟ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ ଓ ଜଙ୍ଗଲ ଓ ଶାକଶାସ୍ତ୍ର ଜ୍ୱର, ପ୍ଲୀହା, ଯକୃତ, ଅଗ୍ନିମାନ୍ଦ୍ୟ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅନିୟମିତ ଆହାର, ବିହାର ଅତ୍ୟଧିକ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାର କ୍ଷତ, କଣ୍ଡୁ, ଗାତ୍ର ଗଣ୍ଡିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନ ସୁଦ୍ଧା ବ୍ୟବହାର କଲେ ଉପଶମ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମସମୟରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ୍ତ ବ୍ରଣ ଓ ଶୋଥ ଏହା ସେବନେ ଆରୋଗ୍ୟ ହୁଏ । ଏକ ପକ୍ଷ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

| | |
|---|---|
| ବାଲୁବଜାର, କଟକ ଔଷଧଭଣ୍ଡାର । | ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S. |

## NOTICE

Wanted a clerk on Rs. 20 a month for the Pipli circle Settlement Office. None need apply who does not know English and has no proficiency in the Uriya language. Applications to be made to the Assistant Settlement Officer.

| | |
|---|---|
| Pipli Circle Settlement office The 19th March 1892. | R. NATHAN Assistant Settlement Officer |

## ନୂତନ ପୁସ୍ତକ ।

ତ୍ରିଭାଷୀ ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ ସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଲିପି ପାଇବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ସେକ୍ରେଟେରୀ

## ବାଲିକାଗଜ ।

ଉତ୍କୃଷ୍ଟ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କରଙ୍କ ସମ୍ମୁଖ ଦୋକାନରେ ବାବୁ ଅର୍ଜୁନଚରଣ କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ଓଜ | ବାଲି | ଠ ୧୬ ଟ ୨୧୬/ | ରିମ୍ ଟ ୦୬/୦ |
| ୧୭ ଓଜ | " | " ଟ ୨୧ | " ଟ ୦ ୪/୦ |
| ୧୬ ଓଜ | " | " ଟ ୨। | " ଟ ୦ ୬ |
| ୨୨ ଓଜ ଇଲଇପଶ୍ରେଷ୍ଠ | " ଟ ୩। | | " ଟ ୦ ୬/୦ |

ଗ୍ରାଫ୍ଟନ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଡଜନକୋଣି ଓ ଲେଜର ଓ ରେଜିଷ୍ଟ୍ରିଓଗେର ଜୁତା ଓ ଷ୍ଟେସନରୀ ଓ ବିଲାତି ଇମାରତ ସରଞ୍ଜାମର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ପୋଷ୍ଟ୍ରିକ ଉତ୍ତମ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ ।

## ପିଚକାରୀ ।

ଏ ଜାତିର ହେଉଅଛି ପାଣିରେ ଚର୍ମ ଉଠିରେ ତଇକାଇ କୋଚାହିତର ଫାଟିଲେ ଦେଲେ ପାଣିଗଲା ବନ୍ଦ ହେବ ଘରର ମଧ୍ୟ ଅନେ ଲେପିଦେଲେ ମଜବୁତ ହେବ ଓ ଭଲ ଝରିବ ନାହିଁ ।

ବଡ଼ିଲ ଉମରା ଓ ସାଢ଼େରେ କଳାଇବାର ବ୍ୟାନ ମଧ୍ୟ ଅଛି ।

ଅର୍ଜୁନଚରଣ କର କମ୍ପାନୀ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬/ |
| ଅକ୍ଷରମୁଖ | ଟ ୨ |
| ଦ୍ୱିତୀୟ ଏବଂ ତୃତୀୟଥର | ଟ ୩ |

ମାତ୍ର ଦୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥରପାଇଁ ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଆମ୍ଭଙ୍କୁ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଦ୍ୱାରା କଟକ ପ୍ରିଣ୍ଟିଂକୋମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୬ ଶ
ସଂ ୧୬ ଖ୍ୟା

ତା ୧୨ ଇଭ ମାହେ ଅପ୍ରେଲ ସନ ୧୮୯୧ ମହିହା । ମ । ବୈଶାଖ ୨ ୭ ଙ୍କ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୬

## ବିଜ୍ଞାପନ ।

ଓଡ଼ିଆ

ସନ ୧୮୯୮/୯୯ ସାଲର ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଲୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ମୂଲ୍ୟ ଟଂ୦/୬ ଡାକମାସୁଲ ଟଂ /

ପକେଟପାଞ୍ଜି ୧ଂଖ୍ୟାଭ୍ରୁ ଟ୦/ ଡାକମାସୁଲ ଟଂ୦୬

ଷ୍ଟେଟ୍ସମାନରେ ପାଠକଙ୍କୁ ଯେ ଗତ କେତେକଦିନରୁ ଜଳକଭାରେ ଅକାଶର ଦ-କ୍ଷିଣପୂର୍ବାଂଶରେ ଗୋଟିଏ ଧୂମକେତୁ ଶେଷ ରାତ୍ରି ଘ ୪ ଘା ସମୟରୁ ପ୍ରଭାତ ପର୍ଯ୍ୟନ୍ତ ଦେଖା ଯାଉଅଛି । ଖାଲି ଚକ୍ଷୁରେ ଏହା କଷ୍ଟରେ ଦୃଶ୍ୟ ହେଉଅଛି ମାତ୍ର ଦୂରବୀକ୍ଷଣଯନ୍ତ୍ର ସାହା-ଯ୍ୟରେ ସ୍ପଷ୍ଟ ଦେଖା ଯାଉଅଛି ।

---

ଢାକା ଭଲଦା ମୁକ୍ତାଗାଛା ନିବାସିନୀ ଶ୍ରୀମତୀ ବିଦ୍ୟାମୟୀ ଦେବୀ ଚୌଧୁରାଣୀ ନସି-ରାବାଦରେ ଥିବା ଚିକିତ୍ସାଳୟର ବୃଦ୍ଧି ନିମନ୍ତେ କୋଡ଼ିଏ ହଜାର ଟଙ୍କା ଦାନ କରିବାକୁ ପ୍ରସ୍ତାବ କରିବାରୁ ମାନ୍ୟବର ଲେପ୍ଟେନାଣ୍ଟ ତାହା ଗ୍ରହଣ କରୁଅଛନ୍ତି । ତାହାଙ୍କ ନାମାନୁସାରେ ବର୍ଦ୍ଧିତ ଅଂଶର ନାମ "ବିଦ୍ୟାମୟୀ ଚିକିତ୍ସାଳୟ" ଦିଆଯିବ ।

---

ଯାଜପୁରରୁ ଜଣେ ପତ୍ରପ୍ରେରକ ଲେଖି-ଅଛନ୍ତି ଯେ ସେଠା ମିଉନିସିପାଲିଟୀ ବର୍ତ୍ତମାନ ଟିକ୍ସ ବୃଦ୍ଧି କରିବାରେ ବଡ଼ ବ୍ୟସ୍ତ । ଅନ୍ନକଷ୍ଟ-ସମୟରେ ଟିକ୍ସ ବଢ଼ାଇ ଲୋକଙ୍କୁ ଆଉ ଗୋଟିଏ ଦୁର୍ଗତିରେ ପକାଇବା ଭଲ ନୁହଇ । ଅତଏବ କମିଶନରମାନେ ନିରପେକ୍ଷଭାବରେ ଟିକ୍ସ ଧାର୍ଯ୍ୟ କଲେ ଅସନ୍ତୋଷର କାରଣ ରହିବ ନାହିଁ ।

---

ମାନ୍ଦ୍ରାଜର ରେଭିନ୍ୟୁ ବୋରଡ ଇଣ୍ଡିଆ-ଗବର୍ଣ୍ଣମେଣ୍ଟଙ୍କ ନିକଟରୁ ପଠାଇଥିବା ଗତ-ସପ୍ତାହର ରିପୋର୍ଟରୁ ପ୍ରକାଶ ଯେ ସେଠାର ଅବସ୍ଥା ପୂର୍ବପ୍ରାୟ ରହିଅଛି । ଜଳ ଓ ତୃଣର କଷ୍ଟ ଅନେକସ୍ଥାନରେ ବୃଦ୍ଧି ହେଉଅଛି ଏବଂ ତହିଁସଙ୍ଗେ ପଶୁଙ୍କ କଷ୍ଟ ବଢ଼ୁଅଛି । ଖାଦ୍ୟ-ଦ୍ରବ୍ୟର ମୂଲ୍ୟ ନିଶ୍ଚଳ ରହିଅଛି ଏବଂ ସାହାଯ୍ୟ କାର୍ଯ୍ୟରେ ୪୭ ହଜାର ଲୋକ ମୂଳ ଲାଗି-ଅଛନ୍ତି ।

---

କଲିକତା ନିକଟ ବରାନଗର ମିଉନିସିପାଲି-ଟୀର ସଭାପତି ରେଭରେଣ୍ଡ ବାବୁ ବନୋଦ-ଲାଲ ଘୋଷ ଉକ୍ତ ନଗରରେ ଗୋଟିଏ ସ୍ତ୍ରୀଚିକିତ୍ସାଳୟ ସ୍ଥାପନ ନିମନ୍ତେ ଦଶହଜାର ଟଙ୍କା ସରକାରରେ ଜମା ଦେବାର ପ୍ରସ୍ତାବ କରିବାରୁ ମାନ୍ୟବର ଲେପ୍ଟେନାଣ୍ଟ ତାହା ଗ୍ରହଣ-ପୂର୍ବକ ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି । ତାହାଙ୍କ ମାତା ନାମରେ ଉକ୍ତ ଚିକିତ୍ସାଳୟ ପ୍ରକାଶ ହେବ ।

---

ସରକାରୀ ଟୀକାବିଭାଗ ପ୍ରତ୍ୟେକ ଜିଲ୍ଲାର ସିଭିଲସର୍ଜନଙ୍କ ଅଧୀନରେ ରହିବାର ପ୍ରସ୍ତାବ ହେଉଅଛି ଏହି କାର୍ଯ୍ୟ ନିର୍ବାହାର୍ଥେ ଅନେକ-ଗୁଡ଼ିଏ ସବଇନ୍‌ସ୍ପେକ୍ଟର ନିଯୁକ୍ତ ହେବେ ଏବଂ ସମ୍ଭବତଃ ନେଟିଭ ଡାକ୍ତରମାନେ ଏ କାର୍ଯ୍ୟ ପାଇବେ । ନେଟିଭ ଡାକ୍ତରଙ୍କ ଉପାଧି ସବ-ଅସିଷ୍ଟାଣ୍ଟ ସର୍ଜନ ହେବ । ଏହି କାର୍ଯ୍ୟ-ସକାଶେ ଯେଉଁ ନେଟିଭ ଡାକ୍ତରମାନେ ନିଯୁକ୍ତ ହେବେ ସେମାନଙ୍କର ସଦରସ୍ଥାନ ମଫସଲର ଏକା ଗ୍ରାମରେ ହେଲେ ଅନେକ ସୁବିଧା ହେବ ।

---

କଲିକତାର ନିକଟବର୍ତ୍ତୀ କୋନନଗର-ନିବାସୀ ବାବୁ ପୂର୍ଣ୍ଣଚନ୍ଦ୍ର ବସୁଙ୍କ ଉଦ୍ୟମରେ ତ୍ରିଶହଜାର ଟଙ୍କା ମୂଳଧନରେ ବଙ୍ଗଳାରେ ଗୋଟିଏ ଦିଆସିଲାଇକଳ ବସିବାର ଉଦ୍ୟମ ଲାଗିଅଛି ଏବଂ ଭରସା କରୁଅଛୁ ଅଚିରେ ଏହି ଉଦ୍ୟମ କାର୍ଯ୍ୟରେ ପରିଣତ ହେବ । ଦିଆସି-ଲାଇ ସର୍ବସାଧାରଣଙ୍କର ଗୋଟିଏ ନିତ୍ୟ ପ୍ରୟୋ-ଜନୀୟ ଦ୍ରବ୍ୟ । ତାହା ବିଦେଶରୁ ବର୍ତ୍ତମାନ-

Digitized by srujanika@gmail.com

Split by PDF Splitter



ଯଦି ଅମଦାନୀ ନ ହୋଇ ଏ ଦେଶରେ ପ୍ରସ୍ତୁତ ହେଲେ ବଡ଼ ଆନନ୍ଦ ଓ ଲାଭର ବିଷୟ ହେବ।

---

ଗ୍ରାମ୍ୟ ସବ-ରେଜିଷ୍ଟ୍ରାର ନିଯୋଗ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ଏହିପରି ନିୟମ କରିବେ ବୋଲି ଶୁଣାଯାଏ ଯେ କୌଣସି ପଦ ଖାଲି ହେଲେ ଜିଲ୍ଲା ମାଜିଷ୍ଟ୍ରେଟ ତିନି ଜଣ ପ୍ରାର୍ଥିଙ୍କ ନାମ ଲେଖି ପଠାଇଲେ ଇନସ୍ପେକ୍ଟର ଜେନେରଲ ସ୍ୱୟଂ ପରୀକ୍ଷା କରି ତହିଁମଧ୍ୟରୁ ଯାହାକୁ ପସନ୍ଦ କରିବେ ତାହାକୁ ନିଯୁକ୍ତ କରିବାପାଇଁ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିବେ। ପ୍ରତ୍ୟେକ ପ୍ରାର୍ଥିର ବିଦ୍ୟା ବୁଦ୍ଧି ରେଜିଷ୍ଟ୍ରି ସମ୍ବନ୍ଧୀୟ ଆଇନକାନୁନର ଜ୍ଞାନ ଏବଂ ବଂଶ ଓ ପଦମର୍ଯ୍ୟାଦା ଇତ୍ୟାଦି ବିବେଚନା କରିବେ।

---

ଓଡ଼ିଶା-ବନ୍ଦୋବସ୍ତ ଏଲକାରେ ନିଯୁକ୍ତ ହୋଇଥିବା ଉଚ୍ଚ ବେତନର ସହକାରୀ ବନ୍ଦୋବସ୍ତ କର୍ମଚାରୀମାନେ କ୍ରମେ ଅପସାରିତ ହେଉଅଛନ୍ତି। ଏମାନଙ୍କ ମଧ୍ୟରେ ପି, ସି, ଲାୟନ ସାହେବ ବଡ଼ ନ୍ୟାୟପରାୟଣ ଓ ଉତ୍ତମ ହାକିମ ଥିଲେ। ତାହାଙ୍କ ବଦଳରେ ଆମ୍ଭେମାନେ ଦୁଃଖିତ ହେଲୁଁ। ଏଣିକି ସବଡେପୁଟୀମାନଙ୍କଦ୍ୱାରା ବନ୍ଦୋବସ୍ତ କାର୍ଯ୍ୟ ନିର୍ବାହ ହେବ। ସେଥିପାଇଁ ସମ୍ପ୍ରତି ଛଅଜଣ ସବଡେପୁଟି ନିଯୁକ୍ତ ହୋଇଅଛନ୍ତି। ଶେଷରେ ଦୁରବସ୍ଥା ନ ଘଟିଲେ ରକ୍ଷା!

---

ଏଠା ମେଡିକାଲସ୍କୁଲର ଯେଉଁ ଶେଷ ପରୀକ୍ଷା ଗତମାସ ତା ୨୮ ରିଖରେ ହୋଇଥିଲା ତହିଁରେ ଜ ୧୯ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି। ଏହି ଜ ୧୯ ଣ ପରୀକ୍ଷା ଦେଇଥିଲେ। ସମସ୍ତେ ପାସ କରିବା ବଡ଼ ଆନନ୍ଦଜନକ ହେଲେହେଁ ଏଥିରୁ ଅସାଧାରଣ ହେତୁ ପ୍ରଶ୍ନମାନ ସହଜ ଥିବାର ଜ୍ଞାତ ହେଉଅଛି। ତାହା ପ୍ରକୃତ ହୋଇଥିଲେ ଦୁଃଖର ବିଷୟ ହେବ କାରଣ ଯେଉଁ ଯୋଗ୍ୟତା ଉପରେ ପ୍ରାଣରକ୍ଷା ନିର୍ଭର କରଇ ତାହା ଭଲରୂପେ ପରୀକ୍ଷା କରି ଦେଖିବା ଉଚିତ। ଏଥର କେହି ଛାତ୍ରୀ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି।

---

ଯୁଅଖେଳର ଅଯ୍ୟ ଏବଂ ମୈବଦ୍ରବ୍ୟର ଅଯ୍ୟ ଉପରେ ଇନକମ ଟିକସ ନିଆଯାଇ ପାରେ କି ନା। କୌଣସି ଜିଲ୍ଲାର କଲେକ୍ଟର ଅପଣାର ଉପରସ୍ଥ ଅର୍ଥବିଭାଗୀୟ କର୍ତ୍ତାଙ୍କୁ ପ୍ରଶ୍ନ କରିବାରେ ସେ ସରକାରୀ ଆଇନ ଉପଦେଷ୍ଟାଙ୍କ ସହିତ ପରାମର୍ଶ କରି ଜାଣିଲେ ଯେ ଏପ୍ରକାର ଅଯ୍ୟ ଉପରେ ଆଇନାନୁସାରେ ଇନକମ ଟିକସ ବସିପାରେ ଏବଂ ତଦନୁସାରେ ଟିକସ ଧାର୍ଯ୍ୟ କରିବାକୁ ଆଦେଶ ଦେଲେ। ଧନ୍ୟ ଆଇନର ମହିମା। ଯୁଅଖେଳ ଏବଂ ମୈବଦ୍ରବ୍ୟ ଗ୍ରହଣ ଆଇନାନୁସାରେ ଅପରାଧ କିନ୍ତୁ ସେପ୍ରକାର ଅଯ୍ୟ ଉପରେ କର ନେବା ଅନ୍ୟାୟ ନୁହଇ। ଧନର ଆଦର ବର୍ତ୍ତମାନକାଳରେ ଏହିପରି ହୋଇଅଛି।

---

କଲିକତା ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର କାର୍ଯ୍ୟ ପ୍ରେସିଡେନସୀ କଲେଜର ଜଣେ ଅଧ୍ୟାପକ କିଛି ଅତିରିକ୍ତ ବେତନ ପାଇ ଏପର୍ଯ୍ୟନ୍ତ ନିର୍ବାହ କରି ଆସୁଅଛନ୍ତି। ଏଥିରୁ ବିଶ୍ୱବିଦ୍ୟାଳୟର କାର୍ଯ୍ୟ କ୍ରମାଗତ ପ୍ରକାଶ ପାଇବାରୁ ଜଣେ ସ୍ୱତନ୍ତ୍ର ଲୋକ ଅର୍ଥାତ୍ ଯାହାର ଅନ୍ୟ କିଛି କାର୍ଯ୍ୟ ନାହିଁ ତାହାକୁ ରେଜିଷ୍ଟ୍ରାର ପଦରେ ନିଯୁକ୍ତ କରିବାର ପ୍ରସ୍ତାବ ହୋଇଥିଲା। ଜଣେ ପୃଥକ୍ ଲୋକ ରହିଲେ ସେ ସର୍ବଦା କେବଳ ଏହି କାର୍ଯ୍ୟରେ ମନୋଯୋଗ ପ୍ରଦାନ କରିବେ ସୁତରାଂ ବିଶ୍ୱବିଦ୍ୟାଳୟର କାର୍ଯ୍ୟ ନିର୍ଦ୍ଦୋଷ ହେବ। ଦୁଃଖର ବିଷୟ ଯେ ବିଶ୍ୱବିଦ୍ୟାଳୟର ସଭ୍ୟମାନେ ପ୍ରଥମେ ଏ ପ୍ରସ୍ତାବକୁ ମନୋନୀତ କରି ପରେ ଅଗ୍ରାହ୍ୟ କରିଅଛନ୍ତି। ଆମ୍ଭେମାନେ ଆଶା କରୁଁ ସେକ୍ରେଟେରୀ ଏଥିର ପୁନର୍ବିଚାର କରିବେ।

---

ଚମ୍ପାରଣଜିଲ୍ଲାର କଲେକ୍ଟରୀକଚେରୀର ପୌଜଦାରୀରେ ଏକ ଭାରି ଅର୍ଥଶାତ୍ ମାମଲା ଧରା ପଡ଼ିଅଛି। କଥିତହୁଅଇ ଯେ ଏହି ପ୍ରତାରଣା ଗତ ୨ ୨୦ ବର୍ଷରୁ କ୍ରମାଗତ ହୋଇ ଆସି ପ୍ରାୟ ୭୦ ହଜାର ଟଙ୍କା ଅର୍ଥଶାତ୍ ହୋଇଅଛି କିନ୍ତୁ ଏଥିମଧ୍ୟରେ ସରକାରଙ୍କର କେତେ କ୍ଷତି ହୋଇଅଛି ଜଣା ପଡ଼ ନାହିଁ। ଯେଉଁ ପୌଜଦାରୀ ପ୍ରତାରଣାସମ୍ପର୍କୀୟ ସମସ୍ତ କାଳ ଉକ୍ତ କାର୍ଯ୍ୟରେ ନିଯୁକ୍ତ ଥିଲେ ଏବଂ ଏହି ଦୀର୍ଘକାଳ ମଧ୍ୟରେ ଦଶ ପନ୍ଦରରୁ ଅଧିକ ଛୁଟି ନେଇ ନ ଥିଲେ ସମ୍ପ୍ରତି ସେମାନଙ୍କୁ ଚଲାଇଅଛନ୍ତି। ସରକାରଙ୍କ ପୌଜ ହିସାବର ଏତେ କଷ୍ଟକଣାରେ ଏପରି ଅର୍ଥଶାତ୍। ଧନ୍ୟ ପୌଜଦାରୀର ଚତୁରତାର୍ଥ। ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି ଯେ ସୂକ୍ଷ୍ମରୂପେ ଅନୁସନ୍ଧାନ କଲେ ଅନ୍ୟତ୍ର ଚତୁର ପୌଜଦାରୀ ଦେଖି ପଡ଼ିବେ।

---

ସଂସ୍କୃତ ବିଦ୍ୟାଶିକ୍ଷାର ଉନ୍ନତି ନିମନ୍ତେ ସମ୍ପ୍ରତି ଗବର୍ଣ୍ଣମେଣ୍ଟ ଯେଉଁ ଟଙ୍କା ମଞ୍ଜୁର କରିଅଛନ୍ତି ତହିଁ ମଧ୍ୟରୁ ପୁରୀର ସଂସ୍କୃତ ପାଠଶାଳାକୁ ମାସିକ ଟ ୩୦ ଙ୍କା ଲେଖାଏଁ ସାହାଯ୍ୟ ଦେବାର ବନ୍ଦୋବସ୍ତ ହୋଇଅଛି। ଏ ଟଙ୍କା ଉକ୍ତ ସ୍କୁଲର କମିଟୀକୁ ଦଆଯିବ ଯେ କମିଟୀ ମାସକୁ ଟ ୩୦୧ ଲେଖାଏଁ ବେତନରେ ନ୍ୟାୟ ପଢ଼ାଇବା କାରଣ ଜଣେ ଶିକ୍ଷକ ନିଯୁକ୍ତ କରିବେ। ପୁରୀ ସଂସ୍କୃତ ବିଦ୍ୟାଳୟରେ ନ୍ୟାୟ ପଢ଼ାଇବାର କଳ୍ପନା ଅନେକ ଦିନରୁ ହୋଇଥିଲା ମାତ୍ର ଅର୍ଥାଭାବ ତହିଁର ପ୍ରତିବନ୍ଧକ ଥିଲା। ଓଡ଼ିଶାର ଅନ୍ୟାନ୍ୟ ସଂସ୍କୃତ ବିଦ୍ୟାଳୟକୁ ପରୀକ୍ଷାର ଫଳାନୁସାରେ କିଛି୨ ସାହାଯ୍ୟ ଦେବାର ମଧ୍ୟ ସ୍ଥିର ହୋଇଅଛି। ସଂସ୍କୃତ ପରୀକ୍ଷାକାର୍ଯ୍ୟ ନିର୍ବାହ କରିବା ସକାଶେ ଓଡ଼ିଶାରେ ବର୍ତ୍ତମାନ କୌଣସି ସଭା ନାହିଁ। ଶୀଘ୍ର ଗୋଟିଏ ସଭା ସ୍ଥାପନ କରିବାର ଆଶା କରାଯାଏ।

—*—

ଗତ ମହାବାରୁଣୀସମୟରେ ଅନେକ ଦକ୍ଷିଣି ଯାତ୍ରୀ ଗଙ୍ଗାସ୍ନାନକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ଯେଉଁମାନେ କୋଷ୍ଟକେନାଲବାଟେ ଫେରି ଆସିଲେ (ଏହାର ସଂଖ୍ୟା ଜଣା ନୁହଇ) ସେମାନେ ବାଟରେ ବଡ଼ କଷ୍ଟ ପାଇଥିବାର ଦୁଃଖର ସହିତ ଅବଗତ ହେଲୁଁ। ଯୋଡ଼ିଏ ଲୋକ ଜଣପ୍ରତି ଟ ୩୧ ଙ୍କା ଦେଇ କଲିକତାରୁ କଟକପର୍ଯ୍ୟନ୍ତ ଟିକଟ କରି ଏକ ଜାହାଜରେ ବସି ଥିଲେ। ଜାହାଜଟି ବାଲେଶ୍ୱରରେ ସେମାନଙ୍କୁ ପହଞ୍ଚାଇ କହି ଦେଇଥିବାର ଜାଣି ସେହିଠାରେ ଓହ୍ଲାଇଦେଲା। ଯାତ୍ରିମାନଙ୍କୁ କଟକକୁ ପଠାଇବାର ବନ୍ଦୋବସ୍ତ ହେବା ନେଣିକ ଆଉ ପରଦିନ ଦ୍ୱିତୀୟା ପୁଣି ଫେରି ମାଗନ୍ତେ ନ ଦେଇ କୁବାକ୍ୟ ପ୍ରୟୋଗ କରି ଘଉଡ଼ିଦେଲେ। ଏକଜଣ ସମ୍ଭ୍ରାନ୍ତ ଲୋକ ପ୍ରଥମଶ୍ରେଣୀର ଟିକଟ କରି ଏକ ଜାହାଜରେ କଟକକୁ ଆସୁଥିଲେ। ବାରବୋଡ଼ିଆଠାରେ ତାହାଙ୍କୁ ଓହ୍ଲାଇ ଦେଇ ଆଉ ପ୍ରଥମଶ୍ରେଣୀର ସ୍ଥାନ ଦେଲେ ନାହିଁ। ସେ ଅଗତ୍ୟା ସେଠାରୁ ନୌକାବଡ଼ା ଦେଇ ଆସିଲେ। ଅନ୍ୟାନ୍ୟ ଅସୁବିଧା ଓ କୁବ୍ୟବହାରର କଥା

Digitized by srujanika@gmail.com

Split by PDF Splitter



କହିବା ବାହୁଲ୍ୟ । ଏ ଅବସ୍ଥାରେ ହୋଷ୍ଟ-
କେନାଲ ନାମ କଷ୍ଟକେନାଲ ହେବା ଉଚିତ ।
ଆମ୍ଭେମାନେ ଭରସା କରୁଁ କାହାକର ମନ୍ତ୍ରି-
କମାନେ ଲୋକଙ୍କୁ ଏ କଷ୍ଟରୁ ରକ୍ଷା କରିବାର
ଉପାୟ କରିବେ ।

———

କଲିକତା ହାଇକୋର୍ଟର ଉକିଲ ବାବୁ
ଦୁର୍ଗାମୋହନ ଦାସଙ୍କ ପୁତ୍ର ଶ୍ରୀଯୁକ୍ତ ସତ୍ୟରଞ୍ଜନ
ଦାସ ମଧ୍ୟପ୍ରଦେଶର ହୋସେଙ୍ଗାବାଦରେ ବାଇ-
ସ୍ଥାସ୍ଥିକାନ୍ଦୋପଲକ୍ଷରେ ଅଛନ୍ତି । ସେ ସମ୍ବାଦ-
ପତ୍ରଯୋଗେ ସମସ୍ତଙ୍କୁ ଜଣାଇଅଛନ୍ତି କି ତେମନା
ଉପତ୍ୟକାରେ ପ୍ରାୟ ଦୁଇଶତ ବର୍ଗମାଇଲ
ଭୂମି ସେଠା ଗବର୍ଣ୍ଣମେଣ୍ଟ ଏହି ନିୟମରେ
ବନ୍ଦୋବସ୍ତ କରିବାକୁ ବିଜ୍ଞାପନ ଦେଇଅଛନ୍ତି
ପ୍ରତ୍ୟେକ କୃଷକକୁ ଏକଶତମାଣ ଜମି ଅବାଦ
କରିବା କାରଣ ଦିଆଯିବ । ପ୍ରଥମ ତିନିବର୍ଷ
କିଛି ଖଜଣା ନିଆଯିବ ନାହିଁ । ଚତୁର୍ଥବର୍ଷରୁ
ଯେତେ ଜମି ଆବାଦ ହୋଇଥିବ ତହିଁର
ଖଜଣା ମାଣପ୍ରତି ଟ ୦ ୵ ଲେଖାଏ ଏବଂ
ଅନ୍ତେ କେତେବର୍ଷ ଉତ୍ତାରୁ ଟ ୦ । ଲେଖାଏ
ନିଆଯିବ । କୌଣସି କୃଷକ ଜମି ବିକ୍ରୟ ବା
ବନ୍ଧକ କରିପାରିବ ନାହିଁ ମାତ୍ର ଖଜଣା ଦେଉ-
ଥିଲେ ସରକାର ଜମି ଛଡ଼ାଇ ନେବେ ନାହିଁ ।
ଏକଶତମାଣ ଜମି ଆବାଦ କରିବାକୁ ପ୍ରାୟ
ଟ ୧୨୦୦୲ ଟା ଖରଚ୍ ପଡିବ ଓ ପ୍ରାୟ ଦୁଇ-
ହଜାର ଟଙ୍କାର ଫସଲ ଆୟ ହେବ । ଏଥିରୁ
ଜଣାଯାଉଅଛି ଯେ ଏଠାରେ ଚାଷ କଲେ
ବିଶେଷ ଲାଭ ଅଛି । କିନ୍ତୁ ଜଳ ବାୟୁର କଥା
କିଛି ଲେଖା ନାହିଁ । ଫଳତଃ ଯେଉଁଠାରେ
କୃଷିକାର୍ଯ୍ୟଦ୍ୱାରା ଏତେ ଲାଭର ଆଶା ସେଠାର
ଅବସ୍ଥା ଭଲ କି ନା ବୁଝିବାର ଉଚିତ ହେଉ
ଅଛି ।

—୦✻୦—

ଅବକାଶୀ ଦୋକାନ ବନ୍ଦୋବସ୍ତ ।

ଏବର୍ଷ ଏ ଜିଲ୍ଲାର ଅବକାଶୀଦୋକାନମାନ
ଅନ୍ୟାନ୍ୟ ବର୍ଷଠାରୁ ଭିନ୍ନ ରୀତିରେ ବନ୍ଦୋବସ୍ତ
ହେବାରୁ କେତେ ଏବଂ ବନ୍ଦେତା ଉଦସ୍ତଙ୍କର
ଗୁରୁ ଅସନ୍ତୋଷ ଓ ଦୁଃଖ ଜାତ ହୋଇଅଛି ।
ପୂର୍ବେ ଏକ୨ ଦୋକାନ ପୃଥକ୍‌ରୂପେ ନିଲାମ
ହେଉଥିଲା ଓ ଯାହାର ଡାକ ସର୍ବୋଚ୍ଚ ହେଉ-
ଥିଲା ଏବଂ ତାହା ଗ୍ରହଣ କରିବାର ଅନ୍ୟ କିଛି
ଆପତ୍ତି ପ୍ରକାଶ ପାଉ ନ ଥିଲା ତାହାକୁ ଦୋକାନ
ପଟ୍ଟା ଦିଆ ଯାଉଥିଲା । ଏବର୍ଷ ଅବକାଶୀ-

କାର୍ଯ୍ୟ, ସକାଶେ କ
କୁର୍ ନୂତନ ହୋଇ
ବର୍ଷର ପ୍ରଥାକୁ ଭ
ଦ୍ରବ୍ୟର ଏ ନଗରସ୍ଥି
ଗୃହ ପାଞ୍ଚକୋଶ ଅନ୍ତ
ଏକଟେ ଟିଶାଇ ଏକ
ଏକଜଣର ଡାକ ଗ୍ର
କେହି୨ ତଦପେକ୍ଷା
ତାହାଙ୍କୁ ଦେଲେ ନାହିଁ
ହୋଇଅଛି ଯେ ଏ ନ
ପାଶର ସମସ୍ତ ଗଞ୍ଜେଇ
ଇତ୍ୟାଦି ଦୋକାନ ଏକ
ଅଛି ଏବଂ ପୁରୁଣା
ମଣ୍ଡରେ ହାତ ଦେଇ
ଦ୍ରବ୍ୟର ବିକ୍ରୟ ଏକଚାଟି
ମେଣ୍ଟଙ୍କ ସାଧାରଣ ନୀତିବ
ଷତଃ ରେବନ୍ୟୁ ବୋରଡ
ଏକଚାଟିଆ ବ୍ୟବସାୟ
ନୂତନ ଡେପୁଟୀ କଲେକ୍ଟର
ପ୍ରଥା ପ୍ରଚଳିତ କରୁଅଛନ୍ତି
କମିଶ୍ନର ଅଥବା ବୋରଡଙ୍କ
ଏହା ହୋଇଅଛି ଆମ୍ଭେମାନେ
ମନେ ଯାହାର ଆଦେଶରେ
କେତେ ଏବଂ ପୁରୁଣା କରେ

ଣେ ସ୍ୱତନ୍ତ୍ର ଡେପୁଟୀ କଲେ-
ଆସିଅଛନ୍ତି । ସେ ଅନ୍ୟାନ୍ୟ
ଗିଂଦେଇ ଏବଂ ମାଦକ-
ର ସମସ୍ତ ଏବଂ ଏ ନଗରର
ରେ ଥିବା ଦୋକାନମାନ
୨ ଲଟରେ ନିଲାମ କରି
ଣ କଲେ ଏବଂ ଅପର
ଅଧିକ ଡାକିଲେ ସ୍ୱବା
। ଏଥିରେ ଫଳ ଏହି
ଗର ଏବଂ ତହିଁ ଆସ-
ଆସୁ ମଦରୁ ସନ୍ତବ ତାହ
ବ୍ୟକ୍ତିଙ୍କୁ ଦିଆ ଯାଇ-
ଦୋକାନଦାରମାନେ
ସିଅଛନ୍ତି । କୌଣସି
ଆ କରିବା ଗବର୍ଣ୍ଣ-
ରୁଦ୍ଧ ଅଟଇ । ବିଶେ-
ଙ୍କ ଅବକାଶୀବିଧିରେ
ଅନୁମୋଦିତ ନୁହଇ ।
ସ୍ୱୟଂ ଏହି ନୂତନ
କମା ଅବକାଶୀ-
ଆଦେଶାନୁସାରେ
ନ କହି ନ ପାରୁଁ
କେହି ଏହାକୁ ସ୍ଥ
ତା ଉଭୟଙ୍କର

କ୍ଷତି ହୋଇଅଛି ସନ୍ଦେହ ନାହିଁ । ନୂତନ ଠିକା-
ଦାର ଏଥିମଧ୍ୟରେ ଆଫୁର ଦର ଭରି ଟ ୦।୵୬-
ସ୍ଥଳେ ଟ ୦ ୳୵ କରିଦେବାରୁ ଅଫୁଆମାନେ
ବଡ଼ ଦୁଃଖରେ ଅଛନ୍ତି । ଆଫୁର ଅମଳ ଏକ-
ଦିନରେ ତ୍ୟାଗ ବା ଊଣା କରିବାର ନୁହଇ ।
ଅଧିକାଂଶ ଦୁଃଖିଲୋକ ଏଥିର ଗ୍ରାହକ ବର୍ତ୍ତ-
ମାନ ଚାଉଳର ଦୁର୍ମୂଲ୍ୟ ସଙ୍ଗେ ଆଫୁର ଉଚ୍ଚ-
ଦର ସେମାନଙ୍କୁ ବଡ଼ ବାଧୁଅଛି । ମାଦକଦ୍ରବ୍ୟ
ବିକ୍ରୟ ଉଭୟ ସଦର ମୋଫସଲରେ ଅନେକ
ଲୋକ ଆପଣା କୁଟୁମ୍ବ ପାଳୁଥିଲେ । ସେମାନଙ୍କୁ
ଛଡ଼ାଇଦେଇ ଏକଲୋକକୁ ଦେବାରେ ସେ-
ମାନଙ୍କର ଏ ଦୁଃସମୟରେ ନିର୍ବାହ ହେବାର
ଉପାୟ ନାହିଁ । କେହି କହିପାରେ ଯେ ମାଦ-
କଦ୍ରବ୍ୟର ବ୍ୟବହାର ଊଣା କରିବା ଯେସ୍ଥଳେ
ଗବର୍ଣ୍ଣମେଣ୍ଟଙ୍କ ଉଦ୍ଦେଶ୍ୟ ସେ ସ୍ଥଳେ ତହିଁର
ବ୍ୟବସାୟ ଏକଚାଟିଆ କରି ମୂଲ୍ୟ ବୃଦ୍ଧି କରି-
ବାର କୌଶଳ ଅନ୍ୟାୟ ହୋଇ ନ ପାରେ ।
ମାତ୍ର ଏ ଯୁକ୍ତି ଅସାର ଅଟଇ । ପୀଡ଼ାବଶତଃ
ଅନେକଲୋକ ଆଫୁ ସେବା କରନ୍ତି ସେମାନଙ୍କ-
ଠାରୁ ଅଧିକ ନେବା କି ଭଲ ? ସରକାର
ପ୍ରତ୍ୟେକ ସ୍ଥଳର ଅବସ୍ଥା ଦେଖି ମାଦକଦ୍ରବ୍ୟର
ମାସୁଲ୍ ଏବଂ ଲାଇସେନ୍ସ ବୃଦ୍ଧି କରି ତହିଁର ଫଳ
ପାଉଅଛନ୍ତି । ଯେବେ ସରକାରଙ୍କ ଧାର୍ଯ୍ୟ
କରିଥିବା ମୂଲ୍ୟରେ ଅପର କେହି ଦୋକାନ
ନେବାକୁ ନ ବାହାରନ୍ତେ ତେବେ ଏକବ୍ୟକ୍ତିକୁ
ଦେବାରେ କିଛି ଦୋଷ ନ ଥିଲା । କିନ୍ତୁ
ଅନେକ ଗ୍ରାହକ ଥିବାପ୍ରତ୍ୟକ୍ଷେ ଏକଜଣକୁ
ଦେବା ଏବଂ ତଦ୍ୱାରା ତାଙ୍କଙ୍କର କ୍ଷତି କରି ଏକ
ଜଣକୁ ଅଧିକ ଲାଭବାନ୍ କରାଇବା ସରକାର-
ଙ୍କର ଉପଯୁକ୍ତ କାର୍ଯ୍ୟ ନୁହଇ । ଆମ୍ଭେମାନେ
ଶୁଣିଲୁଁ ଯେ ଏ କେତେକଜଣ ଦୋକାନଦାର
କଲେକ୍ଟରଙ୍କ ନିକଟରେ ଗୁହାରି କରିଥିଲେ
ସେ ନ ଶୁଣିବାରୁ ସଦରକୁ ଅପିଲ କରିଅଛନ୍ତି ।
ଅପିଲର ଫଳ ପରେ ପ୍ରକାଶ ପାଇବ । ମାତ୍ର
ଏହା ବ୍ୟକ୍ତିବିଶେଷର ସ୍ୱାର୍ଥସଙ୍ଗେ ସମ୍ପର୍କ
ରଖେ । ଅପିଲ ଗ୍ରାହ୍ୟ ହେଉ ବା ନ ହେଉ
ସାଧାରଣ ସ୍ୱାର୍ଥଦୃଷ୍ଟିରେ ଗବର୍ଣ୍ଣମେଣ୍ଟଙ୍କର ଏ
ବିଷୟରେ ହସ୍ତକ୍ଷେପ କରିବାର ଆବଶ୍ୟକ
ହୋଇଅଛି । ଭରସା କରୁଁ କର୍ତ୍ତୃପକ୍ଷମାନେ
ଏଥିର ଉଚିତ ବିଚାର କରିବେ ।

—୦✻୦—

ସଂସ୍କୃତଶିକ୍ଷାର ଉନ୍ନତି ।

ବଙ୍ଗପ୍ରଦେଶର ଟୋଲ ଅର୍ଥାତ ସଂସ୍କୃତ-
ଶିକ୍ଷାଦାନର ବିଦ୍ୟାଳୟମାନଙ୍କର ଅବସ୍ଥା ଅନୁ-
ସନ୍ଧାନ କରିବା କାରଣ ବଙ୍ଗୀୟ ଛୋଟଲାଟ
ଶ୍ରୀ ମହାମହୋପାଧ୍ୟାୟ ମହେଶଚନ୍ଦ୍ର ନ୍ୟାୟରତ୍ନଙ୍କୁ
ପ୍ରେରିତ କରିଥିବା ବିଷୟ ଯଥାସମୟରେ ପାଠ-
କମାନଙ୍କୁ ଜଣାଇଅଛୁଁ । ନ୍ୟାୟରତ୍ନ ମହାଶୟ
ବଙ୍ଗ ବିହାର ଏବଂ ଓଡ଼ିଶାର ନାନା ଟୋଲମାନ
ସନ୍ଦର୍ଶନ କରି ସେ ସମସ୍ତର ଅବସ୍ଥା ଓ ସଂସ୍କୃତ-
ଶିକ୍ଷାର ଉନ୍ନତି ବିଷୟରେ ଉପଯୁକ୍ତ ପ୍ରସ୍ତାବ-
ମାନ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇବାରୁ ମାନ୍ୟବର
ଛୋଟଲାଟ ସେ ସମ୍ବନ୍ଧରେ ଗୋଟିଏ ନିର୍ଦ୍ଧାରଣ
ଲିପିବଦ୍ଧ କରି ସର୍ବସାଧାରଣଙ୍କ ଗୋଚରାର୍ଥେ
କଲିକତାଗେଜେଟ ଯୋଗେ ପ୍ରଚାର କରିଅ-
ଛନ୍ତି । ତହିଁର ସଂକ୍ଷେପ ମର୍ମ ନିମ୍ନେ ପ୍ରକଟିତ
ହେଲା । ଯଥା ।

ମହାମହୋପାଧ୍ୟାୟଙ୍କ ଅନୁସନ୍ଧାନରୁ ପ୍ରକାଶ
ଯେ ବିହାରପ୍ରଦେଶରେ ସଂସ୍କୃତଶିକ୍ଷାର ନିତାନ୍ତ
ଅବନତି । ଏଠା ପଣ୍ଡିତଙ୍କ ଦରିଦ୍ରତା ହେତୁ
ଟୋଲର ଅବସ୍ଥା ବଡ଼ ମନ୍ଦ ଅଟଇ । ପଣ୍ଡିତ-
ମାନେ ଅଧିକାଂଶ କାଳ ସାହାଯ୍ୟ ଆଶାରେ

Digitized by srujanika@gmail.com

ନାନାସ୍ଥାନରେ ବାଲକମାନଙ୍କୁ ଶିକ୍ଷା ଦେବାକୁ ଅବସର ପାନ୍ତି ନାହିଁ । ବହାରର କେତେଜଣ ରାଜା ( ତହିଁମଧ୍ୟରେ ଦରଭଙ୍ଗାର ମହାରାଜା ପ୍ରଧାନ ) ଆପଣା୨ ବ୍ୟୟରେ ସଂସ୍କୃତବିଦ୍ୟାଳୟମାନ ରଖିଅଛନ୍ତି ଓ କେହି୨ ଛାତ୍ରମାନଙ୍କ ଗ୍ରାସାଚ୍ଛାଦନ ମଧ୍ୟ ଦେଉଛନ୍ତି । ଓଡ଼ିଶା ପ୍ରଦେଶ ମଧ୍ୟରେ ବାଲେଶ୍ୱରରେ ଅଦୌ ଟୋଲ ନାହିଁ ପୁରୀରେ କେତେଗୁଡ଼ିଏ ଏବଂ କଟକରେ ଟୋଲ ଅଛି । ଯାଜପୁରରେ ପୂର୍ବେ ସଂସ୍କୃତ ଚର୍ଚ୍ଚା ବିଶେଷ ଥିଲା । ଅଦ୍ୟାପି ଦୁଇଜଣ ଅଧ୍ୟାପକ ସେଠାରେ ଅଛନ୍ତି ଯେ ସେମାନେ ଅଗ୍ନି ଜାଗ୍ରତ ରଖିଅଛନ୍ତି ଏବଂ ପ୍ରତିଦିନ ହୋମ କରନ୍ତି । ସ୍କୁଲରେ ସଂସ୍କୃତ ବିଦ୍ୟା ଓଡ଼ିଶାରେ ବିହାର ଅପେକ୍ଷା ଭଲ । ସଂସ୍କୃତ ଉପାଧି ପ୍ରଦାନ ପରୀକ୍ଷା ଆରମ୍ଭ ହେବା ଦିନଠାରୁ କଷ୍ଟର ଆଦର ବଢ଼ିଅଛି । କେବଳ ପୁରୀ ଓ ଯେତ୍କାନାରୁ ଏପର୍ଯ୍ୟନ୍ତ ଏ ପରୀକ୍ଷା ଦେବାକୁ ଛାତ୍ର ବାହାରିଅଛନ୍ତି । ଅନ୍ୟତ୍ରେ ଏ ନିୟମ ପ୍ରାୟ ଦେଖା ଯାଉନାହାନ୍ତି । ପୂର୍ବେ ଓଡ଼ିଶାର ରାଜାମାନେ ଭୂମିଦାନ କରି ଶାସନ ବସାଇ ସଂସ୍କୃତ ଶିକ୍ଷାର ଉତ୍ସାହ ଦେଉଥିଲେ । ଏଣିକି ତାହା ରହିତ ହେବାରୁ ସଂସ୍କୃତର ଚର୍ଚ୍ଚା ଊଣା ପଡ଼ିଅଛି । ପୁରୀରେ ସଂସ୍କୃତପାଠଶାଳା ଛଡ଼ା କେତେକ ମଠରେ ଟୋଲମାନ ଅଛି । ଏ ଜିଲ୍ଲାର କେତେକ ଟୋଲର ପଣ୍ଡିତମାନେ ଟ୍ଟ ବିନାମୂଲ୍ୟରେ ଶିକ୍ଷା ଓ ଗ୍ରାସାଚ୍ଛାଦନ ନ ଦେଇ ପ୍ରତ୍ୟେକ ଛାତ୍ରଠାରୁ ଅବସ୍ଥା ଅନୁସାରେ ଏକ, ଦୁଇ ବା ତିନିଅଣା ଲେଖାଏଁ ବେତନ ଗ୍ରହଣ କରନ୍ତି ।

ବଙ୍ଗପ୍ରଦେଶ ତୁଳନାରୁ ସଂସ୍କୃତବିଦ୍ୟା ବିଶେଷତଃ ନ୍ୟାୟ ହିମନ୍ତେ ଦୁଃଖୀତ । ଏଠାରେ ପୂର୍ବେ ଅନେକ ଟୋଲ ଥିଲା ଓ ଛାତ୍ରମାନେ ଗ୍ରାସାଚ୍ଛାଦନ ପାଇ ବିଦ୍ୟାଶିକ୍ଷା କରୁଥିଲେ । ସମ୍ପ୍ରତି ପଣ୍ଡିତମାନଙ୍କର ଆୟ ଊଣା ହେବାରୁ ସେପରି ନାହିଁ ।

ଏପରି କେତେଗୁଡ଼ିଏ ସ୍ଥାନୀୟ କାରଣରୁ ସଂସ୍କୃତଶିକ୍ଷାର ଉନ୍ନତି ହେଉଅଛି । ଏପରିସ୍ଥଳେ ବିହାରରେ ଗୋ ୨୦ ଟା ଓ ବଙ୍ଗଳାରେ ଟୋଲ ୫ ଟା ଅଛି । ଓଡ଼ିଶାରେ ଅପେ ନାହିଁ ।

ସଂସ୍କୃତଶିକ୍ଷାର ଉନ୍ନତି ଉଦ୍ଦେଶ୍ୟରେ ମହାମହୋପାଧ୍ୟାୟଙ୍କ ପ୍ରସ୍ତାବମାନ ବିବେଚନାକରି ମାନ୍ୟବର ଲେଫ୍ଟେନାଣ୍ଟ ଆଦେଶ କରିଅଛନ୍ତି ଯେ ସନ ୧୮୯୨।୯୩ ସାଲରେ ନୂତନ ଟୋଲ-

ମାନଙ୍କୁ ମାସିକ ଟ ୧୦୦ ଙ୍କା
ଟ ୫୦ ଙ୍କା ଲେଖାଏଁ ଗୋ
ମୋଟରେ ୩ ଟା ବୃତ୍ତି ଦିଆ
ଗଞ୍ଜରେ ଗୋଟିଏ ଟ ୪୦
ଗୋଟିଏ ଟ ୩୦ ଙ୍କାର ବୃ

ପ୍ରଥମପରୀକ୍ଷାର ଫଳାନୁ
ଶିକ୍ଷକଙ୍କୁ ମାସିକ ଟ ୬ ଙ୍କା
ମାସିକ ଟ ୮ ଙ୍କା ଲେଖା
କ୍ଷରେ ନ ୧୫ ଣ ଶିକ୍ଷ
ଓ ନ ୧୫ ଣଙ୍କୁ ମାସିକ
ପୁରସ୍କାର ଦିଆଯିବ । ଏ
ପରୀକ୍ଷାର ଫଳାନୁସାରେ
ଟ ୨ ଙ୍କା ଲେଖାଏଁ
ଫଳାନୁସାରେ ନ ୩୦
ମାସକୁ ଟ ୪ ଙ୍କା ଲେଖା
ଏମନ୍ତେ ସନ ୧୮୯୨
ଟ ୧୩୨୪୦ ଙ୍କା ଓ
ରେ ଟ ୧୫୬୦୦ ଙ୍କ
ସନ ୧୮୯୩।୯୪ ର
ଙ୍କା ବ୍ୟୟ ହେବ ।
ରଣ ଏବଂ ପରୀକ୍ଷ
ସମ୍ବନ୍ଧରେ ନିୟମ
ରେକ୍ଟର ସାହେବ

ଟ ୬୦ ଙ୍କା ଏବଂ
ଟିଏ୨ ବୃତ୍ତି ଅର୍ଥାତ୍
ଯିବ ଏବଂ ଗ୍ରହଣ-
ଙ୍କାର ଓ ପୁରୀରେ
ତ୍ତି ଦିଆଯିବ ।
ରୀକ୍ଷାରେ ନ ୨୦ ଣ
। ଓ ଆଉ ନ୨୦ଣଙ୍କୁ
ଏ ଓ ଦ୍ୱିତୀୟ ପରୀ-
କ୍ଷଙ୍କୁ ମାସିକ ଟ୧୦ ଙ୍କା
ଟ ୧୨ ଙ୍କା ଲେଖାଏଁ
ଏପରି ଛାତ୍ରମାନଙ୍କୁ ପ୍ରଥମ-
ର ନ ୧୦୦ ଣଙ୍କୁ ମାସକୁ
ଏବଂ ଦ୍ୱିତୀୟପରୀକ୍ଷାର
ଣ ଛାତ୍ରଙ୍କୁ ଜଣପ୍ରତି
ଏ ପୁରସ୍କାର ଦିଆଯିବ ।
।୯୩ ସାଲରେ ସର୍ବସୁଦ୍ଧା
ସନ ୧୮୯୩।୯୪ ସାଲ-
ା ବ୍ୟୟ ହେବ । ଅତଃପର
ଲଠାରୁ ବାର୍ଷିକ ଟ୧୮୦୦୦-
ଏହି ସମସ୍ତ ପୁରସ୍କାର ବିତ-
ଥାର ସ୍ଥାନ ଓ ବିଷୟମାନଙ୍କ
ନ୍ୱ.ଦଲୀ ଶିକ୍ଷାବିଭାଗର ଡାଇ-
ପ୍ରସ୍ତୁତ କରିବେ ।

ପରିଶେଷରେ ମାନ୍ୟବର ଲେଫ୍ଟେନାଣ୍ଟ ବାହା-ଦୂର ... ଶାସ୍ତ୍ରୀଙ୍କ ଉପାଧ୍ୟାୟର ଉନ୍ନତି କରିବାପାଇଁ ଉପଯୁକ୍ତ ସାହାଯ୍ୟ ଏବଂ ଉତ୍ସାହ ଦେବା ନିମନ୍ତେ ବଙ୍ଗପ୍ରଦେଶର ଧନାଢ୍ୟ ସମ୍ଭ୍ରାନ୍ତ ଏବଂ ଅପର ଭଦ୍ରଲୋକଙ୍କୁ ଅନୁରୋଧ କରିଅଛନ୍ତି । ଅମ୍ଭେମାନେ ଏକାନ୍ତ ଆଶା କରୁଁ କି ମାନ୍ୟବର ମହୋଦୟଙ୍କ ଏହି ଅନୁରୋଧ ବୃଥା ହେବ ନାହିଁ ଏବଂ ଅପାରତଃ ସେ ଯେଉଁ ସରକାରୀ ସାହାଯ୍ୟ ମଞ୍ଜୁର କରିଅଛନ୍ତି ତଦ୍ୱାରା ସଂସ୍କୃତଶିକ୍ଷାର ଅନେକ ଉନ୍ନତି ହେବ । ଏଥିପାଇଁ ଅମ୍ଭେମାନେ ତାହାଙ୍କୁ ଧନ୍ୟବାଦ ପ୍ରଦାନ କରୁଅଛୁଁ ।

---

# ସାପ୍ତାହିକ ସମ୍ବାଦ ।

ଏସପ୍ତାହରେ ଏଠାରେ ଅପେ ବୃଷ୍ଟି ହୋଇ ନାହିଁ । କେବଳ ମେଘ ଉଠାଉଠି । ପ୍ରବଳପବନ ହେତୁ ଗ୍ରୀଷ୍ମ ଊଣା ଅଛି ।

ପୀଡ଼ାର ଅବସ୍ଥା ପୂର୍ବପ୍ରାୟ । ଅର୍ଥାତ୍ ଜ୍ୱର ଓ ବସନ୍ତ ପ୍ରାୟ ଲାଗି ରହିଅଛି ମାତ୍ର ଅତ୍ୟନ୍ତ ସାଂଘାତିକ ନୁହଇ ।

କଟକ ... ବୃଦ୍ଧି ହୋଇଅଛି ।

ସମ୍ବାଦ ବାହାରିଲେ ପାଠକଙ୍କୁ ଯେ ବାଲେଶ୍ୱରର ଥାନେ ୨ ଓଳାଉଠା ମାରିଅଛି ।

ଗତ ସୋମବାର ପ୍ରୀଟାସ୍କୀନ୍ସ ସାହେବ ବାଠଯୋଗ ଭୂଲରେ ପାଞ୍ଚ ଯାତ୍ରା ହୋଇଥିବ । ମାତ୍ର ପାଞ୍ଚଙ୍କ ମଧ୍ୟରେ ମାରଲିଡ ବୋଲ ଯାତ୍ରା ଜାଣି ଗଲା ।

ମୋଫସଲର ବାଣ୍ୟାପୀଡ଼ିତ ଅଞ୍ଚଳରେ ଓଳାଉଠା ଲାଗିଅଛି ।

ଗତ ମୋକ୍ତାର ପରୀକ୍ଷାରେ ଓଡ଼ିଶାରୁ ନ ୧୩ ଣ ପରୀକ୍ଷାର୍ଥୀ ହୋଇଥିଲେ କେବଳ ସୁଶୀଳଶଙ୍କର ନାମକ ଏକଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଏଥିରୁ ଏପରୀକ୍ଷା ମଧ୍ୟ କଠିନ ହେବାର ଜଣାଯାଏ ।

## କଲିକତା-ଗେଜେଟ ।

ଅସ୍ଥାୟୀଭାବରେ ସବ୍-ଡେପୁଟୀ କଲେକ୍ଟରମାନେ ଓଡ଼ିଶାର ଜରୀପକାର୍ଯ୍ୟରେ ନିଯୁକ୍ତ ହେଲେ ।

ବାବୁ ଜ୍ୟୋତିରିନ୍ଦ୍ରମୋହନ ସିଂହ ବାବୁ ସୁରେଶଚନ୍ଦ୍ର ଦତ୍ତବାବୁ
" ବ୍ରଜେନ୍ଦ୍ରନାଥ ଘୋଷ " କ୍ଷିତୀଶଚନ୍ଦ୍ର ଦତ୍ତ
" କାଶୀକାନ୍ତ ଚୌଧୁରୀ " ଅମୃତଲାଲ ଗୁପ୍ତ

ବଙ୍ଗଳା ଇନିସଂକାନ୍ତ ଡାଇରେକ୍ଟର ମିଃ ଏମ୍ ଫିନ୍‌ଲେ ଆଗାମୀ ମଇମାସ ତା ୨ ଠାରୁ ଛଅ ମାସର ଫର୍ଲୋ ଛୁଟି ପ୍ରାପ୍ତ ହୋଇଅଛନ୍ତି ।

ଓଡ଼ିଶା ଜରିପ କାର୍ଯ୍ୟରେ ନିଯୁକ୍ତ ମିଃ ପି, ସି, ପଲ୍ସ୍‌ ଜୋଇଣ୍ଟ ମାଜିଷ୍ଟ୍ରେଟ ଓ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବଙ୍ଗଳାର ଅବକାଶ ନେଉଥିବା କମିଶନର ମିଃ ଇ, ଭି, ୱେଷ୍ଟମେକଟ୍ ମା ୩ ସର ଫର୍ଲୋ ଛୁଟି ଗ୍ରହଣ କରିବାରୁ ତାଙ୍କ ସ୍ଥାନରେ ମାଲ୍‌ଦାର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ସି, ଏ, ସାମୁଏଲ୍ସ ଅସ୍ଥାୟୀ ଭାବରେ ନିଯୁକ୍ତ ହେଲେ ।

କଟକର ସବ୍-ଡେପୁଟୀ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ନାଗ ମା ୩ ସର ଛୁଟି ପ୍ରାପ୍ତ ହେଲେ ।

ଓଡ଼ିଶା ଜରିପ ବିଭାଗର ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମଚନ୍ଦ୍ର ନାୟକ ଗତ ଜାନୁଆରି ମାସ ତା ୩୦ ରିଖ ଅବଧି ସଂଶୋଧନରେ ୬ ଶ୍ରେଣୀର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ପଦରେ ନିଯୁକ୍ତ ହେଲେ ।

ବାଲେଶ୍ୱରର ଡେପୁଟୀ ମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ବଳବାହାଦୁର ସିଂହ ବଙ୍ଗଳାଭାଷାର ଉଚ୍ଚତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ।

ଡାକ୍ତର ଜୋନ୍ସଙ୍କ ଛୁଟି କାଳରେ କଟକର ଲେଫ୍ଟେନେଣ୍ଟ କର୍ଣ୍ଣେଲ ସର୍ଜନ୍ କାପ୍ତେନ ଜେ, ଓ, ପିଂଲୋ କଟକ ସିଭିଲ୍ ସର୍ଜନଙ୍କ କାର୍ଯ୍ୟ ଅଧିକା ସ୍ୱରୂପ କରିବେ ।

---

ଦୁର୍ଭିକ୍ଷଜନ୍ୟ ଦୁର୍ଦ୍ଦିଶ କଷ୍ଟ ଦୂର ହୋଇଅଛି । ବଜାରରେ ଯଥେଷ୍ଟ ଚାଉଳ ମିଳୁଅଛି ଏବଂ ଦର ମଧ୍ୟ ଊଣା ହୋଇଅଛି ।

ଅସ୍ମମାନଙ୍କ କଲେକ୍ଟର ଙ୍କ ... କେଉଁଠାରେ ରେଳପ୍ରଥା ... ଉକ୍ତ ... କଥା ଶୁଣି ମାତ୍ର ତାହା ଉତ୍ତର ... ସେ ସିଲଂକୁ ଯାଉଥିଲେ । ଅଦ୍ୟାପି ସ୍ଥିର ଏଥିର କାରଣ ହେବ ।

ଚଳିତ ବର୍ଷ ଏବର୍ଷ ଦୁଇକୋଟି ଟଙ୍କା ବଢ଼ିଅଛି । ଏଥିମଧ୍ୟରୁ ଏକକୋଟି କେବଳ ଅବକାରୀ ହେତୁରୁ ଅଟଇ । ସତ କଥା କି ଦୁଃଖ ବିଷୟ ହୁଏ ଦେଶୀମାନେ ଭାରତବର୍ଷର ଅସ୍ତ୍ର ବ୍ୟବହାର ଦମନରେ ଏତେ ବ୍ୟସ୍ତ ନାହାନ୍ତି ?

ଅସ୍ମମାନଙ୍କର ଲେଫ୍ଟେନାଣ୍ଟ ବଡ଼ ଏହିବାର ଦରବାର ଦେବ ଅଛିଅଛନ୍ତି ।

Digitized by srujanika@gmail.com

( ବର୍ତ୍ତମାନ ସମୟ । )

ବସନ୍ତଯୌବନ ହେଲା ପ୍ରବେଶ । ଉଥାପି ଋତୁ ବୈଭବ ପ୍ରକାଶ । ପ୍ରଚଣ୍ଡ ମାର୍ତ୍ତଣ୍ଡଙ୍କ ରଶ୍ମି ମାଳା । ଅବହେଳେ ଅବମାରେ ଯେ ଲୀଳା । କରେ କେଉଁବେଳେ । ପାନ୍ଥ ଅଶା ଲେଉଡ଼େ ବହୁପୀ ହଲେ । ୧ ।

ବହଇ ମୃଦୁଲ ମଳୟାନିଳ । ଅନନ୍ଦେ ସେ-ବନ୍ତି ପ୍ରାଣୀ ସକଳ । ପ୍ରଭଞ୍ଜନ ବେଗ ହୋଇ ବକାଶ । ବହଇ ଯେମନ୍ତ ବଡ଼ ବତାସ । ତାହା ଶବ୍ଦ ଶୁଣି । ପୂର୍ବ ବାର୍ତ୍ତା ପଡ଼େ ମନରେ ପୁଣି ॥

ବାରଭନଙ୍କର ଉଷା ପ୍ରଦୋଷେ । ବୃଷ୍ଟି ଆଶା ମନେ ପ୍ରକାଶେ । ଜଳ୍ୟ ଶବ୍ଦ ଯୋଗେ ହୁଅଇ ଲୀନ । ଉତ୍ପାତେ ଶୀତ ଅଳ୍ପ ଯେସନ । ତହୁଁ ପ୍ରାଣୀମାନେ । ଭୁଞ୍ଜନ୍ତି ଦୁଃଖ ଯାଞ୍ଚନ୍ତି ମନେ । ୩ ।

ରଜନୀପ୍ରାନ୍ତରେ ପୂର୍ବ କାଳେ । ଶୀତ-ପ୍ରଭାବେ ଜନେ ବଞ୍ଚନ୍ତି । ଅଦ୍ଭୁତ କରୁଣ-ଛନ୍ତି ଶଶାଇ । ଏବେ ବିପରୀତ ଜଳେ ଧ୍ୱନିରେ । ମୁହିଁ ଅଜ୍ଞାନ । କେମନ୍ତେ ଜାଣିବି ତାହା କାରଣ । ୪ ।

ଷଡ଼ଋତୁ ବସନ୍ତ ଯେ ମିଳିମିଳା । ଖରେ ବସୁଅଛନ୍ତି ଖେଳା । ମହାମୂଲ୍ୟ ହେବାରୁ ଯେ ଉଣ୍ଡୁକ । କଣିଷ୍ଠିଅଙ୍କର ପ୍ରାଣ କବଳ । କରକାଳୁ ଜୀବ । ଧବସ୍ତର ଯତ୍ନ କଲ ପ୍ରଭାବ । ୫ ।

ଦସ୍ୟୁ ତସ୍କରମାନେ ଉପଦ୍ରବ । ଅଗାର ଅଧ୍ୱେ କରଣ ଆରମ୍ଭ । ଧନ ଜୀବନ ମହତ୍ତ୍ୱରେ ଭୟ । ମନୁଜ ମନେ କଲେଣି ଉଦୟ । କଥାଲୁ ଅନେକ । କର ପ୍ରସ୍ତର କରୁଛନ୍ତି ଲୋକ । ୬ ।

ବନ୍ଦୋବସ୍ତରେ ପ୍ରଜା ଜମିଦାର । ବେଠି ଉତ୍କ୍ରୋଚ ଲାଗଇଥାର । କରଣ ହେବାରେ ଲଗିଛ ଚିତ୍ତ । ନିସ୍ୱ ଅଳପେ ଶୁଅନ୍ତି ସତ । କର ବୃଦ୍ଧି ହେବା । ଅଧିକା ବୟ ବ ଭୁଞ୍ଜେ ହୋଇବା । ୭ ।

ଅହେ ଜଗନ୍ନାଥ ପତିତତ୍ରାଣ । ବ୍ରହ୍ମାଣ୍ଡ-ଧୀଶ୍ୱର ହେ ନିରଞ୍ଜନ । କରୁଣ ସୁଦୟ ହୋଇ ପ୍ରସନ୍ନ । ବେଗେ ହରନ୍ତେ ଭବ ଅବସାନ । ହେ ଶରଣ୍ୟ ନାଥ । ଶାସ୍ତ୍ରପାଠେ ଦେବରସ୍ତ ମେଷ । ୮ । ଇତି ।

୧୦।୩।୯୬ ବେଲବୋଇସୁଲ } । ଇ । ଶ୍ରୀ ଚନ୍ଦ୍ରଶେଖର ପଟ୍ଟନାୟକ ୨ୟ ଶ୍ରେଣୀସ୍ଥ ।

—○ ✻ ○—

ମହାଶୟ !

ଏଠା ଭଗବଦ୍ଭକ୍ତିପ୍ରଦାୟିନୀ ସଭାର "ଭକ୍ତିତତ୍ତ୍ୱ" ନାମରେ ଷଣ୍ମାସ ମାସିକପତ୍ର ବାହାରିବାର ଅନୁଷ୍ଠାନପତ୍ର ବାହାରିଥିଲା । ସଭାରୁ ଇତିପୂର୍ବେ ଧର୍ମସମ୍ବନ୍ଧୀୟ ପତ୍ରିକା ଦୁଇ ଉକ୍ତ ସମୟରେ ବାହାରିଥିଲା ଏବଂ ତହିଁରେ ହିନ୍ଦୁଧର୍ମ-ସମ୍ବନ୍ଧୀୟ ନାନାପ୍ରକାର ଆଲୋଚନା ଏବ ଧର୍ମଗ୍ରନ୍ଥ ପ୍ରକାଶର ସୁବିଧା ହୋଇଥିଲେହେଁ ଗ୍ରାହକମାନଙ୍କ ଦାନଶୀଳତା ଗୁଣରୁ ଅଳ୍ପକାଳ ମଧ୍ୟରେ ଲୋପପ୍ରାପ୍ତ ହୋଇଥିଲା । ସଭା ସ୍ୱତନ୍ତ୍ର ନିଶ୍ଚେଷ୍ଟ ହୋଇ ରହିଥିଲେ । ଅଳ୍ପଦିନ ହେଲେ ହିନ୍ଦୁଧର୍ମର ଅମୂଲ୍ୟ ଗ୍ରନ୍ଥ ଶ୍ରୀମଦ୍ଭାଗବତ ପୁର୍ବରୂପେ ଦେଶରେ ପ୍ରଚଳିତ ହେବା ବିଷୟରେ ସଭାରେ ତର୍କ ଉପସ୍ଥିତ ହେବାରେ ତାହା କରିବା ଉଚିତ ବିବେଚନା କରି ସର୍ବସାଧାରଣଙ୍କର ତହିଁରେ କିରୂପ ଅଗ୍ରହ ଅଛି ତାହା ବୁଝି ମାସିକପତ୍ରିକା-ଦ୍ୱାରା ପ୍ରଚାରକାର୍ଯ୍ୟରେ ବ୍ରତୀ ହେବାର ସ୍ଥିର ହୋଇଥିଲା । ସେହି ହେତୁରୁ ଖର୍ଚ୍ଚା ଅନୁମାନରେ ଅଗ୍ରୀମମୂଲ୍ୟ ସହିତ ନ୍ୟୂନପକ୍ଷରେ ପାଞ୍ଚଶତ ଗ୍ରାହକ ହେଲେ କାର୍ଯ୍ୟ ଏହି ବୈଶାଖମାସରୁ ଆରମ୍ଭ ହୋଇଥାନ୍ତା । ଅବଶ୍ୟ ପତ୍ରିକାର ଆକାର ଗୁରୁତର କାର୍ଯ୍ୟପ୍ରତି ଦୃଷ୍ଟି କଲେ ନିତାନ୍ତ ଊଣା ଥିଲା ଏବଂ ଉଦ୍ଧାର ଶ୍ରୀମଦ୍ଭାଗବତ ଶେଷ ହେବାକୁ ବ ୭ ବର୍ଷ କାଳ ଲଗିଯାନ୍ତା । ମାତ୍ର ଏପରି ଅନୁମାନ କରାଗଲା ଯେ ଶ୍ରୀମଦ୍ଭାଗବତ ପ୍ରତି ଏଠାରେ ଲୋକଙ୍କର ବିଶେଷ ଅଗ୍ରହ ଏବଂ ସହସ୍ରାଧିକ ଗ୍ରାହକ ହୋଇ-ପାରିବେ । ସେ ଅନୁମାନ ସଙ୍ଗତ ହେଉ ଅବା ନ ହେଉ ବାର୍ଷିକ ଟ ୨ ଙ୍କା ଧର୍ମକାର୍ଯ୍ୟରେ ଖର୍ଚ୍ଚ କରିବାକୁ ଅବଶ୍ୟ ଏ ଦେଶରେ ଅନେକ ଲୋକ ଅଛନ୍ତି ଏ କଥା କେହି ଅସ୍ୱୀକାର କରି ପାରିବେ ନାହିଁ । ତେବେ ସଭାର ଏ କାର୍ଯ୍ୟ-ପ୍ରତି ଶ୍ରଦ୍ଧା ନ ବଳିବା ଭିନ୍ନକଥା । ସଭା ତତ୍ତ୍ୱ ଲାଭ ଆଶାରେ ଏକାର୍ଯ୍ୟରେ ହସ୍ତକ୍ଷେପଣ କରି ନ ଥିଲେ । ସହସ୍ର ଗ୍ରାହକ ହୋଇଥିଲେ ପତ୍ରିକାର କଳେବର ମାସିକ ଫ ୮ ମୀ ହୋଇଥାନ୍ତା । ଅନ୍ୟାନ୍ୟ ପ୍ରବନ୍ଧବିଷୟକ ଫ ୧ ମୀ ବାଦ ହେଲେ ଅବଶିଷ୍ଟ ଫ ୭ ମୀରେ ଶ୍ରୀମଦ୍ଭାଗବତ ପ୍ରକାଶିତ ହୋଇଥାନ୍ତା । ଏଣୁ ଶ୍ରୀମଦ୍ଭାଗବତ ବ ୩ ବର୍ଷ ମଧ୍ୟରେ ପ୍ରକାଶିତ ହୋଇଯାନ୍ତା । ତହୁଁ ଅଧିକ ଗ୍ରାହକ ହୋଇଥିଲେ ସେହି-ପରିମାଣରେ ଅଳ୍ପତର ଊଣା ସମୟ ଲାଗନ୍ତା ।

ସେ ଯାହା ହେଉ ଅମ୍ଭେ ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରୁଅଛୁଁ ଯେ ସଭାର ପ୍ରସ୍ତାବ ସର୍ବସାଧାରଣରେ ଗୃହୀତ ହେଲା ନାହିଁ । ଅମ୍ଭେ କେବଳ ପଣାସଂକ୍ରାନ୍ତି ପର୍ଯ୍ୟନ୍ତ ମୂଲ୍ୟ ସହିତ ଜ ୩ ଣ ଗ୍ରାହକ ପାଇଥିଲୁଁ । ସୁତରାଂ ସେମାନଙ୍କର ମୂଲ୍ୟ ଫେରନ୍ତ ଦେଉଅଛୁଁ ।

ଆପଣ ଅନୁଗ୍ରହପୂର୍ବକ ସର୍ବସାଧାରଣଙ୍କ ଦ-ବଗତାର୍ଥ ଉପରଲିଖିତ ବିଷୟ ପତ୍ରିକାସ୍ଥ କଲେ ପରମ ଉପକୃତ ହେବୁଁ ।

ଆପଣଙ୍କର ବଶମ୍ବଦ

କଟକ ୧୨।୪।୯୬ } ଶ୍ରୀ ରାମଶଙ୍କର ରାୟ ଭଗବଦ୍ଭକ୍ତିପ୍ରଦାୟିନୀ ସଭାର ମେନେଜର ।

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ମାଧବର ପଟ୍ଟନାୟକ ନୟାଗଡ଼ | ଟ ୩ ୧ |
| " ଭବାନନ୍ଦ ଦାସପାଟଣା ପୁର | ଟ ୧ ୪ |
| " ଚନ୍ଦ୍ରବନ୍ଧୁ ମହାନ୍ତି ଷୋଳପେଣା | ଟ ୩ ୧ |
| " ସଚ୍ଚିଦାନନ୍ଦ ପାତ୍ର କଟକ | ଟ ୩ ୧ |
| " ବଳରାମ ବୋଷ | ଟ ୩ ୧ |
| " ଚନ୍ଦ୍ରମଣି କାନଗୋଇ ଖାଲଣ୍ଡା | ଟ ୪ ୧ |

# ବିଜ୍ଞାପନ ।

ପୁରୁଷୋତ୍ତମଧାମର ଶ୍ରୀ ଶ୍ରୀ ଜଗନ୍ନାଥଜୀଉଙ୍କର ମନ୍ଦିରର ଫାସ୍ତୁଭଣ୍ଡାରବିଷୟକ ଚାନ୍ଦା ।

ପୂର୍ବପ୍ରକାଶିତ ଚାନ୍ଦାର ସମଷ୍ଟି ଟ ୩୨୭୦୦୫୬

| | |
|---|---|
| ବାବୁ ବଳରାମ ଲଗଡ଼, କଟକ | ଟ ୨୦୦ |
| ସ୍ୱପକ୍ଷ ଧନ ଏବ ହେଭେଡ଼ ଲୁଗା ଦୁରକରା | ଟ ୧୩ |
| କଟକର ତତ ସେନ୍‌ସସ୍ ଅଫିସର କିରାଣୀମାନେ ବାବୁ ଅକ୍ଷୟକୁମାର ଘୋଷଙ୍କଦ୍ୱାରା | ଟ ୨୫୵ |
| ମାଲଦାର ସାହାପୁର କାମ୍ପିନୀଙ୍କର ଚେୟାର ମାରଫତ ମୁନସୀ କାନ୍ତପ୍ରସାଦ | ଟ ୨୦ |
| ବାବୁ ଗୋବିନ୍ଦଚନ୍ଦ୍ର ନନ୍ଦ, ମୁନ୍ସେଫ ମେଦିନୀପୁର | ଟ ୩୦ |
| " ଶ୍ୟାମଲାଲ ଘୋଷ, ସ୍ୱର୍ଣ୍ଣ ଗାଲୋନ ଡିନାଜପୁର | ଟ ୨ ।୵ |
| " କେଦାରନାଥ ମଲ୍ଲିକ, ଗାନାଘର | ଟ ୩ |
| " ବାବୁ କାଳୀଚନ୍ଦ୍ର ଭଟ୍ଟାଚାର୍ଯ୍ୟ ଏବଂ ଅନ୍ୟାନ୍ୟ ତଲମେଗଡ଼ା, ଷାଉ ପୋଷ୍ଟ ଅଫିସ | ଟ ୭ ।୵ |
| ମାରଫତ ବାବୁ ଭଗବାନଚନ୍ଦ୍ର ମଜୁମଦାର ଗୋସାଇଁଗଣ୍ଡ, ଦରଭଙ୍ଗା | ଟ ୧୯ ।୵ |
| ବାବୁ ଜଦୁନାଥ ରାୟ, ଷତ୍ରାଣ, ମାନଭୂମ | ଟ ୪ |
| " ବସନ୍ତକୁମାର ସେନ, ଦିନାଜପୁର | ଟ ୫ |
| " ଦାଶରଥି ବୋଷ, ଗିଦ୍‌ଟ | ଟ ୨ ।୵ |
| ମାରଫତ ବାବୁ ହରିହରନାଥ, ସରକାର ଜିଲ୍ଲା, ନଦୀଆ | ଟ ୧୧୨ |

Digitized by srujanika@gmail.com

Split by PDF Splitter



ମାରଫତ ମୁନସୀ କାଳିପ୍ରସାଦ, ଷ୍ଟେସନ
　　ମାଷ୍ଟର, ଲଖନଉ ଗୋଥାଇପୁର ଟ ୪୬୮

ବାବୁ ଲଣାଲଦାସ ଚନ୍ଦ୍ର, ବୋମ୍ବେ　ଟ ୧୦

" ବେଣୀନାଥ ଘୋଷ, ବ୍ରାଞ୍ଚ ଫଣ୍ଡ ଷ୍ଟେସନ
　　ହେଡଙ୍ଗ ଟାଉନ ଟ ୨୫

ମାରଫତ ବାବୁ ଈଶ୍ୱରଚନ୍ଦ୍ର ସରକାର, ଗୋହାଟୀ ଟ ୧ ।

ମାରଫତ ବାବୁ ଈଶ୍ୱରଚନ୍ଦ୍ର ବାସ୍ତ, ବାଇଅଡିକ
　　ମାଲଦା ଟ ୩୩ ୧

ବାବୁ ନୀମାଇଚରଣ ମଜୁମଦାର, କନାଉସ　ଟ ୧୦ ୧

" ମହେଶଚନ୍ଦ୍ର ଚକ୍ରବର୍ତ୍ତୀ, ମାନ୍ଦଲପୁର　ଟ ୪ ୧

ପଣି ସାକ୍ଷୋଲ ପ୍ରେରଡ ବାବୁ ବଣ୍ଡୁ ଦତ୍ତ ଓଁକା
　　ମାରଫତ, ଜମାଲପୁର ଟ ୪ ୩୵

ବାବୁ ଭାବଣୀ କୁମାର ଭଟ୍ଟାଚାର୍ଯ୍ୟ, ଜମାଲପୁର ଟ ୨ ୮

ମାରଫତ ବାବୁ ଯୋଗେନ୍ଦ୍ରନାଥ ସାହା ଚଉଧୁରୀ
　　ପାବନା ଟ ୪୧ ୮

ବାବୁ ତ୍ରିଗୁଣ ଉପାଧ୍ୟାୟ, ମୋଜଫରପୁର　ଟ ୧୦ ୧

" କୃଷ୍ଣମୋହନ ମୁଖର୍ଜି, ସାତଶୀର　ଟ ୫ ୧

" ଗିରିଶଚନ୍ଦ୍ର ଭୌମିକ, ପାବନା　ଟ ୩ ୧

" ପାଣ୍ଡସାହୁ, କଟକ　ଟ ୧୦ ୧

ଶ୍ରୀମତୀ ନେଇନ୍ଦ୍ରେଓଁ।, କଟକ　ଟ ୨୦ ୧

ବାବୁ ରାମଚନ୍ଦ୍ର ପୁରି, କଟକ　ଟ ୨୦ ୧

ସାଣ୍ଡସାହୁ ବର୍ତ୍ତିକ ଅନ୍ୟ ଲେଖାଇ ଅଛନ୍ତି　ଟ ୧୩ ୧

ଟ ୪୩୩୮୪ ୬/ ୭୮

ଶ୍ରୀ ବଳରାମ ମଲ୍ଲିକ
ଅବୈତନିକ ସେକ୍ରେଟରୀ

## FOR SALE

One dog cart madeby Stewart & Co. and a big horse. Inspection invited at No. 10 Bungalow Cantonment, Cuttack. For particulars apply to the Printer of this paper.

ବୁଇଚକିଆ ଖୋଲାଗାଡ଼ି ଓ ଘୋଡ଼ା ବିକ୍ରୟ ହେବାର ଅଛି । ଯାହାଙ୍କର କିଣିବାର ଇଚ୍ଛା ହେବ କଟକ ଛାଉଣି ଏଗାରର ନଂ ୧୦ ମୂର ବଙ୍ଗଳାରେ ଦେଖି ପାରିବେ ଏବଂ ଏହି ପତ୍ରିକାର ଛାପାକାରଙ୍କଠାରେ ତତ୍ତ୍ୱ କଲେ ଅନ୍ୟାନ୍ୟ ବିଷୟ ଜାଣିପାରିବେ ।

## ରାଏ ଏଣ୍ଡ କୋମ୍ପାନୀଙ୍କ

ସୁବିଖ୍ୟାତ ଓ ସର୍ବଜନପ୍ରଶଂସିତ 'ବସନ୍ତମାଲତୀ' ଓ 'ଲାବଣ୍ୟବତୀ' ନାମକ ଚର୍ମରୋଗ ଓ ଶିରୋରୋଗ ନାଶକ ମନୋହରକାରୀ ସୁବାସିତ ତୈଳର ମୂଲ୍ୟ ଟ ୦ ।, ।୵, ୧ ଅଦ୍ୱିତୀୟ ଟ ୧, ୨, ଓ ଟ ୧ ଙ୍କା କେଶବର୍ଦ୍ଧନୀ ତୈଳ (Hair oil) ଟ ୦ । ନାନା ରଙ୍ଗର ଉତ୍କୃଷ୍ଟ କାଳୀ ଓ ଆଶ୍ଚର୍ଯ୍ୟ ଅଦୃଶ୍ୟ କାଳୀ ଟ ୦ ।୵; ଆଖିର ଔଷଧ (ସ୍ପିରିଟ) ଟ ୦ ୵ ଏବଂ ନାନା-
ପ୍ରକାର ସୁବାସଦ୍ରବ୍ୟ (Exquisite Fragrance) ଟ ୦ । ଠାରୁ ଟ ୨ ପର୍ଯ୍ୟନ୍ତ; ଛାପାଖାନାପୁସ୍ତକଦୋକାନରେ; ଚଉଧୁରୀବଜାରସ୍ଥ ଏ, ବି, କର କୋମ୍ପାନୀଙ୍କ ଦୋକାନରେ ଓ ବାଲୁବଜାରସ୍ଥ ସ୍ମିଥ୍ ଘୋଷ ଏଣ୍ଡ କୋମ୍ପାନୀଙ୍କ ଦୋକାନରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ । ଏତଦ୍‌ବ୍ୟତୀତ ମୋଫସଲବାସିଙ୍କ ମଧ୍ୟରୁ ଯାହାଙ୍କର ଯେଉଁ ଦ୍ରବ୍ୟ (ପୋଷାକ, ପରିଚ୍ଛଦ, ଷ୍ଟେସନରି ଓ ମନୋହାରୀ ଦ୍ରବ୍ୟାଦି) ପ୍ରୟୋଜନ ହେବ ଆଂଶିକ ମୂଲ୍ୟ ସହିତ ଅର୍ଡ଼ର କଲେ ଅବଶେଷ ମୂଲ୍ୟରେ ଭି: ପି: ଡାକଦ୍ୱାରା ପାଇ ପାରିବେ ।

୧।୩।୯୭
ଚୌଧୁରୀବଜାର
କଟକ
} ରାସବିହାରୀ ରାୟ
ମେନେଜର

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

## ଘଡ଼ିମରାମତି ।

ନାନାପ୍ରକାର ଷ୍ଟେଟ ବଡ଼ ଶକ୍ତ୍ୟାଧୀନ ଉତ୍ତମରୂପେ ମରାମତି ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ସେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ବିନା ଦାମରେ ମରାମତି କରିଦିଆଯିବ ।

## ଗିଲ୍‌ଟି

ଘଣ୍ଟିର ଚେଇନ କେଶ, ମୁଦି, ସ୍ପୁନ ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କ ତମଘା ଦେବାର୍ ଓଗେର ସାଜ, (ଇମ୍ପାର ଓ ପିତ୍ତଳର ନାନାବିଧ ଅଳଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଳଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ
୧୬।୧୧।୮୯
} ଶ୍ରୀ ଗୌରିଶଙ୍କର ରାୟ

## ମେହ୍‌ରୋଗ ।

୫୬ ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କ
ଅନ୍ତିମଣ୍ଡ କରିଅଛି ସେମାନଙ୍କର ଜଳାର୍ଦ୍ଦ ଶୋଣିତବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟଂ ସ୍ୱକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତୁଗୁଡ଼ିକରେ ପରିଣତ ନ ହେଲେ ଅଞ୍ଜ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରେ ପ୍ରସ୍ତୁତ ହେଲା କଲିକତା ଅଟୋଇଶୋଲ ନଂ ମୂଲ୍ ବନ୍ଦରରେ ଏ, ଜେ, ପାଲ କମ୍ପାନୀଙ୍କଠାରେ ଏବଂ କଟକ ଦରଗାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୲ ଙ୍କା ।' ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

## ବିଗ୍ନ୍ରାମସାହେବଙ୍କ ବଟିକା

ଫଳ ବିବେଚନାରେ ଏକ୍ ଫରୂଥର ମୂଲ୍ୟ ଏକ୍ ମୋହରଠୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ନିଦ୍ରାଳୁତା, ଶୈତ୍ୟ, ତାପୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ଋତୁ ପରିଷ୍କାର ଓ ଦେହପୁଷ୍ଟି ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି ଫରୂଥ ଆକାର ଅନୁସାରେ ଟ ୦ ୧ ଟ ୦ ୪ ଓ ଟ ୦ ୩୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

Digitized by srujanika@gmail.com

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥେ ଅନେକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛୁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମନିମନ୍ତେ ଶତକଡ଼ା ଟ ୨। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପୋଷ୍ଟ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେହିଂ ବା ଇନସଫିସିଏନ୍ସ ଯଦି ସ୍ଥାପିତ ହୁଏ ନାହିଁ ଏବ ରିପ୍ଲାଇକାର୍ଡ ବା ଦୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ସମ୍ବାଦ ପାଉଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ପୁରାତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଉଁ । ଟଙ୍କା, କଉଡ଼ି ଓ ସମ୍ବାଦ ନିମ୍ନ ଠିକଣାରେ ଆମ୍ଭମାନଙ୍କୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ପାରିଜାତ ତୈଳ—ଏହା ବ୍ୟବହାର କଲେ ମସ୍ତକର ଗର୍ମ୍ମ ଓ ସାମାନ୍ୟ ଦୋଷ ଦୂର ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ କୃଷ୍ଣ, ଶୀତଳ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ବହୁମୂତ୍ରାନ୍ତକ ବଟୀ—ନାନା ପ୍ରକାର ପୁରାତନ ବହୁମୂତ୍ର ରୋଗ ଏହା ଦ୍ୱାରା ସେବନମାତ୍ର କଷ୍ଟ ଥାଏ ନାହିଁ । ପ୍ରତିଶିଶିର ମୂଲ୍ୟ ଦୁଇଅଣା ମାତ୍ର ।

୩ । ଶୂଳଗଜକେଶରୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାବାତ ) ଓ ବମନାଦି ଅତି ସତ୍ୱରଶାନ୍ତିପ୍ରଦ ଲକ୍ଷଣମାନ ନିବୃତ୍ତ ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିନାଶ ନିବାରିତ ହୁଏ ।

ଏହା ନିର୍ଦ୍ଦୋଷ ବିରେଚକ । ସର୍ବପ୍ରକାର ପୀଡ଼ାରେ ଏବଂ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ୨ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ହୁମସାଗର ଅବଲେହ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ପୁରାତନ ଓ ନୂତନ ଓ ସାଙ୍ଘାତିକ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ନିବୃତ୍ତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ରକ୍ତ ବୃଦ୍ଧି ହୁଏ । ଏକ ପକ୍ଷକାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସାଲସା )—ଅନିୟମିତ ଆହାର, ବିହାର ଅତ୍ୟଧିକ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାରେ ଦୂଷିତ, ଖଣ୍ଡସା, ଗାତ୍ର ଶଣ୍ଢିବେଦନା, କେଶ ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ଏହା ବ୍ୟବହାର କଲେ ଆରୋଗ୍ୟ ହୋଇ ମାନବଦେହ ନବଜୀବନ ପ୍ରାପ୍ତ ଓ ଶୋଣିତଯୁକ୍ତ ହୁଏ । ସୁସ୍ଥଶରୀରରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମ୍ମରୋଗ, ବାତ ବେଦନା ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧଭଣ୍ଡାର । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

## ନୂତନ ପୁସ୍ତକ ।

ତ୍ରିଲିପି ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ ସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଲିପି ଶିଖିପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ମେନେଜର

## ବାଲିକାଗଜ ।

ଉଲ୍ଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ସମ୍ପୃକ୍ତ କଥା ନଉଟେ ତାରୁ ଅର୍ଦ୍ଧକଟକ ଦର ରକ୍ଷାମିଳ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୦ ପଞ୍ଚ | ବାଲି | ଠ ୧॥ ୫ ।୬ | ଠ୧॥ ୫ ।୬ |
| ୧୮ ପଞ୍ଚ | " | " ୫ ୭ | " ୫ ୦ ୬ |
| ୧୨ ପଞ୍ଚ | " | " ୫ ୩ | " ୫ ୦ ୬ |
| ୨୨ ପଞ୍ଚ ଡବଲଫୁଲସ୍କେପ | " | ୫ ୩ | " ୫ ୦ ୬ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଭଦ୍ରକୋଣା ଓ ଧଳଣ ଓ ରେସମୀଓକେର ଲୁଗା ଓ ଷ୍ଟେସନରି ଓ ନାନାଜାତି ଜିନିଷ ସବୁ ଠିକ ଦରରେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଅତଏବ ଅନେକପ୍ରକାର ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ପିଚଢ଼ାର ।

ଏ ଘାଉକୁ କେଉଁଣସି ପାଟିରେ ଉଠି ଲଗାଇ କୋଠାଛାତର ଫାଟରେ ଦେଲେ ପାଣିଗଳା ବନ୍ଦ ହେବ ଘରର ମଝିଅରେ ଲେପିଦେଲେ ମଜବୁତ ହେବ ଓ ଉଇ ଧରିବ ନାହିଁ ।

ବଗିଚା ଉମରା ଓ ସାଜରେ ଲଗାଇବାର ଭଲ ମଧ୍ୟ ଅଛି ।

ଅଲଲଚନ୍ଦ୍ର ଦଳ ବକ୍ସାଘ

ଉତ୍କଳଦୀପିକାରେ ବିଜ୍ଞାପନଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୨॥ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩॥ |

ମାତ୍ର ଦୋଳିକି ଭଞ୍ଜନ ରେଖାଦର ୫ ଦେଲେ ତହିଁର ଖର୍ଚ୍ଚ ଟ ୦୧ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟବାରରେ ଶେଷ ଖର୍ଚ୍ଚ ପ୍ରଥମ ଥରର ଦେଢ଼ ଓ ତିନିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତାଙ୍କୁ ଅଗ୍ରିମ ଦେବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକୋମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter
Digitized by srujanika@gmail.com

Split by PDF Splitter REGISTERED NO. 1

13

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୭ ସଂ
୧୬ ସଂଖ୍ୟା

ତା ୧୮ ରଖ ମାହେ ଅପ୍ରେଲ ସନ ୧୮୯୬ ମସିହା । ମ । ବୈଶାଖ ବ ୧୩ ର ସନ ୧୩୦୩ ସାଲ ଶନିବାର

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୩୧ |
| ପଶ୍ଚାଦେୟ | ଟ ୬୧ |

## ବିଜ୍ଞାପନ ।

ଓଡ଼ିଆ
ସନ ୧୮୯୬।୯୭ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-
ପୂ ଛପା ହୋଇ ବିକ୍ରୟ ହେଉଅଛି ।
ମୂଲ୍ୟ ଟ୦।୬ ଡାକମାସୁଲ ଟ୦ /
ଟପାଞ୍ଜି ଖଂଣ୍ଡକୁ ଟ୦/ ଡାକମାସୁଲ ଟ୦୧୬

କଟକ ପ୍ରିଣ୍ଟିଂକମ୍ପାନୀର ଡାଇରେକ୍ଟରମାନେ ବର୍ତ୍ତିତ ଅପ୍ର ବ୍ୟୟ ହେଷାବମାନ ବିବେ-ଚନ୍ତ ଅଂଶିମାନଙ୍କୁ ଶତକଡ଼ା ଟ ୩୦ ଙ୍କା ହାରେଁ ଲଭ ଦେବାର ଧାର୍ଯ୍ୟ କରିଅଛନ୍ତି ଓ-ହାରେ ଲଭ ବଣ୍ଟା ଯାଉଅଛି । ଏପରି ସନ୍ତୁବର୍ଣ ଘଟଇ ନାହିଁ ।

---

ଟେଖାରୁଥାରୁ ଏକବ୍ୟକ୍ତି ଲେଖିଅଛନ୍ତିକି ରିର ନାସ୍ପୃଣ ପଡ଼ଙ୍ଗିଙ୍କ ମତରେ ଚଳତ ଶମାସର ଦ ୩୧ ନ, ଜ୍ୟେଷ୍ଠ ଦ ୧୫ । ୧୬ । ୩୦ ନ ଏବଂ ଅଷାଢ଼ ଦ ୭।୮।୯ ୨୭ ଓ ୨୮ ନ ସାମାନ୍ୟ ବୃଷ୍ଟି ଏବଂ ଦ ୧୧ ନ ଠାରୁ ହେଉଣ୍ଡ ବନ୍ଧୁଜଳ ହେବ । ଯାହାଙ୍କର ଇଚ୍ଛା ହେବ ସେ କରି ଦେଖିବେ ।

---

ସ୍ଥାନୀୟଗବର୍ଣ୍ଣମେଣ୍ଟଙ୍କ ଅନୁମୋଦନମତେ ରେବନ୍ୟୁବୋର୍ଡ଼ ବଙ୍ଗୀୟ ଥବକାଙ୍କ ଅଇନ-ହାସ୍ତ ପାଇଥିବା କ୍ଷମତାନୁସାରେ ବିଜ୍ଞାପନ ଦେଇଅଛନ୍ତି କ ଓଡ଼ିଶାବିଭାଗର ସମସ୍ତ ଜଞ୍ଜା-ପ୍ରତି ଏହି ନିୟମ ହେଲା କି କୌଣସି ଲୋକ ଛୋ ୫ ଲା ପର୍ଯ୍ୟନ୍ତ ଗଡ଼ଜାତ ଗଞ୍ଜେଇ କଲେକ୍ଟର କମ୍ବା ଅଲ୍ୟକ୍ଷମତାପ୍ରାପ୍ତ ହାକିମଙ୍କ ଅନୁମତି ବିନା ରଖିପାରିବ ।

---

ଗୟାର ଜଣେ ଜମିଦାର ଓ ମହାଜନ ବାବୁ ଦୁର୍ଗା ପ୍ରସାଦ ଉକ୍ତ ନଗରରେ ସ୍ତ୍ରୀମାନ-ଙ୍କ ଚିକିତ୍ସା ନିମନ୍ତେ ଗୋଟିଏ ଚିକିତ୍ସାଳୟ ନିର୍ମା-ଣନିମନ୍ତେ ଦଶହଜାର ଟଙ୍କା ଦାନ କରିଅଛନ୍ତି ଏ ଟଙ୍କାରେ ଉକ୍ତ ଚିକିତ୍ସାଳୟର ଯେଉଁ ବିଭାଗ ନିର୍ମିତ ହେବ ତହିଁର ନାମ ତାହାଙ୍କ ମାତାଙ୍କ ନାମାନୁସାରେ "ପାନୀକୀବିଭାଗ" ନାମ ରଖା-ଯିବ ।

---

ବଙ୍ଗୀୟ ପୂର୍ତ୍ତବିଭାଗୀୟ ମହକୁମାମାନଙ୍କର କେତେକ ପରିବର୍ତ୍ତନ ହୋଇଅଛି ଏବଂ କେ-ତେକ ଜିଲ୍ଲାର ସଡ଼କ ଅଟ୍ଟାଳିକା ପ୍ରଭୃତି କାଯ୍ୟ ଡିଷ୍ଟ୍ରିକ୍ଟ ବୋର୍ଡ଼ଙ୍କୁ ଅର୍ପିତ ହୋଇଅଛି । ଓଡ଼ିଶାବିଭାଗରେ କିଛି ପରିବର୍ତ୍ତନ ହୋଇ ନାହିଁ ଅର୍ଥାତ୍ ଓଡ଼ିଶାଉପର ବାଉକମାସ୍ତ୍ରଙ୍ଗା-ମହକୁମାମାନ ପୂର୍ବପ୍ରାୟ ରହିଲା । କେବଳ ସ୍ଥାନୀୟ କାର୍ଯ୍ୟପରିଦର୍ଶକଙ୍କ ପଦ ଉଠିଯାଇ ଉକ୍ତ କାର୍ଯ୍ୟର ଭାର ସୁପ୍ରଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଅର୍ପିତ ହେଲା ।

---

କଲିକତା ବିଶ୍ୱବିଦ୍ୟାଳୟର ଏଫ୍, ଏ, ପରୀକ୍ଷାର ଫଳ ବାହାରି ଅଛି । ଏଠା ରେଭେନ୍ସା-କଲେଜରୁ ଜ ୪୧ ଣ ଛାତ୍ର ପରୀକ୍ଷା ଦେଇ ଥିଲେ, ସେମାନଙ୍କ ମଧ୍ୟରୁ ଜ ୨୦ ଣ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ବାକି ଯାଇଥିବା ଜ ୨୨ ଣ ଛାତ୍ରଙ୍କ ମଧ୍ୟରୁ ମଧ୍ୟ କାହାରି ଉତ୍ତୀର୍ଣ୍ଣ ହେବାର ଆଶା ଅଛି କାରଣ ଶେଷଫଳ ଏପ-ର୍ଯ୍ୟନ୍ତ ବାହାରି ନାହିଁ । ପ୍ରବେଶିକା ପରୀକ୍ଷାରେ କଟକ ମିଶନ ଏକାଡେମୀରେ ହାର ଯାଇଥିବା ବିଷୟ ଲେଖିଥିଲୁଁ ମାତ୍ର ବର୍ତ୍ତମାନ ଆନନ୍ଦର-ସହିତ ଅବଗତ ହେଲୁଁ ଯେ ଉକ୍ତ ସ୍କୁଲରୁ ଗୋଟିଏ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛି ।

---

ବାଲେଶ୍ୱରର ସମ୍ବାଦବାହିକା ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛନ୍ତି ଯେ ମୟୂରଭଞ୍ଜର ମହା-ରାଜା ଉକ୍ତଳପ୍ରଭାର ପଦ୍ୟଲେଖକ ମହାଶ-ୟଙ୍କୁ ଉପଯୁକ୍ତ ପୁରସ୍କାର ଦେଇଅଛନ୍ତି । ସମସ୍ତ ପୁରସ୍କାରର ପରିମାଣ ଗ୍ରହଣତ ଟଙ୍କାରୁ ଅଧିକ ହେବ । ତହିଁ ମଧ୍ୟରୁ ହିମାଚଳ ବର୍ଣ୍ଣନା ଓ ଚିଲିକାବର୍ଣ୍ଣନାନିମନ୍ତେ ଏକଶହଟଙ୍କା ଲେଖାଏଁ ଅମିଷାଗ୍ନିର ପଦ୍ୟ ନିମନ୍ତେ ଗ୍ରହଣ ଟଙ୍କା ଏବ ଅନ୍ୟାନ୍ୟ କେତେକ ପଦ୍ୟ ନିମନ୍ତେ ଦଶ ବା କୋଡିଏ ଟଙ୍କା ଲେଖାଏଁ ଦଆ ଯାଇଅଛି ।

Digitized by srujanika@gmail.com

Split by PDF Splitter



ଗଦ୍ୟଲେଖକଙ୍କ ପ୍ରତି କି ବିଚାର ହୋଇଅଛି ଜାଣିବାକୁ ଅବଶିଷ୍ଟ ରହିଲା । ଉତ୍କଳସ୍ଥଙ୍କର କେତେଦୂର ହେଲା ଦେଖା ନାହିଁ ।

---

ଗତ ଓଡ଼ିଆ ଓ ନବସମ୍ବାଦରେ କଟକ କଲେଜ ସମ୍ବନ୍ଧରେ ଗୋଟିଏ ଦୀର୍ଘପ୍ରବନ୍ଧ ପ୍ରକାଶିତ ହୋଇଅଛି । ଏହି କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ଏକର ସାହେବ ଶୀଘ୍ର ପେନସନ ନେବାର ସ୍ଥିର କରିବାରୁ ତାହାଙ୍କ ସ୍ଥାନରେ ଜଣେ ସୁଯୋଗ୍ୟ ପ୍ରିନ୍ସପଲ ପଠାଇବା ପାଇଁ ସହଯୋଗୀ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି । ଏ ଅନୁରୋଧରେ ଆମ୍ଭେମାନେ ସମ୍ପୂର୍ଣ୍ଣରୂପେ ଯୋଗ ଦେଉଅଛୁଁ ଏବଂ ଭରସା କରୁଁ ଓଡ଼ିଶାର ବିଶେଷ ଦୁରବସ୍ଥାପ୍ରତି ସୁବିଚାର କରି ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କର ଅନୁରୋଧ ରକ୍ଷା କରିବେ । ଏଠା ଗ୍ରାଜୁଏଟ ସଭା ଏ ବିଷୟରେ ଗତ ସପ୍ତାହରେ ଏକ ବୈଠକ କରିଥିଲେ । ଗବର୍ଣ୍ଣମେଣ୍ଟଙ୍କୁ ଆବେଦନ ପଠାଇବାର ସ୍ଥିର ହୋଇଅଛି ।

---

ଗତ ସୋମବାରଦିନ କମିଶନର କଚେରୀରେ ଛାଉଳନବିସମାନଙ୍କର ପରୀକ୍ଷା ହୋଇ ଗଲା । ସର୍ବସୁଦ୍ଧା ଜ ୧୧ ଣ ପରୀକ୍ଷାର ପ୍ରାର୍ଥୀ ହୋଇଥିଲେ, ସେମାନଙ୍କମଧ୍ୟରୁ ଜ ୪ ଜଣଙ୍କର ପରୀକ୍ଷା ଗୃହୀତ ହେଲା । ଅବଶିଷ୍ଟମାନେ ବ ୨୦ ବର୍ଷର ଊର୍ଦ୍ଧ୍ୱବୟସ୍କ ଥିବାରୁ ବୋର୍ଡ଼ଙ୍କ ନିୟମାନୁସାରେ ପରୀକ୍ଷା ଦେବାକୁ ଅପାରଗ ହେଲେ । ଆମ୍ଭମାନଙ୍କୁ ଏ ନିୟମଟା ବଡ଼ କଠୋର ବୋଧ ହେଉଅଛି !! କାରଣ ବିଦ୍ୟାଳୟରେ ପଢ଼ୁ ପଢ଼ୁ ଅନେକ ଛାତ୍ରଙ୍କର ବ ୨୦ ବର୍ଷ ପୂର୍ଣ୍ଣ ହୋଇଯାଏ । ବ ୨୦ ବର୍ଷ ଜନ୍ମରେ ସେମାନେ ଛାଉଳନବିସ ହେବେ କିପରି ? ବିଶେଷତଃ ଓଡ଼ିଶାପରି ପଶ୍ଚାତ୍‌ପଦ ଦେଶରେ କଠୋର ନିୟମରେ ଚଳିବା ଉଚିତ ନୁହଇ । କର୍ତ୍ତୃପକ୍ଷଙ୍କର ଏଥିପ୍ରତି ସୁଦୃଷ୍ଟି ରଖିବା ଉଚିତ । ବଡ଼ ଦୁଃଖର ବିଷୟ ଯେ ବିଜ୍ଞାପନରେ ବୟସର ପରିମାଣ କିମ୍ବା ବୋର୍ଡଙ୍କ ଦ୍ୱାରା ଉକ୍ତ ଉଲ୍ଲେଖ ନ ଥିଲା ।

---

ଏକଦିଗରେ ଖାଦ୍ୟଦ୍ରବ୍ୟର ଦୁର୍ମୂଲ୍ୟ ଓ ବର୍ଷାର ଅଭାବ ଏବଂ ଅପରଦିଗରେ ବନ୍ଦୋବସ୍ତର ଧୂମଧାମ ଲୋକଙ୍କୁ ମହା ହରବରରେ ପକାଇଅଛି । ମୋଫସଲରେ ଧାନ ଚାଉଳର ଯେପରି କଷ୍ଟ ତହିଁରେ ଅପଣା ପେଟକୁ ଦାନା ଯୋଗାଇବାର କଠିନ ଏଥି ଉପରେ ବନ୍ଦୋବସ୍ତ ଆମୀନ ପ୍ରଭୃତିଙ୍କ ରସଦ ଏବଂ ଲାଟବନ୍ଦର ଖଜଣା ଯୋଗାଇବାର ଦାୟ ପଡ଼ିଅଛି । ଯେମନ୍ତ ଦୈବ ଓ ସରକାର ଏକପାଖ ହୋଇ ଲୋକଙ୍କୁ ଦୁଃଖ ଦେବାକୁ ବସିଅଛନ୍ତି । ଏଥିରେ ଉଦ୍ଧାରର ବାଟ ନାହିଁ ? ସରକାର ଟିକିଏ ବୁଝିଲେ ହୁଅନ୍ତା । ମାତ୍ର ବୁଝାଇବ କିଏ ? ସ୍ଥାନୀୟ ହାକିମମାନେତ ପ୍ରଜାଙ୍କ କଷ୍ଟର କଥା ସ୍ୱୀକାର କରୁ ନାହାନ୍ତି ଅଥବା ସାମାନ୍ୟ ମନେ କରୁଅଛନ୍ତି । ପ୍ରଜାମାନେ ସମସ୍ୱରରେ ଦରଖାସ୍ତ କଲେ ତହିଁରେ ବିଶ୍ୱାସ ହେଉ ନାହିଁ । ଦରଖାସ୍ତର ଫଳ ଏପର୍ଯ୍ୟନ୍ତ କିଛି ଦେଖାଗଲା ନାହିଁ ପଛକୁ ଅତିଶୟ ହେଲେ ରକ୍ଷା ପଡ଼ିବକି ?

---

କଲିକତା ମେଡିକଲ କଲେଜର ଅଧ୍ୟାପକ ଡାକ୍ତର ମାକଲିଅଡ ସାହେବ ବାର୍ଷିକ ଟ ୫୦ ଙ୍କା ସୁଧର ଟ ୨୫୦୦ ଙ୍କାର କମ୍ପାନୀ କାଗଜ ଏହି ନିୟମରେ ଦାନ କରିଅଛନ୍ତି ଯେ ଉକ୍ତ କାଗଜ ସରକାରଙ୍କଠାରେ ଜମା ରହି ତହିଁର ବାର୍ଷିକ ସୁଧରୁ ମାସକୁ ଟ ୧୦ ଙ୍କା ମୂଲ୍ୟର ଗୋଟିଏ ବୃତ୍ତି ବଙ୍ଗଳାର ନବସ୍ଥାପିତ ପଶୁଚିକିତ୍ସାବିଦ୍ୟାଳୟର ଜଣେ ଛାତ୍ରକୁ ଦିଆଯିବ ଏବଂ ଏହି ବିଦ୍ୟାଳୟ ସ୍ଥାପନବିଷୟରେ ସିଉବକ୍‌ବଗଲ ବିଶେଷ ବଦାନ୍ୟତା ଦେଖାଇ ଥିବାରୁ ଉକ୍ତ ବୃତ୍ତିର ନାମ ତାହାଙ୍କ ନାମ ସଙ୍ଗେ ଜଡ଼ିତ ରହିବ । ମାକଲିଅଡ ସାହେବ ସମ୍ପ୍ରତି କାର୍ଯ୍ୟ ତ୍ୟାଗ କରି ବିଲାତକୁ ଯାଉଅଛନ୍ତି । ବିଦାୟ ସମୟରେ ଏପରି ଚିରସ୍ଥାୟୀ କୀର୍ତ୍ତି ରଖି ସମସ୍ତଙ୍କର କୃତଜ୍ଞତାଭାଜନ ହୋଇଅଛନ୍ତି ଏବଂ ଏହାଦ୍ୱାରା ନିଃସ୍ୱାର୍ଥଦାନର ଯେଉଁ ଉଦାହରଣ ଦେଖାଇଲେ ତହିଁପାଇଁ ଆମ୍ଭେମାନେ ତାହାଙ୍କର ବିଶେଷ ପ୍ରଶଂସା କରୁଅଛୁଁ ।

—*—

ଅଫୁସମ୍ବନ୍ଧୀୟ ଆଇନାନୁସାରେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ନିୟମ କରିଅଛନ୍ତି ଯେ କୌଣସି ବ୍ୟକ୍ତି ଅଫୁ ପାଞ୍ଚଭରି ଏବଂ ଅଫୁରୁ ପ୍ରସ୍ତୁତ ହେବା ମଦକ ଇତ୍ୟାଦି ଏକଭରିରୁ ଅଧିକ ରଖିପାରିବ ନାହିଁ ଏବଂ କେହି ଠିକାଦାର ଉକ୍ତ ପରିମାଣରୁ ଅଧିକ ଓଜନର ଅଫୁ ମଦକ ଇତ୍ୟାଦି ତାହାଠାରୁ ଏକସମୟରେ କିଣି ପାରିବ ନାହିଁ । ଏ ନିୟମର ତାତ୍ପର୍ଯ୍ୟ ଏହି ଯେ କେହି ଲୋକ ନିକଟରେ ପାଞ୍ଚଭରିରୁ ଅଧିକ ଅଫୁ ଅଥବା ଏକଭରିରୁ ଅଧିକ ଓଜନର ମଦକ, ଚଣ୍ଡୁ ଇତ୍ୟାଦି ପ୍ରାପ୍ତ ହେଲେ ସେ ଅବକାରୀ ଆଇନ [illegible] ଅପରାଧସ୍ୱରୂପ ଦଣ୍ଡନୀୟ ହେବ । ହାଟରେ ବସି ମଦକ ଖାଇବା ନିଷେଧ ହେବା ସଙ୍ଗେ ମଦକର ପରିମାଣ ଊଣା ହେବାକୁ ଆଶା ହେଉଅଛି ଯେ ମଦକ ସେବା ଊଣା ପଡ଼ିବ ଏବଂ ଅପରସ୍ଥାନରେ ଦଶପାଞ୍ଚଜଣ ବସି ମଦକ ଖାଇପାରିବେ ନାହିଁ କାରଣ ଯେଉଁଠାରେ ଏକଭରିରୁ ଅଧିକ ମଦକ ପାଆଯିବ ସେଠାରେ ବସିଥିବା ସମସ୍ତ ଲୋକ ଚାଲାନ ହୋଇ ପାରିବେ ।

---

ସଂସ୍କୃତଉପାଧି ପ୍ରଦାନ ନିମନ୍ତେ ଗତ ଫେବୃଏରୀମାସରେ ଯେଉଁ ପରୀକ୍ଷା ଗୃହୀତ ହୋଇଥିଲା ତହିଁର ଫଳ କଲିକତାଗେଜେଟରେ ବାହାରିଅଛି । ଏ ପରୀକ୍ଷାରେ ଓଡ଼ିଶାରୁ ଯେଉଁମାନେ ଉପସ୍ଥିତ ହୋଇଥିଲେ ସେମାନଙ୍କମଧ୍ୟରୁ କେବଳ ପୁରୀ ସଂସ୍କୃତବିଦ୍ୟାଳୟରୁ ଗୋପୀନାଥ ମହାପାତ୍ର ସୂର୍ଯ୍ୟାନନ୍ଦ ଦାସ, କାଶୀନାଥ ମିଶ୍ର ଏବଂ ଦଇତାରି ମିଶ୍ର ଏହି ଚାରିଜଣ ୨ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ କାବ୍ୟତୀର୍ଥ ଉପାଧି ପାଇଅଛନ୍ତି । ଏମାନେ ସମସ୍ତେ ପଣ୍ଡିତ ଗୋପୀନାଥ ମିଶ୍ରଙ୍କ ଛାତ୍ର ଅଟନ୍ତି । ପଣ୍ଡିତ ମହାଶୟ ଟ ୧୦୦ ଙ୍କା ପୁରସ୍କାର ପାଇଅଛନ୍ତି । ଛାତ୍ରଙ୍କମଧ୍ୟରେ ଗୋପୀନାଥ ମହାପାତ୍ର ପ୍ରଥମସ୍ଥାନ ଅଧିକାର କରିବାରୁ ସରକାରୀ ପୁରସ୍କାର ଟ ୨୫ ଙ୍କା ଏବଂ ଗୌରୀଶ୍ୟାମ ବୃତ୍ତି ଟ ୪୦୯ ଙ୍କା ପାଇଅଛନ୍ତି ଏବଂ ସୂର୍ଯ୍ୟାନନ୍ଦ ଦାସ ଦ୍ୱିତୀୟସ୍ଥାନ ଅଧିକାର କରି ଶ୍ୟାମାନନ୍ଦ ବୃତ୍ତି ଟ ୩୦ ଙ୍କା ପାଇଅଛନ୍ତି । ବ୍ୟାକରଣ ପୁରାଣ ସ୍ମୃତି ବା ଦର୍ଶନରେ ଓଡ଼ିଶାରୁ କେହି ପରୀକ୍ଷା ଦେଇ ନାହାନ୍ତି ବା ଉତ୍ତୀର୍ଣ୍ଣ ହୋଇ ନାହାନ୍ତି ଏବଂ ଦର୍ଶନ ଓ ସ୍ମୃତି ନିମନ୍ତେ ବିଶେଷ ପୁରସ୍କାର ଘୋଷଣା ହୋଇଥିଲେ ମଧ୍ୟ ସମସ୍ତ ବଙ୍ଗଳାରେ ଦର୍ଶନରେ ଜଣେ ଏବଂ ସ୍ମୃତିରେ ଜ ୨ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

---

କୋର୍ଟ ଅବ ୱାର୍ଡସ ସମ୍ବନ୍ଧୀୟ ଆଇନ ସଂଶୋଧିତ ହୋଇ ଭାରତୀୟ ବ୍ୟବସ୍ଥାପକସଭାରୁ ସନ ୧୮୯୨ ସାଲର ଅ ୪ ଆଇନ ନାମରେ ଗୋଟିଏ ନୂତନ ଆଇନ ସମ୍ମତ ଜାରି ହୋଇଅଛି । ଏ ପର୍ଯ୍ୟନ୍ତ କେବଳ ନାବାଲଗ ଏବଂ ଅନ୍ୟ ଯେଉଁମାନଙ୍କୁ ସରକାର ଅକ୍ଷମ ବିବେଚନା କରୁଥିଲେ ସେମାନଙ୍କର

Digitized by srujanika@gmail.com

Split by PDF Splitter



ମହାଲର ଭାର ସରକାର ନେଉଥିଲେ । ନୂତନ ଆଇନର ବିଧାନ ହୋଇଅଛି ଯେ କୌଣସି ଜମିଦାର ଆପଣା ସମ୍ପତ୍ତିର କାର୍ଯ୍ୟ ନିର୍ବାହ କରିବାକୁ ଅକ୍ଷମ ଥିବା ପ୍ରକାଶ କଲେ କୋର୍ଟ ଅବ୍ ୱାର୍ଡ଼ସ ତାହାର ଜମିଦାରୀର ଭାର ଗ୍ରହଣ କରିବେ । ଏହି ବିଧାନଟି ବଡ ହିତକର ଅଟଇ । ଏହା ପୂର୍ବରୁ ଜାରି ହୋଇଥିଲେ ଏ ପ୍ରଦେଶର କେତେ ବଡ଼ ବଡ଼ ଜମିଦାରଙ୍କ ଘର ରକ୍ଷା ପାଇଥାନ୍ତା । ଏବେବେଳେ ସୁଦ୍ଧା ଏକ୨ ଜମିଦାର ଏପରି ମୂର୍ଖ ଓ ଅପରିଣାମଦର୍ଶୀ ଅଛନ୍ତି ଯେ ସେମାନେ ଆପଣା ହିତାହିତ ଓ ବିଷୟ ରକ୍ଷା ପ୍ରତି ଅଦୌ ଦୃଷ୍ଟି ନ ରଖି ଖୁଣ୍ଟୁକାର ଏବଂ ଅପରସ୍ୱାର୍ଥକାମୀ ବ୍ୟକ୍ତିଙ୍କ କୁପରାମର୍ଶରେ ଅପବ୍ୟୟୀ ହେଇ ଋଣଜାଲରେ ଏପରି ଜଡିତ ହୋଇଅଛନ୍ତି ଯେ ଉଚ୍ଛନ୍ନ ହେବାର ଆଉ ବିଳମ୍ବ ନାହିଁ । ଏପରି ଜମିଦାରମାନେ ନୂତନ ଆଇନାନୁସାରେ ସରକାରଙ୍କର ଶରଣାଗତ ହେବାର ସୁବିଧା ପାଇଲେ ବଡ଼ ଉତ୍ତମ କଥା । ଆମ୍ଭେମାନେ ଆଶା କରୁଁ ଯେ ସେମାନେ ଏ ଆଇନର ଆଶ୍ରୟ ନେବାକୁ ବିଳମ୍ବ କରିବେ ନାହିଁ ।

---

ବଙ୍ଗ ପ୍ରଦେଶର ଏକାଉଣ୍ଟାଣ୍ଟ ଜେନେରଲଙ୍କ ହାତରେ ଚଳିତ ବର୍ଷର ମାର୍ଚ୍ଚ ମାସ ତା ୨୧-ରିଖରେ ଜନସାଧାରଣ ବା ବ୍ୟକ୍ତିବିଶେଷଙ୍କ ହିତାର୍ଥେ ଯେତେ ଟଙ୍କା ଗଚ୍ଛିତ ଥିଲା ତହିଁର ତାଲିକା କଲିକତାଗେଜେଟରେ ପ୍ରକାଶିତ ହୋଇଅଛି । ତହିଁରୁ ଓଡ଼ିଶା ବିଭାଗର ବିବରଣ ନିମ୍ନେ ପ୍ରକାଶ କରୁଅଛୁଁ । ଯଥା ।—

| | | |
|---|---|---|
| **କଟକ** | | |
| **ସାଧାରଣ** | | |
| ଲେଡ ଡଫରିନ ଫଣ୍ଡ | ଟ | ୧୦୦୦୦ |
| ଅନ୍ନଛତ୍ର | ଟ | ୨୦୦୦ |
| କଇଲାଶ ପଣ୍ଡିତଙ୍କ ବସାଘର | ଟ | ୭୫୦୦ |
| ରେଭେନ୍ସା କଲେଜ | ଟ | ୨୫୨୦୦ |
| ହିନ୍ଦୁ ବାଳିକାବିଦ୍ୟାଳୟ | ଟ | ୩୧୦୦ |
| ଗୌରିଶ୍ୟାମ ଛାତ୍ରବୃତ୍ତି | ଟ | ୧୦୦୦ |
| ଢେଙ୍କାନାଳ ଛାତ୍ରବୃତ୍ତି | ଟ | ୭୬୦୦ |
| ମୟୂରଭଞ୍ଜ " | ଟ | ୨୧୦୦ |
| ଷ୍ଟୁଅର୍ଟମେମୋରିଅଲ | ଟ | ୧୩୧୦୦ |
| କେଉଁଝରର ଦେଶୀୟ ଭାଷା ବିଦ୍ୟାଳୟ | ଟ | ୧୫୦୦ |
| ଓରସଅଲ ବୃତ୍ତି | ଟ | ୧୨୦୦ |
| ମେଡକଲସ୍କୁଲ ବୃତ୍ତି | ଟ | ୧୫୦୦ |
| ଯାଜପୁର ସ୍କୁଲ | ଟ | ୧୦୦୦ |
| **ବ୍ୟକ୍ତିବିଶେଷ** | | |
| ରାଜା ।ଡା ବନକା | ଟ | ୧୦୧୫୦୦ |
| ମହାରାଜା ଢେଙ୍କାନାଳ | ଟ | ୨୫୩୦୦ |
| **ପୁରୀ** | | |
| ସଂସ୍କୃତ ବିଦ୍ୟାଳୟ | ଟ | ୧୨୦୦୦ |
| ବଳରାମପୁର ସଂସ୍କୃତ ସ୍କୁଲ | ଟ | ୧୦୦୦ |
| **ବାଲେଶ୍ୱର** | | |
| **ସାଧାରଣ** | | |
| ଶ୍ରୀମତୀ ଭଗବତୀ ଦାସୀ | ଟ | ୧୦୦୦ |
| ପିଲଗ୍ରିମ ହାସପାତାଲଫଣ୍ଡ | ଟ | ୨୧୦୦ |
| ଶ୍ରୀମତୀ ସ୍ମିଥ ପୁରସ୍କାର | ଟ | ୫୦୦ |
| ପ୍ରିନ୍ସଅଫଓଏଲସ୍ ଛାତ୍ରବୃତ୍ତି | ଟ | ୭୦୦୦ |
| ଭଦ୍ରଖଚତୁଷ୍ପାଳୟ | ଟ | ୫୩୦୦ |
| ରାଜା ଶ୍ୟାମାନନ୍ଦଦେ ଚତୁଷ୍ପାଳୟ | ଟ | ୫୦୦ |
| ସର୍ ଷ୍ଟୁଆର୍ଟବେଲି ପଦକ | ଟ | ୫୦୦ |
| **ବ୍ୟକ୍ତିବିଶେଷର** | | |
| ମୟୂରଭଞ୍ଜ ରକ୍ଷା | ଟ | ୧୨୧୭୦୦ |

ଏପର ସବକାଶ କର୍ମଚାରୀଙ୍କ ଜାମିନ ଓ କ୍ଷୁଦ୍ର କ୍ଷୁଦ୍ର କୋର୍ଟ ଅବ୍ ୱାର୍ଡ଼ସ ମାହାଲ ବାବତ ଯେ ସବୁ ଟଙ୍କା ଜମା ଅଛି ଅନାବଶ୍ୟକ ବିବେଚନାରେ ତହିଁର ପ୍ରସଙ୍ଗ ଏ ତାଲିକାରେ ଲେଖି ନାହୁଁ ।

ଉପର ଲିଖିତ ତାଲିକାରୁ ପ୍ରକାଶ ଯେ କଟକ ଜିଲାରେ ସାଧାରଣ ହିତାର୍ଥେ ଅନେକ ଟଙ୍କା ଗଚ୍ଛିତ ଅଛି । ବାଲେଶ୍ୱରରେ ଅନେକ ଗୁଡିଏ ଫଣ୍ଡ ଅଛି ମାତ୍ର ଅଧିକାଂଶର ପରିମାଣ ଊଣା ।

---

## ଓଡ଼ିଶାନାଳ ।

ଏଥିପୂର୍ବେ ବଙ୍ଗପ୍ରଦେଶର ନାଳମାନଙ୍କର ସନ ୧୮୯୦।୯୧ ସାଲର ସାଧାରଣ ବିବରଣ ସଂକ୍ଷେପରୂପେ ପାଠକମାନଙ୍କ ଜାଣିବାକାରଣ ପ୍ରକାଶ କରିଅଛୁଁ । ବର୍ତ୍ତମାନ ଓଡ଼ିଶାନାଳର ବିଶେଷ ବୃତ୍ତାନ୍ତ କଥିତ ବିସ୍ତାରିତରୂପେ ଆଲୋଚନା କରୁଅଛୁଁ ।

ଓଡ଼ିଶାନାଳର ଯେତେ କାର୍ଯ୍ୟ ଏବର୍ଷମଧ୍ୟରେ ଶେଷ କରିବାର ଆଶା ଥିଲା ଯଥେଷ୍ଟ ଜଳ ପ୍ରାପ୍ତ ନ ହେବା ଏବଂ ଜାନୁଏରି ଓ ଫେବୃଆରିମାସରେ ଅସାଧାରଣ ବୃଷ୍ଟି ହେବାରୁ ତାହା ହୋଇ ପାରିଲା ନାହିଁ । ତାଳଦଣ୍ଡାନାଳର ବୃଦ୍ଧି ଏବଂ ପାଗଡ଼ୀପର ଲକଯୋଲ ନିର୍ମାଣ ଏବର୍ଷର ପ୍ରଧାନକାର୍ଯ୍ୟ ଅଟଇ । ଏବର୍ଷର କାର୍ଯ୍ୟରେ ୩ ଲକ୍ଷ ୩୧-ହଜାର ମୂଲଧନ ଖର୍ଚ୍ଚ ହୋଇଅଛି । ଏବଂ ଏ ଟଙ୍କାସହିତ ନାଳ ଆରମ୍ଭଠାରୁ ଏବର୍ଷ ଶେଷପର୍ଯ୍ୟନ୍ତ ୨ କୋଟି ୪୨ ଲକ୍ଷ ୧୭ହଜାର ୯୨୭ ଟଙ୍କା ମୂଲଧନ ଲାଗିଅଛି । ଏଥିର ସୁଧ ।

| | | |
|---|---|---|
| ସନ୧୮୮୯।୯୦ ଶେଷପର୍ଯ୍ୟନ୍ତ | ଟ | ୪୭୩୧୫୮୧ |
| ସନ୧୮୯୦।୯୧ ସାଲର | ଟ | ୯,୭୬,୦୮୬ |
| ମୋଟ | ଟ | ୫୭୦୭୬୬୭ |

ଅତଏବ ଦେଖାଯାଉଅଛି ଯେ ମୂଳଧନ ଓ ତହିଁର ସୁଧ ମିଶି ପ୍ରାୟ ୩ କୋଟି ଟଙ୍କା ଓଡ଼ିଶାନାଳରେ ସରକାରଙ୍କର ଲାଗି ଅଛି । ଏଥିର ଆୟ ଓ ବ୍ୟୟ ଦେଖିବା ହେଉ । ଗତ ଦୁଇବର୍ଷର ଆୟ ଯଥା;—

| | ସନ ୧୮୮୯।୯୦ | ସନ ୧୮୯୦।୯୧ |
|---|---|---|
| ଜଳକର | ଟ ୧୯୯୭୪୪ | ଟ ୨୦୯୭୮୦ |
| ନୌକାକର | ଟ ୮୮୬୩୨ | ଟ ୧୨୧୪୯୮ |
| ବାକି | ଟ ୧୫୭୬୬ | ଟ ୧୩୭୦୮ |
| ମୋଟ | ଟ ୩୦୪୧୪୨ | ଟ ୩୪୫୯୮୬ |

| ବ୍ୟୟ | ସନ ୧୮୮୯।୯୦ | ସନ ୧୮୯୦।୯୧ |
|---|---|---|
| ନାଳ ମରାମତି | ଟ ୨୩୧୦୭୮ | ଟ ୨୨୨୩୩୮ |
| ମହକୁମାକର୍ମଚାରୀଙ୍କ ବେତନ | ଟ ୧୦୯୮୩୪ | ଟ ୧୩୨୮୫୧ |
| ହାତ ଖରଚ | ଟ ୧୯୭୨୨ | ଟ ୧୫୧୭୭ |
| ଜଳକର ମହକୁମା | ଟ ୫୫୫୦୨ | ଟ ୫୨୫୯୧ |
| ନୌକାକର ମହକୁମା | ଟ ୧୫୮୭୧ | ଟ ୧୭୧୧୫ |
| ପେନସନ ଇତ୍ୟାଦି | ଟ ୨୫୩୧୩ | ଟ ୨୮୨୨୦ |
| ମୋଟ | ଟ ୪୫୭୯୯୦ | ଟ ୪୬୭୭୦୩ |

ଏଥିରୁ ପ୍ରକାଶ ଯେ ସନ ୧୮୮୯।୯୦ ସାଲରେ ଟ ୧୫୩୭୮୪ଟଙ୍କା ଏବଂ ସନ ୧୮୯୦।୯୧ ସାଲରେ ଟ ୧୨୨୭୭୧ଟଙ୍କା ଫାଜିଲ ଖରଚ ହୋଇଅଛି । ଅର୍ଥାତ୍ ନାଳର ଆମଦାନୀଦ୍ୱାରା ଲାଭ ହେବାର କେଉଁଠି ଆଉ ପ୍ରକୃତରେ ନିୟମିତକାର୍ଯ୍ୟ ନିର୍ବାହ ଏବଂ ରକ୍ଷାରକ୍ଷଣର ବ୍ୟୟ ସୁଦ୍ଧା ନିର୍ବାହ ହୋଇ ପାରୁ ନାହିଁ । ଶୁଭଲକ୍ଷଣ ଏତିକି ଯେ ବର୍ତ୍ତିତବର୍ଷର ଜଳକର ଏବଂ ନୌକାକର ଉଭୟ ପୂର୍ବବର୍ଷଠାରୁ ବୃଦ୍ଧି ହୋଇଅଛି ଏବଂ ଉଚ୍ଛ୍ୱାସ ଏହି ଫଳ ହୋଇଅଛି ଯେ ଗତବର୍ଷ ଯେତେ ତ୍ରୁଟି ପଡିଥିଲା ଏବର୍ଷ ସେତେ ତ୍ରୁଟି ପଡ଼ି ନାହିଁ ।

ଗତଦଶବର୍ଷର ଆୟ ଓ ବ୍ୟୟର ତାଲିକାରୁ ପ୍ରକାଶ ଯେ କୌଣସି ବର୍ଷ ଓଡ଼ିଶାନାଳର

Digitized by srujanika@gmail.com

Split by PDF Splitter



ଅଧିକରୁ ତହିଁର କାର୍ଯ୍ୟନିର୍ବାହିକ ବ୍ୟୟ ନିର୍ବାହ ହୋଇ ପାରୁ ନାହିଁ ଏବଂ ପ୍ରତିବର୍ଷ ହାରାହାରି ଦେଢ଼ଲକ୍ଷ ଟଙ୍କା ତୁଟି ପଡ଼ୁଅଛି ।

ଓଡ଼ିଶାକେନାଲର ମୋଟ ଦୈର୍ଘ୍ୟ ୨୫୨ ମାଇଲ ଏଥିମଧ୍ୟରୁ ୧୭୭ ମାଇଲ ନୌକାଗମନାଗମନ ଯୋଗ୍ୟ ଏବଂ ଅବଶିଷ୍ଟ କେବଳ ଜଳସେଚନ ନିମନ୍ତେ ଅଟଇ । ଶାଖାକେନାଲ ଏବଂ ଗ୍ରାମ୍ୟ ନାଳିମାନଙ୍କର ମୋଟଦୈର୍ଘ୍ୟ ମା୨୭୪ ମାଇଲ । ଏହିକେନାଲ ମା ୪୪୦୩୭ ଏ ଭୂମିକୁ ଜଳ ଦିଆଯାଇ ପାରେ ମାତ୍ର ମା୪୧୫୩୪ ଏ ରେ ଜଳ ନାଉଥିଲା । ଅର୍ଥାତ ଜଳ ନାଉବାଯୋଗ୍ୟ ଭୂମିର ଶତକରା ମା ୯୪ ଏ କବୁଲସୂତ୍ର ହୋଇଅଛି ।

ଗତଦଶବର୍ଷ ମଧ୍ୟରେ ଯେଉଁ ବର୍ଷ ଯେଉଁ ଫସଲସକାଶେ ଯେତେ ଭୂମିର କବୁଲସୂତ୍ର ହୋଇଥିଲା ତହିଁର ତାଲିକାରୁ ନିମ୍ନଲିଖିତ ଅଙ୍କମାନ ସଙ୍କଳିତ ହେଲା ଯଥା;—

| | ସନ ୧୮୮୯।୯୦ | ସନ ୧୮୯୦।୯୧ |
|---|---|---|
| ଧାନ | ମା ୧୮୦୬୭୮ | ମା ୧୭୫୮୨୯ |
| ରବି | ମା ୫୮୯୭ | ମା ୪୨୫୭ |
| ବାକି | ମା ୧୭୨ | ମା ୨୨୦ |
| | ମା ୧୮୬୭୪୭ | ମା ୧୮୦୨୯୯ |

ଗତବର୍ଷଠାରୁ ଏବର୍ଷ କବୁଲସୂତ୍ର ଭୂମି ଊଣା ହେବାର କାରଣ ଏହିକି ଯେ ସବୁ ଢିପଅଞ୍ଚଳ ଜମିରେ ଜଳ ନାଉ ନ ପାରିଲା ଏବଂ ଯେସବୁ ଖାଲଜମିର ଜଳ ବାହାରିଯିବାର ଘାଟ ନାହିଁ ତାହାସବୁ ନୂଆ ନିୟମାନୁସାରେ ନିଆ ଦିଆଗଲା ଏବଂ ଗ୍ରାମ୍ୟ ନାଳୀର ନ ଥିବାରୁ ହାଇଲେବଲକେନାଲଅନ୍ତର୍ଗତ କେତେକ ଜମିରେ ଜଳ ନାଉ ନ ପାରିବାରୁ ସେସବୁ ମଧ୍ୟ ଛାଡ଼ ଦିଆଗଲା ।

କେନାଲଜଳର ଉପକାରିତାର ପରୀକ୍ଷା ପୂର୍ବବର୍ଷମାନଙ୍କ ପରି ହୋଇଥିଲା । ତହିଁରେ ଏହି ଫଳ ପ୍ରାପ୍ତ ହୋଇଅଛି ଯେ କେନାଲଜଳ ନାଉବା ଭୂମିରେ ମାଣପ୍ରତି ମ ୨୦ ମଣରୁ କେନାଲଜଳ ନ ନାଉବା ଭୂମିରେ ମାଣପ୍ରତି ମ ୧୫ ମଣ ଫଳ ଅଛି ।

କେନାଲର ଉପର କାର୍ଯ୍ୟ ସନ୍ତୋଷଜନକ ହୋଇଥିଲେ ତାହାର ପରିମାଣ ପୂର୍ବବର୍ଷଠାରୁ କିଛି ବୃଦ୍ଧି ହୋଇ ବର୍ଷ ଶେଷରେ ପ୍ରାୟ ଦୁଇଲକ୍ଷ ଟଙ୍କା ବାକି ପଡ଼ିଥିଲା । ଯାହା ହେଉ ଖାଲି ଜମି ଛାଡ଼ ଦିଆଯିବାରୁ ଲୋକଙ୍କ ଉପରି ଅନେକ ଊଣା ହୋଇ ଅଛି ସନ୍ତୋଷଜନକ ଅଟେ ।

ନୌକାକର ବା ମାସୁଲର ଅବସ୍ଥା ସନ୍ତୋଷଜନକ ଅଟଇ । ବର୍ତ୍ତମାନବର୍ଷରେ ଟ ୧୦୬୨୨୯୧ କା ଆୟ ହୋଇଥିଲା । ତହିଁ ମଧ୍ୟରୁ ପ୍ରାୟ ଏକଲକ୍ଷ ସାଧାରଣ ଆୟ ଏବଂ ଅବଶିଷ୍ଟ ସରକାର ମାଲମଶଲା ବୋଝାଇର ନୌକାକର ଅଟଇ । ନୌକାକାରବାର କେନ୍ଦ୍ରାପଡ଼ାକେନାଲରେ ସର୍ବାପେକ୍ଷା ଅଧିକ ଏବଂ ତାହା ଚାଉଳ ଏବଂ ଜଡ଼ା ପ୍ରଭୃତି ଇତ୍ୟାଦିର ରପ୍ତାନି ହେତୁ ଘଟିଅଛି । କଟକରୁ ଚନ୍ଦବାଲିପର୍ଯ୍ୟନ୍ତ ସରକାରୀ ବୋଟ ଯିବାଆସିବା କରଇ । ତହିଁରେ ଟ ୧୭୯୭୪୯ କା ବ୍ୟୟ ଏବଂ ଟ ୧୪୧୨୩୯ କା ଆୟ ହୋଇଥିଲା । ସୁତରାଂ ଟ ୩୮୫୧୦ କା ତୁଟି ପଡ଼ିଅଛି ଏଥିପୂର୍ବବର୍ଷ ଟ ୧୪୯୫୯ କା ତୁଟି ପଡ଼ି ଥିଲା ।

ଓଡ଼ିଶାକେନାଲର ମୋଟ ଫଳ ଏହି ଯେ ନୌକର ବହୁ ବୃଦ୍ଧି ହୋଇଥିଲେହେଁ ଜଳକର ଊଣା ପଡ଼ିଅଛି ଏବଂ ଉସୁଲକାର୍ଯ୍ୟରେ ବିଶେଷ ଉନ୍ନତି ହୋଇ ନାହିଁ । ଇରିଗେସନ୍‌ଡିପାର୍ଟମେଣ୍ଟର କାର୍ଯ୍ୟ ବିଶେଷ ବଢ଼ାଇବାରୁ ସେଥିର ନୂତନ ବନ୍ଦୋବସ୍ତ କରିବାର ଦରକାର ଲାଗିଅଛି ।

ଓଡ଼ିଶା କୋଷ୍ଟକେନାଲରେ ଗତ ଦୁଇବର୍ଷରେ ନିମ୍ନଲିଖିତ ପ୍ରକାର ଆୟ ବ୍ୟୟ ହୋଇଥିଲା, ଯଥା—

ଆୟ

| | ୧୮୮୯।୯୦ | ୧୮୯୦।୯୧ |
|---|---|---|
| ଜଳକର | ଟ ୪୭ | ଟ ୦ |
| ନୌକାକର | ଟ ୬୩୭୨୪ | ଟ ୬୪୨୨୦ |
| ବାକି | ଟ ୧୫୬୩ | ଟ ୧୩୬୬ |
| ମୋଟ | ଟ ୬୫୩୩୪ | ଟ ୬୫୫୮୬ |

ବ୍ୟୟ

| | | |
|---|---|---|
| ମରାମତି | ଟ ୫୦୩୨୩୮ | ଟ ୪୨୩୧୨ |
| ମହକୁମା | ଟ ୯୬୬ | ଟ ୧୫୪୫୨ |
| ବାକିଦରଜୀଆର | ଟ ୧୦୫୧୩ | ଟ ୯୬୯୪ |
| ମାସୁଲଅଦାୟ | | |
| ମହକୁମା | ଟ ୬୦୪୩ | ଟ ୬୨୦୮ |
| ବାକି | ଟ ୯୬୫ | ଟ ୩୦୩୨ |
| ମୋଟ | ଟ ୬୮୯୮୬ | ଟ ୭୭୭୯୮ |

ଏଥିରୁ ଦେଖାଯାଏ ଯେ ଗତବର୍ଷ ଏ କେନାଲରେ ଟ ୩୬୫୩ କା ତୁଟି ପଡ଼ିଥିଲା ଏବର୍ଷ ଟ ୧୨୨୧୨ କା ତୁଟି ପଡ଼ିଅଛି । ଏ ନାଲ ନିର୍ମାଣ କରିବାରେ ପ୍ରାୟ ୪୩ ଲକ୍ଷ ଟଙ୍କା ମୂଳଧନ ଲାଗିଅଛି । ତହିଁର ସୁଧ ଅବଶ୍ୟ ଧରାଯାଇ ନାହିଁ ।

---

# ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ଏଠାରେ ଅଳ୍ପ ପରିମାଣରେ ବର୍ଷଣ ହୋଇଥିଲା । ମହାନଦୀ ସେପାରିର ଝଡ଼ବୃଷ୍ଟି ଅଧିକ ହୋଇଥିଲା ।

ପାଟନା ଗ୍ରୀଷ୍ମାଳନ୍ତାହରେ ବଡ଼ପଥର ଶିଳାବୃଷ୍ଟି ପଡ଼ିଅଛି ।

ମୋଫସଲର ନାନାସ୍ଥାନରେ ଓଲାଉଠା ଓ ବସନ୍ତର ଭୟ ପ୍ରାଦୁର୍ଭାବ ହୋଇଅଛି । ଅନେକ ଲୋକ ଏ ରୋଗରେ ଅକାଳେ କାଳକବଳରେ ପତିତ ହେଉଅଛନ୍ତି । ଲୋକ ଓ ସରପୋଡ଼ିନାଧ ଛନ୍ତ ନାହିଁ ।

ମଇମନ୍‌ସିଂହର ପୋଲିସ ଅସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ସ୍ଥାନାନ୍ତରିତ ହୋଇ ସେଠା ଡକ୍ଟିବୁ ପୋଲିସକର ପ୍ରାପ୍ତ ହେବାକୁ ନିଯୁକ୍ତ ହୋଇଅଛନ୍ତି ।

ଓଡ଼ିଶାବେଙ୍କର ଅଭିଭାଷଣ ଓ କେତୁଆ ମାଜିଷ୍ଟ୍ରେଟ ଓ ଅଜ୍ଞ ଇଂରାଜୀ ମାନଙ୍କ ଶାସ୍ତ୍ରୀୟକ ବାର୍ଷିକ ପରୀକ୍ଷା ଆଗାମୀ ମଇମାସ ତା ୨ ରଖ ସୋମବାର ଦିନ ଘ ୧୧ ଟା ସମୟରେ କମିଶନରଙ୍କ କଚେରୀରେ ଆରମ୍ଭ ହେବ ।

ମିଃ ଏଚ୍, ଏଚ୍, ଡାର୍ଡ ସ୍ଥାନାନ୍ତରିତ ହେବାରୁ ଇଞ୍ଜିନିୟର ଅଫିସର ମିଃ ଏଚ୍, ଏ, ବର୍ଡ଼ କେନ୍ଦ୍ରାପଡ଼ାଡ୍ରେନେଜବୋର୍ଡର ଚେୟାରମାନ ପଦରେ ନିଯୁକ୍ତ ହୋଇ ଅଛନ୍ତି ।

ବାବୁ ଶରଚ୍ଚନ୍ଦ୍ର ଦାସ ପ୍ରଭୃତି ନିଳଗିରିବିଭାଗର ଅଧିବାସୀମାନେ ପଦତ୍ୟାଗ ପତ୍ର ପ୍ରଦାନ କରିବାରୁ ନିରାପଦ ରଜାଙ୍କ ଜେ, ଏଚ୍, ବେଲ କମିଶନରମାନଙ୍କ ଆଗ୍ରହାଧୀନ ହେବାରୁ ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ମଞ୍ଜୁର ପ୍ରଦାନ କରିଅଛନ୍ତି ।

ମଇସହୀପ ନିକଟରେ "ଡେକାନ" ନାମକ ଜାହାଜ ଜଳମଗ୍ନ ହୋଇଥିବା ଜଣାଯାଉଥିଲା । ବର୍ତ୍ତମାନ "ଷ୍ଟେଟ" ନାମକ ଜାହାଜର ଧ୍ୱଂସ କହନ୍ତି ଯେ ସେ ମଇସହୀପ ନିକଟରେ (ଯେଉଁଠାରେ କି "ଡେକାନ" ବୁଡ଼ିଯାଇଥିଲା) କେତେକ ଜାହାଜର ଭଗ୍ନାଂଶ ଭାସୁଥିବାର ଦେଖି ଅନୁମାନ କରନ୍ତି କି "ଡେକାନ" ସେଠାରେ ମାରା ଗଲା । ସେ ଜାହାଜରେ ୨୫୩ ଏ ଲୋକ ବୋଝାଇ ହୋଇଥିବାର ଜଣା ଯାଉଛି ।

ଇଉରୋପୀୟ ମହଲରେ ଉତ୍ସବ ପଡ଼ିଅଛନ୍ତି । ମିସରଗଭର୍ଣ୍ଣମେଣ୍ଟ ସ୍ଥାନୀୟମାନଙ୍କର ଉପଯୋଗୀତାକୁ ରକ୍ଷାରେ ଅଧିକାର ଦେବାର ଅନୁମତି ପାଠାଇଅଛନ୍ତି । ତୁର୍କି ମିସରର ପଣ୍ଡବର୍ଗଙ୍କ ପ୍ରସ୍ତାବ ହେତୁ ଉଭୟ ସେଠାର ଏହି ଅଧିକାର ଅପେକ୍ଷା କରିଅଛନ୍ତି ।

ମାନିପୁରବାସୀମାନେ ମାରଣ୍ଟି ଗେହାର କାର୍ଯ୍ୟାଳୟର ଚିଫକମିଶନର ମିଃ କ୍ୱିଣ୍ଟନ୍ ଓ ମିଃ ଗ୍ରିମଉଡ଼ଙ୍କୁ ହତ୍ୟା କରିଥିବାର ସମ୍ବାଦ ଆସିଅଛି । ସାହେବମାନେ ସେଠାରେ ବିଷ ଖାଇ ଥାନ କରିଅଛନ୍ତି । ମାନିପୁରବାସୀମାନେ ମଧ୍ୟ ସେମାନଙ୍କୁ ମାରିବାକୁ ଧମକାଇଅଛନ୍ତି ।

Digitized by srujanika@gmail.com

ଲୁଧିଆନା ଜିଲ୍ଲାରେ ଶତକୋଟି ମୁଦ୍ରା ବ୍ୟୟ ହେବ ବୋଲି ଅନୁମାନ କରାଯାଏ ।

କଟକଠାରେ କୌଣସି ବଡ କୌଣସି ସାହେବଙ୍କର [illegible] ଲେଖକଥିବା ମକଦ୍ଦମାରେ ଲିପ୍ତ ଥିବାରୁ ସାହେ- ବଙ୍କ [illegible] ପ୍ରାର୍ଥନାମତେ ଲାହୋରର ଡେପୁଟୀ କମିଶ୍ନର ତାଙ୍କ ନାମରେ ଓ୍ୱାରେଣ୍ଟ ବାହାର କରିଅଛନ୍ତି । ପରପଦାର୍ଥରେ ଲୋଭ କରିବାର ଫଳ ଏହି ପାଇବେ ପରା ।

ବମ୍ବାଇର ହେବର ଷ୍ଟ୍ରିଟ୍ ନିକଟରେ ପ୍ଲେଗପୀଡାର ଦେଖା ଦେଇଅଛି ।

ଗତ ସପ୍ତାହଠାରୁ ଭାରତଗବର୍ଣ୍ଣମେଣ୍ଟ ବ୍ରହ୍ମଦେଶରେ ବୁଦ୍ଧିଶୂନ୍ୟ ଲୋକମାନଙ୍କର ମଦ୍ୟ କମି କରି ଦେଇ ଅଛେ ମାତ୍ର ତହିଁରେ ନ ଚଳିବାରୁ ସେ ପ୍ରଦେଶ ବଡ଼ଡ଼ ଲାଟଙ୍କ ସୁଖର କଷ୍ଟ ଅଛନ୍ତି ।

ଅଲପୁରଠାରେ ଜଣେ ବଙ୍ଗାଳୀ ବ୍ରାହ୍ମଣ ହୋଇ ତାଙ୍କର ପଡ଼ୋଶୀର ନାକ କାଟି ନେଇଥିବା ଅପରାଧରେ ଧୃତ ହୋଇଅଛି । ତାହାର ସ୍ତ୍ରୀ ସ୍ୱାମୀର ମାଡ଼ ଡରେ ପଳାଇ ପାପ ପଡୋଶିର ଘରେ ଆଶ୍ରୟ ନେବାରୁ ଏହି ପ୍ରତିହିଂସା ଏ ଦଣ୍ଡ ପହୁଞ୍ଚିଲା । କେତେକ ଉତ୍ପାତର କଥା ।

ନରେନ୍ଦ୍ରଚନ୍ଦ୍ର ଘୋଷ ନାମକ ଏକବ୍ୟକ୍ତି ବୈଦ୍ୟବାଟୀ ମିଉନିସିପାଲିଟୀର ଆସିଷ୍ଟାଣ୍ଟସେକ୍ରେଟାରୀ ଥିବା ସମୟରେ ପୂର୍ଣ୍ଣଚନ୍ଦ୍ର ବ୍ୟାନର୍ଜୀ ନାମକ ଏକବ୍ୟକ୍ତି କର୍ଣ୍ଣୁଦ୍ରସ କରିବା ଅଭିପ୍ରାୟରେ ତାଙ୍କ ନିକଟରେ ଟ ୪୦୦ ଙ୍କାର ନୋଟ ଜମା ରଖିଥିଲେ । ଆସିଷ୍ଟାଣ୍ଟ ସେକ୍ରେଟାରୀ ବାବୁ ସେଥିରେ ପଚାଶ ଟଙ୍କା ଖାଇଯାଇ ପୂର୍ଣ୍ଣଚନ୍ଦ୍ରଙ୍କୁ ଫେରି ନ ଦେବା ଅପରାଧରେ [illegible] ମାଜିଷ୍ଟ୍ରେଟଙ୍କ ଆଦେଶରେ ଦୁଇବର୍ଷ ସପରି- ଶ୍ରମ କାରାବାସ ଓ ଟ ୮୦୦ ଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି । [illegible] ଏହାଙ୍କର ଅପିଲ ଅଗ୍ରାହ୍ୟ ହୋଇଅଛି । ଏପରି ଲୋକକୁ ଅନ୍ୟ କାହାରୁ ବିଶ୍ୱାସ କରିବ ?

ପ୍ରୋମଠାରେ ପୁଣି ଅଗ୍ନିଲଗି ମିଉନିସିପଲ ବଜାରଅଦ ପୋଡ଼ି ଯାଇଅଛି । ଅଗ୍ନିଦେବଙ୍କର ଏଠାରେ ଏତେ କୋ- ପଦୃଷ୍ଟି କାହିଁକି ?

ଅଫ୍ରିକା ପଶ୍ଚିମ ଉପକୂଳରୁ ସମ୍ବାଦ ଆସିଅଛି ଯେ ଉ- ପକୂଳର "ଭୋହମିସ୍ୱାଳ" ନାମକ ସୈନ୍ୟ ପଲ୍ଟଣମାନଙ୍କ ଯାତ୍ରା କରୁଅଛନ୍ତି । ଲୁଅପ୍ରେସ ସୈନ୍ୟମାନେ ମଧ୍ୟ ସେମାନଙ୍କ ପଛେ ଯାଇଅଛନ୍ତି, ଶୀଘ୍ର ସେଠାରେ ଏକ ଯୁଦ୍ଧକାଣ୍ଡ ଘଟିବାର ସମ୍ଭାବନା ।

ପ୍ରି ସହ୍ୟ ଓ " ଜାମନ " ସେଣ୍ଟଜୁଲିଅ" ଯାହାଜ ତା ୧୪ ରୁ ୪ ସପ୍ତାରେ ଲଣ୍ଡନଠାରୁ ଭାଡ଼ ଅଣି କମ୍ବେଇ- ଠାକୁ ଚଳୁଥାଇଅଛି । ଏତେ ଶୀଘ୍ର ଅନ୍ୟ କୌଣସି ଯାହାଜ ଆସିବାର ଦେଖାଯାଇ ନାହିଁ ।

କଟେଇଠାରେ ବସନ୍ତରୋଗ ପ୍ରବଳପ୍ରାୟ ସଙ୍କ୍ରାମକ ହୋଇ ଉଠୁଅଛି । ଲଡସ୍ପ୍ରାହୃରେ ନ ୩୩ ଣ ଲୋକ ରୋଗରେ ମାଡ଼ ପଡୁଅଛନ୍ତି । ଏପର୍ଯ୍ୟନ୍ତ ନଗରର ଉତ୍ତରାଂଶରେ ଲକ୍ଷ ଲୋକ କଦାପି ଉତ୍ପନ୍ନ ଏହିଚ ବ୍ୟାପ୍ଅହେବ୍ୟାପି ରହିଛି । [illegible] ମଧ୍ୟ ପୂର୍ବପ୍ରାୟ ଉଠୁଅଛି । ନଗରରେ ଅନେକଲୋକ [illegible] ହୁଇଅଛନ୍ତି । ଲୁଷଅଙ୍କ ଗଣାଥିବାରେ ଏହି ଅବସ୍ଥା ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ- ମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପା- ଦକ ମହାଶୟ ସମୀପେଷୁ ।

ଶ୍ରୀଶ୍ରୀ ଓଡ଼ିଶାର ରାଜନ୍ୟବର୍ଗ ଓ ଧନାଢ୍ୟହିନ୍ଦୁ ହୃଦୟବାନ୍ ବନ୍ଧୁଗଣ !

ଭୁବନେଶ୍ୱରର ଶ୍ରୀ ଶିବମନ୍ଦିର ଭାରତର ପୂର୍ବ- କାଳୀନ ଉଦାରଚେତା ରାଜନ୍ୟବର୍ଗଙ୍କର ଧର୍ମ- ପରାୟଣତା ଓ ସୁଚାରୁ କଳାର ପରିଚୟ ଦେଇ ଅଛି ଥରେ ମାତ୍ର ତାହାକୁ ଦେଖିଥିବା ବୁଦ୍ଧିମାନ୍ ଲୋକ ଅବଶ୍ୟ ହୃଦୟଙ୍ଗମ କରିଥିବ । ଯାହାକୁ ଦେଖିଲେ ଓଡ଼ିଶା ସତ୍ପୁତ୍ରପ୍ରସବିନୀ ବୋଲି ମନରେ ଗର୍ବ ହୁଏ ସେକାର୍ତ୍ତିକ ନଷ୍ଟପ୍ରାୟରେ ଯେଉଁଦିନ ହୋଇପାରେ, ସଜୀବତ ରଖିବାକୁ ଟିକିଏ ଚେଷ୍ଟିତ ହେଲେ ଆପଣାଙ୍କୁ କ କୃତକୃତ୍ୟ ମନେ କରିଯାଇ ନ ପାରେ ? ଉକ୍ତ ମନ୍ଦିରର ଭୂସମ୍ପତ୍ତି ଆୟ ପ୍ରାୟ ଟ ୨୯୦୦୦ଙ୍କା ସେ ପୁଣି ଉପଯୁକ୍ତ ପରିଚାଳକାଭାବରୁ ନିୟମିତରୂପେ ଆଦାୟ ହୋଇ ପାରୁ ନାହିଁ । ବର୍ତ୍ତମାନ ଅନାଜ ଟ ୩୦୦୦୦ ତିରିଶହଜାର ଟଙ୍କା ବାକୀ ପଡି ରହି ଅଛି । ପଦାର୍ଥାଦି ଦୁର୍ମୂଲ୍ୟହେତୁ ଉପରୋକ୍ତ ଆୟ ସୁଶୃଙ୍ଖଳରୂପେ ଆଦାୟ ହେଲେହେଁ ଦୈନିକ ନୀତି ପୂର୍ବମତେ ଚଳାଇବା କଠିନ । ଦେବୋ- ତ୍ତରୀ ଭୂମିବାଦରୁ ବେବନ୍ଦୋବସ୍ତହେତୁ ଅତ୍ୟଳ୍ପ ଆଦାୟ ହେଉଅଛି । ଏପରି ଅବସ୍ଥାରେ ପ୍ରାତଃ- କାଳୀନ ନୀତି ସନ୍ଧ୍ୟାସମୟରେ ସମ୍ପନ୍ନ ହେବା କଷ୍ଟ କଥା ନୁହେ । ସୁତରାଂ କାଙ୍କ୍ଷିତସମୟରେ ମହାପ୍ରସାଦ ନ ମିଳିବାରୁ ବହୁ ମହାଜନସମା- ଗମ କ୍ରମେ ହ୍ରାସ ହୋଇ ଯାଉଅଛି । ମନ୍ଦିରର ନୀତି ସୁଶୃଙ୍ଖଳରୂପେ ଚଳାଇ ସମୃଦ୍ଧଯୋଗ୍ୟ ମର୍ମମତିହାସ ଭାଙ୍ଗୁ ପାର୍ଶ୍ୱାୟୁ କରିବାକୁ ବସିଲେ ପ୍ରଥମତଃ ତାହାର ଭୂସମ୍ପତ୍ତିମାନ ବନ୍ଦୋବସ୍ତ କରାଇ ନିକଟବର୍ତ୍ତୀ ସ୍ୱରକାଶ ଜମି ଜମା ଧାର୍ଯ୍ୟ କରିବା କର୍ତ୍ତବ୍ୟ । କିନ୍ତୁ ସେପରି କାର୍ଯ୍ୟ କରି- ବାକୁ ବହୁଅର୍ଥର ଆବଶ୍ୟକ ଉଚ୍ଚେ ।

ଅତଏବ ମୋହର ପ୍ରାର୍ଥନା ଏହି ଯେ ହିନ୍ଦୁ- ଧର୍ମପରାୟଣ ମହାତ୍ମାମାନେ ଅକାତର ଚିତ୍ତରେ କିଛି ସାମୟିକ ଦାନଦ୍ୱାରା କର୍ତ୍ତବ୍ୟପରାୟଣ- ତାର ପରିଚୟ ଦେଇ ସର୍ବଦୁଃସ୍ଥରୁ ସୁବନ୍ଦୋ- ବସ୍ତବିଧାନରେ ଅଂଶୀ ହେବେ ।

ଅସ୍ମମାନଙ୍କର ସୁପରିଚିତ କଟକର ଡେପୁଟୀ- କଲେକ୍ଟର ବାବୁ ଶ୍ରୀ ରାସବିହାରୀନାୟକ ଅନ୍ୟ- ବନହେଲା ମନ୍ଦିରର କମିଟୀଭୁକ୍ତ ହୋଇ ତାହାର ସୁବନ୍ଦୋବସ୍ତରେ ବ୍ରତୀ ହୋଇଅଛନ୍ତି । ଆପଣ- ମାନେ ଅତି ଶୀଘ୍ର ଉକ୍ତ ବାବୁଙ୍କ ନିକଟକୁ ବା ଛାପାଖାନାର ସମ୍ପାଦକ ବାବୁ ଶ୍ରୀ ଗୌରୀଶଙ୍କର ରାୟଙ୍କ ନିକଟକୁ ଯାହା କିଛି ଆପଣା ଆପଣାର ଦେୟ ପଠାଇବା ହେଉନ୍ତୁ । ଇତି ।

କଟକ }  । ନ ।
୨୦।୪।୯୬ } ମନ୍ଦିରର ପ୍ରତିବାସୀ ଶ୍ରୀ ବାମଦେବ ରଥ

—•※•—

ମହାଶୟ !

ପରମ ମାନନୀୟ ନୂତନ ଅଶିଷ୍ଟାଣ୍ଟ ସୁପରି- ଣ୍ଟେଣ୍ଡେଣ୍ଟ ବାବୁ ଶ୍ରୀ ସୁଦାମଚନ୍ଦ୍ର ନାୟକ ମହା- ଶୟ ଗତ ମାର୍ଚ୍ଚମାସ ତା ୧୮ ରିଖରେ ଏଠାରେ ପ୍ରବେଶ ହୋଇ ସେହିଦିନ ଓ ତତ୍ପରଦିବସ ରାଜା ମହୋଦୟଙ୍କ ଅଫିସ କାର୍ଯ୍ୟକଳାପ ପର୍ଯ୍ୟା- ଲୋଚନା କରି ତା ୨୦ ରିଖରେ ଏଠାରୁ କଟକ ଅଭିମୁଖେ ପ୍ରତ୍ୟାଗମନ କଲେ । ବାବୁ ମହୋ- ଦୟ ଏହି ଅଫିସକାର୍ଯ୍ୟରେ ସନ୍ତୁଷ୍ଟ ହୋଇ- ଥିବାର ପରିଲକ୍ଷିତ ହୁଏ । ବାବୁ ମହାଶୟ ଢେଙ୍କାନାଳର ମାନେଜର ଥିବା ସମୟରେ ତାହାଙ୍କର କାର୍ଯ୍ୟକଳାପ ଓ ସଦ୍‌ଗୁଣାବଳୀର ଯେଉଁ ପ୍ରଶଂସାମାନ ଶୁଣିଥିଲୁଁ ତାହା ଏଠାରେ ସାକ୍ଷାତରେ ଦେଖି ବିଶେଷ ଆନନ୍ଦିତ ହେଲୁଁ । ଏଠାରେ ବାବୁ ମହାଶୟ ରାଜାମହୋଦୟଙ୍କୁ ଯେଉଁ ସମସ୍ତ ସଦୁପଦେଶ ପ୍ରଦାନ କରିଅଛନ୍ତି ତନ୍ନିମିତ୍ତ ଏ କଷ୍ଟାସ୍ଥ ପ୍ରଜାବର୍ଗ ଓ ରାଜାମହୋ- ଦୟ ତାହାଙ୍କୁ ଅନ୍ତରର ସହିତ ଧନ୍ୟବାଦ ଦେଉଅଛନ୍ତି । ଗତ ମାର୍ଚ୍ଚମାସ ରାଜା ମହୋ- ଦୟଙ୍କର ପରୀକ୍ଷା ସମୟ ନିର୍ଦ୍ଦିଷ୍ଟ ଥିଲା, ରାଜା- ମହୋଦୟ ସ୍ୱୀୟ କ୍ଷମତାରେ ବିଭୂଷିତ ହେଲେ- ହେଁ ପ୍ରଗାଢ଼ ପରିଶ୍ରମ ଓ ଯତ୍ନ ସହକାରେ ଶାସନ ଓ ରାଜବାଟୀକାର୍ଯ୍ୟ ସୁଶୃଙ୍ଖଳରୂପେ ନିର୍ବାହ କରୁଅଛନ୍ତି । ଏ ହେତୁ ଭରସା କରୁଁ ଯେ ମାନ୍ୟବର ସୁପରିଣ୍ଟେଣ୍ଡେଣ୍ଟ ସାହେବ ମହୋ- ଦୟ ରାଜା ମହୋଦୟଙ୍କୁ ଚିରସ୍ଥାୟୀଭାବରେ କ୍ଷମତା ଅର୍ପଣ କରିବାପ୍ରତି ସୁବିଶ୍ୱସ୍ତପୂର୍ବକ ଆଜ୍ଞା ପ୍ରଦାନ କରିବେ ।

ଅତ୍ୟନ୍ତ ଆନନ୍ଦର ବିଷୟ ଏହି ଯେ ରାଜା- ମହୋଦୟ ମହାନଦୀ ଦକ୍ଷିଣଭାଗ ଗଡ଼ଜାତ- ସ୍କୁଲସମୂହର ସବ୍‌ଇନ୍‌ସ୍ପେକ୍ଟର ବାବୁ ଶ୍ରୀ ହୃଷୀକେଶ ସ୍ୱାଇଁସ୍ୱାମ ମହାଶୟଙ୍କୁ ତହସିଲ- ଦାର କର୍ମରେ ନିଯୁକ୍ତ କରିବାରୁ ସେ ଏଠାରୁ

କାର୍ଯ୍ୟଭାର ଗ୍ରହଣ କରିଅଛନ୍ତି ହୃଷୀକେଶବାବୁ ଜଣେ ବହୁଦର୍ଶୀ, ବୁଦ୍ଧିମାନ୍ ଓ ସୁଯୋଗ୍ୟ କର୍ମଚାରୀ ଅଟନ୍ତି । ପୂର୍ବରୁ ଏ ସ୍ଥାନର ଅଧିକାଂଶ ଲୋକଙ୍କ ସହିତ ଆଳାପ ଥିବାରୁ ତାହାଙ୍କର ବର୍ତ୍ତମାନ ନିଯୁକ୍ତିରେ ସମସ୍ତେ ଆନନ୍ଦିତ ଅଛନ୍ତି ।

ଅତ୍ୟନ୍ତ ଦୁଃଖର ବିଷୟ ଏହିଯେ ଗତମାସ ତା ୨୪ ରିଖ ଦୁଇପ୍ରହର ସମୟରେ ରଜା ମହୋଦୟ କଚେରୀକାର୍ଯ୍ୟ ଶେଷ କରି ଓ୍ୟାସକୁ ବାହୁଡ଼ା କରି କରୁଥା ହେଲେ ଦେବାଦ ବାବାସାମନ୍ତଙ୍କ ଓ୍ୟାସରୁ ଅଗ୍ନି ବାହାରି ତାହାଙ୍କର ସମସ୍ତ ଗୃହ ରଜାମହୋଦୟଙ୍କର ପଞ୍ଚଘର, କଚେରୀ, ଜେଲଖାନା, ଧାନଘର ଓ ସଭଘର ପ୍ରଭୃତି ଅନେକ ଦରକାରୀ ଗୃହ ଓ ନିକଟବର୍ତ୍ତୀ କେତେକ ଅନ୍ତର ସାମନ୍ତଙ୍କ ଗୃହମାନ ଏକାବେଳକେ ଭସ୍ମୀଭୂତ କରିଦେଲା, ଯେଉଁ ସମସ୍ତ ଦ୍ରବ୍ୟ ଅଗ୍ନିସାତ୍ ହୋଇଅଛି ସେଥିର ମୂଲ୍ୟ ଟ ୨୦,୦୦୦ କାରୁ ନ୍ୟୁନ ହେବ ନାହିଁ, ଏହି ଶୋକାବହ ଘଟନାରେ ସମସ୍ତେ ବିଶେଷ ଦୁଃଖିତ ଅଛନ୍ତି । ବଢ଼ି ଦେବ ଏ ବର୍ଷ ଏତେ ଶୀଘ୍ର ବାମ ହେବେ ବୋଲି କିଏ ଜାଣିଥିଲା ।

ଦଶପଲ୍ଲାଗଡ଼ } ଆପଣଙ୍କର ଏକାନ୍ତ ବଶମ୍ବଦ
୧୩ । ୪ । ୯୧ } ଶ୍ରୀ ଲିଙ୍ଗରାଜ ଦାସ

---

ଶ୍ରୀ ଜଗନ୍ନାଥ ସେବକସମ୍ମିଳନୀସଭା

ପୁରୀ ।

ସନ ୧୨୯୯ ସାଲ ଚୈତ୍ର ଦ ୮ ନ ଶନିବାର ରାତ୍ରି ଘ ୭ ଘା ସମୟରେ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କମନ୍ଦିରରେ ସେବକମାନଙ୍କର ଏକସଭା ହୋଇଥିଲା ଏବଂ ଶ୍ରୀ ଲୋକନାଥ ଖୁଣ୍ଟିଆ ମହାଶୟ ସଭାପତିଆସନ ଗ୍ରହଣ କରିଥିଲେ ।

୧ମ—ସଭାପତି ମହାଶୟ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଛତିଶ ନିଯୋଗ ସେବକମାନଙ୍କ ମଧ୍ୟରେ ସମାଜର ଐକ୍ୟ ନ ଥିବାରେ ସେବକମାନଙ୍କର ଯାବତୀୟ କାର୍ଯ୍ୟମାନ ଉତ୍ତମରୂପେ ଚଳୁ ନ ଥିବା ସମାଜର ଏକତା ହେଲେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ନିତ୍ୟନୈମିତ୍ତିକ ସେବାପୂଜାଦି କାର୍ଯ୍ୟମାନ ପୂର୍ବ ବ୍ୟବସ୍ଥା ନିୟମାନୁସାରେ ସୁନ୍ଦରରୂପେ ଚଳିବା ଏବଂ ସେବକମାନଙ୍କର ନିଜ ଯଜମାନବୃତ୍ତି ଓ ସେବାଦିର ଅପୃଥଗ୍ଭାବ କାର୍ଯ୍ୟର ଉନ୍ନତି ହୋଇପାରିବା ଓ ଅବଶ୍ୟକୀୟ ବିଦ୍ୟାଶିକ୍ଷା କରିବା ଇତ୍ୟାଦି ବିଷୟମାନ ବକ୍ତୃତାଦ୍ୱାରା ବୁଝାଇ ଦେବାରୁ ଶ୍ରୀ ନାରାୟଣ ଖୁଣ୍ଟିଆଙ୍କ ପ୍ରସ୍ତାବ ଶ୍ରୀ ଦଯ୍ୟାନିଧି ପଣ୍ଡାଙ୍କ ଅନୁମୋଦନ ଏବଂ ସଭାର ସର୍ବସମ୍ମତିରେ ସ୍ଥିର ହେଲାକି ଶ୍ରୀ ମନ୍ଦିରମଧ୍ୟରେ ସ୍ଥାପିତ ପୂର୍ବୋକ୍ତ ସେବକସମ୍ମିଳନୀ ସଭାକୁ ଯତ୍ନପୂର୍ବକ ସୁଦୃଢ଼ କରାଯାଉ ।

୨ୟ—ଶ୍ରୀ ରାମକୃଷ୍ଣମହାପାତ୍ରଙ୍କ ପ୍ରସ୍ତାବ, ଶ୍ରୀ ନାରାୟଣଖୁଣ୍ଟିଆଙ୍କ ଅନୁମୋଦନ ଏବଂ ସର୍ବସମ୍ମତିରେ ଶ୍ରୀ ନାରାୟଣ ମୁଦିରଥ, ଶ୍ରୀ ଜଳଧର ବଡ଼ପଣ୍ଡା, ଶ୍ରୀ ଗୋବିନ୍ଦପଣ୍ଡା, ଶ୍ରୀ ବୈଦ୍ୟନାଥ ପଣ୍ଡା, ଶ୍ରୀଦଯ୍ୟାନିଧି ପଣ୍ଡା, ଶ୍ରୀକୃଷ୍ଣ ପଣ୍ଡା, ଶ୍ରୀଛତିଶନିଯୋଗନାୟକ ଶ୍ରୀରାମକୃଷ୍ଣ ପାଟଯୋଷି ମହାପାତ୍ର, ତଳିଛେ ଶ୍ରୀ ମୁକୁନ୍ଦ ମହାପାତ୍ର, ଭିତରଛେ ଶ୍ରୀ ଗୋବିନ୍ଦଚନ୍ଦ୍ର ମହାପାତ୍ର, ଶ୍ରୀ ଚୈତନ୍ୟକର, ଶ୍ରୀନାଥକର, ଶ୍ରୀ ମାଳଗୋବିନ୍ଦ ମୁଦିରଥ, ଶ୍ରୀ ହଜୁରି ନୀଳକଣ୍ଠ ଖୁଣ୍ଟିଆ, ଶ୍ରୀ ଭୀମଖୁଣ୍ଟିଆ, ଶ୍ରୀ କାଳିମେକାପ, ଶ୍ରୀ ପାନୁମେକାପ, ଶ୍ରୀ ଧାଡ଼ିପତି, ଶ୍ରୀ ହରିପଣ୍ଡା, ଶ୍ରୀ ନାରାୟଣ ପଣ୍ଡା, ଶ୍ରୀ ନାଥ ଦତ୍ତ, ଶ୍ରୀ ଗୋପାଳ ମହାସୁଆର, ଶ୍ରୀ ରାମକୃଷ୍ଣ ମହାପାତ୍ର, ଶ୍ରୀ ଗୋପୀନାଥ ମହାସୁଆର, ଶ୍ରୀ ଲୋକନାଥ ମହାସୁଆର, ଶ୍ରୀ ଭୋଲା ମହାସୁଆର ଶ୍ରୀ ବଳଭଦ୍ର ଗୋଚ୍ଛିକାର, ଶ୍ରୀନାରାୟଣ ଖୁଣ୍ଟିଆ-ଶ୍ରୀ ଫକୀର ରାଯ୍ୟଗୁରୁ, ଶ୍ରୀ ଲୋକନାଥ ଖୁଣ୍ଟିଆ, ଶ୍ରୀ ବିଶ୍ୱନାଥ ଖୁଣ୍ଟିଆ, ଶ୍ରୀ ଗିରଧାରୀ ପ୍ରତିହାରୀ, ଶ୍ରୀ ଜଗମୋହନ ଖୁଣ୍ଟିଆ, ଶ୍ରୀ ରାମଚନ୍ଦ୍ର ପ୍ରତିହାରୀ, ଶ୍ରୀ ରଘୁନାଥ ପ୍ରତିହାରୀ, ଶ୍ରୀ ହରିହର ଗୁରୁ, ଶ୍ରୀ ନୃସିଂହଗୁରୁ, ଶ୍ରୀ ଭୀମସେନ ମହାପାତ୍ରମାନେ ଏ ସଭାର ସଭ୍ୟପଦରେ ମନୋନୀତ ହେଲେ ଏମାନେ ଉପସ୍ଥିତ ହୋଇ ସଭାର କାର୍ଯ୍ୟ କରିବେ, କିନ୍ତୁ ନ ୧୦ ଜଣରୁ ନ୍ୟୁନ ଉପସ୍ଥିତିରେ ସଭାର କାର୍ଯ୍ୟ କରା ହେବ ନାହିଁ । ଏମାନେ ଅନ୍ୟାନ୍ୟ ସେବକମାନଙ୍କୁ ସଭ୍ୟପଦରେ ମନୋନୀତ କରିପାରିବେ ।

୩ୟ—ଶ୍ରୀ ଦଯ୍ୟାନିଧି ପଣ୍ଡାଙ୍କ ପ୍ରସ୍ତାବ ଶ୍ରୀ ଗୋପୀନାଥ ମହାସୁଆରଙ୍କ ଅନୁମୋଦନ ଏବଂ ସଭାର ସର୍ବସମ୍ମତିରେ ଶ୍ରୀ ଗୋବିନ୍ଦପଣ୍ଡା ସଭାପତି ଶ୍ରୀ ଲୋକନାଥ ଖୁଣ୍ଟିଆ ସହକାରୀ ସଭାପତି ପଦରେ ଅଭିଷିକ୍ତ ହେଲେ, ସେମାନଙ୍କ ଅନୁପସ୍ଥିତିରେ ସଭାରେ ଉପସ୍ଥିତ ସଭ୍ୟମାନେ ଆପଣା ମଧ୍ୟରୁ ସଭାପତି ମନୋନୀତ କରି ସଭାର କାର୍ଯ୍ୟ ଚଳାଇବେ ।

୪ର୍ଥ—ଶ୍ରୀ ଦଯ୍ୟାନିଧି ପଣ୍ଡାଙ୍କ ପ୍ରସ୍ତାବ ଶ୍ରୀ ହଜୁରି ନୀଳକଣ୍ଠ ଖୁଣ୍ଟିଆଙ୍କ ଅନୁମୋଦନ ଏବଂ ସର୍ବସମ୍ମତିରେ ଶ୍ରୀ ନାରାୟଣ ଖୁଣ୍ଟିଆ ସମ୍ପାଦକ ଶ୍ରୀ ରାମକୃଷ୍ଣ ମହାପାତ୍ର ସହକାରୀ ସମ୍ପାଦକ ମନୋନୀତ ହେଲେ ।

୫ମ—ସଭାର କାର୍ଯ୍ୟ ନିର୍ବାହ ନିମନ୍ତେ ଆବଶ୍ୟକୀୟ ଅର୍ଥର ବନ୍ଦୋବସ୍ତ ପରେ କରାଯିବ ତାହା ସ୍ଥିର ହେବା ପର୍ଯ୍ୟନ୍ତ ନିଯୋଗମାନଙ୍କଦ୍ୱାରା ସଭାର ଖରଚ ଚଳିବ ଓ ସମ୍ପାଦକମହାଶୟ ସଭାର କାର୍ଯ୍ୟ ନିର୍ବାହ ନିମନ୍ତେ ନିୟମାବଳୀ ପ୍ରସ୍ତୁତ କରି ଆଗାମୀ ସଭାରେ ଅର୍ପଣ କରିବେ ।

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଶ୍ୟାମଚରଣ ମଲ୍ଲ | ଲୁଣାହାର | ୫ ୦ ୯ |
| " ଗୋପୀନାଥ ମିଶ୍ର | ପଠନହିତ | ୫ ୦ ୯ |
| " ଚକ୍ରଧର ମହାନ୍ତି | ବେତନ | ୫ ୧ ୯ |
| " ରାଜକୁମାର ସେନ | ଜଗତସିଂହପୁର | ୫ ୧ ୯ |
| ରେଭରେଣ୍ଡ ଯେ, ଜ, ପାଇକ୍ | କଟକ | ୫ ୦ ୯ |
| ବାବୁ ଚନ୍ଦ୍ରମଣି ମହାନ୍ତି | ବସ୍ତେଇ | ୫ ୦ ୯ |
| " ମଧୁସୂଦନ ମହାନ୍ତି | ଜଗତସିଂହପୁର | ୫ ୦ ୯ |
| ତହଶିଲ୍ଦାର ଦାମୋଦର ସାହୁ | ଜଥଲୀ | ୫ ୧ ୯ |
| ବାବୁ ଗୋସାଇଁଚରଣ ମାଇତି | କଟକ | ୫ ୦ ୯ |
| " ହରେକୃଷ୍ଣ ପତି | ଅସୁରେଶ୍ୱର | ୫ ୧ ୯ |

---

# ବିଜ୍ଞାପନ ।


## ନୂତନ ପୁସ୍ତକ । ନୂତନ ପୁସ୍ତକ ।

ସୁଲଭମୂଲ୍ୟ ! ସୁଲଭମୂଲ୍ୟ !! ସୁଲଭମୂଲ୍ୟ !!!

ଅଙ୍କପ୍ରବେଶ !

ପ୍ରଥମ ଶିକ୍ଷାର୍ଥୀ ବାଳକମାନେ ଏହି ପୁସ୍ତକ ପାଠକଲେ ଅଳ୍ପାୟାସରେ ଅତି ସୁନ୍ଦରରୂପେ ଅଙ୍କବିଷୟ ଶିକ୍ଷା କରିପାରିବେ । ଏଥିରେ ଗଣିତାଙ୍କ, ମୁଦ୍ରାଦିର ପରିମାଣ, କଡ଼ା ଗଣ୍ଡା ବୋଡ଼ି ଇତ୍ୟାଦିର ତେରିଜ, ସଓଯ୍ୟା, ଦେଢ଼ିଯ୍ୟା, ଅଢ଼େଇଯ୍ୟା, ପଣ, କଡ଼ା, ପାହି, ଗୁଣ୍ଠିବିଶାଦି ପଣକିଯ୍ୟା, ପଣକିଯ୍ୟା ବାଉଡ଼ି ସ୍ଥିର କରିବାର ଧାରା ଏବଂ ମଧ୍ୟେ ମାନସାଙ୍କ ବିଷଦରୂପେ ସନ୍ନିବେଶିତ ହୋଇଅଛି, ପୁସ୍ତକ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ, କଟକ ଟ୍ରେନିଂ ସ୍କୁଲର ରାମପ୍ରସାଦ ବାବୁଙ୍କ ସମୀପରେ ଏବଂ ଜାଜପୁର ସ୍କୁଲ ହେଡ଼ପଣ୍ଡିତଙ୍କ ନିକଟରେ ପ୍ରାପ୍ତବ୍ୟ । ମୂଲ୍ୟ ପ୍ରତିଖଣ୍ଡ ଟ ୦ / ଅଣାଏ ।

---

NOTICE

Wanted a Sub-Conservancy Inspector for the Cuttack Municipality on a pay of Rs. 15 and horse allowance of Rs. 10 per month. None


Split by PDF Splitter

Digitized by srujanika@gmail.com

need apply who has no experience of the work.

The applications will be received by me up to the 30th April 1892.

Sd. Lalvehari Ghose
*Vice Chairman*

---

ବିକ୍ରୟ ବିଜ୍ଞାପନ ।

ନଂ ୧୬୧୭ ମର ଉକ୍ତୀନାମ୍ବ
ସନ ୧୮୯୧ ମସିହା ।

ରାଜା ବୈକୁଣ୍ଠନାଥ ଦେ ବାହାଦୂର ଓ ଶ୍ରେଷ୍ଠ-
ସ୍ୱ ବାବୁ ସତ୍ୟେନ୍ଦ୍ରନାଥ ଦେ ବାହାଦୁର
ବାଦୀ ଡିକ୍ରୀଦାରମାନେ ।

୧ ଠାକୁର ଅଗ୍ରୁର୍ଯ୍ୟ ୨ ଭୂପତିନାଥ ବସୁ ପ୍ରତିବାଦୀ
ଦେଣଦାରମାନେ ।

ଏ ମୋକଦ୍ଦମାରେ କଟକ ମୁନ୍ସଫ ଅଦାଲତରେ କଟକ ଭିକ୍ଟୋରିଆ ପ୍ରେସ ଛାପାଖାନାରେ ସମସ୍ତେ ଛପା ହୋଇ କଟକ-ଜିଲ୍ଲାର ସ୍କୁଲପାଠଶାଳାମାନଙ୍କରେ ବ୍ୟବହାର ହେଉଥିବା କବିତାଲୁତ୍ମ ବହି ପକ୍ଷେ ଥିବା ଉକ୍ତସ୍ୱ ପ୍ରତିବାଦୀଙ୍କର ଗ୍ରନ୍ଥସ୍ୱତ୍ୱ ଅର୍ଥାତ୍ (କପି-ରାଇଟ) ସ୍ୱତ୍ୱ ଓ ସ୍ୱତ୍ୱକ୍ଷେତ୍ରଅଂଶମାଣ ବଦ୍ଧି-ପକ୍ଷେ ଥିବା କେବଳ ୧ ନମ୍ବର ପ୍ରତିବାଦୀ ଠାକୁର ଅଗ୍ରୁର୍ଯ୍ୟଙ୍କର (କପିରାଇଟ) ସ୍ୱତ୍ୱ ସନ ୮୯୨ ମସିହା ମଇମାସ ତା ୧୬ ରଖ ସୋମବାର ଦଶ ଘଣ୍ଟା ସମୟେ ନିଲାମ ହେବ ଏ ଦୂଇବହର ଉକ୍ତ ସ୍ୱତ୍ୱକୁ ଯେ କେହି ନିଲାମରେ ଖରିଦ କରିବାର ଇଚ୍ଛା ରଖୁଥାନ୍ତି ଉକ୍ତ ତାରିଖେ ଉକ୍ତ ସମୟେ ଉକ୍ତ ଅଦାଲତରେ ଉପସ୍ଥିତ ହୋଇ ନିଲାମରେ ଖରିଦ କରିପାରିବେ ଏ ବିଷୟ ସର୍ବସାଧାରଣଙ୍କ ଜ୍ଞାତ-କାରଣ ପ୍ରକାଶ କରାଗଲା ।

ଶ୍ରୀ ଗୁରୁଚନ୍ଦ୍ର ଦତ୍ତ ମୁନ୍ସିଙ୍କ ଅନୁ
। ଯାଇବେ । ଡିଗ୍ରୀଦାର

---

# ରାଏ ଏଣ୍ଡ କୋମ୍ପାନୀଙ୍କ

ସୁବିଖ୍ୟାତ ଓ ସଜ୍ଜନପ୍ରଶଂସିତ 'ବଲ୍ଲ-ମାଳତୀ' ଓ 'ଲାବଣ୍ୟବତୀ' ନାମକ ଚର୍ମରୋଗ ଓ ଶିରରୋଗ ନାଶକ ମହୋପକାରୀ ସୁବାସିତ ତୈଳର ମୂଲ୍ୟ ଟ ୦ ।, ।୵, ୧ ଅଭ୍ୟନ୍ତରୀ ଟ ୧, ୱ, ଓ ଟ ୧ ଶ୍ରୀ କେଶବର୍ଦ୍ଧକ ତୈଳ (Hair oil) ଟ ୦ । ନୂତନ ରଙ୍ଗର ଉତ୍କୃଷ୍ଟ କାଳୀ ଓ ଆଶ୍ଚର୍ଯ୍ୟ ଅଦୃଶ୍ୟ କାଳୀ ଟ ୦ ।୵; ଯାଦୁର ଔଷଧ (ପରୀକ୍ଷିତ) ଟ ୦ ୵ ଏବଂ ନାନା-ପ୍ରକାର ସୁବାସଦ୍ରବ୍ୟ (Exquisite Fragrance) ଟ ୦ । ଠାରୁ ଟ ୨୧ ପର୍ଯ୍ୟନ୍ତ; ଛାପାଖାନାପୁସ୍ତକଦୋକାନରେ, ଚଉଧୁରିବଜାରସ୍ଥ ଏ, ବି, କର କୋମ୍ପାନୀଙ୍କ ଦୋକାନରେ ଓ ବାଲୁ-ବଜାରସ୍ଥ ପ୍ରେସ୍ଟନ୍, ଘୋଷ ଏଣ୍ଡ କୋମ୍ପାନୀଙ୍କ ଦୋକାନରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ । ଏତଦ୍‌ବ୍ୟତୀତ ମୋଫସଲବାସିଙ୍କ ମଧ୍ୟରୁ ଯାହାଙ୍କର ଯେଉଁ ଦ୍ରବ୍ୟ (ପୋଷାକ, ପରିଚ୍ଛଦ, ଷ୍ଟେସନରୀ ଓ ମନୋହାରୀ ଦ୍ରବ୍ୟାଦି) ପ୍ରୟୋଜନ ହେବ ଆଂଶିକ ମୂଲ୍ୟ ସହିତ ଆଦେଶ କଲେ ବିଶେଷ ସୁବିଧାରେ ଭି: ପି: ଡାକଦ୍ୱାରା ପାଇ ପାରିବେ ।

| | |
|---|---|
| ୧।୪।୯୨<br>ଚୌଧୁରୀବଜାର<br>କଟକ | ସ୍ୱତ୍ୱାଧିକାରୀସ୍ୱ<br>ମେନେଜର |

---

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

# ଘଣ୍ଟାମରାମତି ।

ନାନାପ୍ରକାର ଯେଟ ବଡ଼ ନୋଟର୍ଡ ଉତ୍ତମରୂପେ ମରାମତ କରିବା ଓ ଯତ୍ନ ସମ୍ପନ୍ନର ଯାନ୍ତ୍ରିକାଳ ଭଲ ଲୋକମାନେ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରୁଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ୨ ବର୍ଷ ପର୍ଯ୍ୟନ୍ତ ସେଥିରେ ଜାମିନି ଦିଆଯିବ ଅର୍ଥାତ୍ ମରାମତ ହୋଇବାରୁ କିଛିଦିନ ସମୟ ମଧ୍ୟରେ ଯଦି ନ ଚଳେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଚୈଲଚ୍ଚି

ଘଡ଼ିର ଚେଇନ ଚେଷ, ମୂଦ, ସୁନାର ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର ଜମାଦାର ଦେବାର ଓଜର ସାଜ, (ଜମାର ଓ ଠିକାଲଙ୍କ ନାନାବିଧ ଅଳଙ୍କାରାଦି ରୂପା ସୁନା ପ୍ରକାରଙ୍କ; ରୂପାର ମୂଦ ଓଜନର ଅଳଙ୍କାର ପ୍ରକାରେ) ତୈୟାର କରି ଦିଆଯିବ ।

| | |
|---|---|
| କଟକ<br>୧୩।୧୨।୮୯ | ଶ୍ରୀ ଗୌରିଶଙ୍କର ରାୟ |

---

# ମେହରୋଗ ।

୩୨ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୂରନ୍ତ ପ୍ରମେହକଷ୍ଟ ଯେଉଁମାନଙ୍କ ଅନେକଦିନ ହୋଇଅଛି ସେମାନଙ୍କର ଉଭୟଙ୍କ ଶୋଷଣବାର ଲକ୍ଷଣ ନଷ୍ଟ ସାମାନ୍ୟ ଅର୍ଥବ୍ୟୟରେ ହଜାରେ ଜୀବନର ମାୟା ପରିତ୍ୟାଗ କରୁଅଛନ୍ତି

ଏହି ଔଷଧ ଯଥାଶାସ୍ତ୍ରରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଏଥିରେ ଉପକାରରେ ପରିଣତ ନ ହେଲେ ଅନ୍ୟ କିଛି ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପୋଲିକଥୋଲ ୮୩ ନମ୍ବର ଭବନରେ ଏ, କେ, ଘୋଷ କମ୍ପାନୀଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଫାଇଲ୍ କୁ ଟ ୨୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ

---

# ବିଶ୍ୱମସାନ୍ଧେବକଂ ବଟିକା

ଫଳ ବିବେଚନାରେ ଏହି ୨ ଫାଲୁଅର ମୂଲ୍ୟ ଏକ ୨ ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ସମୟରେ ପ୍ରସ୍ତୁତ ହୋଇ ନାହିଁ ଜଳରେ ପ୍ରସ୍ତୁତ ହୋଇଅଛୁ ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳୀରେ ବ୍ୟଥା, ମୂତ୍ରବ୍ୟଥା, ମୂତ୍ରକୃଚ୍ଛ୍ର, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ପୀଡ଼ା, ତନ୍ଦ୍ରାଲୁତା, ଶୈତ୍ୟ, ଗାତ୍ରୋଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବିବିଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ଉପକାରୀ ।

ହିନ୍ଦୋସ୍ଥାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫାଲୁଆ ଆକାର ଅନୁସାରେ ଟ ୦ ୱ ଟ ୦ ୱ ୯ ଟ ୦ ୱ୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବାକୁ ହେବ ।

Split by PDF Splitter
Digitized by srujanika@gmail.com

Split by PDF Splitter



ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କିଣି ପଠାଇବାର ପରିଶ୍ରମ ବାବଦ ଶତକଡ଼ା ୫ ୬। ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପ୍ୟାକିଂ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । କେହି ବା ଇନସଫିସିଏନ୍ଟ ଷ୍ଟାମ୍ପ ଦିଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଭୁଲପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରାଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ କରିବାସକାଶେ ସମ୍ବାଦ ପାଉଥାଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ କି ଯେଉଁମାନେ ଅମୃତ୍ୱାସ ଔଷଧର ଉପସ୍ଥିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୁଲନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଅବରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ବିଶେଷ ବୃତ୍ତାନ୍ତ ଲେଖି ପଠାଇଲେ ତାହାକୁ ଯଥାଯୋଗ୍ୟ ଔଷଧ ପଠାଉଁ । ଟଙ୍କା, କଉଡ଼ି କି ସମ୍ବାଦ ନିମ୍ନ ଠିକଣାରେ ଆମ୍ଭଠାରୁ ପଠାଇବାକୁ ହେବ ।

କଟକ ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ ।

---

### ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ବାତନାଶନ ତୈଳ—ଏହା ବ୍ୟବହାର କଲେ ମସ୍ତକର ବଣ୍ଡୁ ଓ ଜାଡ୍ୟତନ୍ତ୍ର ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ କଳିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତି ଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦନ୍ତକୁଳନାଶନ—ନାମ ଶୁଣିଲେ ସତ୍ୟ କରୁ ପ୍ରୟୋଗ କଲେ ଜ୍ୱାଳା ସହଣା କହିମାତ୍ର ଜଣା ଯାଏ ନାହିଁ । ପ୍ରତି ଶିଶିର ମୂଲ୍ୟ ଚାରିଅଣା ମାତ୍ର ।

୩ । ଶୂଳଗଜକେଶରୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁ ଶୂଳ ( ଅମାବାଇ ) ଓ କମଳାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଭେଦ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହୀନ ନିବାରିତ ହୁଏ ।

ଏହା ନିର୍ଦ୍ଦୋଷ ଵିରେଚକ । ସର୍ବପ୍ରକାର ପୀଡ଼ାରେ ଏବଂ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଚ୍ୟବନପ୍ରାଶ ଅବଲେହ—ଏହା ସେବନ କଲେ ମ୍ୟାଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ବାତଜ୍ୱର, ସୂତିକା ଓ କମଳ ଓ ପାଳଜ୍ୱର ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅପରିମିତ କୋଷ, ଶାରୀରିକ ଓ ମାନସିକ ଅବସନ୍ନତା ପ୍ରଭୃତି ଦୂରୀଭୂତ ହୁଏ ଏବଂ ଦେହ ସୁସ୍ଥ ହୋଇ ବଳ ବର୍ଦ୍ଧିତ ହୁଏ । ଏକ ପକ୍ଷକାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତଶୋଧିକା ( ସାଲସା )—ଅପରିମିତ ଆହାର, ବିହାର ଅତିରିକ୍ତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଉପଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାରକ ଚର୍ମରୋଗ, କଣ୍ଡୁରା, ଗାତ୍ର ସନ୍ଧିବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନ ସୁଦ୍ଧା ବ୍ୟବହାର କଲେ ଉନ୍ମୂଳିତ ହୋଇ ମାନବଦେହ ନବୀନ ଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ସୁସ୍ଥଅବସ୍ଥାରେ ମଧ୍ୟ ବଳାଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, କାଛୁ କୁଣ୍ଡିଆ ଓ ଖଉଜି ଏହା ସେବନେ ଆରୋଗ୍ୟ ହୁଏ । ଚାରି ସପ୍ତାହ ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

| | |
|---|---|
| କାଳୁବଜାର, କଟକ ଔଷଧଭଣ୍ଡାର । | ଡାକ୍ତର । ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ । V. L. M. S. |

---

### ନୂତନ ପୁସ୍ତକ ।

ତ୍ରିଭାଷୀ ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ ସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଶିଖି ପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ସେକ୍ରେଟେରୀ

---

### ବାଲିକାଗଜ ।

ଉଲଇଶିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ କଥା ନଜରଟି ବାବୁ ଅର୍ଜ୍ଜୁନଦାସ ଜଗ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | | |
|---|---|---|---|---|
| ୧୮ ପତି | ଖାଲ | ପ୍ର ୧୬ ଟ ୨୦/ | ରି୧୬ ଟ ୦/୮ | |
| ୧୪ ପତି | " | " ଟ ୨॥ | " ଟ ୦ ୬/ | |
| ୧୨ ପତି | " | " ଟ ୨| | " ଟ ୦/ | |
| ୨୨ ପତି ଇଣ୍ଡିଆପାଇପ୍ " ଟ ୩। | | | " ଟ ୦ ।/ | |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର କଥା ଜଗନ୍ନାଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ଢାକା ଓ ବେଙ୍ଗମୀଖଡ଼ିଆର ଲୁଗା ଓ ଷ୍ଟେସନେରି ଓ ଇଙ୍ଗ୍ରାଜୀ ନାନା ସଉଦାଗରି ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଅଧୁନା ଅନେକପ୍ରକାର ନୂତନ ଜିନିଷମାନ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ବିଜ୍ଞାପନ ।

ଏ ଚାଉଳ ହେଉଛି ଥାଳରେ ରଖି ଦଶ ବର୍ଷରେ ଖରାପ ହୋଇନାହିଁ ଫୁଟାଇଲେ ଦେଖିବେ ଯାଣେଲୀ ଗନ୍ଧ ହେବ ଭାତ ମିଠା ଅଟେ ଲେପିଦେଲେ ମଜବୁତ ହେବ ଓ କଣ ଧରିବ ନାହିଁ ।

ବଙ୍ଗଳା ଚମଡ଼ା ଓ ସାରରେ ଲଗାଇବାର ଲାହି ମଧ୍ୟ ଅଛି ।

ଅର୍ଜ୍ଜୁନଦାସ ଜଗ କମ୍ପାନୀ

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ି ପ୍ରତି | ଟ ୦/ |
| ଅର୍ଦ୍ଧସ୍ତମ୍ଭ | ଟ ୨ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ତହିଁର ସର୍ତ୍ତ ଟ ୦/ ରୁ ଉଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥରସକାଶେ ସର୍ତ୍ତ ପ୍ରଥମଥର ଠାରୁ ଅର୍ଦ୍ଧେକ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇଥାଏ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର ଉତ୍କଳ ପ୍ରିଣ୍ଟିଂକମ୍ପାନୀର ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲ ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୬ ଶ
ସଂ ୧୮ ଖ୍ୟା
ତା ୨୦ ଋଣ ମାହେ ଅପ୍ରେଲ ସନ ୧୮୯୧ ମହିହା । ୨ । ବୈଶାଖ ବା ୨୦ ଢ ସ୍ୱତ ୧୨୯୯ ସାଲ ଶନିବାର
ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯

## ବିଜ୍ଞାପନ ।

ଓଡ଼ିଆ
ସନ ୧୮୯୮/୯୯ ଷ ମସିହାର

### ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ଭାଗ୍ୟ ଛପା ହୋଇ ଉଦୟ ହେଉଅଛି ।
ମୂଲ୍ୟ ଟ ୦।୬ ଡାକମାସୁଲ ଟ ୦ /
ହେଷ୍ଟପାଛି ଖଂଣ୍ଡରୁ ଟ ୦/ ଡାକମାସୁଲ ଟ ୦୧୬

ଭାରତରେ କାଳର ହ୍ରାସର ସାଧନ ନିମିତ୍ତ ଭାରତଗବର୍ଣ୍ଣମେଣ୍ଟ ଅନେକଗୁଡ଼ାଏ ଟଙ୍କା ମଞ୍ଜୁର କରିଅଛନ୍ତି । ବଙ୍ଗଳାରେ ଓଡ଼ିଶା ନିମନ୍ତେ ଦୁଇଲକ୍ଷ, ଦୁଇଲକ୍ଷ ଓ ସୋନ କେନାଲ ନିମନ୍ତେ ଦୁଇଲକ୍ଷ, ଉତ୍ତର ପଶ୍ଚିମ ପ୍ରଦେଶରେ ଗଙ୍ଗା ନିମିତ୍ତ ଅନ୍ତ-ତଃର ପଶ୍ଚିମ ପ୍ରଦେଶରେ ଗଙ୍ଗା ନିମିତ୍ତ ଅଢ଼େଇଲକ୍ଷ ଓ ପୂର୍ବ-ଲକ୍ଷ, ଜମୁନାଗଙ୍ଗା ନିମିତ୍ତ ଏକଲକ୍ଷ, ପଞ୍ଜାବ ନିମିତ୍ତ ବାଉ-ଶମ୍ଭୁ ନିମିତ୍ତ ଏକଲକ୍ଷ, ପଞ୍ଜାବ ନିମିତ୍ତ ବାଉ-ଲକ୍ଷ, ମାନ୍ଦ୍ରାଜନିମିତ୍ତ ବାଉଲକ୍ଷ ଓ ବମ୍ବେଇ-ନିମିତ୍ତ ଦୁଇଲକ୍ଷ ଟଙ୍କା ମଞ୍ଜୁର ହୋଇଅଛି ।

ଶିକ୍ଷାବିଭାଗର ଡାଇରେକ୍ଟର ଗବର୍ଣ୍ଣମେଣ୍ଟଙ୍କ ଅଣ୍ଣ ଅନୁସାର କେଉଁ୨ ସ୍ଥାନର ସରକାରୀ ଉଚ୍ଚ ବିଦ୍ୟାଳୟମାନ ସ୍ଥାନୀୟ ବିଦ୍ୟାଳୟଙ୍କରେ ଦିଆଯାଇ ଦଅ ଯାଇ ପାରିବ ତାହା କେଉଁଠାରେ ଉତ୍ତମ ସ୍ଥାନୀୟ ବିଦ୍ୟାଳୟ ଥିଲେ ସେଠାରୁ ସରକାରୀ ବିଦ୍ୟାଳୟ ଏକାବେଳକେ ଉଠାଇ ଦଥା ଯିବ, ଏସମ୍ବନ୍ଧରେ ସର୍କଲ ଇନସ୍ପେକ୍ଟର-ମାନଙ୍କର ମତ ପୁଛି ଅଛନ୍ତି । ଇନସ୍ପେକ୍ଟର-ମାନେ ସ୍ୱ୨ ମତ ଦେଲେ ସେ ଏହା କାର୍ଯ୍ୟରେ ପରିଣତ କରିବେ ।—ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ହାତରେ ଉଚ୍ଚଶିକ୍ଷାର ଏ ଦୁର୍ଦ୍ଦଶା ଦେଖି କେଉଁ ଦେଶହିତୈଷୀ ବ୍ୟକ୍ତି ଦୁଃଖିତ ନ ହେବ ?

ପୌଷମାସର ଉତ୍କଳପ୍ରଭା ମୟୂରଭଞ୍ଜ ସ୍ୱତ-କାର୍ଯ୍ୟାଳୟରୁ ଅକ୍ଷମ ଲଣ୍ଡଭଣ୍ଡ ହୋଇ ବୈଶାଖ-ମାସର ମଧ୍ୟଭାଗରେ ବାହାର ପଡ଼ିଅଛି ଏମନ୍ତ କି ଶୋକଚିତ୍ତଧାରୀ ଶେଷ ପ୍ରବନ୍ଧ ତାହାର ସେହେତୁ ତାହା ସୁଦ୍ଧା ଉତ୍ତରପ୍ରତ୍ୟୁତ୍ତରେ ପାଠ-କଙ୍କୁ ଜଣାଇଦେବାକୁ ଅବସର ହୋଇ ନାହିଁ । ଅନ୍ୟକଥା ଅବା ବ କହିବା ? କି ଅପଦ ! ମୟୂରଭଞ୍ଜର ମହାରାଜା ଏରୂପ ଭାବରେ ପ୍ରଭା ତଳାଇ ବାହିଁକି ଅପକୀର୍ତ୍ତି ଘେନୁଅଛନ୍ତି ବୁଝି ପାରୁ ନାହୁଁ । ଏଥର ସମ୍ପାଦକୀୟଭାର ଗୋବିନ୍ଦ-ବାବୁଙ୍କ ସ୍କନ୍ଧରୁ ଯାଇ ଶ୍ରୀ ସ୍ୱର୍ଣ୍ଣେଶ୍ୱର ମହାପାତ୍ରଙ୍କ ସ୍କନ୍ଧରେ ପଡ଼ିଅଛି । ନୂତନ ସମ୍ପାଦକଙ୍କୁ ଅମ୍ଭେ-ମାନେ ଜାଣୁ ନାହିଁ ମାତ୍ର ନୂତନ ପ୍ରଭା ଖଣ୍ଡ ଦେଖି ଅନୁମାନ ହେଉଅଛି ଭାରଟା ଗୁରୁତର ହେବାରୁ ଅସମ୍ଭାଳ ହୋଇ ଏପରି ଘଟିଅଛି ।

ବୃଷ୍ଟି ବନ୍ଦ ଏବଂ ଖରା ଟାଣ ହେବା ସଙ୍ଗେ୨ ପବନର ବଳ ମଧ୍ୟ ବୃଦ୍ଧି ହେବାର ଦେଖାଯାଉ-ଅଛି । ବେଳେ୨ ପବନର ବଳ ଏମନ୍ତ ଅଧିକ ହେଉଅଛି ଯେ ଠିକ ବାତ୍ୟା ବହୁଅଛି ପ୍ରାୟ ଜଣାଯାଉଅଛି । ଏହି ପବନ ଏକପ୍ରକାର ଲୋକଙ୍କ ରକ୍ଷାକର ଅଛି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ମାତ୍ର ଅଗ୍ନିଦେବଙ୍କୁ ତାହା ବିଶେଷ ସାହାଯ୍ୟ କରି ଲୋକଙ୍କୁ ଲଣ୍ଡଭଣ୍ଡ କରି ପକାଉଅଛି । ସହର ଏବଂ ମୋଫସଲର ନାନା-ସ୍ଥାନରେ ପ୍ରାୟ ପ୍ରତ୍ୟହ ଅଗ୍ନି ଲାଗୁଅଛି ଏବଂ ଠାକରେ ଅଗ୍ନି ଲାଗିଲେ ଅନେକଗୁଡ଼ାଏ ଘର ଭସ୍ମୀଭୂତ ନ କରି ଅଗ୍ନିଦେବତା ଶାନ୍ତ ହେଉ ନାହାନ୍ତି । ତହିଁରେ ପୁଣି ଜଳଅଭାବରେ ଲୋକେ ଅଗ୍ନି ଲିଭାଇବାକୁ ଯଥେଷ୍ଟରୂପେ ସକ୍ଷମ ହୋଇପାରୁ ନାହାନ୍ତି । ଏହିରୂପେ ଦରିଦ୍ରଙ୍କ ଦୁଃଖର ବୃଦ୍ଧି ହେଉ ଅଛି । ଭବିଷ୍ୟ କିରୂପେ ହେବ ଭଗବାନ ଜାଣନ୍ତି ।

ଏବର୍ଷ ଆମ୍ବଫସଲ ଭଲ ହେବ ନାହିଁ ବୋଲି ଅମ୍ଭେମାନେ ପ୍ରଥମରୁ ଅନୁମାନ କରିଥିଲୁଁ ଏବଂ ତାହା ପ୍ରତ୍ୟକ୍ଷ ଦେଖିବାରେ ଆସିଲା । ମଝିରେ ବଉଳ ଏତେ ହୋଇଥିଲା ଯେ ଅମ୍ଭ-ମାନଙ୍କର ଅନୁମାନ ମିଥ୍ୟା ହେବାର ମନେ କରି ସୁଖୀ ହୋଇଥିଲୁଁ ମାତ୍ର କପାଳର ଦୋଷ ହୋଇଗଲା । ଦେଖୁ୨ କୁହୁଡ଼ି ଅନେକ ବଉଳ ନଷ୍ଟ କରି ଦେଲା । ଏବଂ ଯେ ଅମ୍ବ ରହିଗଲା ତାହା ଅଧିକାଂଶ ବୃଷ୍ଟି ଅଭାବରେ ଶୁଖି ଝଡ଼ି-ପଡ଼ିଲା । ଏଠା ବଜାରରେ ବୈଶାଖମାସର ପ୍ରଥମସପ୍ତାହରୁ ପାଚିଲା ଆମ୍ବ ଦେଖାଯାଏ ମାତ୍ର

Digitized by srujanika@gmail.com

ଏବର୍ଷ ଏପର୍ଯ୍ୟନ୍ତ ପାଚିଲା ଆମ୍ବଙ୍କ ଦେଖା ନାହିଁ । ଦୁଃସମୟରେ ଆମ୍ରଫସଲ ଦୁଃସ୍ଥିଲୋକଙ୍କୁ ଅନ୍ତତଃ ଦୁଇମାସକାଳ ରଖାଇ ଦେଇଥାନ୍ତା । ମାତ୍ର ଏବର୍ଷ ଲୋକଙ୍କୁ ଚତୁର୍ଦ୍ଦିଗରୁ କଷ୍ଟ ଓ ବଇଶାଖର ସମସ୍ତ ଉପସ୍ଥିତ କରାଇଅଛି ।

---

ଗତ ଶନିବାର ରାତ୍ରରେ ଏଠା କଟକ ଟ୍ରେନିଂ କର୍ମାଗାର ଦ୍ୱିତଲଗୃହରେ କଲିକତା ଜାନ୍‌ବଜାରସ୍ଥ ବଙ୍ଗୀୟ ଭୌତିକ ସମ୍ପ୍ରଦାୟ ଦଳ ସେମାନଙ୍କର ଖେଳା ଦର୍ଶାଇଥିଲେ । ଇତଃପୂର୍ବେ ଶ୍ବେତପୁରୁଷମାନଙ୍କ ଭେଲ୍କିବାଜି ଅନେକଥର ହୋଇଅଛି ଓ ସେମାନେ ଅନେକ ଉପାର୍ଜନ କରି ଯାଇଅଛନ୍ତି କିନ୍ତୁ ଦେଶୀୟ ଲୋକଙ୍କର ଶ୍ବେତପୁରୁଷଙ୍କ ପ୍ରାୟ ଭେଲ୍କିବାଜି କେବେ ଦେଖା ହୋଇ ନ ଥିଲା ଏହା ପ୍ରଥମ ଉଦ୍ୟମ ହେଲେହେଁ ସାହେବମାନଙ୍କ ଖେଳା ଅପେକ୍ଷା କୌଣସି ପ୍ରକାରରେ ନ୍ୟୂନ ନୁହେ । ଏମାନଙ୍କ ଖେଳମଧ୍ୟରେ ତାସଖେଳ, ଉଡ୍‌ଡୀୟମାନ ପେଣ୍ଡୁର ଖେଳ, ହରରକମ ଜଥା କହିବାର ଖେଳ ଓ ବିଶେଷତଃ ମନୁଷ୍ୟର ଶୂନ୍ୟମାର୍ଗରେ ଝୁଲିବା ଓ ରହିବା ( arial suspension ) ଅତୀବ ଚମତ୍କାର ଓ ସୁନ୍ଦର ହୋଇଥିଲା ଆମ୍ଭେମାନେ ଏମାନଙ୍କ ଖେଳାରେ ଅତୀବ ପ୍ରୀତ ହୋଇଅଛୁଁ ଓ ସାଧାରଣଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଏମାନଙ୍କୁ ଉତ୍ସାହିତ କରିବା ପକ୍ଷରେ ସେମାନେ ଯତ୍ନଶୀଳ ହେବେ ।

---

ଗତ ରବିବାର ରାତ୍ର ବାରଘଣ୍ଟା ସମୟରେ କାଜୀବଜାରସ୍ଥ କେତେକ ଗୃହ ଅଗ୍ନି ଲାଗି ଭସ୍ମୀଭୂତ ହୋଇଅଛି । ଗୋଟିଏ ଗରିବ ଗଉଡ଼ର ସମୁଦାୟ ଘର ଜଳି ଯାଇଅଛି । କେହି ପାଷଣ୍ଡ ଏପରି କାର୍ଯ୍ୟ କରିଅଛି ବୋଲି ଶୁଣାଯାଏ । ଗୃହରେ ଅଗ୍ନି ଲାଗିଥିବା ସମୟରେ କାଲୁବଜାରସ୍ଥ ମାରୱାଡ଼ିମାନେ ଅଗ୍ନି ନିର୍ବାଣ-ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିଥିଲେ ଓ ସେମାନଙ୍କ ଉଦ୍ୟମରେ ଅଗ୍ନିଦେବତା ଶାନ୍ତ ହେଲେ । ପ୍ରାୟ ଅର୍ଦ୍ଧଘଣ୍ଟା ପର୍ଯ୍ୟନ୍ତ ଅଗ୍ନିର ପ୍ରକାଶ ରହିଥିଲା କିନ୍ତୁ ଇତିମଧ୍ୟରେ ଏଠା ମିଉନିସିପାଲିଟୀର କୁଲି ଅଥବା କୌଣସି କର୍ମଚାରୀଙ୍କ ସାକ୍ଷାତ ମିଳି ନ ଥିଲା । ଏଠା ମିଉନିସିପାଲିଟୀ ଗୋଦାମ କୁଲିମାନଙ୍କର କେବଳ ଅତୀବ ସନ୍ନିକଟ ଥିବା ପ୍ରଯୁକ୍ତେ ଅଗ୍ନିସ୍ଥାନରେ ସମୟରେ କୁଲିମାନେ ଉପସ୍ଥିତ ନ ହେବା ମିଉନିସିପାଲିଟୀ ପକ୍ଷରେ ଅତୀବ ନିନ୍ଦନୀୟ କଥା ଅଟେ । ଅଗ୍ନି-ଶାନ୍ତି ଉତ୍ତାରେ କୁଲିମାନେ ଅଗ୍ନି ସ୍ଥାନରେ ଉପସ୍ଥିତ ହୋଇଥିଲେ । ମାତ୍ର କିଛି କରିବାକୁ ନ ଥିବାର ଦେଖି ବାହୁଡ଼ି ଗଲେ । ପବନର ବଳ ଯେପରି ଅଧିକ ହୋଇଥିଲା ମାରୱାଡ଼ିମାନେ ଯତ୍ନ କରି ନ ଥିଲେ ଅନେକ ଗୁଡ଼ିଏ ଘର ଭସ୍ମୀଭୂତ ହୋଇ ଯାଇଥାନ୍ତା । ଆମ୍ଭେମାନେ ମାରୱାଡ଼ିମାନଙ୍କୁ ଏଥି ସକାଶେ ଆନ୍ତରିକ ଧନ୍ୟବାଦ ଦେଉଅଛୁଁ ।

---

ଆମ୍ଭମାନଙ୍କ ଭାରତେଶ୍ୱରୀଙ୍କ ପ୍ରଧାନ ରାଜକୀୟ ବଗି ( state coach ) ଦେଖିବାକୁ ଅତୀବ ସୁନ୍ଦର ଏବଂ କଥିତ ହୁଏ ଯେପରି ବଗି ଅଦ୍ୟ ଏପର୍ଯ୍ୟନ୍ତ ନିର୍ମିତ ହୋଇ ନାହିଁ । ଏହି ବଗି ନିର୍ମାଣ ଓ ଚିତ୍ରାଦି କାର୍ଯ୍ୟ ୧୭୬୧ ମସିହାରେ ଶେଷ ହୋଇଥିଲା । ବିଲାତର ତତ୍କାଳୀନ ପ୍ରଧାନ ଚିତ୍ରକର ଏଥିର ଚତୁର୍ଦ୍ଦିଗରେ ନାନାପ୍ରକାର ସୁରୁଚିବିଶିଷ୍ଟ ଚିତ୍ରମାନ ସନ୍ନିବେଶିତ କରିଅଛନ୍ତି । ନିର୍ମାଣ ହେବାଠାରୁ ଚିତ୍ରାଦି କାର୍ଯ୍ୟ ଶେଷପର୍ଯ୍ୟନ୍ତ ଏଥିନିମନ୍ତେ ସର୍ବସୁଦ୍ଧା ୭୬୬୧ ପାଉଣ୍ଡ ୧୬ ସିଲିଂ ୧୧ ପେନ୍ସ ଖର୍ଚ୍ଚ ପଡ଼ିଥିଲା ଅର୍ଥାତ୍ ଆଜିକାଲି ଟଙ୍କାର ଭାବରେ ପ୍ରାୟ ଲକ୍ଷେଟଙ୍କା । କେବଳ ବିଶେଷ ରାଜକୀୟ କାର୍ଯ୍ୟ ଉପଲକ୍ଷରେ ଏହା ବ୍ୟବହୃତ ହୁଏ ଏବଂ ଶେଷଥର ଏହା ସନ ୧୮୬୧ ମସିହାରେ ପାର୍ଲିୟାମେଣ୍ଟ ଖୋଲା ହେବା ସମୟରେ ବ୍ୟବହୃତ ହୋଇଥିଲା । ଏହା ୮ ଘୋଡ଼ାଦ୍ୱାରା ଟଣା ହୁଏ । ମାତ୍ର କଥିତ ହୁଏ ଯେ ଏହାର ଭିତର ଗଦିମାନ ଟାଣ୍ଟ କଠିନ ଥିବାରୁ ଏଥିରେ ବସିଲେ ଶରୀର ଏପରି ଭାବରେ ହଲଚଲ ହୁଏ ଯେ ମୁଣ୍ଡବୁଲାଇ ଦିଏ ଏବଂ ଶ୍ରୀମତୀ ଭିକ୍ଟୋରିଆ ଯେତେବେଳେ ଏଥିରେ ଚଢ଼ିଅଛନ୍ତି ସେତେବେଳେ ତାଙ୍କର ମୁଣ୍ଡବ୍ୟଥା ଜାତ ହୋଇଅଛି । ଲକ୍ଷେଟଙ୍କା ଗାଡ଼ିର ଏ ମାହାତ୍ମ୍ୟ ! ଏହା ଛଡ଼ା ଶ୍ରୀମତୀ ଭିକ୍ଟୋରିଆଙ୍କ ଅସ୍ତବଲରେ ଅନ୍ୟୂନ ୩୮୩ ଖଣ୍ଡ ବଗି ଅଛି । ତହିଁ ମଧ୍ୟରୁ ଗୋଟିକର ନାମ ଅର୍ଦ୍ଧ ରାଜକୀୟ ବଗି ( Semi-state coach ) ଏବଂ ଅନ୍ୟ ଗୋଟିଏ ଜୁବିଲିଲଣ୍ଡ ବଗି ଏ ଦୁଇଗୋଟି ମଧ୍ୟ ଦେଖିବାକୁ ବଡ଼ ସୁନ୍ଦର । ସର୍ବୋତ୍ତମ ବୃଟିଶ-ଦ୍ୱୀପର ରାଣୀ ଏବଂ ଭାରତସାମ୍ରାଜ୍ୟର ଅଧିଶ୍ୱରୀଙ୍କ ଐଶ୍ୱର୍ଯ୍ୟ ଅତୁଳନୀୟ !

— ※ —

ଭାରତରେ ଦ୍ୱାବିଂଶତି ସହସ୍ରଲୋକ ପ୍ରତିବର୍ଷ ସର୍ପଦଂଶନରେ ଅକାଳକାଳକବଳରେ ପତିତ ହୁଅନ୍ତି । ବଙ୍ଗ, ଉତ୍ତରପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟାରେ ଏପରି ମୃତ୍ୟୁସଂଖ୍ୟା ଅଧିକ ଅଟଇ । ବର୍ଷକମଧ୍ୟରେ ବଙ୍ଗଳାରେ ପ୍ରାୟ ୧୦୫୦୦ ଓ ଉତ୍ତରପଶ୍ଚିମ ପ୍ରଦେଶ ଓ ଅଯୋଧ୍ୟାରେ ଜ ୫୮୦୦ ଣ ସର୍ପଦଂଶନରେ ମରି ପଡ଼ନ୍ତି । ହାରାହାରି ହିସାବ କରି ଦେଖାଯାଇଅଛି ଯେ ବଙ୍ଗଳାରେ ୬୭୩୧ ରେ ଜଣେ, ଉତ୍ତରପଶ୍ଚିମପ୍ରଦେଶ ଓ ଅଯୋଧ୍ୟାରେ ୮୦୧୫ ରେ ଜଣେ, ମଧ୍ୟପ୍ରଦେଶରେ ୧୦୩୫୦ ରେ ଜଣେ, ମାନ୍ଦ୍ରାଜ, ପଞ୍ଜାବ ଓ ଆସାମରେ ୨୫୦୦୦ ରେ ଜଣେ ଏବଂ ସମସ୍ତ ପ୍ରଦେଶରେ ହାରାହାରି ୧୦୧୫୨ ରେ ଜଣେ ଲେଖାଏ ୧୮୯୦ ସାଲରେ ସର୍ପଦଂଶନରେ ପ୍ରାଣ ହରାଇ ଅଛନ୍ତି । ୧୮୮୯ ସାଲରେ ୯୬୭୩ ରେ ଜଣେ ଲେଖାଏ ପ୍ରାଣ ହରାଇ ଥିଲେ । ଗୋ ମେଷାଦି ପଶୁ ବର୍ଷରେ ପ୍ରାୟ ୫୦୦୦ ସର୍ପଦଂଶନରେ ପ୍ରାଣ ହରାନ୍ତି ଓ ବର୍ଷରେ ପ୍ରାୟ ୫୧୦୦୦୦ ସର୍ପ ନଷ୍ଟ ଯାଏ ।

ଆମ୍ଭେମାନଙ୍କର ଭାରତୀୟ ଗବର୍ଣ୍ଣମେଣ୍ଟ ସର୍ପଭୟ ନିବାରଣର ଉପାୟ ଚିନ୍ତା ଏହା ସ୍ଥିର କରି ଅଛନ୍ତି ଯେ ସର୍ପବଂଶ ଧ୍ୱଂସ ନିମନ୍ତେ ଲୋକଙ୍କୁ ପୁରସ୍କାର ଦେଇ କୌଣସି ଫଳ ନାହିଁ । ଏଣିକି ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସର୍ପଭୟ ନିବାରଣ-ଉଦ୍ଦେଶ୍ୟରେ ଗ୍ରାମଭିତରେ କିମ୍ବା ବାହାରେ ସର୍ପ ରହିବା ଭଳି ଜଙ୍ଗଲ ନ ରଖିବାର ଉପାୟ ବିଧାନ କରିବେ । ତାଙ୍କ ହାକିମମାନେ ଏଥିପ୍ରତି ଦୃଷ୍ଟି ପକାଇବା ନିମନ୍ତେ ମିଉନିସିପାଲିଟୀ ଓ ଗ୍ରାମର ପ୍ରଧାନ ଲୋକମାନଙ୍କୁ ବାଧ୍ୟ କରିବେ । କିନ୍ତୁ ଏ ଉପାୟଦ୍ୱାରା ଯେ ସର୍ପଭୟ ନିବାରଣ ହେବ ଏପରି ଆମ୍ଭମାନଙ୍କୁ ବୋଧ ହେଉ ନାହିଁ । କାରଣ ସର୍ପମାନେ ଯେ କେବଳ ଜଙ୍ଗଲରେ ବାସ କରନ୍ତି ଏମନ୍ତ ନୁହେ ଘରଗୁଡ଼ିକରେ ଓ କାନ୍ଥରେ ଏବଂ ତଳରେ ଓ ଗର୍ତ୍ତ ଏବଂ କୂଅରେ ସାପ ଅଧିକାଂଶ ବାସ କରନ୍ତି । ଏମନ୍ତ ଅବସ୍ଥାରେ ଖାଲି ଜଙ୍ଗଲ କାଟିଲେ କି ସର୍ପଭୟ ନିବାରଣ ହେବ ?

---

ଏଠା ମିଉନିସିପାଲିଟୀର ଷ୍ଟାଉନ ଓଭରସିୟରଙ୍କ ନାମରେ ଗୋ ୬ ଟି ଅଭିଯୋଗ ଅଟେ

Split by PDF Splitter
Digitized by srujanika@gmail.com

ହୋଇ ତାଙ୍କୁ ସସପେଣ୍ଡ କରା ଯାଇଥିବା ବିଷୟ ପୂର୍ବେ ଅମ୍ଭେମାନେ ପାଠକମାନଙ୍କୁ ଜଣାଇ ଅଛୁଁ । ଗତ ବୁଧବାର ଦିନ ତାଙ୍କ ମୋକଦ୍ଦମା ବିଚାର ହେବା କାରଣ ମିଉନିସିପଲ୍ କମିଶନରମାନଙ୍କର ଗୋଟିଏ ବିଶେଷ ଅଧିବେଶନ ହୋଇଥିଲା ଏବଂ ସ୍ଥାନାନ୍ତରିତ କମିଶନରମାନଙ୍କ ଛଡ଼ା ଅନ୍ୟ ସମସ୍ତ କମିଶନର ସଭାସ୍ଥଳରେ ଉପସ୍ଥିତ ହୋଇଥିଲେ । ଅପରାହ୍ଣ ଘ ୨॥ ଟା ଠାରୁ ରାତି ପ୍ରାୟ ଘ ୯ ଟା ପର୍ଯ୍ୟନ୍ତ ସଭା ଲାଗି ରହିଥିଲା । ସୁତରାଂ କମିଶନରମାନେ ଯେ ଓବରସିଅରଙ୍କ ମୋକଦ୍ଦମା ଉତ୍ତମରୂପେ ବୁଝିବା କାରଣ ଯତ୍ନ କରିଥିଲେ ଏଥିରେ ସନ୍ଦେହ ନାହିଁ । ଓ. ରସିଅରଙ୍କ ନାମ ର ଦୁଇଗୋଟି ଅଭିଯୋଗ ପ୍ରଥମରେ ଅଗତ ହୋଇଥିଲା ମାତ୍ର ତାଙ୍କ ମୋକଦ୍ଦମା ବିଚାର ହେବା ସମୟକୁ ଚେୟାରମାନଙ୍କଠାରୁ ସବ୍‌କମେଟୀପର୍ଯ୍ୟନ୍ତ ଅନ୍ୟର କେତେଗୁଡ଼ିଏ ଅଭିଯୋଗର ବିଷୟ ସଂଗୃହୀତ ହୋଇ ସଭାସ୍ଥଳରେ ଅଗତ କରିଥିଲେ ଏବଂ ତହିଁ ମଧ୍ୟରୁ କେତେଗୁଡ଼ିକର କୈଫିୟତ ଓବରସିୟର ଦେଇଥିଲେ ଅନ୍ୟ କେତେଗୁଡ଼ିକର କୈଫିୟତ ତାଙ୍କଠାରୁ ନିଆ ହୋଇ ନ ଥିଲା । ସୁତରାଂ ତାହା ସବୁ ଆଗତ ହେଲା ବେଳକୁ ସଭାରେ ଗଣ୍ଡଗୋଳ ଉପସ୍ଥିତ ହେଲା । ସେ ସବୁ ବିଷୟ କାର୍ଯ୍ୟତଃ କମିଶନରମାନଙ୍କଦ୍ୱାରା ଉପେକ୍ଷିତ ହେଲା । ପ୍ରଥମେ ଯେଉଁ ଦୁଇ ଅଭିଯୋଗ ଆଗତ ହୋଇଥିଲା ତହିଁ ସମ୍ପର୍କରେ କାଗଜପତ୍ରରୁ ପ୍ରକାଶ ପାଇଲା ଯେ ସିବିଲକୋର୍ଟ ଭିତରେ କୋଠା ନିର୍ମାଣ କରିବା କାରଣ ଇତିପୂର୍ବେ ଓଭରସିଅର ଅନୁମତି ଦିଆ ଯାଇଥିଲା ଏବଂ ଅନୁମତି ନ ଦେବା ବିଷୟରେ କମିଶନରମାନଙ୍କର କୌଣସି ଆଦେଶ ଥିବାର ପ୍ରକାଶ ପାଇ ନ ଥିବାସ୍ଥଳେ ଓବରସିଅରଙ୍କୁ ଦୋଷୀ ବୋଲିଯାଇ ନ ପାରେ । ଅନ୍ୟ ଅଭିଯୋଗଟିରେ ଓବରସିଅର କଲେକ୍ଟର ସାହେବଙ୍କ ଚିଠିର ରିପୋର୍ଟ ଦେବାରେ ଅଯଥା ବିଳମ୍ବ କରିଥିବାର ଯେ ସ୍ୱୀକାର କରିଥିଲେ ଏବଂ ଏକାଦିକ୍ରମେ ଅଠ ମାସକାଳ କଲେକ୍ଟର ସାହେବଙ୍କ ଚିଠି ପଡ଼ି ରହିବା ସାମାନ୍ୟ ହେଲାର ବିଷୟ ନୁହଇ । ଯାହା ହେଉ ଅଧିକାଂଶ କମିଶନରମାନଙ୍କ ମତରେ ଓବରସିଅର ନିର୍ଦ୍ଦୋଷୀ ଥିବା ଓ ସେ ଆପଣା କାର୍ଯ୍ୟ ଫେରି ପାଇବାର ଧାର୍ଯ୍ୟ ହେଲା । ଯେଉଁ ଯେତେକାଳ ସେ ସସପେଣ୍ଡ ରହିଥିଲେ ସେ ସମୟର ବେତନ ସେ ପାଇବେ କୋନ ଅନ୍ୟ ପକ୍ଷର କମିଶନର ପ୍ରସ୍ତାବ କଲେ ଏତେବେଳେ ଯେଉଁ ପକ୍ଷ ଓବରସିଅର ନିର୍ଦ୍ଦୋଷୀ ଥିବାର ମତ ଦେଇଥିଲେ ସେମାନଙ୍କ ମଧ୍ୟରୁ ଜଣ ୨ ଜଣ ପୁଣି ବେତନ ନ ଦେବାର ପ୍ରସ୍ତାବ କଲେ । ଏହା ବାସ୍ତବରେ ଆମ୍ଭମାନଙ୍କୁ କେମନ୍ତ ଅଦ୍ଭୁତ ୨ ଲାଗୁଅଛି ଏବଂ ଏଥିରୁ ଜଣା ଯାଉଅଛି ଯେ ସେମାନେ ମନରେ ବୁଝିଥିଲେ ଯେ ଓବରସିଅର ସମ୍ପୂର୍ଣ୍ଣ ନିର୍ଦ୍ଦୋଷୀ ନୁହନ୍ତି । ଯାହା ହେଉ ଓବରସିଅରଙ୍କୁ ସସପେଣ୍ଡ ସମୟର ବେତନ ଦିଆଯିବାର ପ୍ରସ୍ତାବ ଅଗ୍ରାହ୍ୟ ହେଲା । ମିଉନିସିପଲସଭାରେ ଯେରୂପ ଭାବରେ ପ୍ରସ୍ତାବମାନ ଆଗତ ହୋଇ ଏହି ନିଷ୍ପତ୍ତି ଲାଭ ହେଲା ଯଦ୍ୟପି କ ଅମ୍ଭେମାନେ ତାହା ଅନୁମୋଦନ କରି ପାରୁ ନାହୁଁ ମାତ୍ର ନିଷ୍ପତ୍ତିଟା ଅମ୍ଭମାନଙ୍କୁ ଠିକ ହୋଇଥିବାର ଜଣାଯାଏ । ଓବରସିଅରଙ୍କ ଦୋଷ କେବଳ ଗୋଟିଏ ବିଷୟ ହେଲା କର୍ତ୍ତବ୍ୟ ପାଳନ ଉପେକ୍ଷା । ଏ ଦୋଷନିମିତ୍ତ ତାଙ୍କୁ କର୍ମରୁ ଏକାବେଳକେ ପଦଚ୍ୟୁତ କରିବା ଉଚିତ ନୁହଇ ମଧ୍ୟ ସସ୍‌ପେଣ୍ଡ ସମୟର ବେତନ ନ ଦେବାଦ୍ୱାରା ହେଲା କରିବା ହେତୁ ତାଙ୍କୁ ଉପଯୁକ୍ତ ଅର୍ଥଦଣ୍ଡ ହୋଇଗଲା । ଅମ୍ଭେମାନେ ଭରସା କରୁଁ ଏଥର ଓବରସିଅର ଆପଣା ପଦର ଗୁରୁତ୍ୱ ବୋଧ କରି ଉପୁର ହୋଇ କାର୍ଯ୍ୟ କରିବାଦ୍ୱାରା ନିଜର କଳଙ୍କ ଅପନୋଦନ କରିବେ । ପରିଶେଷରେ ଅମ୍ଭମାନଙ୍କର ବକ୍ତବ୍ୟ ଏହି କି କମିଶନରମାନେ ବୁଧବାରଦିନ ଯେପରି ଭାବରେ ସଭାର କାର୍ଯ୍ୟ ଚଳାଇଲେ ତାହା ଦେଖି ଅମ୍ଭେମାନେ ବାସ୍ତବରେ ଅତ୍ୟନ୍ତ ଦୁଃଖିତ ହୋଇଅଛୁଁ । ସେମାନେ କାର୍ଯ୍ୟାବଳୀ ଯେ ଦେଖିଅଛୁ ସେ ବୁଝିଅଛୁ ଯେ କମିଶନରମାନଙ୍କ ମଧ୍ୟରେ ଅନେକେ ସ୍ୱାର୍ଥ ଚେନ ସଭାକୁ ଯାଇ ତଦନୁସାରେ କାର୍ଯ୍ୟ କରିଥିଲେ । ବ୍ୟଙ୍ଗୋକ୍ତି ଓ ଉପେକ୍ଷାଦର ମଧ୍ୟ ଅଭାବ ନ ଥିଲା । ଅସ୍ୱଶାସନ ପଦ୍ଧତିର ବାଲ୍ୟକାଳରୁ ଏପ୍ରକାର ଅନୁସରିବା ନିତାନ୍ତ ଅନିଷ୍ଟଜନକ ।

---

### ଦେଶର ଅବସ୍ଥା ।

ଦେଖୁଁ ୨ ବୈଶାଖମାସର ତ ୨୦ ନ ଗତ ହେବାକୁ ଗଲାଣି ମାତ୍ର ବୃଷ୍ଟିସଙ୍ଗେ ଏପର୍ଯ୍ୟନ୍ତ ଦେଖା ନାହିଁ । ଅକ୍ଷୟତୃତୀୟାରେ ଧାନ ବୁଣା ହେବାର କଥା । ଗତ କାଲିଠାରୁ ଅକ୍ଷୟତୃତୀୟା ଗତ ହେଲା ମାତ୍ର ଧାନ ବୁଣା ହେବାର କେଣିକ ଥାଉ ବୃଷ୍ଟି ଅଭାବେ ଲଙ୍ଗଳଗାର ବିଲରେ ପଡ଼ି ପାରିଲା ନାହିଁ । କେଣିକ ବୃଷ୍ଟି ହେଲେ ସୁଦ୍ଧା ସୁଫସଲର ଆଶା ନାହିଁ । ବୃଷ୍ଟିର ଆଶା ସୁଦ୍ଧା ନିତାନ୍ତ ଅଳ୍ପ । ଆକାଶ ପରିଷ୍କାର ରହିଅଛି । ସୂର୍ଯ୍ୟଦେବ ପ୍ରଚଣ୍ଡତେଜରେ ଲୋକଙ୍କୁ ଅତିଶୟ କ୍ଲେଶ ପ୍ରଦାନ କରୁଅଛନ୍ତି । ଦିନକୁଦିନ ଜଳ ଅତ୍ୟନ୍ତ କ୍ଷୀଣ ହୋଇ ଯାଉଅଛି । ଅନେକ ଦିନରୁ ବୃଷ୍ଟି ହୋଇ ନ ଥିବାରୁ ନୀରସ ପୃଥିବୀ ଭୟଙ୍କର ଆକାର ଧାରଣ କରିଅଛି । ମିଥ୍ୟା ମେଘ ଓ ମିଥ୍ୟା ବିଦ୍ୟୁତ ବେଳେ ୨ ଆକାଶରେ ଜାତ ହୋଇ ଲୋକଙ୍କ ତୃଷ୍ଣା ମନ୍ଦୀଭୂତର ଶେଷ କରୁଅଛି । ନାନାସ୍ଥାନରେ ଜଳକଷ୍ଟ ଜାତ ହୋଇ ଜୀବମାନଙ୍କୁ ବିଶେଷ କଷ୍ଟ ଦେଉଅଛି ଏବଂ ଅନେକଲୋକେ ଗୋଳିଆପାଣି ବ୍ୟବହାର କରି ଇହଲୀଳା ସାଙ୍ଗ କରୁଅଛନ୍ତି । ଜଳାଭାବଯୋଗୁ ଓଲିଉଠା ଏବଂ ବସନ୍ତରୋଗମାନ ମାତ୍ର ଉଠି ଅଛନ୍ତି ଏବଂ କେତେଲୋକ ଯେ ତହିଁରେ ମରି ପଡ଼ିଅଛନ୍ତି ଗଣିବା କଠିନ । ତହିଁ ଉପରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ନିତାନ୍ତ ଚଡ଼ା ହୋଇ ଯାଇଅଛି । ଏ ନଗରରେ ଖାଇଲାଭଲ ମୋଟ ଚାଉଳର ଦର ସେ ୯ ରୁ ଠାରୁ ସେ ୧୦ ରୁ ପର୍ଯ୍ୟନ୍ତ ଏବଂ ସରୁଚାଉଳ ଟଙ୍କାରେ ସେ ୭ ୮ ର ହୋଇଅଛି ଯେଉଁ ଚାଉଳ ନିତାନ୍ତ ମୋଟ ଏବଂ ଧାନମିଶା ଓ ଅଳଣ୍ଡା ତାହାର ଦର ସେ ୧୧ ର ଏଥିରେ ଲୋକେ କିପରି ବଞ୍ଚିବେ ଠିକଣା କରିବା କଠିନ । ତହିଁ ଉପରେ ପୁଣି ବିଦେଶକୁ ଚାଉଳ ଚାଲାଣ ଅଛି । ଏ ଦର ବନ୍ଦ ଥିଲେ ଅବା ଚାଉଳ କିଛିଏ ଶସ୍ତା ଥାନ୍ତା ମାତ୍ର ଅବାଧ ବାଣିଜ୍ୟର ନିତାନ୍ତ ପକ୍ଷପାତୀ ଇଂରାଜ ଗବର୍ଣ୍ଣମେଣ୍ଟ ଏଥିପ୍ରତି ସହଜରେ ଦୃଷ୍ଟି ପକାଇବେ ଏପରି ବିଶ୍ୱାସ ନାହିଁ । ମେ ଫସଲରେ ନାମମାତ୍ର ଧାନ ଗୃହଲର ଗୋଟାଏ ଭାବ ରହିଅଛି ମାତ୍ର କିଣିବାକୁ ପ୍ରାୟ ମିଳୁ ନାହିଁ । କବ୍ଜି ଦେଇ ଧାନଚାଉଳ ଖୋଜି ୨ ବନ୍ଧୁ ଦୂରରୁ କିଣି ଆଣି ଖାଇବା ସମ୍ପ୍ରଦାୟର ଉପସ୍ଥାନ ନ ହୋଇ ଲୋକଙ୍କୁ ଜଣା ଗଲାଣି । କେତେ ସ୍ଥାନରେ ଲୋକେ ମାଣ୍ଡିଆ ହୋଲଅ ଶେଷ କରି ବାହୁଙ୍ଗ କରଡ଼ ଓ ବଣଅଳୁ ପର୍ଯ୍ୟନ୍ତ ଖାଇବାକୁ ବାଧ୍ୟ ହୋଇ ଅଛନ୍ତି ଏବଂ ଅନାହାର ଅର୍ଦ୍ଧାହାର ଶୀର୍ଣ୍ଣକାୟ ଲୋକ ପଲପଲ ହୋଇ ଦେଖା ଯାଉଅଛନ୍ତି । ବୈଶାଖମାସର ମଧ୍ୟଭାଗରେ ଏ

Digitized by srujanika@gmail.com

ଦଶା । ଏଥିନିମନ୍ତେ ଆକାଶର ଏ ଗତି ଦେଖି ଅନ୍ନର ଭୀଷଣସମୟର ପ୍ରତ୍ୟକ୍ଷ ହେବାର ଆଶଙ୍କା ଉପସ୍ଥିତ ହୋଇଅଛି । ଏ ସବୁ କଥା ଯେ କର୍ତ୍ତୃପକ୍ଷମାନେ ଅବଗତ ନାହାନ୍ତି ମନେ କରିବା ଅନୁଚିତ । ତଥାପି ସେମାନେ ଯେ କାହିଁକି ନିଶ୍ଚିନ୍ତ ହୋଇ ବସିଅଛନ୍ତି ଆମ୍ଭେମାନେ ବୁଝି ପାରୁ ନାହୁଁ ।—ସବୁ ଭଗବାନଙ୍କ ଇଚ୍ଛା ।

———

### ସାର୍ଟିଫିକଟ ଜାରିର ନିୟମ ।

ସାର୍ଟିଫିକଟଆଇନ ପ୍ରଥମେ କେବଳ ସରକାରୀ ପାଉଣା ଆଦାୟ ନିମନ୍ତେ ଜାରି ହୋଇ ଥିଲା । ପରେ ସନ ୧୮୮୦ ସାଲର ବଙ୍ଗୀୟ ୭ ଆଇନର ବିଧାନ ହେଲା ଯେ ଜାବାଲଗି ରୋଡ଼ସେସ ଇତ୍ୟାଦି ଯେ ସମସ୍ତ ମାହାଲ ସରକାରଙ୍କ ଖାସତହସିଲରେ ରହିବ ତହିଁର ପାଉଣା ମଧ୍ୟ ସରକାରୀପାଉଣା ପରି ସାର୍ଟିଫିକଟ ଦ୍ୱାରା ଆଦାୟ ହେବ । ସମ୍ପ୍ରତି କୋର୍ଟ ଅବ୍‌ୱାର୍ଡ୍ସ ଆଇନ ଯେପ୍ରକାର ସଂଶୋଧିତ ହୋଇ ଜାରି ହୋଇ ଅଛି ତହିଁରେ କୋର୍ଟ ଅବ୍‌ୱାର୍ଡ୍ସଙ୍କ ରକ୍ଷିତ ମାହାଲର ସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା । ମାହାଲ ପ୍ରଥମେ ସରକାରଙ୍କ ହାତକୁ ଆସିଲା ବେଳେ ଯେଉଁ ଜମାବନ୍ଦି ଉଆସିଲବାକି ଓ ଅନ୍ୟାନ୍ୟ କାଗଜ ଓ ହିସାବ ଜମିଦାରଙ୍କଠାରୁ ପ୍ରାପ୍ତ ହୁଅଇ ତାହା ଅନେକସ୍ଥଳରେ ସମ୍ପୂର୍ଣ୍ଣ ଠିକ ନ ଥାଏ ଓ ଏକ୨ ସ୍ଥଳରେ ଅନେକ ବର୍ଷରୁ ପ୍ରଜାଙ୍କ ସଙ୍ଗେ ରଫା ହୋଇ ନ ଥାଏ । ଏପରି ସ୍ଥଳେ ପାଉଣା ଆଦାୟ କରିବା ସକାଶେ ସାର୍ଟିଫିକଟ ଜାରି କଲେ କେତେକ ସନ୍ଦେହଯୁକ୍ତ ଓ ତକରାର ପାଉଣା ପ୍ରତି ତାହା ଜାରି ହେବା ଅସମ୍ଭବ ନୁହଇ । କଲିକତା ହାଇକୋର୍ଟ ଏହି ମନ୍ତବ୍ୟ ପ୍ରକାଶ କରିବାରୁ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ତାହା ଅନୁମୋଦନ କରି ସ୍ଥାନୀୟ ଗବର୍ଣ୍ଣମେଣ୍ଟମାନଙ୍କୁ ତହିଁର ପ୍ରତୀକାର କରିବାକୁ ଆଦେଶ ଦେଇଥିଲେ । ବଙ୍ଗୀୟ ଲେଫ୍ଟେନାଣ୍ଟ ସର ଇଲିୟଟ ବାହାଦୁର ଏହି ଆପତ୍ତିର ଯଥାର୍ଥତା ସ୍ୱୀକାର କରି ଆଦେଶ କରିଅଛନ୍ତି କି କୌଣସି ମାହାଲର ଉସୁଲ-ତହସିଲ କାର୍ଯ୍ୟ ପ୍ରଥମେ ସରକାରଙ୍କ ହାତକୁ ଆସିଲେ ବଙ୍ଗୀୟ ପ୍ରଜାସ୍ୱତ୍ୱବିଷୟକ ସନ ୧୮୮୫ ସାଲ ୮ ଆଇନର ୧୦୧ ଧାରାର ବିଧାନମାନ ସର୍ବାଗ୍ରେ ଜାରି ହେବ ଅର୍ଥାତ ସେ ମାହାଲ ଜରିପ ହୋଇ ସ୍ୱତ୍ୱାସ୍ୱତ୍ୱର ସମ୍ପୂର୍ଣ୍ଣ ବିବରଣ ଲିପିବଦ୍ଧ ହେବ ଏବଂ ଯେ ପର୍ଯ୍ୟନ୍ତ ଏହି ସ୍ୱତ୍ୱାସ୍ୱତ୍ୱର ଲିପି ଓ ପ୍ରତ୍ୟେକ ପ୍ରଜାର ଜମି ଜମା ଓ ବାକୀର ଲିଖିତ କାଗଜ ପ୍ରସ୍ତୁତ ନ ହେବ ସେ ପର୍ଯ୍ୟନ୍ତ ବାକୀ ପାଉଣାସକାଶେ କାହାରି ନାମରେ ସାର୍ଟିଫିକଟ ପ୍ରାର୍ଥନା କରିବାର ଅଧିକାର ସେ ମାହାଲର ମାନେଜର ବା ସରବରାକରଙ୍କୁ ଦିଆ ଯିବ ନାହିଁ । ଏହି ଜରିପ ବନ୍ଦୋବସ୍ତ ଶେଷ ହେବା ଏବଂ କାଗଜ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ମାନେଜର ପ୍ରଭୃତି କେବଳ ନିର୍ଦ୍ଦ୍ୱନ୍ଦ୍ୱ ପାଉଣା ଉସୁଲ କରୁଥିବେ ଏବଂ ଆବଶ୍ୟକମତେ ସାଧାରଣ ଆଇନର ଆଶ୍ରୟ ନେବେ । କାଗଜ ପ୍ରସ୍ତୁତ ହେଲା ଉତ୍ତାରୁ ସାର୍ଟିଫିକଟ ଆଇନାନୁସାରେ ପାଉଣା ଆଦାୟ ହୋଇ ପାରିବ । ଏ କଥା ଯେ ନ୍ୟାୟସଙ୍ଗତ ହୋଇ ଅଛି ସନ୍ଦେହ ନାହିଁ । କିନ୍ତୁ ଆମ୍ଭମାନଙ୍କର ଭୟ ହେଉଅଛି ଯେ ଜରିପ ବନ୍ଦୋବସ୍ତ ଖରଚ ଜମିଦାର ଏବଂ ପ୍ରଜା ଉଭୟଙ୍କୁ ଦେବାକୁ ହେବ ଓ ସେ ଖରଚ ଯେବେ ସରହାସିନରଖରେ ମାଣପ୍ରତି ଆଠଅଣା ବା ତହିଁରୁ ଅଧିକ ହେବ ତେବେ ଜମିଦାର ପ୍ରଜା ଉଭୟଙ୍କୁ ବାଧିବ । ସାମାନ୍ୟ ଖରଚରେ ମାନେଜରଙ୍କ ଦ୍ୱାରା ଜରିପ ବନ୍ଦୋବସ୍ତ କରାଇ ନେବାର ନିୟମ ହେଲେ ଆଉ କିଛି ଆପତ୍ତି ହେବ ନାହିଁ । ପ୍ରଚଳିତ ସାର୍ଟିଫିକଟଆଇନ ଶୀଘ୍ର ସଂଶୋଧନ କରିବାକୁ ମଧ୍ୟ ଗବର୍ଣ୍ଣମେଣ୍ଟ ସଂକଳ୍ପ କରିଅଛନ୍ତି ।

—○❋○—

### ଓଲାଉଠା ଓ ତୀର୍ଥଭ୍ରମଣ ।

"ଏବେ କାହିଁରେ ଅଧିକ ଲୋକ ମରୁଅଛନ୍ତି ?" ସହଯୋଗୀ ସମ୍ବାଦବାହିକା ଏକଦୀର୍ଘ ପ୍ରବନ୍ଧରେ ଏହି ପ୍ରଶ୍ନର ବିଚାର କରି ପୁଷ୍କର ରଥଯାତ୍ରା, ଗଙ୍ଗାବାରୁଣୀରେ ଓଲାଉଠାରୋଗରେ ଅନେକ ଲୋକ ମରିବାର ଉଦାହରଣ ଦେଖାଇ ଏହି ସିଦ୍ଧାନ୍ତରେ ଉପନୀତ ହୋଇଅଛନ୍ତି ଯେ ତୀର୍ଥସ୍ଥାନ ଅନର୍ଥର ହେତୁ । କେବଳ ଗ୍ରୀଷ୍ମକାଳରେ ତୀର୍ଥସ୍ଥାନରେ ଜନତା ହେଲେ ଓଲାଉଠା ଜନ୍ମେ ଏବଂ ସେହି ଓଲାଉଠାର ବୀଜ ନାନାସ୍ଥାନରେ ବୁଣି ଯାଇ ଗ୍ରାମକୁଗ୍ରାମ ପଡ଼ିଆ କରି ଦିଏ । ସହଯୋଗିଙ୍କ ବିବେଚନାରେ ଯେବେ ସୁସମୟରେ ଲୋକମାନେ ତୀର୍ଥଦର୍ଶନକୁ ଯାଉଥାନ୍ତେ ତେବେ ଏପରି ଶୋଚନୀୟ ଘଟଣା ଘଟୁ ନ ଥାନ୍ତା ।

ଉପରଲିଖିତ ମୀମାଂସାରୁ ପ୍ରକାଶ ଯେ ତୀର୍ଥଭ୍ରମଣ ଓଲାଉଠାଉପଦ୍ରବର ପ୍ରଧାନ କାରଣ ଏବଂ ଯଦ୍ୟପି ବ ଲେଖକଙ୍କ ମତରେ ସୁସମୟରେ ତୀର୍ଥଭ୍ରମଣ କଲେ ଅନିଷ୍ଟଘଟିବ ନାହିଁ ମାତ୍ର ସୁସମୟ କାହାକୁ ବୋଲିବା ଏବଂ କେବଳ ଗ୍ରୀଷ୍ମକାଳରେ ଏ ଉପଦ୍ରବ ହୁଏ ଅନ୍ୟ ସମୟରେ ହୁଅଇ ନାହିଁ ଏପରି କିଛି କହି ନାହାନ୍ତି । ପ୍ରକୃତରେ ଶୀତକାଳରେ ମଧ୍ୟ ଅନେକ ଥର ପୁଷ୍କର ଓ ଗଙ୍ଗାସାଗରରେ ପ୍ରବଳ ଓଲାଉଠା ଦେଖା ଯାଇଅଛି । ଫଳତଃ ଓଲାଉଠାର କାଳାକାଳ ନାହିଁ । ପ୍ରାୟ ସକଳଋତୁରେ ଏକ ଏକ ସ୍ଥାନରେ ଦେଖାଯାଏ । ଏ ରୋଗର ନିଶ୍ଚୟ କାରଣ ନିରୂପଣର ବୈଜ୍ଞାନିକମାନେ ଅନେକ ଅନୁସନ୍ଧାନ କରି ସୁଦ୍ଧା ଏପର୍ଯ୍ୟନ୍ତ ସ୍ଥିର କରିବାକୁ ଅକ୍ଷମ ହୋଇଅଛନ୍ତି । କାର୍ଯ୍ୟତଃ ଆମ୍ଭେମାନେ ଦେଖୁଅଛୁଁ ଯେ ପୁରୀ ପ୍ରଭୃତି ତୀର୍ଥସ୍ଥାନରେ ସୁଦ୍ଧା ଏହା ସକଳ ବର୍ଷ ପ୍ରବଳରୂପେ ପ୍ରତ୍ୟକ୍ଷ ହୁଅଇ ନାହିଁ । ଗତବର୍ଷ ରଥଯାତ୍ରାବେଳେ ଏ ରୋଗ ଆଦୌ ଦେଖା ନ ଥିଲା । ଗତ କେତେକ ବର୍ଷର ମୃତ୍ୟୁ ତାଲିକା ଦୃଷ୍ଟି କଲେ ଏହା ସ୍ପଷ୍ଟରୂପେ ଜଣା ଯିବ । ତେବେ ସ୍ଥଳରେ ଏକଥା ବୋଲଯାଇ ପାରେ ଯେ ଏକ୨ ବର୍ଷ ଉଣା ଅଧିକ ଘଟିଲେ ମଧ୍ୟ ତୀର୍ଥସ୍ଥାନରେ ଓଲାଉଠା ପ୍ରବଳ ହେବା ଏବଂ ସେଠାରୁ ନାନାସ୍ଥାନରେ ବ୍ୟାପିବାର ସାଧାରଣତଃ ଦେଖାଯାଏ ଏବଂ ତୀର୍ଥସ୍ଥାନମାନ ବିଶେଷ ଅସ୍ୱାସ୍ଥ୍ୟକର ବୋଲି ଏପରି ଘଟେ ଏହା ମଧ୍ୟ ବୋଲଯାଇ ନ ପାରେ କାରଣ ଯେ ସବୁ ତୀର୍ଥସ୍ଥାନର ସ୍ୱାସ୍ଥ୍ୟ ଭଲ ସେଠାରେ ମଧ୍ୟ ବହୁଜନତାସମୟରେ ରୋଗ ମାଡ଼ିବାର ଦେଖାଯାଇ ଅଛି । ତାହା ହେଲେ ବହୁଜନତା ଏ ରୋଗବୃଦ୍ଧିର କାରଣ ବୋଲିବାକୁ ହେବ ମାତ୍ର ଯେଉଁ ପ୍ରସିଦ୍ଧ ଡାକ୍ତରମାନେ ସ୍ୱାସ୍ଥ୍ୟବିଷୟ ଭଲରୂପେ ଅଧ୍ୟୟନ କରିଅଛନ୍ତି ସେମାନଙ୍କର ମତ ଏହି ଯେ ଯାତ୍ରୀମାନେ ଖାଦ୍ୟ ନିୟମ ପ୍ରତି ଅବାଧ ଏବଂ ପଥଶ୍ରମ ପ୍ରତି ମନୋଯୋଗୀ ନ ହେବାରୁ ଓଲାଉଠା ରୋଗକୁ ଡାକି ଆଣନ୍ତି । ଯେବେ ଯାତ୍ରୀମାନେ ଆପଣା ସ୍ୱାସ୍ଥ୍ୟ ପ୍ରତି ମନୋଯୋଗୀ ହୁଅନ୍ତେ ତେବେ ମଡ଼କର ପରିମାଣ ଅନେକ ଉଣା ପଡ଼ନ୍ତା ସନ୍ଦେହ ନାହିଁ । ତୀର୍ଥଭ୍ରମଣ ଅଳ୍ପକାଳର କଥା ନୁହେ । ଅନାଦିମାନକାଳରୁ ଚଳି ଆସୁଅଛି । ପୂର୍ବେ ଯେବେ ରୋଗ ଉଣା ଥିଲା ତେବେ ତହିଁର କାରଣ ଏହାର ବୋଧ ହେଉଅଛି ଯେ ସେକାଳରେ ଖାଦ୍ୟଦ୍ରବ୍ୟ ସୁଲଭ ଥିଲା ପୁଷ୍କରିଣୀମାନ ପରିଷ୍କାର ଥିଲା ବହୁଦୂରକୁ ବିଦେଶଯାତ୍ରୀ

Split by PDF Splitter

Digitized by srujanika@gmail.com

Split by PDF Splitter



ଯାତ ନ ଥିଲେ ଏବଂ ତୀର୍ଥସ୍ଥାନରେ ଅଳ୍ପଯାତ୍ରିଙ୍କ ରହିବାର ବସାଘର ପ୍ରାପ୍ତ ହେଉଥିଲା । ବର୍ତ୍ତମାନ ରେଲ ଓ ଧୂଆଁକଳ ଜାହାଜଦ୍ୱାରା ଗମନାଗମନର ସୁବିଧା ହେବାରୁ ଅସଂଖ୍ୟଯାତ୍ରୀ ବିଶେଷ ୨ ତୀର୍ଥରେ ଜୁଣ୍ଡ ହେଉଅଛନ୍ତି ଏବଂ ରେଲ ବା ଜାହାଜରେ ହିନ୍ଦୁମାନଙ୍କର ଭୋଜନ ପାନ ଇତ୍ୟାଦିର ନିୟମ ରହିବା ଅସମ୍ଭବ । ଅତଏବ ବୋଲିବାକୁ ହେବ ଯେ ତୀର୍ଥସ୍ଥାନ ଅପେକ୍ଷା ରେଲ୍ ଓ ଜାହାଜ ମଡ଼କର ପ୍ରବଳ କାରଣ ଅଟଇ ।

---

## ସଂସ୍କୃତଶିକ୍ଷାର-ଅବନତି ।

କଲିକତା ସଂସ୍କୃତକଲେଜର ଅଧ୍ୟକ୍ଷ ମହାମହୋପାଧ୍ୟାୟ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ବଙ୍ଗପ୍ରଦେଶର ସଂସ୍କୃତଶିକ୍ଷାର ଅବସ୍ଥା ଓ ତାହାର ଉନ୍ନତିସାଧନବିଷୟରେ ଯେଉଁ ରିପୋର୍ଟ ଗବର୍ଣ୍ଣମେଣ୍ଟଙ୍କୁ ପଠାଇଅଛନ୍ତି ତହିଁରେ ସଂସ୍କୃତଶିକ୍ଷା କ୍ରମାଗତ ହ୍ରାସ ହେଉଥିବାର କାରଣମାନ ନିମ୍ନଲିଖିତରୂପେ ବର୍ଣ୍ଣନା କରିଅଛନ୍ତି । ଯଥା;—

ଧର୍ମଶାସ୍ତ୍ରର ଶିକ୍ଷକ ଓ ଛାତ୍ରମାନଙ୍କୁ ସାହାଯ୍ୟ କରିବା ହିନ୍ଦୁମାନେ ଗୋଟିଏ ପ୍ରଧାନ ଧର୍ମକାର୍ଯ୍ୟ ବୋଲି ପ୍ରାଚୀନକାଳରୁ ବିଶ୍ୱାସ କରି ଆସୁ ଥିଲେ ଏବଂ ଏଥିପାଇଁ ହିନ୍ଦୁ ରାଜା ଓ ଧନାଢ୍ୟଜମିଦାରମାନେ ଅନେକ ନିଷ୍କର ଭୂମି ଓ ନଗଦଟଙ୍କା ପଣ୍ଡିତମାନଙ୍କୁ ଦାନ କରୁଥିଲେ । ବର୍ତ୍ତମାନକୁ ସେ ବିଶ୍ୱାସ ଊଣା ହେବାରୁ ଦାନର ପରିମାଣ ବହୁତ ଊଣା ହୋଇ ଆସିଅଛି । ଅର୍ଥାତ୍ ଭୂମିଦାନ ଆଉ ହେଉ ନାହିଁ ଏବଂ ଶ୍ରାଦ୍ଧଦକ୍ଷିଣାରେ ପଣ୍ଡିତମାନଙ୍କୁ ଆମନ୍ତ୍ରଣ କରି ଯେପରି ଦାନ ଦିଆଯାଉଥିଲା ତାହା ଅନେକସ୍ଥଳରେ ଅଦୃଶ୍ୟ ହୋଇଅଛି । ଖାଦ୍ୟାଦି ନିତ୍ୟପ୍ରୟୋଜନୀୟ ଦ୍ରବ୍ୟର ମୂଲ୍ୟ ପୂର୍ବଠାରୁ ବିଶେଷ ବୃଦ୍ଧି ହେବାରୁ ପଣ୍ଡିତମାନେ ଭୂତକାଳ ପ୍ରାୟ ଅଳ୍ପଆୟରେ ଆପଣାର ଏବଂ ଛାତ୍ରମାନଙ୍କର ନିର୍ବାହ ବ୍ୟୟ ଯୋଗାଇବାକୁ ବର୍ତ୍ତମାନ ଅକ୍ଷମ ହୋଇଅଛନ୍ତି । ଏପରି ପଣ୍ଡିତମାନେ ପୂର୍ବେ ଯେପରି ଆତ୍ମତ୍ୟାଗୀ ଥିଲେ ବର୍ତ୍ତମାନ ସେପରି ନାହାନ୍ତି । ଅର୍ଥାତ୍ ଏଣିକି ପଣ୍ଡିତମାନେ ଆପଣାର ବୈଷୟିକ ସୁଖପ୍ରତି ଅଧିକ ମନୋଯୋଗୀ ହୋଇଅଛନ୍ତି । ପ୍ରାଚୀନକାଳରେ ନିୟମ ଥିଲା ଯେ ପିତାର ବ୍ୟବସାୟ ଶିକ୍ଷା କରିବ ଏବଂ ସେହି ନିୟମାନୁସାରେ ପଣ୍ଡିତମାନେ ଆପଣା ପୁତ୍ରମାନଙ୍କୁ ପଣ୍ଡିତ କରିବାର ଚେଷ୍ଟା କରୁଥିଲେ । ବର୍ତ୍ତମାନ ଚତୁଷ୍ପାଠୀ ପଣ୍ଡିତମାନେ ଆପଣା ପୁତ୍ରଙ୍କୁ ପଣ୍ଡିତାଇ ନ ଶିଖାଇ ଯହିଁରେ ସାଂସାରିକଭାବରେ ଅଧିକ ଶ୍ରେୟ ହେବ ତାହା ଶିକ୍ଷା ଦେଉଅଛନ୍ତି । ବଙ୍ଗଳାର ଅଧିକାଂଶ ଶ୍ରେଷ୍ଠ ପଣ୍ଡିତ ଓ ସମସ୍ତ ମହାମହୋପାଧ୍ୟାୟ ଆପଣା ୨ ପୁତ୍ରଙ୍କୁ ଏବଂ ପୌତ୍ରଙ୍କୁ ସ୍ୱ ବ୍ୟବସାୟ ଛଡ଼ା ଅନ୍ୟ ବ୍ୟବସାୟ ଶିଖାଉଅଛନ୍ତି ଏବଂ ଯେଉଁ ବ୍ରାହ୍ମଣଙ୍କ ବଂଶରେ ପୂର୍ବେ କେହି ପଣ୍ଡିତ ନ ଥିଲେ ସେମାନେ ଆପଣା ୨ ପିଲାଙ୍କୁ ଆଉ କୌଣସି ଟୋଲକୁ ପଠାଉ ନାହାନ୍ତି । ଫଳତଃ ଅଧିକ ଧନ ଉପାର୍ଜନ ଯେଉଁ ବ୍ୟବସାୟରେ ହେବ ସେହିଦିଗକୁ ସମସ୍ତେ ଧାଇଁ ଅଛନ୍ତି ଏବଂ ଏହି ଅର୍ଥଲାଳସା ପଣ୍ଡିତମାନଙ୍କୁ ମଧ୍ୟ ଛାଡ଼ି ନାହିଁ । ଏହିସମସ୍ତ କାରଣରୁ ପଣ୍ଡିତମାନଙ୍କର ଯୋଗ୍ୟତା ଏବଂ ସଂଖ୍ୟା କ୍ରମଶଃ ହ୍ରାସ ହେଉଅଛି ଏବଂ ଅତିଶୀଘ୍ର ପଣ୍ଡିତକୁଳ ଅଦୃଶ୍ୟ ହେବାର ଭୟ ନ ଥିଲେ ମଧ୍ୟ କ୍ରମେ ୨ ତାହା ଘଟିବା ଅସମ୍ଭବ ନୁହଇ । ସରକାର ଏବଂ ଜନସାଧାରଣଙ୍କ ସାହାଯ୍ୟ ବିନା ସଂସ୍କୃତବିଦ୍ୟା ସଂରକ୍ଷଣ ଓ ଉନ୍ନତିର ଉପାୟାନ୍ତର ନାହିଁ । ଅତଏବ ସାହାଯ୍ୟଦାନ ନିମନ୍ତେ ନ୍ୟାୟରତ୍ନ ମହାଶୟ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରିଅଛନ୍ତି ଓ ଗବର୍ଣ୍ଣମେଣ୍ଟ ସ୍ୱୟଂ ସାହାଯ୍ୟଦାନ କରି ଜନସାଧାରଣଙ୍କର ସାହାଯ୍ୟ ପ୍ରାର୍ଥନା କରିଅଛନ୍ତି । ଗବର୍ଣ୍ଣମେଣ୍ଟ ଯେପରିମାଣ ସାହାଯ୍ୟ କରିବାକୁ ପ୍ରବୃତ୍ତ ହୋଇଅଛନ୍ତି ତାହା ପାଠକମାନଙ୍କୁ ଜଣାଇ ଅଛୁଁ । ଗବର୍ଣ୍ଣମେଣ୍ଟ ଅନୁରୋଧ କରିବାସ୍ଥଳେ ଦେଶୀୟ ଧନାଢ୍ୟ ବ୍ୟକ୍ତିମାନେ କିଛି ସାହାଯ୍ୟ ନ କରିବେ ଏମନ୍ତ ହୋଇ ନ ପାରେ । ଅବଶ୍ୟ ଊଣାଅଧିକ ସାହାଯ୍ୟ ପ୍ରାପ୍ତ ହେବ । ଏପରି ହିନ୍ଦୁଙ୍କର [illegible] ପଣ୍ଡିତବିଦାୟ ଏବଂ ହିନ୍ଦୁରାଜାମାନଙ୍କ ସାହାଯ୍ୟ ଏକାବେଳକେ ବନ୍ଦ ହୋଇ ନାହିଁ । ସୁତରାଂ ସଂସ୍କୃତଶିକ୍ଷାର ଯୋଉଏ ପ୍ରତିବନ୍ଧକ ଅର୍ଥାତ୍ ସରକାର ଏବଂ ହିନ୍ଦୁସମାଜ ସାହାଯ୍ୟ ନ କରିବା କଥା ଘୁଞ୍ଚିବାର ଉପାୟ ହେଲା । କିନ୍ତୁ ଅମ୍ଭମାନଙ୍କ ବିବେଚନାରେ ଅପରକାରଣ ଅର୍ଥାତ୍ ସଂସ୍କୃତବିଦ୍ୟା ଅର୍ଥକରୀ ନ ହେବାରୁ ପଣ୍ଡିତବଂଶୀୟ ଲୋକଙ୍କର [illegible] ଅନ୍ୟ ବ୍ୟବସାୟ ଗ୍ରହଣ କରିବା ଓ ପଣ୍ଡିତମାନଙ୍କର ଧର୍ମାପେକ୍ଷା ଧନଲାଳସା ବୃଦ୍ଧି ହେବା ଯେପର୍ଯ୍ୟନ୍ତ ରହିଥିବ ସେପର୍ଯ୍ୟନ୍ତ ସଂସ୍କୃତବିଦ୍ୟାର ବିଶେଷ ଉନ୍ନତି ହେବାର ଆଶା ଦେଖାଯାଉ ନାହିଁ । ଏଥିପାଇଁ ସ୍ୱୟଂ ପଣ୍ଡିତମାନେ ଦାୟୀ । ସେମାନେ ପୂର୍ବପ୍ରାୟ ସ୍ୱାର୍ଥତ୍ୟାଗୀ ଏବଂ ନିଷ୍ଠାବାନ୍ ହୋଇ ପରମାର୍ଥକୁ ପାର୍ଥିବସୁଖଠାରୁ ଅଧିକ ନ ମଣିଲେ ବାଞ୍ଛିତଫଳ ଫଳିବାର ଆଶା ନାହିଁ । ବ୍ରାହ୍ମଣପଣ୍ଡିତମାନେ ଶାସ୍ତ୍ରାନୁସାରେ ଚଳିବାକୁ ଦୃଢ଼ପ୍ରତିଜ୍ଞ ହେଲେ ସଂସ୍କୃତବିଦ୍ୟାର ଆଦର ଅବଶ୍ୟ ବଢ଼ିବ । ନତୁବା ମୂର୍ଖମାନଙ୍କ ହାତରେ ଗୁରୁ ଓ ପୁରୋହିତର ଭାର ରହିଲେ ଏବଂ ସମାଜ ତହିଁରେ ତୃପ୍ତି ଲଭିଲେ ସଂସ୍କୃତବିଦ୍ୟାର ଉନ୍ନତି ଅସମ୍ଭବ ।

---

## ବନ୍ଦୋବସ୍ତ ଅପିଲର କୋର୍ଟଫିସ ।

ବନ୍ଦୋବସ୍ତସଂକ୍ରାନ୍ତ ଅପିଲରେ ଦଶଟଙ୍କାର କୋର୍ଟଫିସ ଲାଗିବା ବିଷୟରେ ମହାମାନ୍ୟ ଲେପ୍ଟେନାଣ୍ଟ ସାହେବ ସର୍କ୍ୟୁଲର ଜାରି କରିଥିବା ପ୍ରସଙ୍ଗ ଆମ୍ଭେମାନେ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ଲାଟମହୋଦୟ ଉକ୍ତ ସର୍କ୍ୟୁଲରକୁ ରଦ ରହିତ କରିଅଛନ୍ତି । ଏଥିରୁ ପାଠକମାନେ ଆଶା କରିବେ ଯେ ଉକ୍ତ ବିଷୟର କୋର୍ଟଫିସ ଉଠିଗଲା ମାତ୍ର ତାହା ନୁହେ । ଯେଉଁ ଅଦାଲତରେ ଅପିଲ ହେବ ସେ ଅଦାଲତଦ୍ୱାରା କୋର୍ଟଫିସ ନିରୂପଣ ହେବାର କୋର୍ଟଫିସ ଆଇନର ଧା ୧୨ ରେ ବିଧି ଥିବା ପ୍ରତ୍ୟକ୍ଷେ ସେ ସଂକ୍ରାନ୍ତରେ କାର୍ଯ୍ୟବିଭାଗୀୟ ଆଜ୍ଞା ଅନୁଚିତ ଥିବାରୁ ଲାଟମହୋଦୟ ଆପଣା ସର୍କ୍ୟୁଲର ଆଦେଶ ପ୍ରତ୍ୟାହାର କରିଅଛନ୍ତି ମାତ୍ର ତହିସଙ୍ଗେ ୨ ଏ ବିଷୟରେ ଏକ ହାଇକୋର୍ଟ ନଜୀରକୁ ଉଲ୍ଲେଖ କରି ତହିଁପ୍ରତି ମନୋଯୋଗୀ ହେବା କାରଣ ଜଜମାନଙ୍କୁ ଆଦେଶ କରିଅଛନ୍ତି । ଉକ୍ତ ନଜିର ସନ ୧୮୯୧ ସାଲ ଡିସେମ୍ବରମାସର ଇଣ୍ଡିୟାନ ଲ ରିପୋର୍ଟର କଲିକତା ୧୮ ନମ୍ବର ପୃ ୨୬୭-ଷ୍ଠାରେ ପ୍ରକାଶିତ ହୋଇ ଅଛି । ତହିଁରୁ ବିଦିତ ଯେ ପୂର୍ବେ ବନ୍ଦୋବସ୍ତସଂକ୍ରାନ୍ତ ଅପିଲରେ କୋର୍ଟଫିସ ଆଇନର ୨ୟ ତଫସିଲର ପ୍ର ୧୧ କରଣ ଅନୁସାରେ ଟ ୧୦ କାର କୋର୍ଟଫିସ ଲାଗିବାର ସନ ୧୮୮୭ ସାଲରେ ହାଇକୋର୍ଟ ସିଦ୍ଧାନ୍ତ କରିଥିଲେ ଓ ତଦନୁସାରେ ଏକ ନଜିର ଜାରି ହୋଇଥିଲା ମାତ୍ର ପ୍ରଜାସ୍ୱତ୍ୱ ଆଇନର ଧା ୧୦୨ ସ୍ତ ପ୍ର ୩ କରଣ ଓ ଧା ୧୦୮ ସ୍ତର ପ୍ର ୩ କରଣ ଅନୁସାରେ ବନ୍ଦୋବସ୍ତସଂକ୍ରାନ୍ତ କଲେକ୍ଟରଙ୍କ କାର୍ଯ୍ୟ ଦେବାନୀମକଦ୍ଦମାତୁଲ୍ୟ ଓ ତାଙ୍କ ଆଜ୍ଞାମାନ ଡିକ୍ରୀତୁଲ୍ୟ

Digitized by srujanika@gmail.com

ଙ୍କାଳ ଓ ପ୍ରବଳ ହେବାର ସମ୍ଭବ ଥିବାରୁ ଉକ୍ତ ଆଣ୍ଡରବୁଦର ଅପ୍ରିଲରେ ହାଇକୋର୍ଟର ରେଜିଷ୍ଟ୍ରାର ଦସ୍ତଖତ୍ତର କୋର୍ଟଫିସ ନେଉ-ଥିଲେ ସନ ୧୮୯୦ ସାଲ ଫେବ୍ରୁଆରୀ ମାସରେ ଏକ ଅପିଲରେ ଦସ୍ତଖତ କୋର୍ଟଫିସ ଦେବା-ପ୍ରତି ଓଫିଲଶ୍ଚର ଓକିଲ ପୂର୍ବ ନଜିରବଳରେ ଆପତ୍ତି କରବାରୁ ହାଇକୋର୍ଟ ହୋଇ ବନ୍ଦୋବସ୍ତ-ସଂକ୍ରାନ୍ତ କୌଣସି ଦରଖାସ୍ତର ହୁକୁମ୍ ସ୍ୱରୂପ ଡିକ୍ରୀତୁଲ୍ୟ ପ୍ରବଳ ହେବାର ସମ୍ଭବ ଥିବାରୁ କୋର୍ଟଫିସ ଆଇନର ୨ୟ ତଫସିଲର ଧା୧୭ସ-ର ପ୍ର ୬ ଦରଣ ଅନୁସାରେ ଦସ୍ତଖତ କୋର୍ଟଫିସ ନଅଯିବାର ସିଦ୍ଧାନ୍ତ ହେଲା ଓ ପୂର୍ବର ବଦ୍ଧପୂର୍ଣ୍ଣ ନଜିର ଉଡିଗଲା।

ଅମ୍ଭମାନଙ୍କ ବିବେଚନାରେ ଏ ସିଦ୍ଧାନ୍ତ ଆଇନସଙ୍ଗତ ହେଲେ ହେଁ ବଡ଼ କଠିନ ଓ ଦୁଃଖିପ୍ରଜା ଓ ଲଖସ୍ୱଜଦାରପ୍ରଭୃତିଙ୍କପ୍ରତି ବଡ଼ କଷ୍ଟକର ଅଟଇ। ସେମାନଙ୍କପକ୍ଷେ ଟ୧୦୯ଙ୍କାର କୋର୍ଟଫିସ ଦେବାର ନମୂନ, ଅପିଲ ବାତିଲ ଭର-ବା ସମାନ ଅଟଇ। ଏପରି ଦୁଃଖିବ୍ୟକ୍ତି ଆପ-ଣାର ଦୁଇଏକମାଣ ଜମା ଅର୍ଦ୍ଧମାଣ ଜମିସଂକ୍ରା-ନ୍ତରେ ଅନ୍ୟାୟ ହୁକୁମ ହୋଇଥିବାର ନିଶ୍ଚୟ ଜାଣିଲେସୁଦ୍ଧା ଉକ୍ତ କୋର୍ଟଫିସ ହେତୁ ଅପିଲ କରିବାକୁ ଅପାରଗ ହେବ। ଅତଏବ ହାଇ-କୋର୍ଟଙ୍କ ସନ ୧୮୮୭ ସାଲର ନଜିର ଅନୁ-ସାରେ ଟ ୨ ଙ୍କାର କୋର୍ଟଫିସ ସେମାନଙ୍କ-ପକ୍ଷେ ଉଚିତ ହୋଇଥିଲା ମାତ୍ର ତାହା ଆଇନ-ସଙ୍ଗତ ନ ହେବାରୁ ବର୍ତ୍ତମାନ ରହିତ ହେଲା। କିନ୍ତୁ ମହାମାନ୍ୟ ଲେଫ୍ଟେନାଣ୍ଟ ସାହେବଙ୍କ ଅଧିକାର ଅଛି କି କୌଣସିସ୍ଥଳେ ସେ ଆବଶ୍ୟକ ଜାଣି-ଲେ କୋର୍ଟଫିସ ଛାଡ଼ ଜମା ଉଣା କରାଇପା-ରବେ ଓ ସେ ଏ ଅଧିକାର ଅନେକସ୍ଥଳେ ବ୍ୟବହାର କରି ଅଛନ୍ତି। ବର୍ତ୍ତମାନ ଏ ଗରିବବ୍ୟକ୍ତିଙ୍କ ସ୍ଥଳେ ଲେଫ୍ଟେନାଣ୍ଟଙ୍କର ଉକ୍ତ ଅଧିକାର ବ୍ୟବହାର ଉପଯୁକ୍ତ ହେଉଅଛି। ବିଶେଷତ ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନଟି ଓଡ଼ିଶା-ସଙ୍କାଶେ ହୋଇ ନ ଥିଲା। କେବଳ ବନ୍ଦୋ-ବସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଖୋଲିବା ଆଶା-ତାହାଁର କେତେକ ଅଂଶ ଓଡ଼ିଶାରେ ପ୍ରଚଳିତ ହୋଇ ଅଛି। ଗୋଟିଏ ସୁବିଧା ପାଇଁ ଆଉ ଗୋଟିଏ ଗୁରୁତର ଅସୁବିଧା ଜାରିକରିବା ଗବ-ର୍ଣ୍ଣମେଣ୍ଟଙ୍କର ଅଭିପ୍ରାୟ କଦାଚ ହୋଇ ନ ପାରେ। ଏପରି ଦେଖିବାକୁ ହେବ ଯେ ଓଡ଼ିଶାର ବର୍ତ୍ତମାନ ବନ୍ଦୋବସ୍ତ ସରକାର ଏବ ପ୍ରଜାଙ୍କ ମଧ୍ୟରେ ହେଉଅଛି ଏ ବନ୍ଦୋବ-ସ୍ତରେ ଯେଉଁଠି ଲାଭ ହେବ ତାହା ସରକାର ପାଇବେ। ବଙ୍ଗଳାରେ ଚିରସ୍ଥାୟୀ ବନ୍ଦୋ-ବସ୍ତ ମାହାଲରେ ପ୍ରଜାସ୍ୱତ୍ୱ ଆଇନାନୁସାରେ କୌଣସିଠାରେ ଜମିଦାର ଓ ପ୍ରଜାମଧ୍ୟରେ ବନ୍ଦୋବସ୍ତଘଟିତ ମାମଲା ହେଲେ ତହିଁର ଫଳାଫଳରେ ସରକାରଙ୍କର କଛି ସମ୍ପର୍କ ନାହିଁ। ସେସ୍ଥଳେ ବ୍ୟକ୍ତିବିଶେଷଙ୍କ ସ୍ୱତ୍ୱ ନିର୍ଣ୍ଣୟକରିବା କାରଣ ହାଇକୋର୍ଟ ଜରୁରୀ ଫିସ ନେବାରେ କିଛି ଆପତ୍ତି ହୋଇ ନ ପାରେ। ମାତ୍ର ଏସ୍ଥଳେ ସରକାର ଯେତେବେଳେ ଆପଣା ରାଜସ୍ୱ ଲାଗି ବନ୍ଦୋବସ୍ତ କରୁଅଛନ୍ତି ସେତେବେଳେ ତହିଁରୁ ଯେତେକ ମାମଲା ଉତ୍ପନ୍ନ ହେବ ତାହା ନିଷ୍ପତ୍ତି କରିଦେବାକୁ ବାଧ୍ୟ ଏଥିପାଇଁ ଲୋକ-ଙ୍କଠାରୁ ଖର୍ଚ୍ଚ ନେବା ଉଚିତ ହେଉ ନାହିଁ। ଏହି ବିବେଚନାରେ କୋର୍ଟଫିସ ଆଇନରେ ବନ୍ଦୋବସ୍ତଘଟିତ ଅବେଦନପତ୍ରାଦି ଏବେ କେତେକ ଛାଡ଼ ପାଇ ଅଛି। ଇଣ୍ଡିଆ ଗବର୍ଣ୍ଣ-ମେଣ୍ଟରେ ଏ ବିଷୟର ଆପତ୍ତି ହେଲେ କୋର୍ଟଫିସ କ୍ଷମା ହେବାର ବିଲକ୍ଷଣ ଆଶା ଅଛି। ମନ୍ତ୍ରୀ କିଏ ଆପତ୍ତି କରିବ? ଗରିବ ପ୍ରଜା ଆଶ୍ରୟ ଦେବାକୁ ଡାକିଲେ ଜମିଦାରମାନଙ୍କର କଥା ଶୁଣ ନାହିଁ ଏଣିକି କାହାକୁ ଗୁହାରି କରିଲେ ତହିଁରେ କହି ମରିବାର କଥା!

## ସାପ୍ତାହିକ ସମ୍ବାଦ।

କଟକ ସହର ହେବ ଏଠାରେ ଖୁବ ଗରମ ହେଉଅଛି। ଗତ ମଙ୍ଗଳବାର ଓ ବୁଧବାର ଅନେକସ୍ଥଳରେ ବାତ୍ୟା ଜଳସହିତ ଶିଳାପାତ ହୋଇ ସାଣ ଦଖଲ ଅଛି।

ବୃଷ୍ଟିପାତ ଅଦ୍ୟ ଦେଖା ନାହିଁ। ସମସ୍ତ ସମୟରେ ଅବାଶରେ ମେଘ ଦେଖା ଯାଉ ଅଛି, ହେଉଅଛି; କରେ ଦୁଇଚାରିଟୋପା ବର୍ଷଣ ମାତ୍ର ହୋଇଅଛି।

ହୁଗଲୀ ସଦର ସ୍ଥାନରେ ଅବାଲରେ ଥିବାରୁ ସେଠାରେ ଏହି ଲେଖିଅଛି ଏହି ବନ୍ଧୁ ଦେଶ-ପ୍ରତିକୁ ଯାଉଥିଲେ ଖୁବକରୁ ଦେଖାଯାଇଅଛି ଏହା ଅବ ଅମଙ୍ଗଳର ପୂର୍ବସୂଚନା କି?

କଲିକତା-ଗେଜେଟ।

ବାବୁ ଦୁର୍ଗାଦାସ ମୁଖର୍ଜି ଡିପୁଟିକଲେକ୍ଟର ସବଡେପୁଟି କଲେକ୍ଟର ପଦରେ ନିଯୁକ୍ତ ହେଲେ। ସେ ଅନ୍ୟାଜ୍ଞା-ପର୍ଯ୍ୟନ୍ତ କେନ୍ଦ୍ରାଙ୍କ ଜିଲ୍ଲାର ବନ୍ଦୋବସ୍ତ କାର୍ଯ୍ୟ କରିବେ।

ସବଡେପୁଟି କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ଦାସ ପଦ-ଉନ୍ନତ ଅନୁମତି ସେପାଇଙ୍କଠାରୁ ଛୁଟି ପାଇଲେ।

ବଙ୍ଗଳା ଗବର୍ଣ୍ଣମେଣ୍ଟର ଅଣ୍ଡରସେକ୍ରେଟେରି ନିଯୁକ୍ତ ହବିଲ ସାହେବ ଜାତୀୟ ବ୍ୟବସ୍ଥାପକସଭାର ସଭ୍ୟ ହେଲେ।

ବାବୁ ଦୁର୍ଗାଚରଣ ଦାସ ଓ ବାବୁ ଶ୍ୟାମଚରଣ-ଦାସ ଡାକ୍ତରଙ୍କ ସଙ୍ଗେ ଅଷ୍ଟେଲିଆକ ମାଜିଷ୍ଟ୍ରେଟ-ପଦରେ ନିଯୁକ୍ତ ହୋଇ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ।

ଘଟଣାର ଜାଲନ୍ଧର ୨୧ ଜାଣ ସ୍ୱଦେଶ ଭଦ୍ରଲୋକଙ୍କ ଦେଶରୁ ସ୍ଥାନ ପ୍ରତ୍ୟେକ ଜମିଦାରଙ୍କଠାରୁ ଗୋଟିଏ ପ୍ରଜା ପର୍ଯ୍ୟନ୍ତ ଓ ଜାତିର ପ୍ରଜାଙ୍କ ଓଡ଼ିଆ ମହଲାଠାରୁ କଲୁଷା ମହଲା ପର୍ଯ୍ୟନ୍ତ ସମସ୍ତଙ୍କର କେତେକ ଜମି ନଷ୍ଟ କରିବେ।

ମିଃ ପିଲିଙ୍କେଲଙ୍କ ଅନୁପସ୍ଥିତ କାଳରେ ମିଃ ଭବନାଲ, ସି, ମେଦିନୀପୁର ଜିଲ୍ଲାର ଏକଷ୍ଟ୍ରା ଡାକ୍ତରଙ୍କ ପଦରେ ନିଯୁକ୍ତ ହେବାର ସମ୍ଭବ ହେଉଅଛି ଓ କେତେ କହନ୍ତି ମିଃ କଲେଜ ଅବା ମିଃ ସ୍ମିଥ୍ ନିଯୁକ୍ତ ହେବେ। ଫଳ ଶୀଘ୍ର ଜଣା ପଡ଼ିବ।

ହରିପୁରସ୍ଥ ସ୍କୁଲ ଅବସର ହେଲେ ଯେ ତା ୧୯ ଦିନ ମଙ୍ଗଳବାର ଅପରାହ୍ଣକାଳରେ ଦୁଇଜଣ ଓଡ଼ିଆ ଚର୍ମକାର-ସ୍ୱଶ ଛାତ୍ରୋଲଙ୍କ ଛତରେ କଲବ କର୍ଣ୍ଣ ୨ ଏକୁଜଣ ଅନ୍ୟେଲି କଷ୍ଟଳରେ ମୃତ୍ୟୁଆଘାତ କରିବାରୁ ସେ ସେହିସ୍ଥାନରେ ମୃତ୍ୟୁମୁଖରେ ପତିତ ହେଲା। ଅସାମି ଉକ୍ତ ବଳଖଣ୍ଡର ମାଜି-ଷ୍ଟ୍ରେଟଙ୍କ ପରୀକ୍ଷାରେ ଚାଲାଣ ହୋଇଅଛି। ଏ ଘଟଣାର ବିଶେଷ ପରିଚୟ କିଛି ଜଣାଯାଇ ନାହିଁ।

କଟକସହରରେ ଭୂଇଁଭାଠାରେ ଜଗନ୍ନ ନୂତନ ବୃକ୍ଷ ହୋଇଥିବାର ସମ୍ବାଦ ଆସିଅଛି। ଏହି ସମୟରେ ଏପରି ଅଦ୍ଭୁତ କେତେ ବୃକ୍ଷର ମାତ୍ର ଅବଶ୍ୟ ଏହି ସମ୍ଭବ ଜଣେ ପାରେ।

ମାର୍କିନ ଦେଶର ଶିକାଗସ୍ଥା ହାନଡ଼ ଷ୍ଟାଇଲ ଗୋଟିଏ ମାଂସହେଳା ବୃକ୍ଷ ଆବଶ୍ୟକ ହୋଇଅଛି। ସେଠା-ରେକେ ଏହାକୁ ଜମୁଚାଙ୍କର ଶାସ୍ତ୍ରୀୟ ବୋଲିକହନ୍ତି।

ବମ୍ବଇରେ ଜ୍ୱର, ମିଟମିଲା ଓ ବସନ୍ତରୋଗ ପ୍ରବଳ ହେଉଅଛି। ଗତ ସପ୍ତାହରେ ୬୨ଜଣ ଇସ୍ତଲେରମାନିଙ୍କର ମୃତ୍ୟୁ ଘଟିଅଛି। ବସନ୍ତରୋଗର ପ୍ରକୋପ କିଛି କମିଅଛି।

ମାଲଦ୍ୱୀପର ଯେତାସଠାରେ ଗୋଲମାଲ ହେଉଥିବାର ଶାନ୍ତି ନାହିଁ ଥିବାର ସମ୍ବାଦ ଆସିଅଛି। ମିଃ ହେସର ଓ ମିଃ ୩ ଜଣ କଇ ଡକାଇତମାନଙ୍କ ଧୃତ ହୋଇଅଛନ୍ତି ଓ ଶୀଘ୍ରରେ ସେମାନଙ୍କର ବିଚାର ଆରମ୍ଭ ହେବ।

ହିନ୍ଦୁ ଅନାଥଙ୍କ କେନ୍ଦ୍ରବଡରେ ଅଧିଷ୍ଠିତ ଜଣକାର ସୁରଭାଜନଙ୍କ ଜନ୍ମଦିନସ୍ଥ ପ୍ରାସ୍ତୁତଶାଳା ପାଠକରି ଅଧ୍ୟକ୍ଷ ଜାତ ସମକରେ ଏତେକ କାର୍ଯ୍ୟ ସମ୍ପାଦନ କରିଅଛନ୍ତି। ସ୍କୁଲଭାଜ ବିନାର ପ୍ରବେଶ ଶାସନର ଭରଣଥ ତ୍ରିନ୍ତୁ ଅଳାଙ୍କ-ଙ୍କ ହସ୍ତରେ ଅର୍ପଣ କରିଅଛନ୍ତି।

କସାଇଖେଲଠାରେ ଦୁଇଜଣ ନୂତନ ଜାଣ ଜମ୍ବୁକ-ରୂପେ ମାନଚିତ୍ର ଅଛନ୍ତି। ଗୋଟିଏ ଦୃଢ଼ ଚକ୍ଷୁରକସର ହେମନ୍ତମତ ହୋଇ ପଡ଼ିଥିଲ, ତାକୁ ମାନମତ କରିବା-ନ ସେଣ୍ଟ୍ରେ ଜବେ ସେଣ୍ଟଜାର ପ୍ରଭୃତି ଜମ୍ବୁରୁ ଯାଉ ଅଗୋଲକାନୁବାଦ (ବାଙ୍ଗଲର ଏହିତ କାଖ) ରେ ସ୍ୱାସ ରୁଦ୍ଧ ହୋଇ କିଛିମଧ୍ୟରେ ଅନ୍ଧକାର ହୋଇଗଲେ। ସେ ପେଟର ନ ଅଛିବାରୁ ସେଣ୍ଟ ଜନଙ୍କାର ତାହାର ଅଦ୍ଭୁତ-ଶାନ୍ତେ ଯାଇ ହେଉ ଦଶ ହେବ ଜଣ। ସେମାନଙ୍କର ଦେଖ ସ ୧୪ ଘ ପର୍ଯ୍ୟନ୍ତ ଚାପିହାରି ନ ଥିଲା। କୃପଣଜନକାର୍ଯ୍ୟ-ମାନେ ଏଥି ଦିଶା ପାଇବେ କି?

ମିଥ୍ୟାସାକ୍ଷ୍ୟ ଦେଇଥିବା ଅପରାଧରେ ଯେଉଁ ବଙ୍ଗଓଡ଼ବର୍ତ୍ତ ବଙ୍ଗଦେଶରେ ମା ୧ ସ କାରାଦଣ୍ଡ ପାଇଥିଲେ ସେ ଅସୁସ୍ଥତା କାରଣରୁ ଏକପକ୍ଷ ମଧ୍ୟରେ କାରାମୁକ୍ତ ହେବାର ସମ୍ବାଦ ମିଳିଛି।

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ନୂତନ ପୁସ୍ତକ ।

ତ୍ରିଭାଷୀ ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ ସାହାଯ୍ୟରେ ଓଡ଼ିଆବାଳକମାନେ ସହଜରେ ବଙ୍ଗଳା ଓ ଦେବନାଗର ଶିଖି ପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଅଇ ।

ମ୍ୟେନେଜେର

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉଅଛି ଯେ ଓଡ଼ିଶା ମେଡ଼ିକେଲ ସ୍କୁଲର ସପ୍ତଦଶବର୍ଷୀୟ ବାଳକମାନଙ୍କ ସକାଶେ କେତେକ ବୃତ୍ତି ଖାଲି ଅଛି ଅଧ୍ୟୟନେଚ୍ଛୁକ ବାଳକମାନେ ସ୍ୱୀୟ ପ୍ରଶଂସାପତ୍ରସହିତ ଆସନ୍ତା ସନ ୧୮୯୨ ସାଲ ଜୁନମାସ ତା ୧ ରଖରେ କଟକ ଜେନେରଲ ହାସପାତାଲରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉ କି ଯେଉଁମାନେ ପ୍ରବେଶିକା ଓ ମାଇନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ସେହିମାନଙ୍କୁ କେବଳ ଉକ୍ତ ବୃତ୍ତି ପ୍ରଦାନ କରାଯିବ ।

ପୁନଶ୍ଚ ହିନ୍ଦୁ ଓ ମୁସଲମାନ ସ୍ତ୍ରୀଲୋକମାନଙ୍କ ଶିକ୍ଷା ପାଇଁ ଉକ୍ତ ସ୍କୁଲରେ ମୋଟ ୪ ଟି ବୃତ୍ତି ଖାଲିଅଛି ଏହି ବୃତ୍ତି ମାସିକ ଟ ୮ ଙ୍କାଠାରୁ ଟ ୧୦ ଙ୍କା ପର୍ଯ୍ୟନ୍ତ ଅଟେ ।

ତା ୨୫ ରଖ ଅପ୍ରେଲ ସନ ୧୮୯୨ ସାଲ

J. O. PINTO

ଅଫିସିଏଟିଂ

ସୁପେରେଣ୍ଟେଣ୍ଡେଣ୍ଟ ଓଡ଼ିଶା

ମେଡିକେଲସ୍କୁଲ

କଟକ

---

NOTICE

Wanted a Sub-Conservancy Inspector for the Cuttack Municipality a pay of Rs. 15 and horse allowance of Rs. 10 per month. None need apply who has no experience in the work.

The applications will be received by up to the 30th April 1892.

Sd. Lalvehari Ghose

*Vice Chairman*

---

# ରାଏ ଏଣ୍ଡ କୋମ୍ପାନୀଙ୍କ

ସୁବିଖ୍ୟାତ ଓ ସର୍ବଜନପ୍ରଶଂସିତ 'ବସନ୍ତମାଳତୀ' ଓ 'ଲାବଣ୍ୟବତୀ' ନାମକ ଚର୍ମରୋଗ ଓ ଶିରରୋଗ ନାଶକ ମହୋପକାରୀ ସୁବାସିତ ତୈଳର ମୂଲ୍ୟ ଟ ୦ ।, ।✓, ୧ ଅଭ୍ୟୁତ୍କୃଷ୍ଟ ଟ ୧, ୧।, ଓ ଟ ୧ ଙ୍କା କେଶବର୍ଦ୍ଧକ ତୈଳ (Hair oil) ଟ • । ନୂତନ ରଙ୍ଗର ଉତ୍କୃଷ୍ଟ କାଳୀ ଓ ଆଶ୍ଚର୍ଯ୍ୟ ଅଦୃଶ୍ୟ କାଳୀ ଟ ୦ ।✓; ଯାଦୁକ ଔଷଧ (ପଞ୍ଚାଶିଲ) ଟ ୦ ✓ ଏବଂ ନାନାପ୍ରକାର ସୁବାସଦ୍ରବ୍ୟ (Exquisite Fragrance) ଟ ୦ । ଠାରୁ ଟ ୨୧ ପର୍ଯ୍ୟନ୍ତ; ଛପାଖାନାପୁସ୍ତକଦୋକାନରେ; ଚଉଧୁରୀବଜାରସ୍ଥ ଏ, ବି, କର କୋମ୍ପାନୀଙ୍କ ଦୋକାନରେ ଓ ବାଲୁବଜାରସ୍ଥ ସରେଷ୍ଟନ୍, ଘୋଷ ଏଣ୍ଡ କୋମ୍ପାନୀଙ୍କ ଦୋକାନରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ । ଏତଦ୍ବ୍ୟତୀତ ମୋଫସଲବାସିମାନଙ୍କ ମଧ୍ୟରୁ ଯାହାଙ୍କର ଯେଉଁ ଦ୍ରବ୍ୟ (ପୋଷାକ, ପରିଚ୍ଛଦ, ଷ୍ଟେସନରୀ ଓ ମନୋହାରୀ ଦ୍ରବ୍ୟାଦି) ପ୍ରୟୋଜନ ହେବ ଆଂଶିକ ମୂଲ୍ୟ ସହିତ ଅର୍ଡର କଲେ ଅଶେଷ ସୁବିଧାରେ ଭି: ପି: ଡାକଦ୍ୱାରା ପାଇ ପାରିବେ ।

୧।୩।୯୨ ଚୌଧୁରୀବଜାର କଟକ } ସ୍ୱତ୍ୱାଧିକାରୀସ୍ୱ ମେନେଜର

---

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

# ଘଡିମରାମତି ।

ନାନାପ୍ରକାର ଷ୍ଟେଟ ଘଡ଼ି ନେଇଁ ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର କଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ୱାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିରୂପିତ ସମୟ ମଧ୍ୟରେ ଘଡ଼ି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଟେଲଷ୍ଟୀ

ସଜୀବ ତେଜାଳ କେଶ, ମୃଦୁ, ସୁନ୍ଦର

---

ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର କମରବନ୍ଦ ଦେବାର ଓଡ଼ିଶାର ଖାଡ଼ୁ, (ତମ୍ବା ଓ ପିତ୍ତଳର ନାନାପ୍ରକାର ଅଳଙ୍କାରରେ ରୂପା ଏବା ସୁନାରେ; ରୂପାର ମୂଲ୍ୟ ଓଡ଼ିଶାର ଅଳଙ୍କାର ପ୍ରକାରେ) ଗିଲ୍ଟି କରି ଦିଆଯିବ ।

କଟକ ୧୭।୧୧।୮୯ } ଶ୍ରୀ ଗୌରଚନ୍ଦ୍ର ଦାସ

---

# ମେହରୋଗ ।

ଗତ୨୫ବର୍ଷଠାରୁ ସମସ୍ତ ଜ୍ୱାଳା ଯନ୍ତ୍ରଣା ଦୂର କରୁଅଛି । ଦୁରନ୍ତ ପ୍ରମେହ ବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉପାର୍ଜ୍ଜନ ଶୌଣତବାରି ଉଚିତ ଲୋକେ ସାମାନ୍ୟ ଅର୍ଥବ୍ୟୟ ସକାଶେ ଜୀବନର ମାୟା ପରିତ୍ୟାଗ କରିଲେଣି ।

ଏହି ଔଷଧ ସପ୍ତାହକରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଦିନ ସେବନ କଲେ ପୁରାତନରୋଗର ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ କଷ୍ଟସ୍ୱ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଆମ୍ଭର ବସ୍ତ୍ରଟିରେ ପରଖିତ ନ ହେଲେ ଆଜି ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକ ହେଲେ ପ୍ରସ୍ତୁତ ହେବ କଲିକତା ଅକ୍ଷୟଚନ୍ଦ୍ର ଚନ୍ଦ୍ରଙ୍କ ନଂ ୧ ବକୁଳଗଲି ନଂ, ୧୦, ଘର ଡାକ୍ତରଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୲ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ସ୍ୱତନ୍ତ୍ର

---

## ବିଶ୍ୱମହାଜ୍ୟୋତି ବଟିକା

ଫଳ ବିବେଚନାରେ ଏକଟି ଫରୁଆର ମୂଲ୍ୟ ଏକଟି ମୋହରକୁ ଶସ୍ତା ବୋଲାଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାର୍ଦ ତବି ଇତ୍ୟାଦି ବିଷାକ୍ତ ବା ଧର୍ମହାନିକର ଦ୍ରବ୍ୟ କିଛି ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୁଣ୍ଡବଥା, ମୁଣ୍ଡବୁଲା, ଭୋଜନ ଉତ୍ତାରୁ ଉଦରର ପରିପୂର୍ଣ୍ଣତା ଓ ସ୍ଫୀତତା, ତନ୍ଦ୍ରାଳୁତା, କୋଷ୍ଠବଦ୍ଧ, ଛାତିପୋ-

Digitized by srujanika@gmail.com

Split by PDF Splitter



ଦ୍ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ବହୁଧ ଚର୍ମରୋଗ ଇତ୍ୟାଦି ସକଳପ୍ରକାର ସ୍ନାୟୁବିକ ଓ ପୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବ ରକ୍ତ ପରିଷ୍କାର ଓ ଦେହପୁଷ୍ଟି- ଅସରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ଥାନର ସବୁଇନଗରର ଇଂରାଜୀ- ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି- ଫରୂଆ ଆକାର ଅନୁସାରେ ଟ ୦।୰ ଟ ୦।୵ ଓ ଟ ୦ ।୵ ଅଟଇ । ଡାକଖର୍ଚ୍ଚା ପୃଥକ୍ ଦେବା- କୁ ହେବ ।

---

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଆଜକୁ ପ୍ରାୟ ସାତବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି- ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ- ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣେ ପଠାଇବାର ପରି- ଶ୍ରମନିମନ୍ତେ ଶତକଡ଼ା ଟ ୬। ହିସାବରେ କମି- ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ମୂଲ୍ୟ ଓ ଡାକଖର୍ଚ୍ଚା ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେରିଂ ବା ଇନସଫିସିଏଣ୍ଟ ପତ୍ର ଗ୍ରହଣ ହୁଏ ନାହିଁ ଏବ ରିପ୍ଲାଇକାର୍ଡ ବା ଡୁଲପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ଅବସ୍ଥା ଓ ଔଷଧ ପ୍ରେରଣ ବ୍ୟବସ୍ଥାକାରେ ଅନୁରୋଧ ପାଉଅଛୁଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥ ଜଣାଉଅଛୁଁ ଯେ ଯେଉଁ- ମାନେ ଅମ୍ଭଦ୍ୱାରା ଔଷଧ ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗର ପୂର୍ବ ଓ ବର୍ତ୍ତମାନ ଆଚରଣ ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ନନ୍ଦମୋହନ ଚକ୍ରବର୍ତ୍ତୀ ।

---

ପରୀକ୍ଷିତ ଓ ପ୍ରୟୋଜନୀୟ ଔଷଧ ।

୧ । ଯାବଜାକ ତୈଳ—ଏହା ବ୍ୟବହାର କଲେ ମସ୍ତ- କର କଣ୍ଡୁ ଓ କାଣ୍ଡାବିଜନ୍ତ ହୋଇ କେଶ ଓ ମସ୍ତିଷ୍କ ସ୍ନିଗ୍ଧ ହୋଇ, କେଶ ବର୍ଦ୍ଧିତ, ଶୋଭାଯୁକ୍ତ ଓ ସୁବାସିତ ହୁଏ । ପ୍ରତିଶିଶିର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁକୁଠାରକ—ଦାଦ କୁଭାଷ ସର୍ବ କରୁ ଘା ଯୋଗ ନାଲେ ଜ୍ୱାଳା ଯନ୍ତ୍ରଣା କହିମାତ୍ର ଜଣା ଯାଏ ନାହିଁ । ପ୍ରତିଡ଼ିବିଅର ମୂଲ୍ୟ ଦୁଇଅଣା ମାତ୍ର ।

୩ । ଶୂଳସୁଧାଗ୍ରଣୀ—ଏହା ଯଥାବିଧି ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଅମାବାତ ) ଓ ବମନାଦି ଅତି ଯନ୍ତ୍ରଣାଦାୟକ ଲକ୍ଷଣମାନ ଶୀଘ୍ର ଦୂର ହୁଏ । ଏକପକ୍ଷ କାଳ ସେବନୀୟ ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧକ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା ଯଥା, କୋଷ୍ଠାଶ୍ରିତ ବାୟୁ ଶୂଳ, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଘୂର୍ଣ୍ଣନାଦି ଉପଦ୍ରବ ଦୂର ହୁଏ ।

ଏହା ଅବ୍ୟର୍ଥ ବିରେଚକ । ଗର୍ଭଧାରଣ ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବ- ନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଜ୍ୱରସାଗର ଅର୍କ—ଏହା ସେବନ କଲେ ମ୍ୟା- ଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ଶୁଷ୍କଗଳ ଓ ଜଙ୍ଗଲ ଓ ପାର୍ବତୀୟ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅନିୟମିତ କୋଷ୍ଠ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ବଳ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନ ( ସାଲସା )—ଅପରିମିତ ଅତ୍ୟା- ଚାର, ଅତ୍ୟଧିକ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ଜନିତ ଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁ ରକ୍ତ ଦୋଷ ନାନାପ୍ରକାରକ୍ଷତ, ବଣ୍ଡସା, ଗାତ୍ର ଚର୍ମବେଦନା, କେଶ ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ରୋଗ ଓ ଲକ୍ଷଣମାନ ସୁଖ ବ୍ୟବହାର କଲେ ଆରୋଗ୍ୟ ହୋଇ ମାନବଦେହ ନବ- ଜୀବ ଉତ୍ସାହ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମ ସମୟରେ ସର୍ବ ସାଧା- ରଣଙ୍କ ନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବେଦନା ଓ ଖାଉଜ ଏହା ସେବନେ ଆରୋଗ୍ୟ ହୁଏ । ମାସ ଦିନର ସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

ବାଲୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ନନ୍ଦମୋହନ ଚକ୍ରବର୍ତ୍ତୀ । V. L. M. S.

---

## ବାଲିକାଗଢ଼ ।

ଉଲ୍ଲିଖିତ ସ୍ଥାନରେ ସବୁ କଟକ ଭୌଥଣ୍ଡ ଜଜଙ୍କ ବାବୁ ଗୌରୀଶଙ୍କର ରାୟଙ୍କ

ନଂ ଜରଡ଼ଙ୍କ ବାବୁ ଅନ୍ତରିକ୍ଷ ନିଜ ନଗରୀଙ୍କ ଜୋରାଜିତ ଜନୟ ହେଉ ଅଛୁ ଯଥା—

| | | | | |
|---|---|---|---|---|
| ୧୫ | ଏକ | ୯।୦ | ୦ ୧।୫ ଟ ୨୬/ | ୭୧।୬ ଟ ୦।୫୦ |
| ୧୬ | ଏକ | " | " ଟ ୨। | " ଟ ୦।୬ |
| ୧୭ | ଏକ | " | " ଟ ୩। | " ଟ ୦।୦ |
| ୨୦ | ଏକ ଉକଲପଉର୍ଦ୍ଧ .. | | ଟ ୩। | " ଟ ୦।୫୦ |

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ପରିବର୍ତ୍ତନକାର ତଥା ନିଜହସ୍ତେ ଅନୁମାନିକ ଦୋକାନରେ ଉତ୍କଳଦୋଣୀ ଓ ଜଳସ ଓ ଭେଷମୀଓଲୋଲ ଲୁଗା ଓ କ୍ଲୋରାଇଲ ଓ ଜଗ- ଜଗ ଚମ୍ପା ସସ୍ତାଦର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ପକ୍ଷରେ ସୁବିଧା ଅଛି । ଉପରୋକ୍ତ ଅନେକପ୍ରକାର ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନୁ- ସନ୍ଧାନ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ- ପାରିବେ ।

## ବିଜ୍ଞାପନ ।

ଏ ଜାଗାକୁ ଜେଲଫଟ୍ଟ ଓ ଟଙ୍କେ ଉର୍ଦ୍ଧ୍ୱ ସଞ୍ଚରେ ଉଲଜାତ ଦୋଠାଲବଲ ଫାଟକେ ବେଲେ ପାଣିଗଲା କଡ ହେବ ଏଥିର ମଧ୍ୟ ଅନେ ଲେଖିଦେଲେ ମଞ୍ଜୁର ହେବ ଓ ଏଥି ଧରବ ନାହିଁ ।

ଚଟିଲ ଉନଡ଼ା ଓ ଖାତକର ଜମା—ବାକି ଭଲ ମଧ୍ୟ ଅଛି ।

ଅନ୍ତରବାଟର ଜଗ ଚମ୍ପା

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ପ୍ରତିପଦ | ଟ ୦/ |
| ଅର୍ଦ୍ଧସ୍ତମ୍ଭ | ଟ ୩ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୬ |

ଯେତେ ଛୋଟହେଁ ବିଜ୍ଞାପନ ହେଲେ ହେଁ ଦେଲେ ଅର୍ଦ୍ଧର କମ୍ ଟ ୦।୰ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଅର୍ଦ୍ଧ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତା ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ଉତ୍କଳପ୍ରେସରେ ବନମାଳୀପ୍ରେସରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୨୭ ଶ
ସଂ ୧୯ ସଂଖ୍ୟା

ତା ୭ ଦଶ ମାହେ ମଇ ସନ ୧୮୯୨ ମସିହା । ମୁ । ବୈଶାଖ ଦି ୨୭ ଜ ସନ ୧୨୯୯ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯

## ବିଜ୍ଞାପନ ।

ଓଡ଼ିଆ
ସନ ୧୮୯୨/୯୩ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ପ୍ରାୟ ଛପା ହୋଇ ବିକ୍ରୟ ହେଉଅଛି ।

ମୂଲ୍ୟ ଟ୦।୬ ଡାକମାସୁଲ ଟ୦ /
ଶ୍ଳେଟପାଞ୍ଜି ଖଣ୍ଡକୁ ଟ୦/ ଡାକମାସୁଲ ଟ୦୯୬

ଇଣ୍ଡିଆଗବର୍ଣ୍ଣମେଣ୍ଟ ନିଷ୍ପତ୍ତି କରୁଅଛନ୍ତି ଯେ ଇନ୍‌କମ୍‌ଟିକସ ଆଇନର ଧାରା ୬୫ ଅନୁସାରେ ଟିକସ ବନ୍ଦୋବସ୍ତ ସମ୍ବନ୍ଧୀୟ ଆପତ୍ତି ଦରଖାସ୍ତ ଡାକରେ ପଠାଇବାର କୌଣସି ବ୍ୟକ୍ତି ପ୍ରତି ନିଷେଧ ନାହିଁ । ଏପରି ଆପତ୍ତି ଦରଖାସ୍ତ କେହି ଡାକରେ ପଠାଇଲେ ତାହା ଆଇନାନୁସାରେ ଦାଖଲ ହୋଇଥିବାର ଜ୍ଞାନ ହେବ ଏ ନିୟମଟି ଉତ୍ତମ ଓ ସୁବିଧାଜନକ ହୋଇଅଛି ।

—:o:—

ଶିବପୁରକଲେଜରୁ ପାସ ହୋଇ ବାହାରିଥିବା ଛାତ୍ରଙ୍କ ମଧ୍ୟରୁ ଜା୮ ଣ ଗତ ପାଞ୍ଚବର୍ଷରେ ବଙ୍ଗୀୟ ପୂର୍ତ୍ତବିଭାଗର ଅଧସ୍ତ କର୍ମଚାରୀଙ୍କ ଉଚ୍ଚ-ଶ୍ରେଣୀରେ ନିଯୁକ୍ତ ହୋଇଅଛନ୍ତି । ଏଥିରୁ ପାଠକମାନେ ଦେଖିବେ ଯେ ଶିବପୁର କଲେଜରେ ପଢ଼ି ଉତ୍ତୀର୍ଣ୍ଣ ହୋଇପାରିଲେ ସରକାରୀ ଉଚ୍ଚ-ପଦ ପାଇବାର ବିଲକ୍ଷଣ ଆଶା ଅଛି । ଏପରି ସ୍ୱାଧୀନ ବ୍ୟବସାୟ ଚଳାଇବା କାରଣ ଇଞ୍ଜିନୀୟରଙ୍କର ଏ ଦେଶରେ ବିଶେଷ ଲୋଡ଼ା ଅଛି

———

ବର୍ତ୍ତମାନ କଲିକତାରେ ଗୁଡ଼ର ଏକ-ମହଣକୁ ଟ ୪୵ ଓ ଖୋଟ ଏକମହଣକୁ ଟ୮୯ ହୋଇଅଛି । ଏହମାଣେ ଭୂମିରେ ପ୍ରାୟ ଦଶ-ମହଣ ଗୁଡ଼ର ଏବଂ ପନ୍ଦରମହଣ ଖୋଟ ହୁଅଇ । ସୁତରାଂ ଧାନର ତିନିଗୁଣ ଲାଭ ଖୋଟରେ ମିଳିବାର ଆଶା ଦେଖି ଚଷାମାନେ ଖୋଟରେ ମାତିବେ ଏଥିରେ ବିଚିତ୍ର କିଛି ନାହିଁ । ଧାନ ମହାର୍ଘ୍ୟ ହେବାର ଏହା ମଧ୍ୟ ଗୋଟିଏ କାରଣ ଅଟଇ ।

—*—

ଲଙ୍କାଦ୍ୱୀପରେ ଆଗାମୀ ମୌସୁମୀ ବୃଷ୍ଟିର ପୂର୍ବଲକ୍ଷଣ ଏ ସମୟରୁ ଦେଖା ଦେଇଥିବାର ସମ୍ବାଦ ମିଳଇ । ଏଥିରୁ ସମ୍ଭବତଃ ଏବର୍ଷ ମୌସମୀ ବୃଷ୍ଟି କିଛି ଶୀଘ୍ର ଦେଖା ଦେବ । ମୌସୁମୀ ବୃଷ୍ଟି ଶୀଘ୍ର ଉପସ୍ଥିତ ହେବା ମଧ୍ୟ ଭଲ ନୁହଇ । କେତେକ କହୁ ଅଛନ୍ତି ଏଅତୁ ମୌ-ସୁମୀ ବୃଷ୍ଟି ଶୀଘ୍ର ଆରମ୍ଭ ହେଲେ ପଛକୁ ବୃଷ୍ଟି ବନ୍ଦ ହେବାଦ୍ୱାରା ଫସଲ ନଷ୍ଟ ହେବ ।— ଏବର୍ଷ ଆମ୍ଭମାନଙ୍କୁ ବାସ୍ତବରେ କିଛି ଭଲ ଦେଖା ଯାଉ ନାହିଁ ।

———

କଟକ ମିଉନସିପାଲଟୀର ଏକଜଣ ସବ୍ କନ୍‌ସର୍ଭେନସ୍ ଇନସ୍ପେକ୍ଟର ମାସିକ ଟ ୧୫ଙ୍କା ବେତନରେ ଓ ଟ ୧୦ ଙ୍କା ପୋଷ୍ଟକର୍ଚ୍ଚାରେ ଆବଶ୍ୟକ ହେବାର ଏକ ଇଂରାଜି ବିଜ୍ଞାପନ ବାହାରିଲା । ଉକ୍ତ କାର୍ଯ୍ୟରେ ଜଣେ ଲୁକ୍ତ ମିଉନିସିପାଲିଟୀର ପୁରାତନ ଜମାଦାର ନିଯୁକ୍ତ ହୋଇଅଛନ୍ତି । ଶୁଣିଲୁଁ ସେ ଜଣେ ବହୁଦର୍ଶୀ ଲୋକ କିନ୍ତୁ ଓଡ଼ିଆଭାଷାରେ ମୁଦ୍ଧା ସେ ଅପାରଗ ଅଟନ୍ତି । ଏପରି ଲୋକ ନିଯୁକ୍ତ ହୋଇ ପାରୁଥିବା ସ୍ଥଳରେ ବିଜ୍ଞାପନ କେବଳ ଇଂରାଜୀ-ଭାଷାରେ ହେବାର ଉଚିତ ନ ଥିଲା । ଏ ନିଯୋଗଟା ସର୍ବସାଧାରଣ ପସନ୍ଦ କରୁ ନାହାନ୍ତି ।

———

ଗତସେନସସ ରିପୋର୍ଟରୁ ବଙ୍ଗଦେଶରେ ଜ ୧୪୦୧୬୩ ଣ ଲୋକ ଇଂରାଜୀ ଲେଖା ପଢ଼ା ଜାଣିଥିବାର ପ୍ରକାଶ ପାଇଅଛି । ସେଥିମଧ୍ୟରେ ବର୍ଦ୍ଧମାନଜିଲ୍ଲାରେ ଜ ୩୨୬୦୦ ଣ, ପ୍ରେସିଡେନ୍-ସୀରେ ଜ ୫୯୦୩୫ ଣ, ରାଜସାହୀରେ ଜ ୮୨୪୬୭, ଢାକାରେ ଜ ୧୧୭୬୩ ଣ, ଚଟ୍ଟୀ-ଗଞ୍ଜରେ ଜ ୪୫୭୧ ଣ, ପାଟନାରେ ଜ ୧୩-୧୬୪ ଣ, ଭାଗଲପୁରରେ ଜ ୫୩୫୪ ଣ, ଓ-ଡ଼ିଶାରେ ଜ ୩୬୯୧୭ ଣ, ଛୋଟନାଗପୁରରେ ଜ ୩୩୭୩୭ ଓ କୁଚବିହାର ଏବଂ ଅନ୍ୟାନ୍ୟ କରଦରାଜ୍ୟମାନଙ୍କରେ ଜ ୮୩୦୭ ଇଂରାଜୀ ଲେଖାପଢ଼ା ଜାଣନ୍ତି ।

———

ଜନ୍ମଦିବସପୂର୍ବେ ମାନ୍ଦ୍ରାଜର ଲୋକେ ଗଭ-ର୍ଣ୍ଣର ଲର୍ଡ଼ୱେନ୍‌ଲକ୍ ବାହାଦୁରଙ୍କୁ ଖଣ୍ଡିଏ ଅଭି-

Digitized by srujanika@gmail.com

Split by PDF Splitter



ନଜର ପଣ ଦେଇ ଥିଲେ । ଅଭିନନ୍ଦନ ପତ୍ରରେ ମାନ୍ଦ୍ରାଜ-ବେଜୁଆଡ଼ା ରେଲବାଟ କଥା ଉଲ୍ଲେଖ ହୋଇଥିଲା । ଗଭର୍ଣ୍ଣର ବାହାଦୁର ଏହାର ପ୍ରତ୍ୟୁତ୍ତରରେ କହିଥିଲେ ଯେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଓ ଭାରତୀୟମନ୍ତ୍ରୀ ଏ ବାଟ ଶୀଘ୍ର ଫିଟାଇବାନିମନ୍ତେ ଉତ୍ସୁକ ଅଛନ୍ତି, ମାତ୍ର ସଞ୍ଚିତ ଅର୍ଥ ନଥିବା ହେତୁ ଭାରତୀୟ ଗବର୍ଣ୍ଣମେଣ୍ଟ ଏହା ଶୀଘ୍ର ଫିଟାଇବାପକ୍ଷେ ଅସମ୍ମତ ଅଛନ୍ତି । ଯେହେତୁ ଏ ବାଟର ଆବଶ୍ୟକତା ବିଷୟରେ ବାଣିଜ୍ୟସମିତିର ଆବେଦନ ପତ୍ର ସେ ଭାରତୀୟମନ୍ତ୍ରିସଭାକୁ ପଠାଇ ଅଛନ୍ତି ଏବଂ ଶୀଘ୍ର ଏ ବାଟ ଫିଟିବାର ସେ ଆଶା କରନ୍ତି । ସେ ଅଧିକ ମଧ୍ୟ ଆଶା କରନ୍ତି ଯେ ଚଳିତ ଶତାବ୍ଦୀ ଶେଷ ହେବା ପୂର୍ବରେ ମାନ୍ଦ୍ରାଜ ଓ କଲିକତା ରେଲବାଟଦ୍ୱାରା ସଂଯୁକ୍ତ ହୋଇଯିବ ।

---

ଆସାମ ଶ୍ରୀହଟ୍ଟସହରରେ ଜଣେ ମୁସଲମାନର ଓଲାଉଠା ରୋଗରେ ମୃତ୍ୟୁ ହେବାରୁ ଡେପୁଟି ମାଜିଷ୍ଟ୍ରେଟ ମୁସଲମାନଧର୍ମନୀତି ଓ ଆଚାର ବ୍ୟବହାରର ବିପରୀତ ମୃତବ୍ୟକ୍ତିର ଶବଦାହ କରିବାର ଆଦେଶ କଲେ । ମୁସଲମାନ ସମ୍ପ୍ରଦାୟ ଆପତ୍ତି କଲେ ସୁଦ୍ଧା ମାଜିଷ୍ଟ୍ରେଟ ତାଙ୍କ ଆଦେଶ ପ୍ରତ୍ୟାହାର କରିବାକୁ ଦୃଢ଼ ପ୍ରତିଜ୍ଞ ହେଲେ ଓ ମୁସଲମାନସମ୍ପ୍ରଦାୟ ମଧ୍ୟ ସେମାନଙ୍କ ଜିଦ ରଖିବାକୁ ଅଧିକତର ଦୃଢ଼ପ୍ରତିଜ୍ଞ ହେଲେ । ଅବଶେଷରେ ମାଜିଷ୍ଟ୍ରେଟ କିଂକର୍ତ୍ତବ୍ୟବିମୂଢ଼ ହୋଇ ସ୍ୱଆଦେଶ ରହିତ କରିବାର ଆଜ୍ଞା ପ୍ରଦାନ କଲାରୁ ଶବ କବରନିହିତ ହେଲା । ମାଜିଷ୍ଟ୍ରେଟ ଜିଲାର ଶାସନଭାର ଗ୍ରହଣକରି ଧର୍ମ ଓ ଆଚାର ବ୍ୟବହାରବିରୁଦ୍ଧରେ କାର୍ଯ୍ୟ କରିବା ଅଥବା ତଦ୍ବିଷୟରେ ଅନଭିଜ୍ଞ ହେବା ଉଚିତ ନୁହଇ ବର୍ତ୍ତମାନକାଳରେ ହାକିମମାନଙ୍କର ହୁକୁମ ବେଳେ ୨ କଉଣ ପ୍ରକାରର ହୋଇ ଯାଉ ଅଛି ।

---

ଏଠା ନାଲଇଲାକାର ବାର୍ଲୋ ଓ ବଟଲର ସାହେବମାନଙ୍କ ମାରପିଟ କରିଥିବା ଇତ୍ୟାଦି ଅପରାଧରେ ଗୋପୀନାଥପରିଜା ପ୍ରଭୃତି କେତେକ ଲୋକ ଫୌଜଦାରୀ ଅଦାଲତକର୍ତ୍ତୃକ ଦଣ୍ଡନୀୟ ହୋଇଥିବାର ପାଠକମାନଙ୍କୁ ଜଣା ଅଛି । ଏମାନେ ଜଜ ସାହେବଙ୍କ କୋର୍ଟରେ ଅପିଲ କଲାରୁ ଜଜ ସାହେବ କେବଳ ଦଣ୍ଡର ପରିମାଣ ହ୍ରାସ କରି ଦେଲେ । ଆସାମୀମାନେ ହାଇକୋର୍ଟରେ ଅପିଲ ଆଗତ କରି ଜାମିନରେ ମୁକ୍ତ ଥିଲେ । ବର୍ତ୍ତମାନ ଆନନ୍ଦସହିତରେ ଅବଗତ ହେଲୁଁ ଯେ ହାଇକୋର୍ଟ ସୁବିଚାର ପୂର୍ବକ ଆସାମୀମାନଙ୍କୁ ମୁକ୍ତିପ୍ରଦାନ କରି ଅଛନ୍ତି । ଦୁଃଖର କଥା ଏତିକି ଯେ ପ୍ରଧାନ ଆସାମୀ ଗୋପୀନାଥ ପରିଜା ମୁକ୍ତି ସମ୍ବାଦ ପାଇବା ପୂର୍ବରୁ ପୃଷ୍ଠବ୍ରଣରୋଗରେ ଇହଧାମରୁ ଅନ୍ତର ହୋଇ ଯାଇ ଥିଲେ । ଆମ୍ଭେମାନେ ହାଇକୋର୍ଟଙ୍କ ନିଷ୍ପତ୍ତି ସ୍ୱୟଂ ଦେଖି ନ ଥିବାରୁ ବର୍ତ୍ତମାନ ବିଶେଷ କିଛି କହି ପାରୁ ନାହୁଁ । ବାରାନ୍ତରେ ସେ ବିଷୟରେ ପ୍ରବୃତ୍ତ ହେବୁଁ ।

---

ବଙ୍ଗଦେଶର ପ୍ରଧାନପୀଡ଼ା ଜ୍ୱର ଏବଂ ଜ୍ୱରର ପ୍ରଧାନ ଔଷଧ କୁଇନାଇନ । ପୂର୍ବେ କୁଇନାଇନର ଦର ଅତ୍ୟନ୍ତ ଅଧିକ ଥିଲା । ସରକାରି ପ୍ରବନ୍ଧର କାରଖାନାରେ କୁଇନାଇନ ପ୍ରସ୍ତୁତ କରାଇବାରୁ ବର୍ତ୍ତମାନ ସୁଲଭ ହୋଇଅଛି କିନ୍ତୁ ମୋଫସଲରେ ସହଜରେ ମିଳଇ ନାହିଁ ଏଥିପାଇଁ ବଙ୍ଗୀୟ ଗବର୍ଣ୍ଣମେଣ୍ଟ ବିଚାର କରୁଅଛନ୍ତି କି ଏକ ୨ ମାତ୍ରା ଅଥବା ୨୫ ରତି କୁଇନାଇନର ଗୋଟିଏ ୨ ମୋଡ଼କ ବା ପୁଡ଼ିଆ ପ୍ରସ୍ତୁତ କରି ଏକ ୨ ପଇସା ମୂଲ୍ୟରେ ମୋଫସଲର ଡାକଘର, ଫାଣ୍ଡି, ଥାନା, ପାନ୍ଥଶାଳା କାନୁନଗୋଇ, ମାନେଜର ପ୍ରଭୃତିଙ୍କ କଚେରୀମାନଙ୍କରେ ବିକ୍ରୟ କରାଇବେ । ବିକ୍ରେତାମାନେ ଟଙ୍କାରେ ଏକଅଣା ଲେଖାଏଁ କମିଶନ ପାଇବେ । ଏ ପ୍ରସ୍ତାବଟି ବଡ଼ ସୁନ୍ଦର ହୋଇଅଛି ଏବଂ ଶୀଘ୍ର ଏହା କାର୍ଯ୍ୟରେ ପରିଣତ ହେବାର ଦେଖିବାକୁ ଏକାନ୍ତ ଆଶା କରୁଁ । ଏଥିରେ ମୋଫସଲବାସିଙ୍କର ଅସୀମ ଉପକାର ହେବ ସନ୍ଦେହ ନାହିଁ ।

---

ବଙ୍ଗୀୟ ଅବକାରୀ ମହକୁମାର ଅଧସ୍ତନ କର୍ମଚାରୀଙ୍କ ପଦ ଓ ବେତନ ବିଷୟରେ ନୂତନ ବନ୍ଦୋବସ୍ତ ହେଉଅଛି । ଅମ୍ଭମାନଙ୍କ ଲେଫ୍ଟେନାଣ୍ଟ ଏ ସମ୍ବନ୍ଧରେ ଯେଉଁ ପ୍ରସ୍ତାବ କରିଅଛନ୍ତି ତହିଁରେ ବାର୍ଷିକ ବ୍ୟୟ ଟ ୪୯୩୩୨ ୯ଙ୍କା ସ୍ଥଳେ ଟ ୩୧୦୬୬୨ ୯ଙ୍କା ପଡ଼ିବ । ଭାରତୀୟ ଗବର୍ଣ୍ଣମେଣ୍ଟ ମଞ୍ଜୁର କଲେ ଏ ବନ୍ଦୋବସ୍ତ ଅନୁସାରେ କାର୍ଯ୍ୟ ହେବ । ଯେଉଁ ପ୍ରସ୍ତାବ ହୋଇଅଛି ତହିଁର ସ୍ଥୂଳବିବରଣ ଏହିକି ଗସ୍ତ ଓ ଗ୍ରେପ୍ତାରୀ କାର୍ଯ୍ୟ ସକାଶେ ୭ ଶ୍ରେଣୀର ସବ୍-ଇନ୍‌ସ୍ପେକ୍ଟର ରହିବେ ଏମାନଙ୍କ ବେତନ ଟ ୩୦ ଙ୍କାରୁ ଟ ୧୦୦ ଙ୍କା ପର୍ଯ୍ୟନ୍ତ ହେବ । ଦାରୋଗା ଓ ମୋହରରମାନେ ଉଠିଯିବେ ଭାଟି ସକାଶେ ତିନ ଶ୍ରେଣୀର ସୁପ୍ରଣ୍ଟ ନିଯୁକ୍ତ ହୋଇ ଭାଟିର ଗୁରୁତ୍ୱ ଅନୁସାରେ ସ୍ଥାପିତ ହେବେ । କଚେରୀର କାର୍ଯ୍ୟ ସକାଶେ ଟ ୨୦ ୯ଙ୍କା ଠାରୁ ଟ ୧୫୦-୨୦୦ ୯ଙ୍କା ପର୍ଯ୍ୟନ୍ତ ବେତନରେ ଦଶଶ୍ରେଣୀର ଅମଲା ରହିବେ । କାଳାନୁସାରେ ବେତନ କ୍ରମାଗତ ବୃଦ୍ଧି ହେବାର ନିୟମ ଉଠିଯାଇ ପ୍ରତ୍ୟେକ ପଦର ବେତନ ସ୍ଥିର ହୋଇଅଛି ।

---

ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ଅଧିକାରସ୍ଥ ସତେଇଶ ହଜାରୀ ଏବଂ ଏକଷଠିଜାତିମାହାଲମାନଙ୍କର ଜରିବ ବନ୍ଦୋବସ୍ତ କାର୍ଯ୍ୟ ବଙ୍ଗୀୟ ପ୍ରଜାସ୍ୱତ୍ୱ ଆଇନର ବିଧାନାନୁସାରେ ହେବ । ଏଥିର ବିଜ୍ଞାପନ କଲିକତାଗେଜେଟରେ ବାହାରି ଅଛି । ବଙ୍ଗଳା ଗବର୍ଣ୍ଣମେଣ୍ଟ ସ୍ୱତଃପ୍ରବୃତ୍ତ ହୋଇ ଏ କାର୍ଯ୍ୟ କରି ନାହାନ୍ତି । ଓଡ଼ିଶାବିଭାଗର କମିଶ୍ନରଙ୍କ ପ୍ରାର୍ଥନା ମତେ ଏହା ମଞ୍ଜୁର କରିଅଛନ୍ତି ଏବଂ ଏହିଁ ସଙ୍ଗେ ଆଦେଶ ଦେଇଅଛନ୍ତି କି ଜରିବ ବନ୍ଦୋବସ୍ତର ଖରଚ ପ୍ରତିମାଣ ଆଠଅଣା ଲେଖାଏଁ ହିସାବରେ ଅଗ୍ରୀମ ଜମା ହେଲେ କାର୍ଯ୍ୟାରମ୍ଭ ହେବ । ଏଥିରୁ ଅଧିକ ଖରଚ ହେଲେ ତାହା ଦେବ ନିଶ୍ଚୟ ହୋଇ ନ ଥିଲେ ସୁଦ୍ଧା ସ୍ୱଗର ମହାରାଣୀ ତାହା ସୁଦ୍ଧା ଦେବେ ସନ୍ଦେହ ନାହିଁ କାରଣ ଅବସ୍ଥାରୁ ଜଣାଯାଉଅଛି ଯେ ତାହାଙ୍କ ପ୍ରାର୍ଥନା ଅନୁସାରେ ଗବର୍ଣ୍ଣମେଣ୍ଟ ଏଥିରେ ହସ୍ତକ୍ଷେପ କରିଅଛନ୍ତି । ଅଧିକ ଖରଚ ନ ହେଲେ ମଧ୍ୟ ମାଣ ପ୍ରତି ଆଠଅଣା ସାମାନ୍ୟ ନୁହଇ ଜଗନ୍ନାଥଙ୍କ ଅର୍ଥର ଟଣାଟଣି ସମୟରେ ଏ ଖର୍ଚ୍ଚଟା ଅଧିକ ନୁହଇ କି ? ଏଥିରୁ ଅନେକ ଗୁଣ ଖରଚରେ ସ୍ୱଗ ମହାରାଣୀ ଅପେ ଜରିବ ବନ୍ଦୋବସ୍ତ କରାଇ ନେଇପାରନ୍ତେ । ସମ୍ପ୍ରତି ଉପଯୁକ୍ତ କର୍ମଚାରୀ ଅଭାବରେ ତହିଁକି ଅପାରଗ ହୋଇ ଅଗତ୍ୟା ଅଧିକ ବ୍ୟୟଭାର ସ୍ୱୀକାର କରିଅଛନ୍ତି ।

---

କଲିକତା ବିଶ୍ୱବିଦ୍ୟାଳୟର ଗତ ପ୍ରବେଶିକାପରୀକ୍ଷାରେ ଓଡ଼ିଶାର ନିମ୍ନଲିଖିତ ଛାତ୍ରମାନେ କୃତୀର୍ଣ୍ଣ ହୋଇ ଥିବାର ଗତ ଇଣ୍ଡିଆ ଗେଜେ-

Digitized by srujanika@gmail.com

ଟରେ ପ୍ରକାଶିତ ହୋଇଅଛି ଓ ଏହା ଶେଷ ଫଳ ଅଟେ କେବଳ ସାପ୍ଲିମେଣ୍ଟାରୀର ଫଳ ପଶ୍ଚାତ ପ୍ରକାଶିତ ହେବ ।

୧ମ ଶ୍ରେଣୀ ।

| | | |
|---|---|---|
| ଦବସଙ୍କର ଭଟ୍ଟାଚାର୍ଯ୍ୟ | ରେଭେନ୍ସା କଲେଜିଏଟ | ସ୍କୁଲ |
| ଉଦୟନାରାୟଣ ମିଶ୍ର | | „ |
| ଅମୂଲ୍ୟନାଥ ବସୁ | | „ |
| ଦୟାନିଧି ଦାସ | କେନ୍ଦ୍ରାପଡ଼ା | ସ୍କୁଲ |
| ଭୁବନମୋହନ ଦାସ | ବାଲେଶ୍ୱର | „ |

୨ୟ ଶ୍ରେଣୀ ।

| | | |
|---|---|---|
| ଅର୍ଜୁନ ସ୍ୱାଇଁ | ରେଃ କଃ | ସ୍କୁଲ |
| ନବୋଦ୍ଧନ ଚୌଧୁରୀ | „ | „ |
| ଉମେଶ୍ୱନ୍ଦ୍ର ଗୁପ୍ତ | „ | „ |
| ରାମକାନ୍ତ ଯୋଗୀ | „ | „ |
| ସୁରେନ୍ଦ୍ରଭୂଷଣ ପାଲ | „ | „ |
| ଅନାମଚନ୍ଦ୍ର ସାହୁ | „ | „ |
| ବସନ୍ତକୁମାର ମୁଖୋପାଧ୍ୟାୟ | କେନ୍ଦ୍ରାପଡ଼ା | „ |
| ସୁକୁମାର ମୁଖୋପାଧ୍ୟାୟ | ବାଲେଶ୍ୱର | „ |
| ମଧୁସୂଦନ ପଣ୍ଡା | କଟକ ମିସନ | „ |
| ଜଗନ୍ମୋହନ ଚୌଧୁରୀ | ଯାଜପୁର | „ |

୩ୟ ଶ୍ରେଣୀ ।

| | | |
|---|---|---|
| ସୟଦ ନାରଲ ହକ୍ | ରେଃ କଃ | ସ୍କୁଲ |
| ଅବଦୁଲ ମନାନ | କେନ୍ଦ୍ରାପଡ଼ା | „ |
| ଅଫଜଲ ମାଲିକ | „ | „ |
| ବୈଦ୍ୟନାଥ ଚକ୍ରବର୍ତ୍ତୀ | ବାଲେଶ୍ୱର | „ |

---

ଏତଦ୍ଦେଶ ସର୍ଭେ କମିଶନଙ୍କ ରିପୋର୍ଟ ସମ୍ବନ୍ଧରେ ଭାରତଗବର୍ଣ୍ଣମେଣ୍ଟଙ୍କ ମନ୍ତବ୍ୟ ପ୍ରକାଶିତ ହୋଇ ଅଛି ପ୍ରାଦେଶିକ ସର୍ଭେସବୁର କର୍ମ୍ମଚାରୀମାନେ ବଙ୍ଗଳାର ନିମ୍ନଲିଖିତ କାର୍ଯ୍ୟମାନ ପ୍ରାପ୍ତହୋଇ ପାରିବେ ।

| | |
|---|---|
| ଏହାର ପ୍ରଧାନ କର୍ମ୍ମଚାରୀ ଅବା ତତ୍ତ୍ୱାବଧାରକର୍ତ୍ତା | ଗୋ ୪ |
| କଲେକ୍ଟର ପଦ | ଗୋ ୬ |
| ଡିପୁଟି ଓ ଏସିଷ୍ଟାଣ୍ଟ ମାଜିଷ୍ଟ୍ରେଟ | ଗୋ ୮ |
| ରେଭେନ୍ୟୁବୋର୍ଡର ସେକ୍ରେଟରୀ | ଗୋ ୧ |
| ଗବର୍ଣ୍ଣମେଣ୍ଟର ଅଣ୍ଡର ସେକ୍ରେଟରୀ | ଗୋ ୧ |
| ମୋଟ | ଗୋ ୨୦ |

[illegible] ଶ୍ରେଣୀ କଲେକ୍ଟର ଅଥବା ଜଜଙ୍କ ବେତନ ଟ ୧୬୦୦ ଓ ୨ୟ ଶ୍ରେଣୀର ଟ ୧୨୦୦ ଙ୍କା ମଞ୍ଜୁର ହୋଇଅଛି ଓ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କଲେକ୍ଟରଙ୍କ ବେତନ ଟ ୧୦୦୦ ରେଭେନ୍ୟୁ ବୋର୍ଡର ସେକ୍ରେଟରୀଙ୍କ ବେତନ ଟ ୧୨୦୦ ଓ ଗବର୍ଣ୍ଣମେଣ୍ଟର ଅଣ୍ଡରସେକ୍ରେଟରୀଙ୍କ ବେତନ ଟ ୭୦୦ ଙ୍କା ମଞ୍ଜୁର ହୋଇ ଅଛି ।

ଉପରୋକ୍ତ ବେତନ ସାଧାରଣକାର୍ଯ୍ୟର ପ୍ରୟୋଜନାନୁସାରେ ପରିବର୍ତ୍ତନ ହୋଇପାରେ ।

ଷ୍ଟେଟସେକ୍ରେଟରୀଙ୍କ ମତ ଯେନ ତତ୍ତ୍ୱାବଧାରଙ୍କ ଅଧୀନସ୍ଥ କାର୍ଯ୍ୟକାରୀବର୍ଗର ଷ୍ଟାଟ୍ୟୁଟାରି ପଦମାନ ସଙ୍ଗରେ ବର୍ତ୍ତମାନ ଡେପୁଟୀ-ମାଜିଷ୍ଟ୍ରେଟ ଓ ଡେପୁଟୀକଲେକ୍ଟରଙ୍କ ପଦମାନଙ୍କୁ ଏକତ୍ରେ ମିଳିତ କରିବାର ଅଭିପ୍ରାୟ ଗବର୍ଣ୍ଣମେଣ୍ଟ ପ୍ରକାଶ କରିଅଛନ୍ତି ।

୧୮୭୯ ମସିହାର ଷ୍ଟାଟ୍ୟୁଟାରି ନିୟମାନୁସାରେ କୌଣସି ନିୟୋଗରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଭାରତଗବର୍ଣ୍ଣମେଣ୍ଟଙ୍କ ମତାମତ ଓ ମଞ୍ଜୁରୀ ଗ୍ରହଣ କରୁଥିଲେ । ଗବର୍ଣ୍ଣରଜେନେରଲବାହାଦୁରଙ୍କ ଦସ୍ତରରେ ଆଉ ଏଣିକ ସମସ୍ତ ନିୟୋଗରେ ଉପରୋକ୍ତ ନିୟମ ରକ୍ଷିବାର ଆବଶ୍ୟକ ନାହିଁ କିନ୍ତୁ ଏହାର ପ୍ରଧାନ କର୍ମ୍ମଚାରୀ ଓ ଏହାର ଜଜ ନିୟୋଗ ସମୟରେ (ସ୍ଥାୟୀ ହେଉ ଅଥବା ଛଅମାସର ଊର୍ଦ୍ଧ୍ୱନିମନ୍ତେ ହେଉ) ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଭାରତଗବର୍ଣ୍ଣମେଣ୍ଟଙ୍କର ଆଦେଶ ଅପେକ୍ଷା କରିବେ କିନ୍ତୁ ସେହି ନିୟୋଗ ସ୍ଥାୟୀ ନ ହୋଇ ଯେବେ ଛଅମାସରୁ ନ୍ୟୂନକାଳ ନିମନ୍ତେ ଅସ୍ଥାୟୀ ରୂପେ ହେବେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଭାରତଗବର୍ଣ୍ଣମେଣ୍ଟଙ୍କୁ ନ ଜଣାଇ ଚଳାଇନେଇ ପାରନ୍ତି । ଯୋଗ୍ୟତା ଓ ଗୁଣାନୁଯାୟୀ ଲୋକ ନିୟୋଗ କରିବାର ବାଧ ହେବାରୁ ପ୍ରାଦେଶିକ ସର୍ଭିସ ପାଇବାରୁ ହେଲେ କାର୍ଯ୍ୟକାରୀ ଓ ବର୍ତ୍ତ୍ରବିଭାଗର ନିମ୍ନଶ୍ରେଣୀର ସମସ୍ତ ପଦମାନଙ୍କରେ କ୍ରମଶଃ କାର୍ଯ୍ୟ କରିବାର ଧାରଣା ଅପନୋଦନ ହୋଇଅଛି ।

---

ପ୍ରବେଶିକା ପରୀକ୍ଷାର ଫଳ ।

ଇଣ୍ଡିଅନେକେଟରୁ ପ୍ରକାଶ ଯେ କଲିକତା-ବିଶ୍ୱବିଦ୍ୟାଳୟମାନଙ୍କରୁ ୧ମ ଶ୍ରେଣୀରେ ୩୯୮, ୨ୟ ଶ୍ରେଣୀରେ ୮୭୬ ଓ ୩ୟ ଶ୍ରେଣୀରେ ତ ୫୧୬ ଣ ସର୍ବସୁଦ୍ଧା ଜ ୧୮୬୭ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏଥି ପୂର୍ବବର୍ଷ ଜ ୨୧୫୧ ଣ ଏବଂ ତହିଁ ପୂର୍ବବର୍ଷରେ ଜ ୨୬୩୪ ଣ ଉତ୍ତୀର୍ଣ୍ଣ ହୋଇଥିଲ । ଗତବର୍ଷର ମୋଟ ଫଳ ମନ୍ଦ ଥିଲା ଏବର୍ଷ ଅଧିକତର ମନ୍ଦ ହୋଇଅଛି ।

ଓଡ଼ିଶାରୁ ଗତ ପୂର୍ବବର୍ଷ ଜ ୧୧୦ ଣ ପରୀକ୍ଷା ଦେଇ ଜ ୬୫ ଣ ଓ ଗତବର୍ଷରେ ଜ ୧୦୬ ଣ ମଧ୍ୟରୁ ଜ ୪୬ ଣ ପୁଣି ଏ ବର୍ଷ ଜ ୯୪ ଣ ମଧ୍ୟରୁ କେବଳ ଜ ୧୯ ଣ ଉତ୍ତୀର୍ଣ୍ଣ ହୋଇ ପାରିଅଛନ୍ତି ।

ଓଡ଼ିଶାରେ ପ୍ରବେଶିକା ବିଦ୍ୟାଳୟ ଗତବର୍ଷ ଗୋ ୧୧ ଟି ସ୍ଥଳେ ଏବର୍ଷ ଗୋ ୯ ଟି ଥିଲା । କଟକ ସାମ୍ୟବାଦ ସ୍କୁଲର ଅପମୃତ୍ୟୁ ଓ କଟକ ଟାଉନସ୍କୁଲର ପ୍ୟାରୀ ଏକାଡେମୀ ସହ ସମ୍ମିଳନ ହେବାରୁ ଦୁଇଗୋଟି ସ୍କୁଲ କମ ପଡ଼ିଥିଲା । ଏ ବର୍ଷର ଫଳ ଏତେ ମନ୍ଦ ଯେ ଏହା ବିଦ୍ୟାଳୟର ଫଳ ବିବେଚନା କରିବାକୁ ଅମ୍ଭମାନଙ୍କର ମନ ବଳୁ ନାହିଁ ତଥାପି ଦେଖାଯାଉ । ଏତଦ୍ଦେଶର ପ୍ରଧାନ ସରକାରୀ ସ୍କୁଲ ମଧ୍ୟରେ ରେଃ କଲେଜିଏଟ ସ୍କୁଲର ଜ ୩୩ ଣ ମଧ୍ୟରୁ ଜ ୧୦ ଣ, ବାଲେଶ୍ୱରସ୍କୁଲର ଜ ୧୨ ମଧ୍ୟରୁ ଜ ୩ ଣ ଓ ପୁରୀ ସ୍କୁଲର ଜ ୨ ଣ ମଧ୍ୟରୁ ଶୂନ୍ୟ । ଗତବର୍ଷ ୧ମ ଶ୍ରେଣୀରେ ଓଡ଼ିଶାରୁ କେବଳ ଜଣେ ଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲେ କିନ୍ତୁ ଏ ବର୍ଷ ଜ ୫ ଣ ୧ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଆହ୍ଲାଦର ବିଷୟ ହେଲେ ମଧ୍ୟ ମୋଟ ସଂଖ୍ୟାରେ ଓଡ଼ିଶାର ଫଳ ଅତୀବ ଶୋଚନୀୟ ଅଟେ । ରେଭେନ୍ସା କଲେଜିଏଟ ସ୍କୁଲରୁ ଜ ୪ ଣ ଓ ବାଲେଶ୍ୱରରୁ ଏକଜଣ ପ୍ରଥମଶ୍ରେଣୀରେ ପାଶ କରିବାଦ୍ୱାରା ଉକ୍ତ ସ୍କୁଲର ମର୍ଯ୍ୟାଦା କେତେକ ରହିଅଛି ସତ୍ୟ କିନ୍ତୁ ସବୁଡିଭିଜନମଧ୍ୟରେ କେନ୍ଦ୍ରାପଡ଼ା ସ୍କୁଲରୁ ଏକଜଣ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଥିବାରୁ ଉକ୍ତ ସ୍କୁଲର ଗୌରବ ବୃଦ୍ଧି ହୋଇଅଛି ବିଶେଷତଃ ଗତବର୍ଷରେ କେବଳ ସେହିସ୍କୁଲରୁ ଗୋଟିଏ ୧ମଶ୍ରେଣୀରେ ପାଶ କରିଥିଲା । ପୁରୀ ସ୍କୁଲରୁ କେବଳ ଜ ୨ ଣ ପରୀକ୍ଷାସ୍ଥଳରେ ଉପସ୍ଥିତ ହୋଇଥିଲେ ମଧ୍ୟ କେହି ଉତ୍ତୀର୍ଣ୍ଣ ନ ହେବା ସ୍କୁଲପ୍ରତି ଅତ୍ୟନ୍ତ ଲଜ୍ଜାର ବିଷୟ ଅଟଇ । ବେସରକାରୀ ସ୍କୁଲ ମଧ୍ୟରେ କେନ୍ଦ୍ରାପଡ଼ାର ଜ ୯ ଣ ମଧ୍ୟରୁ ଜ ୪ ଣ ଉତ୍ତୀର୍ଣ୍ଣ ହେବା ତହିଁମଧ୍ୟରୁ ଜ ୧ ଣ ୧ମ ଶ୍ରେଣୀରେ ଓ ଜଣେ ୨ୟ ଓ ଜ ୨ ଣ ୩ୟ ଶ୍ରେଣୀରେ ପାଶ କରିଥିବାଦ୍ୱାରା କେନ୍ଦ୍ରାପଡ଼ାସ୍କୁଲ ଓଡ଼ିଶାର ସମସ୍ତ ସ୍କୁଲରୁ ଶ୍ରେଷ୍ଠ ଅଛି ଯାଜପୁରର ଜ ୩ ଣ ମଧ୍ୟରୁ ଜ ୧ ଣ, କଟକ ମିସନ ସ୍କୁଲର ଜ ୭ ଣ ମଧ୍ୟରୁ

Split by PDF Splitter
Digitized by srujanika@gmail.com

Split by PDF Splitter



ଜଣ ୧ ଣ ପାଶ କରିଅଛନ୍ତି । ଏକାବେଳେ ହାରି ଯାଇଥିବା ସ୍କୁଲ ମଧ୍ୟରେ ପୁରୀ ଜିଲ୍ଲା ସ୍କୁଲ ଛଡା ପ୍ୟାରୀ ଏକାଡେମୀ, ଭଦ୍ରକ, ଲକ୍ଷ୍ମଣନାଥ ସ୍କୁଲ ଅଛି । ପ୍ୟାରୀ ଏକାଡେମୀଠାରେ ଆମ୍ଭେମାନେ ବିଶେଷରେ ଆଶା କରିଥିଲୁଁ କାରଣ ଷ୍ଟାଲିନ ସ୍କୁଲ ଓ ପ୍ୟାରୀସ୍କୁଲ ଏକତ୍ର ଅନ୍ତର୍ଭୁକ୍ତ ହେବାରୁ ଓ କଟକ ସାମନ୍ତବାଦର ଅପମୃତ୍ୟୁ ହେବାରୁ ପ୍ୟାରୀ ଏକାଡେମୀରେ ଅନେକ ଛାତ୍ର ହୋଇଥିଲେ ଓ ପରୀକ୍ଷା ସ୍ଥଳରେ ପ୍ରଥ ଗତବର୍ଷ ଜ ୧୮ ଣ ଉପସ୍ଥିତ ହୋଇଥିବା ସ୍ଥଳରେ ଏବର୍ଷ ଜ ୨୧ ଣ ଉପସ୍ଥିତ ହୋଇଥିଲେ । କିନ୍ତୁ ସେ ଆଶା ଦୁରାଶା ହେଲା । ହବ ହେବା ପରକୁ ଆଉ ମୂଳରୁ ଗେଜେଟରେ ନାମର ଖଡ଼ୀ ପଡ଼ିଲା ନାହିଁ । ଏହା ସ୍କୁଲର ଗୌରବ ହ୍ରାସ କରୁଅଛି । ଏବର୍ଷର ମୋଟଫଳ ସାଧାରଣତଃ ଅସନ୍ତୋଷଜନକ ହୋଇଅଛି କିନ୍ତୁ ଏକାଡେମୀର ଫଳ ଅଶାଙ୍କିତ ନୁହେ । ବୋଧ ହୁଏ ଏକାଡେମୀର ପ୍ରଧାନଶିକ୍ଷକ ବାବୁ ବୈକୁଣ୍ଠନାଥ ଦତ୍ତ ବିଦାୟ ଗ୍ରହଣ କରିବାରୁ ଓ ତାଙ୍କ ସ୍ଥଳରେ ବାବୁ ବନମାଳୀ ମଜୁମଦାର ଅଳ୍ପ ଦିନ ରହି ବିଦାୟ ଗ୍ରହଣ କରିବାରୁ ବର୍ତ୍ତମାନ ଶିକ୍ଷକ ବାବୁ ସୃଷ୍ଟିଧର ମହାନ୍ତି ନୂତନ ଓ ଅଳ୍ପଦିନ ଶିକ୍ଷା ପ୍ରଦାନ କରିଥିବାରୁ ଫଳ ଏପରି ହୋଇଥାଇ ହେଲା । ଆମ୍ଭେମାନେ ଆଶା କରୁଁ କମିଟୀ ଏଥର ସ୍କୁଲପ୍ରତି ବିଶେଷ ଦୃଷ୍ଟି ରଖିବେ । ଭଦ୍ରକ ଓ ଲକ୍ଷ୍ମଣନାଥ ସ୍କୁଲ ଏକାବେଳେ ହାରିଯିବା ସେଠା ସ୍କୁଲକମିଟୀ ଆଦିଙ୍କପ୍ରତି ବିଶେଷ ଦୃଷ୍ଟି ଆରୋପ କରୁଅଛୁ ।

---

### ଦୁଃଖ କାହାକୁ କହିବା ?

ପ୍ରଜାମାନଙ୍କର ରକ୍ଷା ନିମନ୍ତେ ଶାସନ କର୍ତ୍ତାମାନେ ସର୍ବତୋଭାବେ ଦାୟୀ । ପ୍ରଜାମାନଙ୍କର ଦୁଃଖମୋଚନ ଶାସନର ପ୍ରଧାନ ଅଙ୍ଗ । ଯେଉଁ ଶାସନକର୍ତ୍ତା ନିମୀଳିତ ଚକ୍ଷୁରେ ଶାସିତ ବ୍ୟକ୍ତିମାନଙ୍କର ଦୁଃଖ ଦର୍ଶନ କରନ୍ତି ଓ ବଧିରକର୍ଣ୍ଣରେ ସେମାନଙ୍କର ଆର୍ତ୍ତନାଦ ଶ୍ରବଣ କରନ୍ତି, ମହାସାଗରର ଜଳରାଶି ସୁଦ୍ଧା ତାଙ୍କର କଳଙ୍କ ଓ ପାପ ଧୌତ କରିବାକୁ ସମର୍ଥ ହୁଅଇ ନାହିଁ । ଏହା ଇତିହାସର ବାକ୍ୟ ।

ଅମ୍ଭମାନଙ୍କର ଗର୍ବ—ଆମ୍ଭେମାନେ ପୃଥିବୀର ସଭ୍ୟତମ ଓ ଶ୍ରେଷ୍ଠତମ ଶାସନକର୍ତ୍ତାମାନଙ୍କ ପ୍ରଜା । ଇଂରାଜଶାସନାଧୀନ ହୋଇ ଆମ୍ଭେମାନେ ଆପଣାମାନଙ୍କୁ ଅତ୍ୟନ୍ତ ସୁଖୀ ଜ୍ଞାନ କରୁଁ । କିନ୍ତୁ ଅମ୍ଭମାନଙ୍କ ଦୁର୍ଭାଗ୍ୟବଶତଃ ସମୟେ ସମୟେ ଅମ୍ବଗଛରେ ଅମ୍ବଡ଼ା ଫଳଇ; କୌଣସି କୌଣସି ଶାସନକର୍ତ୍ତାଙ୍କ ଶାସନକାଳରେ ଆମ୍ଭମାନଙ୍କର ଦୁଃଖ ନରକର ଦୁଃଖ ଅପେକ୍ଷା ଭୟଙ୍କର ହୁଅଇ ।

୧୮୬୬ ସାଲର ଓଡ଼ିଶା ଦୁର୍ଭିକ୍ଷ (ନଅଙ୍କ) ମନରୁ ଯିବ ନାହିଁ । ତତ୍କାଳୀନ କମିଶନର ଶ୍ରୀଯୁକ୍ତ ରେଭନ୍‌ଶା ସାହେବ ଯେବେ କର୍ତ୍ତବ୍ୟପରାୟଣ ହୋଇ କାର୍ଯ୍ୟ କରିଥିଲେ ଏତେ ମହାପ୍ରାଣୀ ନଷ୍ଟ ହୋଇ ନ ଥାନ୍ତେ । କେହି କେହି କହନ୍ତି ଦୁର୍ଭିକ୍ଷପୀଡ଼ିତ ବ୍ୟକ୍ତିମାନଙ୍କ ସାହାଯ୍ୟ ନିମନ୍ତେ ଅର୍ଥବ୍ୟୟ କରିବା ବିଷୟ ପ୍ରସ୍ତାବ କଲେ ଗବର୍ଣ୍ଣମେଣ୍ଟ ଅସନ୍ତୁଷ୍ଟ ହେବେ ଏହି ଭୟରେ ରେଭନ୍‌ଶା ସାହେବ ଅଚେତପ୍ରାୟ ନିଷ୍ପନ୍ଦ ହୋଇ ରହିଥିଲେ । ସେ ଯାହା ହେଉ, ତନ୍ନିମିତ୍ତ ତାଙ୍କର ବିଶେଷ ଅନୁତାପ ହୋଇଥିଲା ଏବଂ ତାଙ୍କର ଶାସନର ଅବଶିଷ୍ଟ କାଳମଧ୍ୟରେ ସେ ଦୁର୍ଭିକ୍ଷକଳଙ୍କ ଅପନୋଦନ କରିବାକୁ ଚେଷ୍ଟିତ ହୋଇଥିଲେ ଏବଂ ଅପରିଶାନ୍ତ କାର୍ଯ୍ୟଦ୍ୱାରା ଓଡ଼ିଶାର ପରମବନ୍ଧୁରୂପେ ଗଣ୍ୟ ହେଲେ । ତଥାପି ତାଙ୍କ ନାମ ମନେ ପଡ଼ିଲେ ଓଡ଼ିଶାଦୁର୍ଭିକ୍ଷର କଥା ମନେ ପଡ଼ଇ ।

ଏହା ମଧ୍ୟ ବୋଲିବା ଉଚିତ ଯେ ରେଭନ୍‌ଶା ସାହେବଙ୍କ ସମୟରେ ଦେଶର ପ୍ରକୃତ ଅବସ୍ଥା ଜାଣିବା ବିଷୟରେ ଅନେକ ଅସୁବିଧା ଥିଲା ବର୍ତ୍ତମାନ ତାହା ନାହିଁ । ତହିଁ ଉପରେ ନାନାପ୍ରକାର କଳକଣା ମଧ୍ୟ ହୋଇଅଛି ଏବଂ ଅଧୁନାତନ ଶାସନକର୍ତ୍ତାମାନେ ଦେଶର ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣରୂପେ ଜାଣନ୍ତି ବୋଲି ଆମ୍ଭମାନଙ୍କର ବିଶ୍ୱାସ । ପୂର୍ବେ ଔଦାସ୍ୟଭାବ ଅବଲମ୍ବନ କରି ଜଣେ ଛୋଟଲାଟ କଳଙ୍କଭାଜନ ହେଲେ ତାହା ଅଦ୍ୟାପି ସମସ୍ତଙ୍କର ମନେ ଥିବ ବର୍ତ୍ତମାନ ଔଦାସ୍ୟଭାବ ଅବଲମ୍ବିତ ହେଲେ ତାହା ଗୁରୁତର ବିଷୟ ନ ହେବ କି ?

ଅନାବୃଷ୍ଟି ହେତୁରୁ ଶସ୍ୟହାନି ଘଟିବାରୁ ଗତ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ କଟକ ଓ ପୁରୀ ଜିଲ୍ଲାମାନଙ୍କର ଲୋକମାନେ ଅସ୍ଥିର ହୋଇଥିଲେ । ଅନାବୃଷ୍ଟିଦ୍ୱାରା ସୃଷ୍ଟ ଯନ୍ତ୍ରଣା ଶେଷ ହେଲା ପରେ ନଭେମ୍ବର ମାସରେ ପ୍ରବଳ ବାତ୍ୟା ଉପସ୍ଥିତ ହୋଇ ଅନେକ ଘରଦ୍ୱାର, ଶସ୍ୟ ଓ ମନୁଷ୍ୟ ନଷ୍ଟ କରିଗଲା । ବାତ୍ୟାପୀଡ଼ିତ ଅଞ୍ଚଳର ଯେଉଁ ଲୋକମାନେ ବଞ୍ଚିଲେ ସେମାନଙ୍କର ଦୁଃଖର ସୀମା ରହିଲା ନାହିଁ । ସେ ସମୟରେ ଗବର୍ଣ୍ଣମେଣ୍ଟ ପ୍ରପୀଡ଼ିତ ଲୋକମାନଙ୍କୁ ସାହାଯ୍ୟ କରିବେ ବୋଲି ଆମ୍ଭମାନଙ୍କର ଆଶା ହୋଇଥିଲା କିନ୍ତୁ ବାତ୍ୟା ଉତ୍ତାରେ କମିଶନର ସାହେବ ଗଡ଼ଜାତସ୍ଥଳ ବାହାରିଗଲେ । ପ୍ରବାଦ ଏରୂପ ଯେ ବାତ୍ୟାଦ୍ୱାରା ଯେତେ ଅମଙ୍ଗଳ ହୋଇଥିଲା ତଦପେକ୍ଷା ଅଧିକ ମଙ୍ଗଳ ହୋଇଥିବାର ସରକାରୀ ରିପୋର୍ଟ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଗଲା । ଡାରଉଇନଙ୍କ ମତରେ ଦୁର୍ଭିକ୍ଷଦ୍ୱାରା ଦେଶର ମଙ୍ଗଳ ହୁଅଇ । ବୋଧ ହୁଏ ସେହି ମତର ଅନୁସରଣ କରି କୌଣସି କର୍ମଚାରୀ ବାତ୍ୟାଦ୍ୱାରା ଘଟିଥିବା ମୃତ୍ୟୁ ଓ ଅନିଷ୍ଟକୁ ଲକ୍ଷ କରି ରିପୋର୍ଟରେ ମଙ୍ଗଳପଦଟି ବ୍ୟବହାର କରିଥିଲେ ।

ବାତ୍ୟା ଉତ୍ତାରେ କଟକର କଲେକ୍ଟର ସାହେବ ପୋଲିସ୍‌ଷ୍ଟେସନର କର୍ମଚାରୀ ଓ କାନୁନଗୋମାନଙ୍କୁ ବାତ୍ୟାର ଅନିଷ୍ଟତା ସମ୍ବନ୍ଧରେ ରିପୋର୍ଟ କରିବାର ଆଦେଶ ଦେଲେ ଓ ଡେପୁଟୀ କଲେକ୍ଟର ବାବୁ ସମ୍ପଦଦାର ଜାମ୍ବକଙ୍କୁ ମୋଫସଲର ଅବସ୍ଥା ଦେଖିବା ନିମନ୍ତେ ପଠାଇଲେ । କିନ୍ତୁ କେତେ ପ୍ରଜା ଅସି ସାହାଯ୍ୟ ପ୍ରାର୍ଥନା କରିବାରୁ ଜମିଦାରମାନେ ସାହାଯ୍ୟ ଦେବେ ବୋଲି କଲେକ୍ଟର ସାହେବ ବୁଝାଇ ଦେଲେ । ଆମ୍ଭେମାନେ ଶୁଣିଅଛୁ ଯେ ଗ୍ରେଲେଣ୍ଟ ସାହେବ ଏ ନଗରକୁ ଆସିଥିବା ସମୟରେ ଲୋକମାନଙ୍କ ଅବସ୍ଥାସମ୍ବନ୍ଧରେ ତଦନ୍ତ କରିଥିଲେ । କଟକର କଲେକ୍ଟର ସ୍ୱୟଂ ପଦବ୍ରଜରେ ନାନା ମୋଫସଲରେ ବୁଲି ବୁଲି ଆସିଲେ ଓ ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଉମାଚରଣ ନାୟକ ସୁଲଷ୍ଟ ଦୁଇଥର ମୋଫସଲକୁ ପ୍ରେରିତ ହୋଇଥିଲେ । କୌଣସି ହାକିମ କେତେକ ପ୍ରକାର ମଲଗୁଜାରୀ ଖଜଣାର ଉପ୍ରାଂଶ ଛାଡ଼ ହେବା ନିମନ୍ତେ, କେତେକ ପ୍ରଗନାର ଖଜଣା ଆଦାୟ ସ୍ଥଗିତ ରହିବା ନିମନ୍ତେ, ସରକାରଙ୍କ ତରଫରୁ ତଗାବି ଦାଦନ ହେବା ନିମନ୍ତେ ଓ ଶ୍ରମଜୀବିମାନଙ୍କ ଉପକାର ନିମନ୍ତେ ନଦୀବନ୍ଧ, ରାସ୍ତା, ନାଳ ଓ ପୁଷ୍କରିଣୀ ପ୍ରଭୃତି ଲୋକହିତକର କାର୍ଯ୍ୟ କରାଇବା ନିମନ୍ତେ ରିପୋର୍ଟ କରିଥିଲେ କିନ୍ତୁ ସବୁ ପ୍ରହସନରେ ଶେଷ ହେଲା । ଦୁର୍ଭାଗ୍ୟବଶତଃ ଶୁଣିଲୁଁ ଜଣେ ହାକିମ କହିଲେ "ଓଡ଼ିଆମାନେ ଦୁଇଟାଳି ଗୁଣ୍ଡଳ ଓ ଦାଣ୍ଡେ ପାଣି ପାଇଲେ ସୁଖରେ ରହନ୍ତି । ବର୍ତ୍ତମାନ ସାହାଯ୍ୟ ଦେବାର ଆବଶ୍ୟକ ନୁହେଁ ବୋଲି ଧାର୍ଯ୍ୟ ହେଲା ।

Digitized by srujanika@gmail.com

Split by PDF Splitter



ଆମ୍ଭେମାନେ ତତ୍ତ୍ୱନରୂପେ ଅନୁସନ୍ଧାନ କରି ବୁଝିଅଛୁଁ ଯେ ଏ ଜିଲ୍ଲାର ଅନେକ ସ୍ଥାନରେ ଲୋକେ ଓଳଏ ସୁଦ୍ଧା ଖାଇବାକୁ ପାଉ ନାହାନ୍ତି । ଧାନ ଚାଉଳ ଅତ୍ୟନ୍ତ ଦୁର୍ମୂଲ୍ୟ ଓ କୌଣସି ୨-ଠାରେ ଦୁଷ୍ପ୍ରାପ୍ୟ ହୋଇଅଛି । ବୃଷ୍ଟି ନ ହେବାରୁ ଲୋକମାନଙ୍କର ଶଙ୍କା ବୃଦ୍ଧି ହେଉଅଛି । ଚୋରି କରିବା ଲୋଭରେ ଲୋକେ ଧାନ ଚାଉଳ ରଖିଥିବା ଲୋକଙ୍କ ଘରେ ଅଗ୍ନି ଲଗାଇ ଦେଉଅଛନ୍ତି ଏବଂ ନାନାସ୍ଥାନରେ ନାନାପ୍ରକାର ଚୋରି ଡକାଇତି ଆରମ୍ଭ ହୋଇଅଛି । କୌଣସି କୌଣସି ସ୍ଥାନର ଲୋକମାନେ କେବଳ କଖାରୁ ଓ କୁମ୍ଭି ଏବଂ କୋଳଥ ସିଝାଇ ଖାଉଅଛନ୍ତି । ଅନାହାର ଓ ଅସ୍ୱାସ୍ଥ୍ୟକର ଆହାର-ଯୋଗୁଁ ଓଲାଉଠା ଏବଂ ଅନ୍ୟ ରୋଗରେ ଅନେକ ଲୋକ ମରୁଅଛନ୍ତି । ଅନେକ ଜମିଦାର ଡିସେମ୍ବରମାସର କାଷ୍ଟବନ୍ଦର ଖଜଣା ଗତମାସ ଶେଷଭାଗରେ ଦାଖଲ୍ କଲେ ଓ କେତେକ ଖଣ୍ଡି ଜମିଦାରୀ ନିଲାମ ହୋଇଗଲା । ସମ୍ପ୍ରତି ଏ ଜିଲ୍ଲାର କେତେ ଜଣ ଜମିଦାର ଏହି ମାସ କାଷ୍ଟବନ୍ଦର ଖଜଣା ଦେବା ବିଷୟରେ ଆପତ୍ତି କରିବାରୁ ଦଣ୍ଡଆଇନ ଅନୁସାରେ ପ୍ରଜାମାନଙ୍କ ନ ମରେ ନାଲିଶ କରି ଟଙ୍କା ଅଦାୟ କରିବା-ନିମନ୍ତେ କଲେକ୍ଟର ସାହେବ ସେମାନଙ୍କୁ ବୁଝାଇ ଦେଇ କର୍ତ୍ତବ୍ୟ ପାଳନ କଲେ ।

ଆମ୍ଭମାନଙ୍କର ବିଶ୍ୱାସ ଯେ କୌଣସି କାରଣବଶତଃ ଲୋକମାନଙ୍କର ପ୍ରକୃତ ଅବସ୍ଥା ଗବର୍ଣ୍ଣମେଣ୍ଟଙ୍କର ଦୃଷ୍ଟିଗୋଚର ହୋଇ ନାହିଁ । ବର୍ତ୍ତମାନ ଲୋକମାନେ ଯେରୂପ ଦୁରବସ୍ଥାପନ୍ନ, ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିବା ଗବର୍ଣ୍ଣମେଣ୍ଟଙ୍କର କର୍ତ୍ତବ୍ୟ । ଅବସ୍ଥା କ୍ରମଶଃର ମନ୍ଦ ହେବାର ସ୍ପଷ୍ଟ ଜଣା ପଡ଼ୁଅଛି । ବର୍ତ୍ତମାନରୁ ରାଜ୍ୟ ମନ୍ଦଗାମୀ ହେବା ବିଷୟରେ ରାଜା ପ୍ରଜାଙ୍କ ମତ ଏକ । ତେବେ କାହିଁକି ସରକାର ବାହାଦୂର ନିସ୍ତବ୍ଧ ଅଛନ୍ତି ? ସର ଚାର୍ଲସ ଇଲିୟଟ୍ ସୁଦକ୍ଷ ଶାସନକର୍ତ୍ତା । ସେ ବର୍ତ୍ତମାନ ପାଟନା, ଭାଗଲପୁର ଓ ରାଜସାହି ଡିଭିଜନମାନଙ୍କର ଅନ୍ନକଷ୍ଟ ବିଷୟ ତଦନ୍ତ କରୁଅଛନ୍ତି । ଆମ୍ଭମାନଙ୍କର ଭରସା, ସେ କଟକ ଓ ପୁରୀ ଜିଲ୍ଲାର ଅନ୍ନକଷ୍ଟପୀଡ଼ିତ ଲୋକମାନଙ୍କ ଅବସ୍ଥା ସ୍ୱୟଂ ତଦନ୍ତ କରି ସାହାଯ୍ୟ ଦାନର ବନ୍ଦୋବସ୍ତ କରିବେ । କୌଣସି ସାମାନ୍ୟ ଘଟନାକୁ ଅତିରଞ୍ଜିତ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହଇ । ଯେଉଁ ସମୟରେ ଲୋକେ ସାହାଯ୍ୟ ପାଇବା ଉଚିତ, ସେ ସମୟରେ ନିଶ୍ଚିନ୍ତ ହେଲେ ପ୍ରପୀଡ଼ିତ ଲୋକମାନେ କାଳଗ୍ରାସରେ ପତିତ ହେବେ କି-ମ୍ବା ଶେଷ କାଳରେ ସାହାଯ୍ୟ ଗ୍ରହଣ କରିବେ ? ଆମ୍ଭମାନଙ୍କର ଲେପ୍ଟେନାଣ୍ଟଙ୍କର ସୁବିଜ୍ଞତା ଆମ୍ଭମାନଙ୍କର ଭରସା । ସେ ଏ ବିଷୟ ବିଚାର ନ କଲେ ଦୁଃଖ କାହାକୁ କହିବା ?

## ସାପ୍ତାହିକ ସମ୍ବାଦ ।

ଆମ୍ଭମାନଙ୍କର ଏକ୍‌ଟିଂ କମିଶନର ଶ୍ରୀଯୁକ୍ତ ଯେ ଏଚ୍ ଓ୍ୱାଲ୍ଫୋ-ଶାନ ଦାର୍ଜିଲିଂ ପ୍ରଭୃତି ନଗରକୁ ଗତ ବୃହସ୍ପତିବାର ଯାତ୍ରା କରିଅଛନ୍ତି ।

ବୃଷ୍ଟି ସଙ୍ଗେ ଅବଧି ଦେଖା ନାହିଁ; ଗ୍ରୀଷ୍ମର ବଳ କ୍ରମେ୨ ପ୍ରବଳ ମୂର୍ତ୍ତି ଧାରଣ କରୁଅଛି । ଗତ ଶନିବାର ଓ ରବିବାର ଏଠାରେ ଅଳ୍ପ ବୃଷ୍ଟି ହେଲେ ପ୍ରାୟ ଜଣା ଯାଉଥିଲା ।

ଖାଦ୍ୟ ସାମଗ୍ରୀର ଦୁର୍ମୂଲ୍ୟତା ଓ ଅଭାବ ହେତୁ ପ୍ରଚଣ୍ଡ ରୋଗ ହେଉଅଛି; ସାମାନ୍ୟ ରୋଗର ଉପଶମ କରିପାରେ ନାହିଁ । ଜ୍ୱର, କାଶ ଓ ଝାଡ଼ା ପ୍ରଭୃତି ରୋଗ ହେବାର ଶୁଣାଯାଏ ।

ଓଡ଼ିଶା କମିଶନ୍ନରୀର ଡାକ୍ତରଖାନାର ଗତ ପରୀକ୍ଷାରେ କେବଳ ୬୪ ଜଣ ପରୀକ୍ଷା ପ୍ରସ୍ତୁତ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୬୨ ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଅଛନ୍ତି । ୯ ଜଣ କେବଳ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଲାଭ କରିଅଛନ୍ତି ।

ଓଡ଼ିଶାରେ ଅବସ୍ଥାପିତ କେଉଁ ଓ ଆଉ ମାଙ୍ଗ୍ଲେନ୍ସ ମାଣ୍ଡଳିକ ବାର୍ଷିକ ପରୀକ୍ଷା ଗତ ସୋମବାରଠାରୁ ଆରମ୍ଭ ହୋଇ ବୁଧବାର ଶେଷ ହେଲା । ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁ ଅଧିକ ହୋଇଥିଲା ।

ମଫସଲରେ ଓଲାଉଠା ଓ ଜ୍ୱର କ୍ରମେ୨ ଭୟଙ୍କର ଧାରଣ କରୁଥିବାର ସମ୍ବାଦ ମିଳୁଅଛି । ଆଜି କାଲି ଅନେକେ ଏହି ରୋଗ ଭୋଗୁଅଛନ୍ତି ଓ ଅନେକେ ମୃତ୍ୟୁମୁଖରେ ପତିତ ହେଉଅଛନ୍ତି ।

### କଲିକତା-ଗେଜେଟ ।

ମିଷ୍ଟର ଜେ଼ ମାକ୍‌ନେଲ୍ ଓ ଜେ଼ ବଲେନ୍ସ୍ ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ପଦତ୍ୟାଗର ଛୁଟି ଗ୍ରହଣ କରିଅଛନ୍ତି ।

କାଲେକ୍ଟରର ଅଫିସିଏଟିଂ ଜେ଼ ମାକ୍‌ନେଲ୍ ଓ ଜେ଼ ବଲେନ୍ସ୍ ବାବୁ କଳଦହାଧ ସିଂହ ୧୮୯୬ ସାଲର ଜାନୁ-ଆରିମାସ ତା ୧ ଦିନଠାରୁ ୬ମ ଗ୍ରେଡରେ ନିଯୁକ୍ତ ହେଲେ ।

ଲେଫ୍‌ଟେନାଣ୍ଟ କର୍ଣ୍ଣେଲ ଯେ ଜି ସାଣ୍ଡେମାନଙ୍କୁ ୧୮୭୬ ସାଲର ୩୪ ଜାନୁଆରୀ ଓଡ଼ିଶା ସର୍ଭେଇରକାର ସୁପ-ରିଣ୍ଟେଣ୍ଡେଣ୍ଟ ନିଯୋଗର ତା ୧୪ ଦିନ ଡ଼ିସେମ୍ବରର ବିଜ୍ଞାପନ ଉଦ୍ଧୃତ କରି ଉପରୋକ୍ତ ଅଧୀନର ଧା ୪ ଉପଧାରା ମିଃ ଏଚ୍ ଆର ସ୍ମାଇଲଙ୍କୁ ଉକ୍ତ ପଦରେ ନିଯୋଗ କରାଗଲା ।

କଟକ ଜେଲର ସିଭିଲ ସର୍ଜନ ଡାକ୍ତର ପିଣ୍ଟୋ ଅପ୍ରେଲ-ମାସ ତା ୧ ଦିନରେ ଗ୍ରହଣ କରିଥିଲେ ।

ରାୟ ନନ୍ଦକିଶୋର ଦାସ ବାହାଦୂର କଟକ ମିଉନିସି-ପାଲିଟିର କମିଶ୍ନର ପଦରେ ଇସ୍ତଫାପ୍ରଦାନ କରିବାରୁ ବାବୁ ଯୋଗେଶ୍ଚନ୍ଦ୍ର ରାୟ ତାଙ୍କ ପରିବର୍ତ୍ତରେ ନିଯୁକ୍ତହୋଇ ଅଛନ୍ତି ।

———

ଭାରତର ଦୁର୍ଭିକ୍ଷପୀଡ଼ିତ ଲୋକମାନଙ୍କର ସାହାଯ୍ୟାର୍ଥ ଇଙ୍ଗ-ଲଣ୍ଡରେ ଚେଷ୍ଟା କରିବାକୁ ପ୍ରବଳ ପରିମାଣରେ ମତଦା ଅଛିଅଛି ।

କେତେ ଗୁଡ଼ିଏ ପାଇଁ ୫ଲକ୍ଷ ଟଙ୍କା ମୂଲଧନରେ ପଣ୍ଡିଚେ-ରୀଠାରେ ଗୋଟିଏ ରେଲୱେ ସ୍ଥାପନ କରିବା ନିମନ୍ତେ ସଙ୍କଳ୍ପ କରିଅଛନ୍ତି । ଉତ୍ତମ !

ଦାନାପୁରବାସ ଓ ମହାରାଜା ମୃତ୍ୟୁଞ୍ଜୟମୋହନ ଠାକୁରଙ୍କ ଜମିଦାରୀରେ ଟିନଖଣି ଆବିଷ୍କୃତ ହୋଇଅଛି । ଏହି ଖଣି ପୋର୍ଟଲ୍ୟାଣ୍ଡ ଖଣି ଅପେକ୍ଷା ଉତ୍କୃଷ୍ଟ ଅଟଇ । ଯଦି ଲୋକେ ପରିଶ୍ରମ ସହକାରେ ଏହି ଖଣିରେ କାର୍ଯ୍ୟ କରିବେ ତେବେ ଲାଭପ୍ରଦ ହେବାର ଖୁବ ସମ୍ଭାବନା ଅଛି ।

କୌନ୍ତପଡ଼ାଠାରେ ପଚଣସାହା ନାମକ ଜଣେ ବ୍ରାହ୍ମ-ଣର ବ୍ରହ୍ମ ଅପରାଧ ବଥବା କନ୍ୟା ଓ ଅନ୍ୟାନ୍ୟ ସନ୍ତାନ-ସନ୍ତତିଙ୍କ ଯେନ ଗ୍ରାମବାସିଙ୍କର ସାହାଯ୍ୟରେ ବହୁକଷ୍ଟରେ ଦିନାତିପାତ କରୁଥିଲେ । ମାତ୍ର ଦୁର୍ଦ୍ଦିନ ସାହାଯ୍ୟ ନ ପାଇ ଦୁଃଖିତ ହୋଇ ପଡ଼ୋଶୀଙ୍କଠାରୁ ସାହାଯ୍ୟ ପ୍ରାର୍ଥନା-କରିବାକୁ ଯାଆନ୍ତେ ପଡ଼ୋଶୀ ଖାଦ୍ୟସାମଗ୍ରୀର ଦୁର୍ମୂଲ୍ୟତା ହେତୁ ଆଉ ସାହାଯ୍ୟ କରିପାରିବ ନାହିଁ ବୋଲି ଫେରାଇ ଦେଲା । ବୃଦ୍ଧ ମନକଷ୍ଟରେ ଓ ଉଦରଜ୍ୱାଳାରେ ଫାଶିଦେଇ-ଆତ୍ମହତ୍ୟା କରିଅଛି । ଏତେବେଳେ ସେହି ହତଭାଗିର ବଥବା ଓ ସନ୍ତାନ ସନ୍ତତିମାନଙ୍କର ଭରଣ ପୋଷଣର ଅନ୍ୟ କୌଣସି ଉପାୟ ନାହିଁ ।

ଢାକାସହରରେ ଗତ ପୂର୍ବ ସପ୍ତାହରେ ୬୧୦୬ଜଣ ଲୋକ ଓଲାଉଠା ସମ୍ଭବେ କରିଅଛନ୍ତି । ଏମାନଙ୍କ ମଧ୍ୟରୁ ୬୪୦ ଜଣ ବସନ୍ତରୋଗରେ ପ୍ରାଣତ୍ୟାଗ କରିଅଛନ୍ତି ।

ଲଣ୍ଡନ ଟେଲିଗ୍ରାଫର ଲିଖନରେ ବେଚୋଆନାଲାଣ୍ଡର ରେଲରେ ଉଠିବା ଲାଗି ଘଉତେଲରେ ଆଫ୍ରିକାର ମାତ୍ର ଦୁର୍ଭାଗ୍ୟବଶତଃ ସେମାନେ ରେଲରେ ବସି ହୋଇପାରି ସେମାନଙ୍କ ମଧ୍ୟରୁ ଜଣେ ଦୁଇ ଓ ଅନେକେ ସାଂଘାତିକରୂପେ ଆହତ ହୋଇଅଛନ୍ତି ।

ମାଞ୍ଚେଷ୍ଟର ଚେମ୍ବରର ସଭାରେ ଗୋଟିଏ ଚୌମୁହାଁ-କରିବ ମନ୍ତବ୍ୟ ଉପସ୍ଥିତ ହେଉଅଛି । ଜଣେ ଦେଶୀୟ ଭଦ୍ରଲୋକ ବୃତ୍ତପତିଙ୍କ ଟ୍ରେଡ ସବୁର ଡାକ ଟିକଟ ବସୁତ କରି ସେମାନଙ୍କ ଆପଣା ମସ୍ତକର ଛବି ଦେଇ ଏବଂ "ଏଣ୍ଡ-ଲର ଅବ୍ ଦ ଓ୍ୱାର୍ଲଡ" ଅର୍ଥାତ୍ ପୃଥିବୀର ସମ୍ରାଟ ବୋଲି ଲେଖି ଉଠାଇଥିଲେ । ଡାକଘରର କର୍ତ୍ତୃପକ୍ଷ ଲୋକଟାକୁ ଧରି ପୋଲିସହାତରେ ଦେଇଅଛନ୍ତି । ମାଜି-ଷ୍ଟ୍ରେଟଙ୍କ ନିକଟରେ ଲୋକଟା ନିଜର ବ୍ୟବହାର ନିମନ୍ତେ ଏପରି କରିଥିବାର ସ୍ୱୀକାର କରିଅଛି ।

ସେଣ୍ଟପିଟର୍ସବର୍ଗଠାରୁ ସମ୍ବାଦ ଆସି ଅଛିଯେ ଗ୍ରୀସ ଗ୍ରାଣ୍ଡ-ଡ୍ୟୁକ ଘଲଡିମିରଙ୍କ ସଙ୍ଗେ କାଉଣ୍ଟ ଙ୍କ ବିବାହ ସ୍ଥିର ଅଛି । କୌଣସିରାଜ୍ୟର ସିଂହାସନ ଘଲଡିମିରଙ୍କୁ ନ ଦେଇ ଅନ୍ୟଙ୍କୁ ତାକୁ ଦେବା ଏଥିର କାରଣ ଅଟଇ ।

ଅଜର ବାଇ କାବୁଲରେ ବନ୍ଦୋବସ୍ତ ସୁଲତାନଙ୍କ ଶବର ଯାତ୍ରା କରିବେ । ସେ ସେଠାରେ ମା ୨ ସ ରହିବେ ବୋଲି ନିଶ୍ଚୟ କରିଅଛନ୍ତି ।

ସହୋରଠାରେ ଓଲାଉଠାର ବିଶେଷ ପ୍ରାଦୁର୍ଭାବ ହୋଇଅଛି । ଅଶ୍ୱମାନଙ୍କଠାରେ ମଧ୍ୟ ଏକ ସଂକ୍ରାମକ ରୋଗ ଦେଖାଦେଇ ଅନେକ ଅଶ୍ୱ ନଷ୍ଟ କରୁଅଛି ।

ରାୱଲପିଣ୍ଡିଠାରେ ଜଣେକ ଗୁର୍ଖା ଅପରାଧ ଖୋଜିବା ଲାଗି ସୁଦ୍ଧା ସଙ୍ଗେ କଳହ କରି ବହୁ ପରିମାଣରେ ଅଫିମ ଖାଇଯାଇ ପ୍ରାଣ ହରାଇ ଅଛି । କ୍ରୋଧଠୁଁ ବଳି ଶତ୍ରୁ ନାହିଁ, କ୍ରୋଧରେ ପଡ଼ି ଲୋକେ ପ୍ରାଣ ହରାଇବାକୁ ପୁରା କୁଣ୍ଠିତ ହୁଅନ୍ତି ନାହିଁ ।

Digitized by srujanika@gmail.com

Split by PDF Splitter



ନିଜାମରାଜ୍ୟର ସୀମାନ୍ତପ୍ରଦେଶରେ କେତେକ ଦଳ ପାଳ-ଚରି ଦେଖାଯାଉ ଅଛନ୍ତି । ଏମାନଙ୍କର ଅନର୍ଥରେ ଲୋକେ ନାନାବିଧ ଅନିଷ୍ଟର ଆଶଙ୍କା କରୁ ଅଛନ୍ତି ।

କଲିକତାର ଜଣେ ଲକ୍ଷପତିର ବିଧବା ସ୍ତ୍ରୀ ଆପଣାର ଜମିଦାରୀସମ୍ବନ୍ଧୀୟ କାର୍ଯ୍ୟାଦିରୁ ବାହାରେ ରହି ହାଇ-କୋର୍ଟର ବର୍ତ୍ତମାନ ରେଜିଷ୍ଟ୍ରାର ସାହେବଙ୍କ ହାତରେ ଉପସ୍ଥିତ ହେଉଥିବାରୁ ଉପସ୍ଥିତ ହୋଇ ଅଛନ୍ତି । ବର୍ତ୍ତ-ମାନ ତାଙ୍କ ପେଟେନ୍ ଲେଟରରେ ଏହା ପ୍ରକାଶ କରି ଜଣାଇ ଦେଇ ଅଛନ୍ତି ଯେ ଏପରି ସ୍ଥଳରେ ତାଙ୍କର କୌଣସି ଅପତ୍ତି ଶୁଣା ଯିବ ନାହିଁ; ନିୟମ ଉପରେ ସମସ୍ତ ଅପତ୍ତି ଶୁଣା ଯିବ ।

ଭାରତର ଲେଫଟେନାଣ୍ଟ ଗ୍ରାଣ୍ଡଲୋନ ସାହେବଙ୍କ ମତରେ ସ୍ତ୍ରୀମାନେ ସମସ୍ତରେ ସୁରକ୍ଷାକାର୍ଯ୍ୟ କରିବାକୁ ଯୋଗ୍ୟ ହେଲେ ପୁରୁଷ ସୁରକ୍ଷା ପଦ କାର୍ଯ୍ୟକରି ସ୍ତ୍ରୀମାନଙ୍କର ପବିତ୍ରତା ଓ ସରଳତା ନଷ୍ଟ ହୋଇ ଯିବ । ସୁତରାଂ ସେ ସ୍ତ୍ରୀମାନଙ୍କୁ ସର୍ବପ୍ରକାର କ୍ଷମତା ଦେବାକୁ ଏକାନ୍ତ ଅନିଚ୍ଛୁକ ।

ବଙ୍ଗୀୟ କୃଷିବିଭାଗ ଓ ଜମିଦାରୀସେଟଲମେଣ୍ଟ ଡାଇ-ରେକ୍ଟର ପିକ୍ରକେନ ସାହେବଙ୍କ ଅନୁପସ୍ଥିତି କାଳରେ ଉକ୍ତ-ପଦ ସି ନେକ୍ସଫର୍ଡ ସାହେବ ଠିକା ସ୍ୱରୂପ କାର୍ଯ୍ୟ କରି-ବେ । କୋଲେଜ ସାହେବ କିମ୍ବା ଟ୍ରାଙ୍କ ସାହେବ ଡାଇ-ରେକ୍ଟର ହେବେ ବୋଲି ଅନେକ ଲୋକ ଅନୁମାନ କରି-ଥିଲେ । ନେକ୍ସଫର୍ଡ ସାହେବଙ୍କ ଅପେକ୍ଷା ଟ୍ରାଙ୍କ ସାହେବ ଅଧିକତର କର୍ମଦକ୍ଷ ଅଟନ୍ତି, ମାତ୍ର "ପ୍ରେସ୍ ବୋର୍ଡର" କାର୍ଯ୍ୟରେ ପାରଦର୍ଶୀ ଅଟନ୍ତି ।

ବମ୍ବେଠାରେ ସୂର୍ଯ୍ୟଦେବଙ୍କର ଏପରି ଏତେଦୂର ପ୍ରଖର ହୋଇଅଛି ଯେ ଟ୍ରାମଗାଡ଼ିର ୧୪ ଟା ଘୋଡ଼ା ମୃ-ତ୍ୟୁମୁଖରେ ପତିତ ହୋଇ ଅଛନ୍ତି । ଆହୁରି ଅନେକ ଘୋଡ଼ା ମୁମୂର୍ଷୁ ଅବସ୍ଥାରେ ଅଛନ୍ତି । ଏବର୍ଷ ସମସ୍ତ ଜନ୍ତୁ-ଙ୍କ ଉପରେ ଈଶ୍ୱରଙ୍କର କୋପଦୃଷ୍ଟି ପଡ଼ିଅଛି ପରି !!

ଗତସପ୍ତାହରେ ବମ୍ବେଠାରେ ୭ ୬୨ ଜଣ ବସନ୍ତରୋ-ଗରେ ପ୍ରାଣତ୍ୟାଗ କରି ଅଛନ୍ତି । ପୂର୍ବାପେକ୍ଷା ମୃତ୍ୟୁସଂଖ୍ୟା ବଢ଼ି ଯାଇଅଛି । ଜଳର ଦୁର୍ଭିକ୍ଷ ପୂର୍ବବତ୍ ରହିଅଛି ।

ମାନ୍ଦ୍ରାଜଠାରେ ବୃଷ୍ଟିର କୌଣସି ପରିବର୍ତ୍ତନ ହୋଇ ନାହିଁ ଜଳ ଓ ଜାଲର ବାଟର ଅଗ୍ନିକ ଦଶେତ ପରିମାଣ-ରେ ଅନୁଭୂତ ହେଉଅଛି । ଗତ ପୂର୍ବସପ୍ତାହରେ ୭ ୧୬୦୦୦ ଜଣ ଦୁର୍ଭିକ୍ଷଗ୍ରସ୍ତଙ୍କୁ ସାହାଯ୍ୟ ଯାଉଥିଲେ । ବର୍ତ୍ତମାନ ୨୪୪୦୦୦ ଜଣ ଦୁର୍ଭିକ୍ଷଗ୍ରସ୍ତଙ୍କୁ ସାହାଯ୍ୟ ପାଇ ଖାଇବା ଜୀବିତ କରୁ ଅଛନ୍ତି ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କଏଟି ପଙ୍କ୍ତି ଉତ୍କଳଦୀପିକାରେ ପ୍ରକାଶ କରି ପାଠକମାନଙ୍କୁ ଜଣାଇଲେ ଉପସ୍ଥିତ ପ୍ରକୃତର ହିତ ସନ୍ଦେହ ହୋଇ ଯାଇବ ।

କେହି ଶୂଦ୍ରଜାତୀୟ ଅର୍ଥାତ୍ ଓଡ଼ିଶାବାସୀ ଚଙ୍ଗାଲୀଜାତି ଜଣେ ଏକସ୍ଥାନରେ ପ୍ରବାସ କରିଥିଲା ଦୈବାଧୀନ ତାହାର ସେହି ସ୍ଥାନରେ ମୃତ୍ୟୁ ଘଟିବାରୁ ତାହା ଜାତୀୟ କେହି ସେଠାରେ ନ ଥିବାର ଦେଖି ସେହି ଗ୍ରାମନିବାସୀ କେତେକ ଶୂଦ୍ରଜାତୀୟ ଶିବପୂଜକସେବକ ସେଠାରେ ପନ୍ଥୁଆ ଉକ୍ତ ଜାତି ସଙ୍ଗେ ତାଙ୍କର ପୂର୍ବରୁ ପ୍ରଣୟ ଥିବାରୁ ଅନାଥପିଣ୍ଡ ଜାଣି ତାକୁ ନେଇ ଦାହ କରିଅଛନ୍ତି ଯେହେତୁ ଜାଣି ସେପରି ସ୍ୱଜାତିବ୍ୟକ୍ତିର ମୃତଦେହ ଛୁଇଁ ପତିତ କରନ୍ତି ଏପରିସ୍ଥଳରେ ଯେଉଁମାନେ ଉକ୍ତ ଶବର ବହନଦହନକ୍ରିୟା କରିଅଛନ୍ତି ସେମାନେ ପ୍ରା-ୟଶ୍ଚିତ୍ତର ଯୋଗ୍ୟ ହେବେ କି ନା ? ଯେବେ ବା ପ୍ରାୟଶ୍ଚିତ୍ତର ଯୋଗ୍ୟ, କେବେ କେତେ ଦିନ ପ୍ରାୟଶ୍ଚିତ୍ତ କରିବାକୁ ହେବ ଏହି ବିଷ-ୟର ପ୍ରକୃତର ବୃତ୍ତିବ୍ୟବସାୟମାନେ ପ୍ରକାଶ କରିଇ ଚରିତାର୍ଥ କରିବେ ।

ତା୨୬।୪।୯୬ } କେହି ଧର୍ମଜିଜ୍ଞାସୁ
କଟକ }

## । ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଲକ୍ଷ୍ମୀନାରାୟଣ ଜଗଦେବ କେନ୍ଦ୍ରାପଡ଼ା | ୩ ୯୬ |
| „ କ୍ଷେତ୍ରମୋହନ ବୋଷ ପୁରୀ | ୩ ୯୬ |
| „ ଗୋଲୋକଚନ୍ଦ୍ର ବୋଷ କଟକ | ୩ ୯୬ |
| „ ରାଧାକୃଷ୍ଣ ଘୋଷ ସିର୍ଦ୍ଧୋ | ୩ ୯୬ |
| „ ଜଗଧର ଜେନା ଅଲିବଣ୍ଡ | ୩ ୯୬ |
| „ ପଦ୍ମନାଭ ଦାସ | ୩ ୯୬ |
| „ ଗୋପୀନାଥ ତ୍ରିପାଠୀ ସର୍କୋଳ | ୩ ୯୫ |
| „ ଜଗବନ୍ଧୁ ମିଶ୍ର ଭୁବନେଶ୍ୱର | ୩ ୯୬ |
| ରାଜା ବଳେ ବଳିରାମଦ୍ୱାର | ୩ ୯୬ |
| „ „ ଗାଈକୁଠ | ୩ ୯୬ |
| ବାବୁ ଦିବାକରଚରଣ ପଟ୍ଟନାୟକ କୋଠେଇ | ୩ ୯୫ |
| „ ଯୋଗେନ୍ଦ୍ରନାଥ ମହାନ୍ତି ବାଲିଆ | ୩ ୯୫ |
| „ କୃଷ୍ଣଚନ୍ଦ୍ର ମିଶ୍ର ଭୁଞ୍ଜଗଡ଼ି | ୩ ୯୬ |
| „ ଜଗମୋହନ ସାହୁ କଟକ | ୩ ୯୬ |
| „ ନରସିଂହ ପ୍ରଧାନ | ୩ ୯୬ |
| „ ଜିଲ୍ଲାସ୍କୁଲପଣ୍ଡିତ ଦାସ ବାଲେଶ୍ୱର | ୩ ୯୬ |
| ରାଜା କୃଷ୍ଣ କଣ୍ଡାରା | ୩ ୯୬ |
| ବାବୁ ସଚ୍ଚିଦାନନ୍ଦ ଲାଲ କଟକ | ୩ ୯୬ |
| „ ଅନନ୍ତଚରଣ ଦାସ ଜଗନ୍ନାଥପୁର | ୩ ୬୯ |
| „ ଲଣ୍ଡନ୍ ମିସନେରୀ ସୋସାଇଟି | ୩ ୯୬ |

# ବିଜ୍ଞାପନ ।

## ନୂତନ ପୁସ୍ତକ ।

ତ୍ରିଭାଷୀ ଅର୍ଥାତ୍ ଓଡ଼ିଆ, ବଙ୍ଗଳା, ଓ ଦେବନାଗର ବର୍ଣ୍ଣପରିଚୟ । ଏହି ପୁସ୍ତକ ସାହାଯ୍ୟରେ ଓଡ଼ିଆ ବାଳକମାନେ ସହଜ-ରେ ବଙ୍ଗଳା ଓ ଦେବନାଗର ଶିଖି ପାରିବେ । ବଡ଼ଅକ୍ଷରରେ ଛପା ହୋଇଅଛି । ମୂଲ୍ୟ ଦୁଇ-ଅଣା । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହୁଏ ।

ସେକ୍ରେଟେରୀ

# ଅକୃତ୍ରିମ-

# ଜ୍ୟାମେକା ଶାଲସା ।

ଏହି ଶାଲସା ବ୍ରିଟିଶ ଗଭର୍ଣ୍ଣମେଣ୍ଟଙ୍କ ଅନୁ-ମୋଦିତ ଓ ଦେଶି ଏବଂ ବିଲାତି ୫୧ ଖଣ୍ଡ ଉତ୍କୃଷ୍ଟ ଦ୍ରବ୍ୟର ସାରଭାଗଦ୍ୱାରା ନୂତନ ରସା-ୟନିକପ୍ରକରଣରେ ପ୍ରସ୍ତୁତ । ଏହା ସେବନ କଲେ ପାରଦରସା, ଗର୍ମି, ନାଲୀଘା, ବାତ, କୋମର ଓ ଗ୍ରନ୍ଥିଦେଶ ବେଦନା, ଶରୀର ଉଲ୍ଲିଫୁଲା, ଓ କ୍ଷୟଥାକିବା, ତାଳୁ ଓ ମୁଖଇ-ଗହ୍ୱରରେ ଘା, ଦେହ ଚକ୍ଟାକିବା, ମଥାରୁ ଚୁଳଉଠା, ଦେହରେ ଯାବଫୁଟା ଓ ଚକା ଚକା ଦାଗପଡ଼ା କୁଣ୍ଡାଇ ଫୁଲିବାପ୍ରଭୃତି ପାରଦ ଉପଦଂଶ, ଓ ଦୂଷିତ ରକ୍ତର ପୀଡ଼ା, ଏବଂ ଧାତୁ-ଦୁର୍ବଳତା, ମେହ, ପ୍ରମେହ, ଶୁକ୍ରମେହ, ସ୍ୱପ୍ନ-ଦୋଷ, ସ୍ୱପ୍ନଦୋଷ, ଧାତୁର ତରଳତା ପ୍ରସ୍ରାବକଲାକ୍ଷଣି ଜ୍ୱାଳାକରିବା, ଲୁଗାରେ ହଳଦିଆ ଦାଗପଡ଼ା, ଅଳ୍ପ ବା ଅଧିକପ୍ରସ୍ରାବ ହେବା, ଓ ଇନ୍ଦ୍ରିୟଦ୍ୱାରା ନଃସୃତ ହେବା, ହାତ, ଗୋଡ଼, ଓ ଚକ୍ଷୁ ଜ୍ୱାଳାକରିବା ସ୍ମରଣଶକ୍ତି ନ ଥିବା, ସର୍ବଦା ଆଲସ୍ୟଭାବ, କୋଷ୍ଠବଦ୍ଧତା, ଶରୀର ବଳ, ବୀର୍ଯ୍ୟହାନିପ୍ରଭୃତି ମାନବଶରୀର ସର୍ବପ୍ରକାର କଠିନ ଓ ଦୁଃସାଧ୍ୟ, ଏବଂ ଯେଉଁରୋଗ ସର୍ବପ୍ର-କାର ଔଷଧରୁ ଦୂରହୋଇଅଛି ସେଇସମସ୍ତ କଠିନ ରୋଗ ଆରୋଗ୍ୟ କରିବାକୁ ଏହାର ନ୍ୟାୟ କ୍ଷମତାପନ୍ନ ଔଷଧ ଜଗତରେ ଅନ୍ୟ ନାହିଁ ; ଯେ ଦୁର୍ବଳଦେହ ସବଳ କରି-ବାକୁ ଇଚ୍ଛା ଥାଏ, ଅକର୍ମଣ୍ୟ ଦେହକୁ କାର୍ଯ୍ୟ-କ୍ଷମ କରିବାର ବାସନା ଥାଏ, ଦୂଷିତରକ୍ତ ଶୋଧନ କରିବାକୁ ବାସନା ଥାଏ, ଶରୀର ହୃଷ୍ଟପୁଷ୍ଟ ଓ ଜ୍ୟୋତିର୍ମୟ କରିବାକୁ ଅଭି-ଳାଷ ଥାଏ ତେବେ ଏହି ଶାଲସା ସେବନ କର । ଏଥିରେ ପାରା, ଅଫିମ,

Digitized by srujanika@gmail.com

ପ୍ରଭୃତି କୌଣସିପ୍ରକାର ଦପାକ୍ତ ର ସମ୍ଭବ ନାହିଁ । ଇଥାତ ଏହାର ଏହି ଆଶ୍ଚର୍ଯ୍ୟଗୁଣ ଯେ ସେବନ କରୁ ଦେହ- ସ୍ଫୂର୍ତ୍ତି ଜାତ ହୁଏ ; କ୍ଷୁଧା ଅତ୍ୟନ୍ତ ହୁଏ ; ଓ ଦେହରେ ଦ୍ୱିଗୁଣ ବଳ ସଞ୍ଚାର ର ; ଏହା ବନ୍ଧାସାଲସା ନୁହେ, ସକଳ- ରେ ସକଳ ଅବସ୍ଥାରେ ଆବାଳ ବୃଦ୍ଧ- ତା ସେବନକରିବାକୁ ପାରନ୍ତି ; ଆହାର- ବନ୍ଧାବନ୍ଧ ନିୟମ ନ ଥିବାରୁ ଏହା ଜୀବନର ଏକମାତ୍ର ବନ୍ଧୁରନ୍ୟାୟ କାର୍ଯ୍ୟ ର, ସମସ୍ତ ନିୟମ ପ୍ରାୟ ସ୍ୱାଭାବିକ ମୂଲ୍ୟ ବୋତଲ ଟ ୧୧ ଙ୍କା ଡଜନ ଟ ୧୦୧ ଙ୍କା ବିମାସୂଲ ସ୍ୱତନ୍ତ୍ର । ଓଡ଼ିଆ, ବଙ୍ଗଳା, ଇଂ ଯେଉଁଥାରେ ଦେଉ ସ୍ପଷ୍ଟାକ୍ଷରେ ନାମ, ଲେଖିଲେ ମଫସଲକୁ ଭେ: ପେ: କରେ ଔଷଧ ପଠାଇଥାଉଁ, ସର୍ବଂ ଏଜେଣ୍ଟ କ୍ଷ୍ୟକ ।

ଔଷଧପାଇବାର ଠିକଣା ।
ଡାକ୍ତର ପୀ, ମାରଟୀନ,
୭୧ ନଂ କଲେଜଷ୍ଟ୍ରିଟ
କଲିକତା

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରା ଯାଉ- ଛି ଯେ ଓଡିଶା ମେଡ଼ିକେଲ ସ୍କୁଲର ପ୍ରଥମ- ର୍ଷୀୟ ବାଳକମାନଙ୍କ ସକାଶେ କେତେକ ତ୍ତି ଖାଲି ଅଛି ଅଧ୍ୟୟନେଚ୍ଛୁକ ବାଳକମାନେ ପ୍ରଶଂସାପତ୍ରସହିତ ଆସନ୍ତା ସନ ୧୮୯୬ ଲ ଜୁନମାସ ତା ୧ ଖରେ କଟକ କେନେରଲ ସପାତାଲରେ ଉପସ୍ଥିତ ହେବେ ।

ପ୍ରକାଶ ଥାଉକ ଯେଉଁମାନେ ପ୍ରବେଶିକା ମାଇନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ ହମାନଙ୍କୁ କେବଳ ଉକ୍ତ ବୃତ୍ତି ପ୍ରଦାନ ରାଯିବ ।

ପୁନଶ୍ଚ ହିନ୍ଦୁ ଓ ମୁସଲମାନ ସ୍ତ୍ରୀଲୋକମା- ଙ୍କ ଶିକ୍ଷା ପାଇଁ ଉକ୍ତ ସ୍କୁଲରେ ଗୋ ୪ ଟି ତ୍ତି ଖାଲିଅଛି ଏହି ବୃତ୍ତ ମାସିକ ଟ ୮ ଙ୍କା- ରୁ ଟ ୧୦୧ ଙ୍କା ପର୍ଯ୍ୟନ୍ତ ଅଟେ ।

ତା ୨୫ ଖ ଅପ୍ରେଲ ସନ ୧୮୯୬ ସାଲ

J. O. Pinto
ଅଫିସିଏଟିଂ
ସୁପେରେଣ୍ଟେଣ୍ଡେଣ୍ଟ ଓଡିଶା
ମେଡିକେଲସ୍କୁଲ
କଟକ

# ରାଏ ଏଣ୍ଡ କୋମ୍ପାନୀଙ୍କ

ସୁବିଖ୍ୟାତ ଓ ସର୍ବଜନପ୍ରଶଂସିତ 'ବସନ୍ତ- ମାଲତୀ' ଓ 'ଲାବଣ୍ୟବତୀ' ନାମକ ଚର୍ମରୋଗ ଓ ଶିରରୋଗ ନାଶକ ମହୋପକାରୀ ସୁବାସିତ ତୈଲର ମୂଲ୍ୟ ଟ ୦ ।, ।୵, ୳ ଅଭ୍ୟୁଲିଷ୍ଟ ଟ ୳, ୳, ଓ ଟ ୧ ଙ୍କା କେଶବର୍ଦ୍ଧକ ତୈଳ (Hair oil) ଟ ୦ । ବଉଳ ରଙ୍ଗର ଉଲିଷ୍ଟ କାଳୀ ଓ ଆଶ୍ଚର୍ଯ୍ୟ ଅଦୃଶ୍ୟ କାଳୀ ଟ ୦ ।୵; ଯାଦୁଲ ଔଷଧ (ପରୀକ୍ଷିତ) ଟ ୦ ୵ ଏବଂ ନାନା- ପ୍ରକାର ସୁବାସଦ୍ରବ୍ୟ (Exquisite Fragrance) ଟ ୦ । ଠାରୁ ଟ ୬୧ ପର୍ଯ୍ୟନ୍ତ; ଛାପା- ଖାନାପୁସ୍ତକଦୋକାନରେ; ଚଉଧୁରିବଜାରସ୍ଥ ଏ, ବି, କର କମ୍ପାନୀଙ୍କ ଦୋକାନରେ ଓ ବାଲୁ- ବଜାରସ୍ଥ ସୁରେଶ୍ଚନ୍ଦ୍ର ଘୋଷ ଏଣ୍ଡ କମ୍ପାନୀଙ୍କ ଦୋକାନରେ ଏବଂ ଆମ୍ଭଠାରେ ପ୍ରାପ୍ତବ୍ୟ । ଏତଦ୍‌ବ୍ୟତୀତ ମୋଫସଲବାସିଙ୍କ ମଧ୍ୟରୁ ଯାହା- ଙ୍କର ଯେଉଁ ଦ୍ରବ୍ୟ ( ପୋଷାକ, ପରିଚ୍ଛଦ, ଷ୍ଟେସନରୀ ଓ ମନୋହାରୀ ଦ୍ରବ୍ୟାଦି ) ପ୍ରୟୋ- ଜନ ହେବ ଅଂଶିକ ମୂଲ୍ୟ ସହିତ ଆଦେଶ କଲେ ବିଶେଷ ସୁବିଧାରେ ଭି: ପି: ଡାକଦ୍ୱାରା ପାଇ ପାରିବେ ।

୧୮୯୬ ଚୌଧୁରୀବଜାର କଟକ } ସ୍ୱତ୍ୱାଧିକାରୀସ୍ୟ ମେନେଜର

Watches! Clocks! Time pieces Repaired by an efficient workman the premises of the Cuttack Printing Company Charge moderate.

# ଘଣ୍ଟିମରମତି ।

ନାନାପ୍ରକାର ଶ୍ରେଷ୍ଠ ଘଡ଼ି ଶଲ୍ୟଘଣ୍ଟି ଉତ୍ତମରୂପେ ମରାମତ ହେବା ଓ ଯଥା ସମ- ୟରେ ପାଇବାର ବଳ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତିର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ- ବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମର- ମତ ହୋଇବା ନିୟମିତ ସମୟ ମଧ୍ୟରେ ଘଡ ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍‌ଟୀ

ଖଡ଼ିକି ତେଲନ ଦେଶ, ମୁଦ୍ର, ପ୍ଲାଷ୍ଟ

ଷ୍ଟିଲଇନଷ୍ଟ୍ରେକ୍ଟର ଓ ଇନଷ୍ଟ୍ରେକ୍ଟରଙ୍କର କମର- ଦେବାଲ ଓଗେର ସାଜ, ( କମ୍ପାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୂଦ ଓଗେର ଅଲଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ ୧୪।୧୧।୮୯ } ଶ୍ରୀ ଗୌରଶଙ୍କର ରାୟ

# ମେହରୋଗ ।

ଘ୧୮ ଘଣ୍ଟା ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କ ଆକ୍ରମଣ କରିଅଛି ସେମାନଙ୍କର ତଳାର୍ଦ୍ଧ ରୋଗ ଏକଥିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟରେ ସହାୟେ ଜୀବନର ମାୟା ପରିତ୍ୟାଗ କରୁନାହେ

ଏହି ଔଷଧ ଯଥାସମ୍ଭବରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତା- ହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ। ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ କହୁଅଛୁଁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବିସର୍ଗିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଦିନରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପେରଷ୍ଟୋନ ନଂମର ଭବନରେ ସି, ଜେ, ଘୋଷ କମ୍ପାନୀଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୬୵ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ

# ବିଟ୍ସମସାହେବଙ୍କ ବଟିକା

ଫଳ ବିବେଚନାରେ ଏକ୨ ଫରୁଆର ମୂଲ୍ୟ ଏକ୨ ମୋହରକୁ ଶସ୍ତା ବୋଲିଯାଇ ପାରେ ।

ଏ ବଟିକା କେବଳ ଉଦ୍ଭିଦପଦାର୍ଥରେ ପ୍ରସ୍ତୁତ ହୋଇ ଅଛି । ଏଥିରେ ପାରା ଚର୍ବି ଇତ୍ୟାଦି ବିଷାକ୍ତ ବା ଅନିଷ୍ଟକର ଦ୍ରବ୍ୟ ଋଛୁ ନାହିଁ । ଏହା ସବୁ ହାତରେ ପ୍ରସ୍ତୁତ ହୋଇ ନାହିଁ କଳରେ ପ୍ରସ୍ତୁତ ହୋଇଅଛି ।

ସକଳ ବୟସର ସ୍ତ୍ରୀ ପୁରୁଷଙ୍କ ପକ୍ଷରେ ସମାନ ଉପକାରୀ ବୋଲି ପୃଥିବୀର ବିଖ୍ୟାତ । ଥରେ ପରୀକ୍ଷା କଲେ ଏଥିର ଗୁଣ ଜାଣି ପାରିବ ।

ଉଦରାମୟ, ପାକସ୍ଥଳରେ ବ୍ୟଥା, ମୂତ୍ରବ୍ୟଥା, ମୂତ୍ରରୁଦ୍ଧ, ଭୋଜନ ଉତ୍ତାରୁ ଉଦରର ପରି- ପୂର୍ଣ୍ଣତା ଓ ସ୍ଫୀତତା, ତନ୍ଦ୍ରାଳୁତା, ଶୈତ୍ୟ, ତାପୋ-

Split by PDF Splitter
Digitized by srujanika@gmail.com

Split by PDF Splitter



ଦ୍‌ଗମ, କ୍ଷୁଧାମାନ୍ଦ୍ୟ, ଶ୍ୱାସ, କୋଷ୍ଠବଦ୍ଧତା, ଜ୍ୱର ଚର୍ମରୋଗ ଇତ୍ୟାଦି ସକଳପ୍ରକାର ପାଯ଼ୁବିକ ଓ ସୈତ୍ତିକ ପୀଡ଼ାରେ ଏହି ବଟିକା ଅମୋଘ ଔଷଧ । ଏବଂ ରକ୍ତ ପରିଷ୍କାର ଓ ଦେହପୁଷ୍ଟି-ପକ୍ଷରେ ଅତ୍ୟନ୍ତ ହିତକାରୀ ।

ହିନ୍ଦୋସ୍ତାନର ସକଳନଗରର ଇଂରାଜୀ-ଔଷଧାଳୟରେ ପ୍ରାପ୍ତ ହୁଅଇ । ମୂଲ୍ୟ ପ୍ରତି-ଫରୁଆ ଆକାର ଅନୁସାରେ ଟ ୦୫ ଟ ୦୧ ଓ ଟ ୦ ୧୵ ଅଟଇ । ଡାକଖର୍ଚ୍ଚ ପୃଥକ୍ ଦେବା-କୁ ହେବ ।

ସହର ଓ ମଫସଲବାସିମାନଙ୍କ ସୁବିଧାର୍ଥ ଅଳ୍ପକୁ ପ୍ରାୟ ପାଞ୍ଚବର୍ଷ ହେବ ସ୍ଥାପିତ ହୋଇ ସୁବନ୍ଦୋବସ୍ତ ସହିତ କାର୍ଯ୍ୟ ଚଳୁଅଛି । ଏଥି-ରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହାଛଡ଼ା ଅନ୍ୟ ଯାହାର ଯେଉଁଦ୍ରବ୍ୟ ପ୍ରୟୋଜନ ହୁଏ ଲେଖିଲେ ଅତିଶୀଘ୍ର ଓ ବିଶେଷ ସାବଧାନତା ସହିତ ପଠାଇ ଦିଆଯାଏ । ମାଦକ ଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବ-ରାହ କରୁଁ । ଯେଉଁ ଦ୍ରବ୍ୟମାନ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ବଜାର ଦର ଉପରେ କଣି ପଠାଇବାର ପରି-ଶ୍ରମନିମନ୍ତେ ଶତକରା ଟ ୬। ହିସାବରେ କମି-ଶନ ଗ୍ରାହକମାନଙ୍କଠାରୁ ନିଆଯାଏ । କେବଳ ପଧାଙ୍କ ଓ ଡାକଖର୍ଚ୍ଚ ପଠାଇଲେ ଔଷଧ ଓ ଦ୍ରବ୍ୟାଦି ଭାଲ୍ୟୁପେଇବଲ ଡାକରେ ମଧ୍ୟ ପଠାଯାଇ ପାରେ । ବେହଂ ବା ଇନସଫିସିଏଣ୍ଟ ପତ୍ର ଗୃହୀତ ହୁଏ ନାହିଁ ଏବଂ ରିପ୍ଲାଇକାର୍ଡ ବା ଟୁଇପଇସିଆ ଟିକଟ ଖଣ୍ଡେ ନ ପଠାଇଲେ ପତ୍ରର ଉତ୍ତର ଦିଆଯାଏ ନାହିଁ ।

ମଫସଲବାସୀ ଅନେକ ଅନେକ ରଜା ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ସର୍ବଦା ରୋଗର ବ୍ୟବସ୍ଥା ଓ ଔଷଧ ପ୍ରେରଣ କରିବାଯୋଗୁଁ ଧନ୍ୟବାଦ ପାଇଆଉଁ । ଅତଏବ ସେମାନଙ୍କ ଓ ସର୍ବସାଧାରଣଙ୍କ ସୁବିଧାର୍ଥେ ଜଣାଉଅଛୁଁ କି ଯେଉଁ-ମାନେ ଆମ୍ଭଦ୍ୱାରା ଅତଃପର ଚିକିତ୍ସିତ ହେବାକୁ ଇଚ୍ଛା କରନ୍ତି ସେମାନେ ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ନୂତନ କି ନା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗିର ପୂର୍ବ ଓ ବର୍ତ୍ତମାନ ଅବସ୍ଥା ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁ ପ୍ରକୃତି, ଇତ୍ୟାଦି ରୋଗର ବୃତ୍ତାନ୍ତ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଟଙ୍କା, କଉଡ଼ି ବା ପତ୍ରାଦି ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

କଟକ ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

## ପରୀକ୍ଷିତ ଓ ପ୍ରଯ଼ୋଜନୀୟ ଔଷଧ ।

୧ । ପାଇନାପଲ ତୈଳ—ଏହା ବ୍ୟବହାର କଲେ ମସ୍ତ-କର କେଶ ଓ ଶରୀର ଶୀତଳ ହୋଇ ଦେହ ଓ ମସ୍ତିଷ୍କ ସୁଶୀତଳ, କେଶ ବର୍ଦ୍ଧିତ, କୋମଳ ଓ ସୁବାସିତ ହୁଏ । ପ୍ରତିଟିଣର ମୂଲ୍ୟ ବାରଅଣା ମାତ୍ର ।

୨ । ଦଦ୍ରୁକୁଠାରକ—ନାମ କୁଠାରକ ସଦୃଶ ଦଦ୍ରୁ ସଂ-ଯୋଗ କାଲେ ଜ୍ୱାଳା ଯନ୍ତ୍ରଣା କିଛିମାତ୍ର ଜଣା ଯାଏ ନାହିଁ । ପ୍ରତିଶିଶିର ମୂଲ୍ୟ ଗୋଟିଏ ଅଣା ମାତ୍ର ।

୩ । ଶୂଳହାରଣୀ—ଏହା ଯଥାନିୟମ ସେବନ କଲେ କି ପ୍ରାଚୀନ କି ନୂତନ ସବୁ ପ୍ରକାର ଅମ୍ଳଶୂଳ, ପିତ୍ତଶୂଳ, ବାୟୁଶୂଳ ( ଅମାବାତ ) ଓ ବମନାଦି ଅତି ଯନ୍ତ୍ରଣାଦାୟକ-ଲକ୍ଷଣମାନ ଉପଶମ ହୁଏ । ଏକପକ୍ଷ କାଳ ସେବନୀୟ ଔଷ-ଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୪ । କୋଷ୍ଠଶୋଧକ ବଟିକା—ଏହି ଔଷଧ ବ୍ୟବହାର କଲେ କି ପ୍ରାଚୀନ କି ନୂତନ ସର୍ବପ୍ରକାର କୋଷ୍ଠବଦ୍ଧ ଏବଂ କୋଷ୍ଠବଦ୍ଧଜନିତ ଅନ୍ୟାନ୍ୟ ପୀଡ଼ା; ଯଥା, କୋଷ୍ଠାଶ୍ରିତ ବାୟୁ, ଜ୍ୱର, ଅର୍ଶ, ଅଜୀର୍ଣ୍ଣ, ଶୋଥ, ଉଦରୀ, ଯକୃତ, ପାଣ୍ଡୁ ଓ ତଜ୍ଜନିତ ଶିରଃପୀଡ଼ା ଓ ଦୃଷ୍ଟିହୀନ ଇତ୍ୟାଦି ଦୂର ହୁଏ ।

ଏହା ଉଦ୍ଭେଦ ଜଣେଇବ । ସର୍ବପ୍ରକାର ପୀଡ଼ାରେ ଏମନ୍ତ କି ଅନ୍ୟାନ୍ୟ ଔଷଧ ବ୍ୟବହାରର ସଙ୍ଗେ ମଧ୍ୟ ଏହା ବ୍ୟବହାରର ଉପଯୁକ୍ତ ଅଟେ । ସପ୍ତାହ କାଳ ସେବ-ନୀୟ ଔଷଧର ମୂଲ୍ୟ ଏକ ଟଙ୍କା ।

୫ । ଦ୍ରିମଶାଳର ଅସ୍ତ୍ର—ଏହା ସେବନ କଲେ ମ୍ୟା-ଲେରିଆ ବା ଦୂଷିତ ଜଳବାୟୁଜନିତ ଜ୍ୱର, ସର୍ବ ପ୍ରକାର ପାଳିଜ୍ୱର, ସ୍ୱଳ୍ପଜ୍ୱର ଓ ଜଙ୍ଗଲ ଓ ପାର୍ବତୀୟ ଜ୍ୱର, ପ୍ଲୀହା, ଯକୃତ, ଅଜୀର୍ଣ୍ଣ, ଅରୁଚି, ଶୀର୍ଣ୍ଣତା, ରକ୍ତହୀନତା, ଅପରିମିତ ଭୋକ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦି ଦୂରୀଭୂତ ହୁଏ ଏବଂ ଦେହ ପରିପୁଷ୍ଟ ହୋଇ ରକ୍ତ ସଞ୍ଚାରିତ ହୁଏ । ଏକ ପକ୍ଷକାଳ ସେବନୀୟ, ଔଷଧର ମୂଲ୍ୟ ଦୁଇ ଟଙ୍କା ଆଠ ଅଣା ।

୬ । ଶୋଣିତସଞ୍ଜୀବନୀ ( ସ୍ୱାଲସା )—ଅପରିମିତ ଅନା-ଚ, ଅହାର ଅପରିଷ୍କୃତ ଶାରୀରିକ ଓ ମାନସିକ ପରିଶ୍ରମ, ଦୂଷିତ ଜଳବାୟୁ ପାରଦାଦି ବିଷଦୋଷ, ପ୍ରମେହ, ଉପଦଂଶ ଇତ୍ୟାଦି ହେତୁରୁ ରକ୍ତ ଦୋଷ ନାନାପ୍ରକାରରୋଗ, କଣ୍ଡୁରା, ଗାତ୍ର ଦାହବେଦନା, ନେତ୍ର ଓ ନାସିକା ରୋଗ, ଶାରୀରିକ ଓ ମାନସିକ ଅବସନ୍ନତା ଇତ୍ୟାଦିରୋଗ ଓ ଲକ୍ଷଣମାନ ଯୁଗା ବ୍ୟବହାର କଲେ ଆରୋଗ୍ୟ ହୋଇ ମାନବଦେହ ନବ-ଜୀବନ ପ୍ରାପ୍ତ ଓ ଶୋଭାଯୁକ୍ତ ହୁଏ । ଗ୍ରୀଷ୍ମକାଳରେ ମଧ୍ୟ ବଳା-ଧାନନିମନ୍ତେ ଏହା ଉପଯୋଗୀ । ନାନାପ୍ରକାର ଚର୍ମରୋଗ, ବାତ ବ୍ରଣ ଓ କ୍ଷତାଦି ଏହା ସେବନେ ଆରୋଗ୍ୟ ହୁଏ । ମାସ ଦିବସସେବନୀୟ ଔଷଧର ମୂଲ୍ୟ ଦୁଇଟଙ୍କା ଆଠଅଣା ।

କାଳୁବଜାର, କଟକ ଔଷଧାଳୟ । } ଡାକ୍ତର । ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ । V. L. M. S.

## ବାଳିକାଗୀତ ।

ଇତଃପୂର୍ବରେ ପ୍ରକାଶିତ ଗ୍ରନ୍ଥ ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଦୋକାନରେ ବାବୁ ଅର୍ଜୁନଚରଣ ଦାସ ଦୋକାନରେ ମିଳୁଅଛି ଯଥା—

| | | |
|---|---|---|
| ୧୨ ଖଣ୍ଡ ମାଳ | ୦ ୧୬ ୫ ୨୪ | ୫୧୬ ୫ ୧୪ |
| ୧୦ ଖଣ୍ଡ „ | „ ୫ ୨୮ | „ ୫ ୧୮ |
| ୮ ଖଣ୍ଡ „ | „ ୫ ୨୫ | „ ୫ ୧୬ |
| ୨୨ ଖଣ୍ଡ ଭଜନପଦରତ୍ନ „ | ୫ ୩ | „ ୫ ୦ ୫୭ |

ଗାୟକ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବଡ଼ ଦୋକାନରୁ ଆମ୍ଭମାନଙ୍କ ଦୋକାନରେ ତଦନ୍ତଖୋଲା ଓ ଜଗତ ଓ ଲେଖନୀଉପରେ ଲିଗା ଓ କ୍ୟେମ୍ବ୍ରିକ ଓ ଚିକଣ ଚଟ ଇତ୍ୟାଦି ଘରଗତର ବିକ୍ରୟ ହୋଇ ଅଛି ତାହା ସମସ୍ତ ଗ୍ରାହକଙ୍କର ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନେକପ୍ରକାର ଦେଶୀୟ ଜିନିଷକୁ ବିକ୍ରୟ ଉଦ୍ଦେଶ୍ୟ ପ୍ରସ୍ତୁତ ଅଛି ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେ-ଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ ।

## ବିଜ୍ଞାପନ ।

ଏ ଜାଗାରୁ କେଉଁଠାରେ ପାଇଲେ ଘର ଜମିରେ ଛାଡ଼ିବାକୁ କୋଠାଘର ପାଇଲେ ହେଲେ ଘାଣିଗଲା ବଡ଼ ହେବ ଦଉଡ଼ି ମହଣ ଅଲେ ଲେପି ଦେଲେ ସହଜରେ ହେବ ଓ ଭଲ ଥିବ ନାହିଁ ।

ଦରଗାହ ଚଳନ୍ତା ଓ ସାହିରେ ଜମିଦାର ଜାଗା ମଧ୍ୟ ଅଛି ।

ଅଭରଣଦାସ ଜଳ ବଜାର

ଉତ୍କଳଦୀପିକାରେ ବିଜ୍ଞାପନ ଛାପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ନିମନ୍ତେ

| | |
|---|---|
| ପ୍ରତିପଂକ୍ତି | ଟ ୦୵ |
| ଅର୍ଦ୍ଧପଂକ୍ତି | ଟ ୵ |
| ଦୁଇ ଏକ ସ୍ତମ୍ଭକୁ | ଟ ୧ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଖର୍ଚ୍ଚ ଟ ୦ ରୁ ଊଣା ହେବ ନାହିଁ ।

ଦୁଇଥର ଓ ତତୋଧିକ ଥର ନିମନ୍ତେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ପଡ଼ିବ ।

ଅଧିକ ଦିନର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ କରାଯିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତା ଅଗ୍ରିମ ଦେବାକୁ ହେବ ।

ଏହି ଉତ୍କଳଦୀପିକା ପତ୍ରିକା କଟକ ଅରୁଣୋଦୟ ଯନ୍ତ୍ରରେ ଶ୍ରୀ ଗୌରୀଶଙ୍କର ରାୟଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

TERED NO.

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

୨୭ ଶ ଭାଗ } ଭା ୧୪ ଏଣ ମାହେ ମଇ ସନ୍ତ ୧୮୯୨ ମହିହା । ମୁ । ଜ୍ୟେଷ୍ଠ ୭ ଶ ୭ ସନ୍ତ ୧୨୯୯ ସାଲ ଶନିବାର
୨୦ ସଂଖ୍ୟା }
{ ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
{ ପଶ୍ଚାଦ୍ଦେୟ ଟ ୬୯

## ବିଜ୍ଞାପନ ।

ଓଡ଼ିଆ
ସନ ୧୮୯୨।୯୩ ମସିହାର

## ନୂତନ ପଞ୍ଜିକା ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ପୂର୍ବ-ବତ୍ ଛପା ହୋଇ ବିକ୍ରୟ ହେଉଅଛି ।
ମୂଲ୍ୟ ଟଂ୦।୬ ଡାକମାସୁଲ ଟଂ ୦ /
...ପଞ୍ଜି ଖଂଶୁଭୂ ଟ୦/ ଡାକମାସୁଲଟ୨ ୯୦

---

ଅନେକ ଦିନ ଉତ୍ତାରୁ ...ଲପ୍ରଭାର ...ନ ସାଇ ଅମ୍ଭେମାନେ ଆନନ୍ଦିତ ହେଲୁଁ । ...ଦା ପୌଷମାସର ସଂଖ୍ୟା ଅଟଇ । ଭରସା ...ଁ ଗତବର୍ଷର ଅବଶିଷ୍ଟ ସଂଖ୍ୟାମାନ ଶୀଘ୍ର ...ଶ୍ର ହାହାଉବ । ବାବୁ ଗୋବିନ୍ଦଚନ୍ଦ୍ର ମହା-...ଙ୍କ ପରିବର୍ତ୍ତରେ ଶ୍ରୀବଙ୍କେଶ୍ୱର ମହାପାତ୍ର ...ମ୍ପାଦକ ହୋଇଅଛନ୍ତି ।

---

ମାନ୍ଦ୍ରାଜର ଏକ ତାରସମ୍ବାଦରୁ ପ୍ରକାଶ ସେ ...ତ ମାସରେ ମହୀସୁରର ସୁବର୍ଣ୍ଣଖଣିରୁ ପ୍ରାପ୍ତ ...ତେ ଭରିମହଣ ସୁନା ଉତ୍ପନ୍ନ ହୋଇଥିଲା । ...ତେ ଅଧିକ ପରିମାଣ ସୁନା ଆଉ କେବେ ...ଏଠାରେ ଅପ୍ତ ହୋଇ ନାହିଁ । ଯେବେ ...କାଳ ଏହିପରି ଉତ୍ପନ୍ନ ବୃଦ୍ଧି ହେବ ତେବେ ...ାରୁ ବର୍ତ୍ତମାନ ଲ୍ଟିଡିବର ବହୁ ହଟି ପାରେ ।

---

ସଞ୍ଜୀବନୀରେ ଲେଖା ଅଛି କି ଯେଉଁମାନ-ଙ୍କର ଫୁସଫୁସ ଦୁର୍ବଳ ଓ ଯେଉଁମାନଙ୍କୁ କାଶ-ରୋଗ ପ୍ରାୟ ଛାଡ଼ଇ ନାହିଁ ସେମାନେ ସଙ୍ଗୀତ ଅଭ୍ୟାସ କଲେ କିଛୁଦିନରେ ସେମାନଙ୍କର ଫୁସଫୁସ ସବଳ ହୋଇ ପାରିବ । ଯେଉଁ ବାଳକବାଳିକାମାନଙ୍କର ଛାତି ବଡ଼ ସଙ୍କୀର୍ଣ୍ଣ ସେମାନେ ସଙ୍ଗୀତ କଲେ ସବଳ ହୁଅନ୍ତି । ଦୁର୍ବଳ ପିଲାମାନଙ୍କୁ ବ୍ୟାୟାମ ଅଭ୍ୟାସ କରାଇବା ସଙ୍ଗେ ସଙ୍ଗୀତ ଅଭ୍ୟାସ କରାଇଲେ ଉପକାର ହେବ ସନ୍ଦେହ ନାହିଁ ।

---

ଗତବର୍ଷ ଅର୍ଥାତ୍ ସନ ୧୮୯୧ ସାଲରେ କଲିକତାବିଶ୍ୱବିଦ୍ୟାଳୟର ଅଙ୍ଗୀଭୂତ ବିଦ୍ୟା-ଳୟମାନଙ୍କରୁ ଜ ୫୦୩୨ ଣ ପ୍ରବେଶିକା-ପରୀକ୍ଷା ଦେଇ ଜ ୨୧୫୧ ଣ ଉତ୍ତୀର୍ଣ୍ଣ ହୋଇ ଥିଲେ । ଏବର୍ଷ ଅର୍ଥାତ୍ ସନ ୧୮୯୨ ସାଲରେ ଜ ୫୨୦୮ ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜ୧୮୬୬ଣ ଉତ୍ତୀର୍ଣ୍ଣ ହେଲେ । ପ୍ରତ୍ୟେକ ସ୍କୁଲରେ ଦଶପଣ ପିଲା ହାରି ଯାଇ ଅଛନ୍ତି । ଏହି ଅନୁପାତରେ ଓଡ଼ିଶାରେ କେନ୍ଦ୍ରାପଡ଼ାର ଫଳ ଉତ୍କୃଷ୍ଟ ଏବଂ ଯାଜପୁରର ଫଳ ଉତ୍ତମ ହୋଇଅଛି । ଏଠା କଲେଜିଏଟ ସ୍କୁଲର ଜ ୩୩ ଣ ମଧ୍ୟରୁ ଜ୧୦ଣ ଉତ୍ତୀର୍ଣ୍ଣ ହେବା ମନ୍ଦ ହୋଇ ନାହିଁ । ଓଡ଼ିଶାର ଆଉ ସମସ୍ତ ସ୍କୁଲର ଫଳ ନିତାନ୍ତ ଶୋଚନୀୟ ଅଟଇ ।

---

ଆଗାମୀ ଜୁଲାଇମାସରେ କଲିକତାରେ ଗୋଟିଏ ଧାତୁଦ୍ରବ୍ୟର ପ୍ରଦର୍ଶନୀ ହେବ ଗତ କଲିକତା-ଗେଜେଟରେ ଏଥିର ବିଜ୍ଞାପନ ଓ ନିୟମାବଳୀ ବାହାରି ଅଛି । ଭାରତବର୍ଷରୁ ସୁନା, ରୂପା, କଂସା, ପିତ୍ତଳ ପ୍ରଭୃତି ଧାତୁନିର୍ମିତ ବାସନ ଏବଂ ଅନ୍ୟାନ୍ୟ ଦ୍ରବ୍ୟମାନ ପ୍ରେରିତ ହେବାର ବନ୍ଦୋବସ୍ତ ହେଉଅଛି । ପ୍ରଦର୍ଶନୀ ପ୍ରାୟ ପାଞ୍ଚ-ମାସ କାଳ ରହିବ ଏବଂ ରବିବାର ଛଡ଼ା ଆଉ ସମସ୍ତଦିନରେ ଘ ୧୧ ଟାଠାରୁ ସନ୍ଧ୍ୟା ଘ ୧୦ ଟା ପର୍ଯ୍ୟନ୍ତ ଲୋକେ ଦେଖି ପାରିବେ । ଏହି ସୁଯୋଗରେ କଲିକତାର କାରି-ଗରମାନେ ଦେଶୀୟ ବାସନ ଇତ୍ୟାଦିର ଅବି-କଳପ୍ରକାର ଶିଖି ସମୟରେ ତାହା ସବୁ ପ୍ରସ୍ତୁତ କରି ଏ ଦେଶକୁ ପଠାଇବେ ଏବଂ ତଦ୍ୱାରା ଏଠା କାରିଗରମାନଙ୍କର ପ୍ରତିଦ୍ୱନ୍ଦ୍ୱୀ ହେବେ । ଦେଶୀୟ କାରିଗରମାନେ ବେଳହୁଁ ସାବଧାନ ହେଉନ୍ତୁ ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବ-ଗତ ହେଲୁଁ ଯେ ଇଷ୍ଟକୋଷ୍ଟ ରେଲବାଟ କି ଯାହା ଦକ୍ଷିଣଦିଗରୁ ଖୋର୍ଦ୍ଧା କା ନଗର-ପର୍ଯ୍ୟନ୍ତ ଆସିଅଛି ତହିଁର କାର୍ଯ୍ୟ ଏଠାରୁ ସ୍ଥଗିତ ହୋଇଯାଇଛି । ଗତମାସରେ ଏହି ରେଲବା-ଟର କାର୍ଯ୍ୟ ବିଶେଷ ପରିମାଣରେ ଲାଗି ଥିବାରୁ ଓଡ଼ିଶାରେ ଶୀଘ୍ର ରେଲ ଦେଖିବାର ଯେଉଁ ଆଶା ହେଉଥିଲା ତାହା ସମ୍ପ୍ରତି କାର୍ଯ୍ୟ ସ୍ଥଗିତ

Digitized by srujanika@gmail.com

Split by PDF Splitter



ହେବାରୁ କଷ୍ଟଭିଡ଼ିହୋଇ ପଡ଼ିଲା କଥିତ ହୁଅଇ ସୀମାପ୍ରଦେଶ ରକ୍ଷାକାର୍ଯ୍ୟ ସକାଶେ ବିଶେଷ ଟଙ୍କା ପ୍ରୟୋଜନ ହେବାରୁ ଏହି ରେଲକାର୍ଯ୍ୟସକାଶେ ମଞ୍ଜୁର ହୋଇଥିବା ଟଙ୍କା ଆପାତତଃ ସରକାର ଦେବାର ସୁବିଧା ଦେଖୁ ନାହାନ୍ତି। ବର୍ତ୍ତମାନ ଅନ୍ନକଷ୍ଟସମୟରେ ଏ ରେଲବାଟ ନିର୍ମାଣ କାର୍ଯ୍ୟ ଅନେକ ମୂଲିଆଙ୍କର ଜୀବନଧାରଣର ଉପାୟ ହୋଇଥିଲା। ଏପରି କାର୍ଯ୍ୟ ଏ ସମୟରେ ବନ୍ଦ ହେବା ବିଶେଷ କଷ୍ଟକର। ଭରସା କରୁଁ ଗବର୍ଣ୍ଣମେଣ୍ଟ ଏ କାର୍ଯ୍ୟ ଅଧିକ ଦିନ ସ୍ଥଗିତ ରଖିବେ ନାହିଁ।

---

ଆମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ବଙ୍ଗୀୟ ରେବିନ୍ୟୁବୋର୍ଡର ମେମ୍ବର ସର ହେନରି ହାରିସନ ସାହେବ ଏବଂ ତାହାଙ୍କ ଦୁହିତା ଚଳିତମାସ ତା ୨ ରିଖରେ ଚଟ୍ଟଗ୍ରାମଠାରେ ଓଲାଉଠାରୋଗରେ ପ୍ରାଣ ହରାଇଲେ। ସ ହେବ ମହୋଦୟ ଗତ ଶୀତକାଳରେ ମାନ୍ୟବର ଷ୍ଟିଭେନ୍‌ସଙ୍କ ସହିତ ଓଡ଼ିଶାକୁ ଆସି ରାଜସ୍ୱକଚେରିମାନ ପରଦର୍ଶନ କରିଥିଲେ ଏବଂ ତାହାଙ୍କ ଶାନ୍ତସ୍ୱଭାବ ଗମ୍ଭୀର ବୁଦ୍ଧି ଓ ଦୟାପୂର୍ଣ୍ଣ ନ୍ୟାୟବିଚାରରେ ସମସ୍ତେ ମୋହିତ ହୋଇ ଥିଲେ। ଏପରି ପ୍ରଶଂସନୀୟ ରାଜକର୍ମଚାରୀର ହଠାତ ମୃତ୍ୟୁ ବଡ଼ ସନ୍ତାପର ବିଷୟ ଅଟଇ। ସେ ସରକାରୀକାର୍ଯ୍ୟ ଉପଲକ୍ଷରେ ଚଟ୍ଟଗ୍ରାମକୁ ଯାଇଥିଲେ ସେଠାରେ ସେସମୟରେ ଓଲାଉଠା ପ୍ରବଳ ଥିବାରୁ ଏ ଦୁର୍ଘଟଣା ହେଲା। ପରମେଶ୍ୱର ତାଙ୍କର ଆତ୍ମାର କୁଶଳ ବିଧାନ କରନ୍ତୁ।

---

ବନ୍ଦୋବସ୍ତକାର୍ଯ୍ୟ ପୂର୍ତ୍ତିମାତ୍ରାରେ ମୋଫସଲରେ ଲାଗିଅଛି। ଟ୍ରିଭୁଜ-ଅମୀନ ଓ ଖସଡ଼ା-ଅମୀନ ପ୍ରତିଗ୍ରାମରେ ବୁଲି ଜମି ମାପ କରି ପ୍ରତ୍ୟେକ ଲୋକର ଜମି ଜମା ଓ ସ୍ୱତ୍ୱର ଭାବ ଲେଖୁଅଛନ୍ତି ଓ ଲୋକମାନଙ୍କୁ ହାକିମଙ୍କର ନାନା ଫରମାସ କରୁଅଛନ୍ତି। କେହି ତ୍ରୁଟି ହେଲେ ସକାରଣ ବା ଅକାରଣ ଗଏରହାଜିରର ଉଦ୍ଧାର ଦେଇବାକୁ ତ୍ରୁଟି କରୁ ନାହାନ୍ତି। ଲୋକେ ଭୟରେ ବା ସ୍ୱାର୍ଥଲାଭରେ ଅମୀନମାନଙ୍କର ତୋଷାମଦି ଓ ଖାଇବା ଯୋଗାଇବାକୁ ବାଧ୍ୟ ହେଉଅଛନ୍ତି। କେଉଁ ଅମୀନର କାର୍ଯ୍ୟ ଓ ଅଧିକାର ଏବଂ ତାହାଙ୍କର କେଉଁ ଆଦେଶ ମାନିବାକୁ ବାଧ୍ୟ ବନ୍ଦୋବସ୍ତକର୍ତ୍ତା ହାକିମ ସେଥିର କୌଣସି ପ୍ରସଙ୍ଗ ପ୍ରଚାର କରି ନ ଥିବାରୁ ମୋଫସଲ କାହିଁକି ସଦରର ବିଚକ୍ଷଣ ଜମିଦାରମାନେ ସୁଦ୍ଧା ଜାଣନ୍ତି ନାହିଁ ମୋଫସଲର ପ୍ରଜାମାନେ ଦସ୍ତୁର ଅମଲ ଦସ୍ତୁର ନ ଜାଣିବାରୁ ଭୟଭ୍ରାନ୍ତିରେ ପଡ଼ି ଅମୀନମାନେ ଯାହା କହୁଅଛନ୍ତି ତାହା କରୁଅଛନ୍ତି ଏବଂ ନ କଲେ ଠାବେ ଠାବେ ତହିଁର ଫଳ ମଧ୍ୟ ପାଉଅଛନ୍ତି। ବନ୍ଦୋବସ୍ତର ଦସ୍ତୁରଅମଲ ବା କାର୍ଯ୍ୟପ୍ରଣାଳୀ ପୂର୍ବରୁ ପ୍ରସ୍ତୁତ ହୋଇ ପ୍ରଚାରିତ ହୋଇଥିଲେ ଏପ୍ରକାର ଅତ୍ୟାଚାର ଅନେକ ଊଣା ହୋଇଥାନ୍ତା ଏତେବେଳେ ସୁଦ୍ଧା ତାହା କରିବାର ଉଚିତ ଏଥିପାଇଁ ବନ୍ଦୋବସ୍ତକର୍ତ୍ତାଙ୍କୁ ଆମ୍ଭେମାନେ ବିଶେଷ ଅନୁରୋଧ କରୁଅଛୁଁ।

---

ସିକିମର ରାଜା ଆପଣା ସ୍ତ୍ରୀ ପରିବାର ସେନ ସ୍ୱରାଜ୍ୟରୁ ତିବତକୁ ପଳାଇ ଯାଉଥିଲେ। ନେପାଳର ଧାନକୁଟାସ୍ଥଳରେ ଧରା ପଡ଼ିଅଛନ୍ତି। ଏହି ସିକମରାଜ୍ୟ ଗାଙ୍ଗ୍‌ଟକନଗରରେ ଇଂରାଜଙ୍କ ଛାଉଣୀ ଅଛି ଓ ପୋଲିଟିକାଲଏଜେଣ୍ଟ ସେଠାରେ ବାସ କରନ୍ତି। କଥିତହୁଏ ରାଜା ଏହି ନଗରରେ ବାସ କରିବାକୁ ଅନିଚ୍ଛୁକ। ସେ ଟାମଲଙ୍ଗ ନଗରରେ ରହିଥିଲେ କିନ୍ତୁ ଗାଙ୍ଗ୍‌ଟକନଗରକୁ ଫେରିଆସିବା କାରଣ ପୋଲିଟିକାଲଏଜେଣ୍ଟ ଅନୁରୋଧ ବା ଆଦେଶ କରିବାରୁ ରାଜା ତହିଁରେ ବିରକ୍ତ ହୋଇ ତିବତଦେଶକୁ ପଳାଇବାର ସ୍ଥିର କଲେ। ପୂର୍ବଦିଗରେ ତିବତକୁ ଯିବାର ସଦରବାଟ ଅଛି ମାତ୍ର ସେ ବାଟ ଇଂରାଜଙ୍କଦ୍ୱାରା ରକ୍ଷିତ ଥିବାହେତୁ ଗୋପନଭାବରେ ସେ ବାଟରେ ଯିବାର ଅସମ୍ଭବ ବିବେଚନା କରି ପଶ୍ଚିମବାଟରେ ନେପାଳସୀମା ଅତିକ୍ରମ କରି ଯିବାର ଚେଷ୍ଟା କଲେ। ଏ ବାଟ କଡ଼ି କୁଲିଶିୟା ଏବଂ ହିମାଳୟର ହିମରେ ଆବୃତ ଥିବାରୁ ଦୁର୍ଗମ। ରାଜାଙ୍କ ପାରିଷଦବର୍ଗ କେତେକ ସଙ୍ଗରେ ଯାଇ ଫେରି ଆସିଲେ ଏବଂ ତହିଁ ଭିତରୁ ଭୋଟିଆମାନେ ସୁଦ୍ଧା ମୋଟଘର ରଖି ଦେଇ ପଳାଇଆସିଲେ। ରାଜାରାଣୀ ଓ ପିଲାମାନଙ୍କ ସଙ୍ଗେ ସେନ ଅଗ୍ରସର ହେଲେ ଓ କେତେକଣ ବିଶ୍ୱାସୀ ଚାକର ଯଥାସାଧ୍ୟ କିଛି କିଛି ଦ୍ରବ୍ୟ ସେନ ସଙ୍ଗୀ ହେଲେ ଅତ୍ୟନ୍ତ ଶୀତ ହେତୁ ରାଣୀଙ୍କ କୋଳରେ ଥିବା ସର୍ବକନିଷ୍ଠ ସନ୍ତାନଟି ମରିଗଲା। ତଥାପି ରାଜା ଅଗ୍ରସର ହୋଇ ନେପାଳସୀମାସ୍ଥିତ ଧାନକୁଟା ନାମକ ସ୍ଥାନରେ ଉପସ୍ଥିତ ହୁଅନ୍ତେ ସେଠା ଫାଣ୍ଡିରେ ଥିବା ନେପାଳୀପହରାଦାରମାନଙ୍କଦ୍ୱାରା ଏପରିଭାବରେ ଗିରଫ୍ତାର ହେଲେ। ନେପାଳର ରାଜା ବନ୍ଦୀମାନଙ୍କୁ ସିକିମର ପୋଲିଟିକାଲ ଏଜେଣ୍ଟଙ୍କୁ ସମର୍ପଣ କରିବେ ବୋଲି ଶୁଣାଯାଏ। ରାଜାଙ୍କର ପଳାଇବାର ପ୍ରକୃତ କାରଣ ଅବଧି ଜଣାପଡ଼ି ନାହିଁ ଏବଂ ସେ ଧରା ହୋଇ ଆସିଲେ ଇଂରାଜ ଗବର୍ଣ୍ଣମେଣ୍ଟ ତାହାଙ୍କ ପ୍ରତି କି ବ୍ୟବହାର କରିବେ ତାହା ମଧ୍ୟ କହି ନ ପାରୁଁ। ହତଭାଗ୍ୟ ରାଜାଙ୍କର ଏପରି ଲାଞ୍ଛନାରେ ଆମ୍ଭେମାନେ ଦୁଃଖିତ ହୋଇଅଛୁଁ।

---

## ଜଳକଷ୍ଟ।

ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶ ପରି ଏ ପ୍ରଦେଶରେ ବର୍ତ୍ତମାନ ଅନ୍ନକଷ୍ଟ ସଙ୍ଗେ ସଙ୍ଗେ ଜଳକଷ୍ଟ ବିଶେଷ ବାଧୁଅଛି। ଅନ୍ନକଷ୍ଟ ଏବଂ ବର୍ଷା ଘଟିଲେ ଏବଂ ତାହା ଅନେକ ପରିମାଣରେ ଦୈବାଧୀନ ଯେହେତୁ କେବଳ ଅନାବୃଷ୍ଟି ତହିଁର କାରଣ ନୁହଇ। ପ୍ରଚୁର ବୃଷ୍ଟି ହେଉ ପଛକେ ସମୟାନୁସାରେ ନ ହେଲେ ଫସଲ ନଷ୍ଟ ହୁଅଇ। ଗତବର୍ଷ ଠିକ ଏହିପରି ଘଟିଥିଲା। ଅସମୟରେ ବିସ୍ତର ବୃଷ୍ଟି ଏବଂ ତହିଁ ସଙ୍ଗେ ତୋଫାନ ହେବାରୁ ଅନ୍ନକଷ୍ଟ ଉପସ୍ଥିତ ହେଲା। ଗତ ଅକାଳବୃଷ୍ଟିରେ ଯେ ପରିମାଣ ଜଳ ହୋଇଥିଲା ତହିଁରେ ଏବର୍ଷ ଜଳକଷ୍ଟ ହେବାର ଭୟ ନ ଥିଲା। କିନ୍ତୁ ଜଳ ରହିବାର ଆଧାର ନାହିଁ। ପୁରାତନ ପୁଷ୍କରଣୀମାନ ବହୁକାଳରୁ ପୋତା ପଡ଼ିଅଛି ମରାମତ ହେବାରୁ ନାହିଁ। ନୂତନ ପୁଷ୍କରିଣୀ ଏଣିକି ଖୋଳାଯିବା ବିରଳ। ଲୋକଙ୍କର ଜଳଦାନପ୍ରତି ପୂର୍ବପ୍ରାୟ ଆସ୍ଥା ନାହିଁ ଏବଂ ବ୍ୟୟ ବାହୁଲ୍ୟ ହେତୁ ନିତାନ୍ତ ଧନୀ ଛଡ଼ା ଅନ୍ୟ କାହାରିପ୍ରତି ପୁଷ୍କରିଣୀ ଖୋଳାଇ ଦେବା ଅସାଧ୍ୟ ବୋଲିବା ଅତି ଉଚିତ ନୁହଇ। ଶୁଣାଅଛି ଏବଂ ଅନେକ ବୟୋବୃଦ୍ଧ ଲୋକ ପ୍ରତ୍ୟକ୍ଷ କରିଅଛନ୍ତି ଯେ ୬୦ ।୭୦ ବର୍ଷ ପୂର୍ବେ ଏକକଡ଼ା କୌଡ଼ିରେ ଏକବୋଝ ମାଟି ଉଠି ପୁଷ୍କରିଣୀ ଖୋଳା ହେଉଥିଲା ବର୍ତ୍ତମାନ ଗଣ୍ଡାକରେ ବୋଝେମାଟି ଉଠିବା ଦୁସ୍ତର। ଏଥିଉତ୍ତାରୁ ବେଠି ଓ ହୁକୁମତିରେ କେତେକ କାର୍ଯ୍ୟ ହେଉଥିଲା ଏବଂ ଗ୍ରାମବାସି ମୁରବିମାନେ ଦାନା ପାଇ ବର୍ତ୍ତମାନପରି କଷ୍ଟ ନ ଥିବା ଓ ସାଧାରଣ ହିତକର କାର୍ଯ୍ୟରେ ସମସ୍ତଙ୍କର ସହାନୁଭୂତି ଥିବାରୁ ସ୍ୱେଚ୍ଛାପୂର୍ବକ କରା

Digitized by srujanika@gmail.com

Split by PDF Splitter



ମୂଳରେ କେତେ ପୁଷ୍କରିଣୀ ଖୋଳ ଦେଇଥିଲେ । କାଳର ପରିବର୍ତ୍ତନରେ ସେସବୁ ଗତ ହୋଇଅଛି ଏବଂ ଲୋକଙ୍କର ଧର୍ମପ୍ରବୃତ୍ତି ମଧ୍ୟ ଊଣା ହୋଇ ଅଛି । ଏଣେକେଣେ ସରକାରଙ୍କ ସାହାଯ୍ୟ ବିନା ଜଳକଷ୍ଟ ନିବାରଣର ଉପାୟ ନାହିଁ । ପ୍ରଜାଙ୍କ ରକ୍ଷାର୍ଥେ ସରକାର ଯେତେ ଉପାୟ କରୁଅଛନ୍ତି ତହିଁମଧ୍ୟରେ ଜଳକଷ୍ଟର ପ୍ରତୀକାର ଗୋଟିଏ ପ୍ରଧାନ କାର୍ଯ୍ୟ ହୋଇବାକୁ ହେବ । ପୋତା ପୁଷ୍କରିଣୀର ପଙ୍କିଳଜଳ ବ୍ୟବହାର କରୁଥିବାରୁ ଗ୍ରାମବାସୀ ଓ ପଥିକ ଲୋକମାନଙ୍କର ନାନାରୋଗ ଉପସ୍ଥିତ ହେଉଅଛି । ସମ୍ପ୍ରତି ଅନେକ ସ୍ଥାନରେ ଏହି କାରଣରୁ ଓଲାଉଠା ପ୍ରବଳ ହୋଇ ଅଛି । ଫଳତଃ ଜଳର ଉପକାରିତା ବୁଝାଇବାର ପ୍ରୟୋଜନ ନାହିଁ ସରକାର ତାହା ବିଲକ୍ଷଣ ବୁଝିଅଛନ୍ତି ଏବଂ ତହିଁପାଇଁ ଚିନ୍ତିତ ଥିବାର ମଧ୍ୟ ଦେଖା ଯାଇଅଛି କେବଳ ଦୁଃଖର ବିଷୟ ଯେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହୋଇ ନାହିଁ । ଉପାୟଚିନ୍ତା କରିବାରେ କାଳକ୍ଷେପ ହେଉଅଛି । ଆମ୍ଭେମାନେ ଗତବର୍ଷ ପ୍ରକାଶ କରିଥିଲୁଁ ଯେ ଏଠା ଡିଷ୍ଟ୍ରିକ୍ଟବୋର୍ଡ କେତେଗୁଡ଼ିଏ ପୁଷ୍କରିଣୀର ପଙ୍କୋଦ୍ଧାର ସକାଶେ ସଙ୍କଳ୍ପ କରିଥିଲେ । ବର୍ତ୍ତମାନ ଶୁଣିଲୁଁ ଯେ ଯେଉଁ ନିୟମରେ ବୋର୍ଡ ତାହା କରିବାକୁ ପ୍ରସ୍ତୁତ ହେଲେ କୌଣସି ପୁଷ୍କରିଣୀର ମାଲିକ ତହିଁରେ ସମ୍ମତ ହେଲେ ନାହିଁ । ଏଥିପାଇଁ ଏପର୍ଯ୍ୟନ୍ତ କିଛି କାର୍ଯ୍ୟ ହୋଇ ନାହିଁ । ସ୍ଥାନୀୟଲୋକ ଏବଂ ତହିଁମଧ୍ୟରେ ଅନେକ ଜମିଦାର ଡିଷ୍ଟ୍ରିକ୍ଟ ଓ ଲୋକେଲ ବୋର୍ଡମାନଙ୍କର ସଭ୍ୟ ଅଛନ୍ତି । ଯେବେ ବୋର୍ଡଙ୍କ ନିୟମ ସେହି ସଭ୍ୟ ଜମିଦାର କିମ୍ବା ସେମାନଙ୍କ ଶ୍ରେଣୀର ଲୋକମାନେ ପ୍ରତିପାଳନ କରିବାକୁ ଅସମ୍ମତ ହେଲେ ତେବେ ଅଗତ୍ୟା ବୋଲିବାକୁ ହେବ ଯେ ସାଧାରଣ ସୁବିଧା ଦୃଷ୍ଟିରେ ଉକ୍ତ ନିୟମମାନ ଗଠିତହୋଇ ନାହିଁ ଅଥବା ଜମିଦାର ସଭ୍ୟଙ୍କ ମତାନୁସାରେ ସେ ନିୟମମାନ ପ୍ରସ୍ତୁତ ହୋଇ ନାହିଁ । ଫଳତଃ ସାଧାରଣ ଲୋକଙ୍କ ପ୍ରାଣରକ୍ଷା ସକାଶେ ଯେଉଁସ୍ଥଳେ ପୁରୁଣା ପୁଷ୍କରିଣୀ ଉଦ୍ଧାର କରିବା ଓ ନୂତନ ପୁଷ୍କରିଣୀ ପ୍ରସ୍ତୁତ କରିବା ଏକାନ୍ତ ଆବଶ୍ୟକ ହୋଇ ଅଛି ସେସ୍ଥଳେ ଜମିଦାର ଅଥବା ମାଲିକ ବ୍ୟକ୍ତିର ଇଚ୍ଛାଉପରେ ନିର୍ଭର କରିବା ଯୁକ୍ତିସଙ୍ଗତ ହେଉ ନାହିଁ । ଯେପରିକି ସଡ଼କ, ଅଟ୍ଟାଳିକା, ଉଦ୍ୟାନପ୍ରଭୃତି ସାଧାରଣ ହିତକର କାର୍ଯ୍ୟନିମିତ୍ତ ଭୂମି ପ୍ରୟୋଜନ ହେଲେ ଏବଂ ମାଲିକବ୍ୟକ୍ତି ତାହା ଇଚ୍ଛାମତେ ନିକାଲ ବା ପଟ୍ଟାହସ୍ତାନ୍ତର ନ କଲେ ଆଇନାନୁସାରେ ମାଲିକବ୍ୟକ୍ତିଙ୍କୁ ଖେସାରତ ବା ମୂଲ୍ୟ ଦିଆଯାଇ ଯମି କ୍ରୟକରା ହେଉଅଛି ସେହିପରି ସଡ଼କପାର୍ଶ୍ୱରେ ଥିବା ଯେ ସମସ୍ତ ପୁଷ୍କରିଣୀ ପୋତା ପଡିଯିବାରୁ ଜନସାଧାରଣଙ୍କର କଷ୍ଟ ହେଉଅଛି ଅଥବା ସାଧାରଣ ହିତାର୍ଥେ ନୂତନ ପୁଷ୍କରିଣୀ ଖୋଳାଇବାର ନିତାନ୍ତ ପ୍ରୟୋଜନ ସେସବୁ ପୁରୁଣା ପୁଷ୍କରିଣୀ ଅଥବା ନୂତନ ପୁଷ୍କରିଣୀର ଭୂମି ଡିଷ୍ଟ୍ରିକ୍ଟ ଓ ସ୍ଥାନୀୟ ବୋର୍ଡମାନେ ଆଇନମତେ ଅନାୟାସରେ କ୍ରୟକରି ପାରନ୍ତି । ଏଥିରେ ବିଶେଷ ବ୍ୟୟ ପଡିବ ନାହିଁ । ଯାହା ସାମାନ୍ୟ ମୂଲ୍ୟ ବା ଖେସାରତ ଦେବାକୁ ହେବ ତାହା ପୁଷ୍କରିଣୀ ଖୋଳାଇବା କିମ୍ବା ସଂସ୍କାରକରିବା ବ୍ୟୟତୁଲ୍ୟରେ କିଛି ନୁହଇ ଏବଂ ଅନେକ ବ୍ୟୟରେ ପୁଷ୍କରିଣୀ ଖୋଳାଇବାକୁ ବୋର୍ଡ ପ୍ରସ୍ତୁତ ହେବାସ୍ଥଳେ ତହିଁଉପରେ ମୂଲ୍ୟ ବା ଖେସାରତର ସାମାନ୍ୟ ଟଙ୍କା ଦେବାକୁ ଅସମ୍ମତ ହେବା ଉଚିତ ନୁହଇ । ଅତଏବ ଆମ୍ଭେମାନେ ଜିଲ୍ଲା ଓ ସ୍ଥାନୀୟ ବୋର୍ଡମାନଙ୍କୁ ଏବିଷୟରେ ମନୋଯୋଗୀ ହେବାକୁ ନିତାନ୍ତ ଅନୁରୋଧ କରୁଅଛୁଁ । ସେମାନେ ଯେତେବେଳେ ସାଧାରଣ ସ୍ୱାସ୍ଥ୍ୟରକ୍ଷାର ଦାୟିତ୍ୱ ଗ୍ରହଣ କରିଅଛନ୍ତି ସେତେବେଳେ ଜଳକଷ୍ଟନିବାରଣର ଉପାୟ କରିବାକୁ ସର୍ବାଗ୍ରେ ବାଧ୍ୟ ଏଥିରେ ସନ୍ଦେହ ନାହିଁ ।

---

ଟିକସ୍‌ଦାତାଙ୍କର ଦୁଃଖ ।

ଗତ ଶନିବାର ଅପରାହ୍ଣ ପ ୫ ଘଣ୍ଟା ସମୟରେ ସମ୍ପାଦକ ବାବୁ ଲଳିତମୋହନ ଚକ୍ରବର୍ତ୍ତିଙ୍କ ଆହ୍ୱାନାନୁକ୍ରମେ କଲେକ୍ଟରସ କଚେରୀହତାରେ ଏକ ପ୍ରଜାପକ୍ଷୀଏରୁ ସଭାର ବିଶେଷ ଅଧିବେଶନ ହୋଇଥିଲା । ବିଜ୍ଞାପନରେ କଟକମିଉନିସିପାଲଟୀର ଟେକାଏ ଜୁଲମ ବିଚାର କରିବାର ବିଷୟ ପ୍ରକାଶିତ ଥିଲା । ବିଜ୍ଞାପନ ମିଉନିସିପାଲଟୀର ସଙ୍ଗେ ପ୍ରଚରିତ ହୋଇଥିଲା । ଛପା ବିଜ୍ଞାପନ ଛଡ଼ା ମଧ୍ୟ ଢେଣ୍ଡୁରାଦ୍ୱାରା ଲୋକଙ୍କୁ ସଭା ହେବା ବିଷୟ ପୂର୍ବରୁ ଜଣାଇ ଦିଆ ହୋଇଥିଲା । ସଭାସ୍ଥଳରେ ନ୍ୟୁନାଧିକ ସହସ୍ରଲୋକ ଉପସ୍ଥିତ ହୋଇଥିଲେ । ଭଦ୍ରଲୋକଙ୍କ ସଂଖ୍ୟା ନ୍ୟୂନ ହୋଇଥିଲେ ସୁଦ୍ଧା ଯାହାଥିଲେ ହେଁ ସେମାନଙ୍କ ମଧ୍ୟରୁ ଓକିଲ, ଡେପୁଟୀ ଗିବା କେହି ବଡ଼ ସରକାରୀ କର୍ମଚାରୀ ଦୁଇତିନିଜଣ ଉପସ୍ଥିତ ଥିଲେ ଅବଶିଷ୍ଟ ଅମଲା ଓ ଶିକ୍ଷିତ ନବ୍ୟଯୁବକ ଅନ୍ୟମାନେ ତଳାରସ୍ଥ ଟାକ୍ସଦାତା ମେହେନ୍ତର ସଂଖ୍ୟା କିଛି ଅଧିକ ଥିବାରୁ ସେ ଜାତିଟା ବାର ହୋଇ ପଡ଼ୁଥିଲା । ସଭାସ୍ଥଳରେ ଦୁଇଗୋଟି ବୃହତ୍ଛତ୍ର ପତାକା ସହ ଦୁଇ ସ୍ଥଳରେ ଅବସ୍ଥାପିତ ହୋଇ ଥିଲେ । ସମସ୍ତେ କୌତୂହଳାକ୍ରାନ୍ତ ହୋଇ ଯାହା ସ୍ଥଳପର ସେଠାରେ ରୁଣ୍ଡ ହୋଇଥିଲେ ଛବିରେ ମିଉନିସିପାଲଟୀ ଓ ରେଟପେୟର ଅର୍ଥାତ୍ ଟାକ୍ସଦାତାଙ୍କ ପ୍ରତିମୂର୍ତ୍ତି ଅଙ୍କିତ ହୋଇ ଥିଲା । ଗୋଟିକରେ ମିଉନିସିପାଲଟୀ ଟାକ୍ସଦାତାଙ୍କ ଗଳାଧର ଅଣ୍ଟାରୁ ପଇସା କାଢ଼ିନେଉଅଛି ଓ ଅନ୍ୟଟିରେ ମିଉନିସିପାଲଟୀ ଟାକ୍ସଦାତାର ବକ୍ଷସ୍ଥଳରେ ବର୍ଚ୍ଛା ବିଦ୍ଧ କରି ରକ୍ତଶୋଷଣ କରୁଅଛି । ରେଭରେଣ୍ଡ ସେମସାହୁ ସଭାପତିର ଆସନଗ୍ରହଣ କଲାରୁ ବାବୁ ଲଳିତମୋହନ ଚକ୍ରବର୍ତ୍ତୀ ସଭାର ଉଦ୍ଦେଶ୍ୟ ବୁଝାଇ ଦେଲେ । ତତ୍ପରେ ବାବୁ ଅଭିମନ୍ୟୁ ମହାପାତ୍ର, ବାବୁ ସାଧୁଚରଣ ଶ୍ରୀଯୁ, ବାବୁ ଅଭିନନାୟକ, ବାବୁ ରମଣୀମୋହନ ଚକ୍ରବର୍ତ୍ତୀ ଇତ୍ୟାଦିଙ୍କ ପ୍ରସ୍ତାବ ଅନୁମୋଦନକ୍ରମେ ୧୧ ଗୋଟି ପ୍ରସ୍ତାବ ଧାର୍ଯ୍ୟ ହେଲା । ପ୍ରସ୍ତାବର ସାରାଂଶ ନିମ୍ନେ ପ୍ରକାଶିତ ହେଲା । ୧ମ ନ ୪ ମ୍ବର ଓୟାର୍ଡ଼ର ପାଇଖାନାଟାକ୍ସ ଅତି ଅଧିକ ହୋଇ ଥିବାରୁ ସ୍ୱତନ୍ତ୍ର ବନ୍ଦୋବସ୍ତର ପ୍ରୟୋଜନ । ୨—ସହରର ନଳା ନର୍ଦ୍ଦମାର ସଂଖ୍ୟା ଅଳ୍ପ । ଗତବର୍ଷ ବର୍ଷାକାଳେ ଜଳ ଜମା ହୋଇବାରୁ ଅନେକ ଦରିଦ୍ରଙ୍କ ଘରଦ୍ୱାର ପଡ଼ିଯାଇ ଥିଲା ଓ ସହରରେ ଅସ୍ୱାସ୍ଥ୍ୟ ଉପସ୍ଥିତ ହୋଇଥିଲା ଅତଏବ ବର୍ଷା ପୂର୍ବରୁ କୌଣସି ପ୍ରକାର ସ୍ଥାୟୀ ଓ ଉତ୍କୃଷ୍ଟ ପ୍ରତୀକାର ଅବଲମ୍ବନ କରିବାର ଆବଶ୍ୟକ । ୩—କୁମ୍ଭାରମାନଙ୍କ ଭିଟା ଉପରେ ଟାକ୍ସ ବସିବା ଅନ୍ୟାୟର ବିଷୟ । ୪—ଷ୍ଟେସନ ଟଙ୍କା ମିଉନିସିପାଲଟୀ କମିଶ୍ନର ଇଚ୍ଛାର ବାହାରେ କେତେକାଏ ଖରଚ ହେଉ ଅଛି । ୫—ଅଗ୍ନିଭୟରୁ ଧନ ପ୍ରାଣରକ୍ଷା ସକାଶେ ଦମକଳ ଇତ୍ୟାଦିର ବନ୍ଦୋବସ୍ତ ନ ହୋଇ ବିଳାସବଗିଚାରେ ଖରଚ ହେବା ଏକଜୁଲମ । ୬—ଛପରଘର, ଦୋକାନଭାଟି ଓ ଦୋକାନପଟ୍ଟା ପ୍ରଭୃତି ଏହାବେଳରେ ବଡ଼ରାସ୍ତାରୁ ଉଠାଇଦେବାର

Digitized by srujanika@gmail.com

ହୁକୁମ ଗାଡ଼ିବମାନଙ୍କ ପ୍ରତି ଜୁଲମ । ୭—ଜଳସେଚନପ୍ରଣାଳୀ ମନ୍ଦ ଓ ବଡ଼ରାସ୍ତା ଅପେକ୍ଷା ଏବଂ ଅଳ୍ପଲୋକଙ୍କର ଯିବା ଆସିବା ରାସ୍ତାରେ ଅଧିକ ଜଳଢ଼ାଳିବା ଅନୁଚିତ । ୮—ପାଇଖାନାମଇଲା ଟ୍ରୋଲାଇବେ ସହରର ବାହାରକୁ ଫୋଢ଼ଯିବା ପ୍ରଥା ମନ୍ଦ ଅଟେ । ଟ୍ରୋଲେଇ ବଦଳରେ ଆଲକାତରା ଲଗା କାଠର ବନ୍ଦବାଲତି ଓ ପୂର୍ବପ୍ରଚଳିତ ଲୁହାଗାଡ଼ି ଚଳିଲେ ଭଲ ହେବ । ୯—ଓ୍ୟାର୍ଡ଼ କମିଟୀ ବସାଇବା ପକ୍ଷରେ ମିଉନିସିପାଲିଟୀର ମନୋଯୋଗ ନାହିଁ । ୧୦—ଚେୟାରମାନ ଓ ଭାଇସଚେୟାରମାନ କୌଣସି ଗଳି ତଥା ଡ୍ରେଣକୁ ଆଉ ସହରର ରାସ୍ତାମାନ ତଦାରଖ କରିବାକାରଣ ଚାହାଁନ୍ତି ନାହିଁ । ୧୧—ସହରର କାର୍ଯ୍ୟବିବରଣର ଏବଂ ଖର୍ଚ୍ଚ ତଳଲ ମିଉନିସିପାଲିଟୀର ଚେୟାରମାନ ଜଷ୍ଟିମାଜିଷ୍ଟ୍ରେଟ କମିଶନର ଏବଂ ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ପ୍ରେରଣ ହେବା ଉଚିତ, ସଭାରେ ବଗିଗ୍ରହଣସମ୍ବ ପ୍ରସ୍ତାବ ଉପସ୍ଥିତ ହେବା ସମୟରେ ବାବୁ ଲଳିତମୋହନ ପ୍ରକାଶ କରିଥିଲେ ଯେ ବଗିଗ୍ରହଣ ଖରଚର ଭାଉଚର ମିଉନିସିପାଲିଟୀ-ଅଫିସରେ ଦେଖିବାକୁ ଯାଇଥିଲେ କେତେ କର୍ମଚାରୀମାନେ ଭାଇସଚେୟାରମାନଙ୍କ ବିନାନୁମତିରେ ଦେଖାଇ ନ ପାରିବାର ବ୍ୟକ୍ତ କଲାରୁ ଲଳିତବାବୁ ଭାଇସଚେୟାରମାନଙ୍କୁ ଦରଖାସ୍ତଦ୍ୱାରା ଜଣାଇବାରେ ସେ ପ୍ରତ୍ୟେକ ସୋମବାରରେ ଉକ୍ତ କାଗଜ ଦେଖିବାର ଅନୁମତି ପାଇଥିଲେ କିନ୍ତୁ ଏକ ସୋମବାରରେ ଉପସ୍ଥିତ ହେବାରୁ ସେଦିନ କାର୍ଯ୍ୟର ଭିଡ଼ ଥିବାରୁ କର୍ମଚାରୀମାନେ ମଙ୍ଗଳବାରଦିନ ଆସିବାକୁ କହିଥିଲେ । ବାବୁ ମହୋଦୟଙ୍କର ତହିଁ ଆରଏକଷରତଃ ମଙ୍ଗଳବାରଦିନ ନ ଯାଇ ବୁଧବାରଦିନ ଉପସ୍ଥିତ ହେବାରୁ କାଗଜ ଦେଖି ପାରିଲେ ନାହିଁ । ପୁଣି ଦରଖାସ୍ତ କଲାରୁ ହୁକୁମ ହେଲା କି ପ୍ରତ୍ୟେକ ମାସ ପ୍ରଥମ ସପ୍ତାହର ସୋମବାରରେ ଲଳିତବାବୁ ଖରଚ କାଗଜ ପରିଦର୍ଶନ କରି ପାରିବେ । ଚାନ୍ଦପାଳା ମିଉନିସିପାଲିଟୀର ଖରଚ ଦେଖିବା ଅଭିଳାଷୀମାନଙ୍କ ଓ ଅତି ଅଳ୍ପ ବିଷୟର କଥା ଅଛନ୍ତୁ ବାକି ଓ ଯଦି ଶେଷରେ ଏକମାସ ଅନ୍ତରରୁ ଠାଳ ହେବା ଭାଇସଚେୟାରମାନଙ୍କ ହୁକୁମ ଭଲ ହୋଇ ନାହିଁ ।

ସାଧାରଣତଃ ଟଙ୍କା କଉଡ଼ି ଦେବାକୁ କେହି ଇଚ୍ଛାନ୍ତି ନାହିଁ । ଅଜ କାଲି ଅନେକସ୍ଥଳେ ଉପସ୍ଥିତ ହୋଇଅଛି ବିଶେଷତଃ ପାଇଖାନାଟିକସରେ କେତେକ ଲୋକର ସୁବିଧା ଓ କେତେ ଲୋକର ଖରଚ ବଢ଼ିଅଛି ଓ କେତେକ ଲୋକଙ୍କର ପାଇଖାନା ନାହିଁ ଅଥଚ ଟିକସ ଦେବାକୁ ବାଧ ଏପ୍ରକାର ସ୍ଥଳରେ ମିଉନିସିପାଲିଟୀ କର୍ତ୍ତୃପକ୍ଷରେ ବଗିଷ୍ଟସରି ହେବା ଆଶ୍ଚର୍ଯ୍ୟଜନକ ନୁହେ ।

---

# ସାପ୍ତାହିକ ସମ୍ବାଦ ।

ଅନ୍ନ ବାଇ ଗ୍ରୀଷ୍ମ ଅତ୍ୟନ୍ତ ହୋଇଅଛି ଏବଂ କଟକରେ ବେଶ ଲୁଣା ପଡ଼ୁଅଛି । ମଧ୍ୟାହ୍ନ ସମୟରେ ଗରମି ବହୁଅଛି ।

ଗତ ଶୁକ୍ରବାର ଥାର୍ମୋମିଟର ଛାଇରେ ୧୧୪ ଡିଗ୍ରୀ ପାରଦ ଉଠିଥିଲା ।

ଗତ ରବିବାର ଅପରାହ୍ଣ କାଳରେ ହଠାତ ମେଘ ଉଠାଇ ଅଳ୍ପ ମାତ୍ର ଧୂମାଳିବଦାରେ ବର୍ଷିଗଲା । ମେଘମାନରେ ସେବେ ବଢ଼ୁଅଛି ।

କଟକ ଜିଲ୍ଲାର କ ସଦର କ ମୋଫସଲ ସବୁଠାରେ ଅମ୍ବ ଫସଲ ଶାନ୍ତ ଲଣା ଦେଇ ପାକଲା ଆମ୍ବ ଅନେକାଇ ଅଳ୍ପ ପରିମାଣରେ ମିଳୁଅଛି ଏବଂ ମୂଲ୍ୟ କଡ଼ାକଡ଼ା ।

ଗତ ବୁଧବାରଠାରୁ କେନ୍ଦ୍ରାପଡ଼ାକାନାଲରେ ବୋଟ ଚଳାଚଳ ଅରମ୍ଭ ହେଲା ମାତ୍ର ସମସ୍ତ ସୁବିଧା ହୋଇ ନାହିଁ । ଜଣାଗଲେ ତାହା ଅଳ୍ପ ଥିବା ଏହି କାରଣ ଅଟଇ ।

ସମ୍ବାଦବାହକମାନଙ୍କ ଅବଗତ ହେଲୁଁ ଯେ ବାଲେଶ୍ୱରରେ ପ୍ରଚୁର ପରିମାଣ ଏବଂ ସୁଲଭରେ ପାଚିଲା ଆମ୍ବ ମିଳୁଅଛି । ସେ ଅଞ୍ଚଳରେ ଫସଲ ଭଲ ହୋଇ ଥିବାର ଜଣାଯାଏ ।

ବାଲେଶ୍ୱରର ସମ୍ବାଦପତ୍ରମାନଙ୍କରୁ ପ୍ରକାଶ ଯେ ସହରରେ ଓଲାଉଠା କଷ୍ଟ ଲଣା ହୋଇଅଛି ମାତ୍ର ତୁଳ ଗଣ ଗ୍ରାମରେ ବୃଦ୍ଧି ହୋଇଅଛି ।

## କଲିକତା-ଗେଜେଟ ।

ଖୋର୍ଦ୍ଧାର ସବ୍ ଡେପୁଟି କଲେକ୍ଟର ବାବୁ କାଳୀପଦ ଘୋଷ ମାର୍ଚ୍ଚମାସ ତା ୧୪ ଋଣରୁ ଅଥବା ଯେଉଁ ତାରିଖରୁ ଛୁଟୀ ନେବେ ସେହି ତାରିଖରୁ ମା ୨ ସ ୧୦ ଦିନ ଛୁଟୀ ପ୍ରାପ୍ତ ହୋଇ ଅଛନ୍ତି ।

ମିଃ ଡବଲିଉ, ବି, ମେକଫର୍ସନ ମିଃ ଏମ୍ ଫିନୁକେନଙ୍କ ଅନୁପସ୍ଥିତ କାଳରେ ବଙ୍ଗଳାର ଲ୍ୟାଣ୍ଡରେକର୍ଡ ଡାଇରେକ୍ଟରକାର୍ଯ୍ୟରେ ନିଯୁକ୍ତ ହୋଇ ଅଛନ୍ତି ।

ପୁରୀର ପୋଲିସ ସୁପ୍ରିଣ୍ଟେଣ୍ଡେଣ୍ଟ ମିଃ ରବର୍ଟସ୍ ତିନିମାସର ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ମିଃ ଅତୁଳକୃଷ୍ଣ ସିଦ୍ଧ ଏକଷ୍ଟ୍ରାସିଷ୍ଟାଣ୍ଟର ୨ୟ ଇନ୍‌ସ୍ପେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

କଟକ ଡିଷ୍ଟ୍ରିକ୍ଟର ଛେତ୍ରା ଜଗା ଓ କେନ୍ଦ୍ରାପଡ଼ା ପରଗଣାର ସର୍ଭେ ଓ ସୀମାନିରୂପଣ ହେବ ।

ପୁରୀ ଡାକ୍ତରଖାନାର ଅଃ ସର୍ଜନ ରଘେନ୍ଦ୍ରନାଥ ବସୁ ମାର୍ଚ୍ଚମାସ ତା ୧୭ ଋଣରୁ ଅପ୍ରେଲ ତା ୭ ଋଣ ପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ ଡାକ୍ତରଖାନାସୁପରିଣ୍ଟେଣ୍ଡେଣ୍ଟ ଥିଲେ ।

ବାବୁ ଜଗନ୍ମୋହନ ଦେ କଟକ ରେଭେନ୍ସା କଲେଜର ଅସ୍ଥାୟୀ ପଦରେ ବାହାଲ ହେଲେ ।

କଟକ ପୁରୀ ବାଲେଶ୍ୱର ଡିଷ୍ଟ୍ରିକ୍ଟବୋର୍ଡର ଚେୟାରମାନ ପଦରେ ଉକ୍ତ ମାଜିଷ୍ଟ୍ରେଟ ପୂର୍ବବତ୍ ନିଯୁକ୍ତ ହୋଇଅଛନ୍ତି ।

ସାର ଆଲଫ୍ରେଡ଼ କ୍ରଫ୍ଟ ଫର୍ଲୋ ଛୁଟୀରେ ଗତମାସ ତା ୧୨ ଋଣରେ ସ୍ୱଦେଶ ଯାତ୍ରା କଲେ ।

---

ସ୍ତ୍ରୀ ଓ ସନ୍ତାନସନ୍ତତି ହାଇଦ୍ରାବାଦ ନିଜାମଙ୍କର ଗାଡ଼ି ଡଙ୍ଗା ଆଟେକ ହୋଇଅଛି । ଦଣ୍ଡାଜ୍ଞାବାଲେ ନିଜାମ ଅବାଲତରେ ପ୍ରକାଶ କରିଥିଲେ ଯେ ସେ ହାଇଦ୍ରାବାଦରେ ତାଙ୍କର କେହି ନାହିଁ ଓ ଜେଲରୁ ମୁକ୍ତି ପାଇ ଥିଲେ ସୁଦ୍ଧା ସେ ଅନ୍ନ ବିନା ମରି ଯାଆନ୍ତେ ।

ମାନ୍ଦ୍ରାଜର ଏକଟିଂ ଜୋଏଣ୍ଟଜଜ ସ୍ମିଥ ସାହେବ କହନ୍ତି ଯେ ଦୁର୍ଭିକ୍ଷରେ ପ୍ରତି କୃଷ୍ଣବର୍ଣ୍ଣର ଦାସମାନ ଦେଖା ଦେଇଅଛି ଏବଂ ପୃଥିବୀ ଅନୁର୍ବର ହୋଇଯାଉଅଛି ।—ଏହି ଅଲକ୍ଷଣ ଏବଂ ଯୋଗ ହୋଇଅଛନ୍ତି କି ସବୁଠାରେ ?

ପାରସ୍ୟଠାରେ ଯେଉଁ ବିଦ୍ରୋହୀମାନେ ଧୃତ ହୋଇ ଦଣ୍ଡିତ ହୋଇଥିଲେ ସେମାନଙ୍କ ମଧ୍ୟରୁ ଜେଲଖୋଲି ଏବଂ ସିମନ ସାହେବଙ୍କ ଦେଶାନ୍ତରିତ ଏବଂ ଅପର ଅସାମୀମାନେ ମୁକ୍ତିପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ ।

ବର୍ଲିନ ନଗରରେ ୧୦ ଜଣ ରାଜବିଦ୍ରୋହୀ ଧୃତ ହୋଇଅଛନ୍ତି । ବିଦ୍ରୋହୀମାନଙ୍କର କେତେଜଣ ସରକାର ସେମାନଙ୍କୁ ସୁଦ୍ଧା ଧରା ହୋଇ ଅଛିଅଛନ୍ତି ।

ପଞ୍ଜାବଠାରେ ଉତ୍କଟ ଗରମ ପଡ଼ୁଥିବାର ସମ୍ବାଦ ମିଳଇ । ଅଧିକାଂଶ ସ୍ଥଳରେ ଛାୟାରେ ତାପମାନଯନ୍ତ୍ରରେ ପାରଦ ୧୧୦ ଡିଗ୍ରିରୁ ଅଧିକ ଉଠୁଅଛି । ସିର୍ସାଠାରେ ସପ୍ତମ ସ୍ଥାନରେ ପାରଦ ୧୧୫.୪ ଡିଗ୍ରି ଉଠିଅଛି ।

ତ୍ରିବାନ୍ଦ୍ରମଠାରେ ବାସଗୃହ ସଙ୍କଟ କଲିଜ ଅନ୍ଧକାର ହେଲା ଗୋଟିଏ ସାହୁଜାବନସ୍ତ ପରୀକ୍ଷା ସ୍ଥଗିତ ହୋଇଅଛି । ତୁଇଜଣ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ପାଇଥିବାର ସମ୍ବାଦ ମିଳଇ । ଏହାଙ୍କ ମଧ୍ୟରୁ ଜଣେ ପାଞ୍ଚ ଅଧିକସ୍ଥ ସଂଯୁକ୍ତ ଗଣ୍ଡ୍ରେ ଛାତ୍ରକ ପାଞ୍ଚଘଣ୍ଟାରେ ଚଢ଼ାଇ କରିଥିଲେ ଏବଂ ଅନ୍ୟ ଜଣେ ପରୀକ୍ଷାସ୍ଥଳରେ ସେହି ବିଷୟର ବହି ଦେଖିଲା ସେ ବିଷୟରେ ଗୋ ୨୦ ଟି ଶ୍ଳୋକ ଉଦ୍ଧରଣରେ ରଚନା କରିଥିଲେ ।

ସିମଲାର ଉପରପାର୍ଶ୍ୱବର୍ତ୍ତୀ ପାହାଡ଼ମାନଙ୍କରେ ଅଗ୍ନିକାଣ୍ଡ ଲାଗିଥିବାର ସମ୍ବାଦ ମିଳଇ । ଗଛ ଅତ୍ୟନ୍ତ ଦୁର୍ଗମ ହୋଇଅଛି ଏବଂ ଲୋକଙ୍କୁ ବଞ୍ଚାଇ ପାରିବା ଉଚିତ ଉପଯୁକ୍ତ ସଂଖ୍ୟା ମଧ୍ୟ ନାହିଁ ।

ସୀମାନ୍ତପ୍ରଦେଶରୁ ଅଗ୍ନି ପର୍ବତର ଦାହାନଠାରେ ପ୍ରବଳ ହୋଇଥିବାର ସମ୍ବାଦ ମିଳଇ । ବର୍ଷା ଜୁଏ ଏମାନଙ୍କ ହାନି ହେଉଛି କଲି ଅନ୍ତ ହୋଇ ନାହିଁ । ବୋଧ ହୁଏ ଅନ୍ତ ହେବାର ବେଳ ନାହିଁ ଗଲା ।

ସେହିଠାରେ ବର୍ଲିନ ଅଦାଲତରେ ଗୋଟିଏ ଅଦ୍ଭୁତ ଦୃଶ୍ୟ ଦେଖା ଯାଇଥିଲା । ଜଣେ ମକଦ୍ଦମାର ବାହାର ଅପରାଧର ବିଚାର ସମୟରେ ସଭା ଓ ବିଚାରକର୍ତ୍ତାଙ୍କୁ ଗାଳିଦେଇ ଓ ଉଦାସ ସ୍ୱଭାବରେ ଖଣ୍ଡାକ କରିବାରୁ ବିଚାରପତି ବିଚାରକର ଆଦେଶ ପାଇ ଅଦାଲତରୁ ଜେଲଖାନାକୁ ଯିବା ସମୟରେ ଜଣେ ଚକୋଲୀ ବାନ୍ଧିକୁ ଓ ଗଳାକ ଓଠିଙ୍କୁ ପଦାଘାତ କରିଥିଲା । ପହରାବାଲ ଏହା ନିବାରଣ କରିବାର ଚେଷ୍ଟା କଲନ୍ତେ ସେ ମଧ୍ୟ ଉତ୍ତମ ମଧ୍ୟମ ପାଇ ଭୂତଳଶାୟୀ ହୋଇ ଥିଲା । ଅନ୍ୟ ଏକ ପହରାବାଲର ଆଘାତ ଖାଇ ଶେଷରେ ଅସ୍ଥିର ହୋଇଥିଲା । ଏପରି ପ୍ରକୃତି ବର୍ଲିନରେ କେବେ ଘଟି ନ ଥିଲା । ଲୋକଟା ବଡ଼ ଦୁଷ୍ଟ ।

Split by PDF Splitter

Digitized by srujanika@gmail.com